# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୮/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, March 28/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୧୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 122 | ମୂଲ୍ୟ ₹୭/-


# ଗାନ୍ଧୀମାର୍ଗ ରଣକ୍ଷେତ୍ର





ଭୁବନେଶ୍ୱର ଗାନ୍ଧୀମାର୍ଗରେ ଗୁରୁବାର କଂଗ୍ରେସର ବିକ୍ଷୋଭ ବେଳେ ଚେୟାର, ପଥର ଫିଙ୍ଗାଯାଉଛି। ବିକ୍ଷୋଭକାରୀଙ୍କୁ ଅଟକାଇବା ପାଇଁ ପୋଲିସ ପକ୍ଷରୁ ପାଣିମାଡ଼। (ଫଟୋ: ମନୋରଞ୍ଜନ ମିଶ୍ର)

## ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ଗର୍ଜିଲା କଂଗ୍ରେସ

- ବିକ୍ଷୋଭକାରୀ ଚେୟାର, ପଥର ଫିଙ୍ଗିଲେ
- ୧୫ ପୋଲିସ କର୍ମଚାରୀ ଆହତ, ଗଣମାଧ୍ୟମ ପ୍ରତିନିଧିଙ୍କ ମୁଣ୍ଡ ଫାଟିଲା
- ପୋଲିସ ଲାଠିମାଡ଼ରେ ୪୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଆହତ
- ସରକାର ମହିଳାଙ୍କ ପ୍ରତି ସମ୍ବେଦନଶୀଳ ନୁହନ୍ତି: ଭକ୍ତ

ଭୁବନେଶ୍ୱର,୨୭।୩ (ରବିନାରାୟଣ ଜେନା/ସତ୍ୟଜିତ୍ ରାଉତ)

ରାଜ୍ୟରେ ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି ପ୍ରସଙ୍ଗରେ ଗୁରୁବାର କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବହୁ ହଜାର କଂଗ୍ରେସ କର୍ମୀ ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରିବାବେଳେ ଗାନ୍ଧୀମାର୍ଗ ରଣକ୍ଷେତ୍ର ପାଲଟିଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ କରାଯାଇଥିବା ୪ଟି ପର୍ଯ୍ୟାୟରେ ସୁରକ୍ଷା ବଳୟକୁ ଭେଦି କଂଗ୍ରେସ କର୍ମୀ ଆଗକୁ ବଢ଼ିବାକୁ ଚେଷ୍ଟା କରିବାରୁ କଂଗ୍ରେସ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। କଂଗ୍ରେସ କର୍ମୀଙ୍କ ପକ୍ଷରୁ ପୋଲିସ ଉପରକୁ ଚେୟାର, ପଥର, ଟମାଟ, ଅଣ୍ଡା ମାଡ଼ ହୋଇଛି। ସ୍ଥିତି ନିୟନ୍ତ୍ରଣ ଆଣିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ଲାଠିଚାର୍ଜ, ଲୁହବୁହା ଗ୍ୟାସ, ପାଣି ସ୍ପ୍ରେ କରାଯାଇଛି। କଂଗ୍ରେସ କର୍ମୀଙ୍କ ଆକ୍ରମଣରେ ୧୫ଜଣ ପୋଲିସ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଆହତ ହୋଇଛନ୍ତି। ଅପରପକ୍ଷରେ ପୋଲିସ ମାଡ଼ରେ ୪୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଆହତ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି।

ପୂର୍ବାହ୍ନ ପ୍ରାୟ ୧୦ଟାବେଳେ କଂଗ୍ରେସର ତୁଙ୍ଗ ନେତ୍ରୀ ଓ ନେତାମାନେ ରାମମନ୍ଦିର ସମ୍ମୁଖରେ ଏକାଠି ହୋଇ ପଦଯାତ୍ରା ଜରିଆରେ ଗାନ୍ଧୀମାର୍ଗ ଅଭିମୁଖେ ବାହାରିଥିଲେ। ଗାନ୍ଧୀମାର୍ଗରେ ଅନୁଷ୍ଠିତ ସଭାମଞ୍ଚରେ ଆଗଧାଡ଼ିର କଂଗ୍ରେସ ନେତାମାନେ ଭାଷଣ ଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏପଟେ ସୁରକ୍ଷା ଦୃଷ୍ଟିରୁ ପୋଲିସ ଫୋର୍ସ ସଜାଗ ରହିଥିଲା। ସଭାମଞ୍ଚ ପଛକୁ ବିଭିନ୍ନ ବାରିକେଡ୍ ☞ ପୃଷ୍ଠା-୪

## ନବମ, ଦଶମ ପିଲାଙ୍କୁ ମିଳିବ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର,୨୭।୩(ସୁଚିସ୍ମିତା ସାହୁ)

ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ପିଲାଙ୍କୁ ମିଳିବ ମଧ୍ୟାହ୍ନଭୋଜନ। ଆସନ୍ତା ୨୦୨୫-୨୬ଶିକ୍ଷାବର୍ଷଠାରୁସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଯୋଜନା କାର୍ଯ୍ୟକାରୀ ହେବ। ଏନେଇ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଏସ୍. କେ. ମହାପାତ୍ର ଏକ ବିଜ୍ଞପ୍ତି ଜରିଆରେ ପିଏମ୍ ପୋଷଣର ରାଜ୍ୟ ନୋଡାଲ ଅଧିକାରୀ ଗିରୀଶ ଚନ୍ଦ୍ର ସିଂହଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଏଥିପାଇଁ ୫୭୦.୭୧ କୋଟି ଟଙ୍କା ଖର୍ଚ୍ଚ କରିବେ। ଏବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିବାବେଳେ ଏହି ଯୋଜନାରେ ନବମ ଓ ଦଶମ ପିଲାଙ୍କୁ ସାମିଲ କରିବାକୁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲା।

ଅନ୍ୟପକ୍ଷରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥାରେ ପିଲାଙ୍କୁ ପୋଷଣଯୁକ୍ତ ଲଡୁ ପ୍ରଦାନ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ଜାରି ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରାଯାଇଛି। ଗୁରୁବାର ଏନେଇ ସଂଶୋଧିତ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ପିଲାଙ୍କୁ ମଧ୍ୟାହ୍ନଭୋଜନରେ ୩ଦିନ ଲଡୁ ଓ ୩ଦିନ ଅଣ୍ଡା ପ୍ରଦାନ କରାଯିବ। ପୂର୍ବରୁ ଦୁଇଦିନ ଅଣ୍ଡା ଦିଆଯାଉଥିବାବେଳେ ଏବେ ଶୁକ୍ରବାର ମଧ୍ୟାହ୍ନଭୋଜନରେ ଅତିରିକ୍ତ ଭାବେ ଅଣ୍ଡା ଦିଆଯିବ। ପିଏମ୍ ପୋଷଣ ଯୋଜନା ମାଧ୍ୟମରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ପିଲାଙ୍କୁ ଏହି ଖାଦ୍ୟ ଦିଆଯିବ ବୋଲି ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ଚିଠି କରାଯାଇଛି। ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଏସୀୟ ଏକତା ଲୋଡ଼ା







# ଓଡ଼ିଶାର ପ୍ରାକୃତିକ ସମ୍ପଦର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବାକୁ ନିବେଦନ

## ଆମ ପରିସମ୍ପତ୍ତିକୁ ସମର୍ଥନ କରନ୍ତୁ। କଳାହାଣ୍ଡିକୁ ସମର୍ଥନ କରନ୍ତୁ।




**ବକ୍ସାଇଟ୍ ଆମଦାନି ବନ୍ଦ କରନ୍ତୁ।**
**ସ୍ଥାନୀୟ ଉନ୍ନତି ଆରମ୍ଭ କରନ୍ତୁ।**

ବିଶ୍ୱର ସବୁଠାରୁ ବଡ଼ ବକ୍ସାଇଟ୍ ଭଣ୍ଡାର ଓଡ଼ିଶାରେ ରହିଛି। ଏହା ଦ୍ୱାରା ଓଡ଼ିଶାର ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜସ୍ୱ ବୃଦ୍ଧି ଏବଂ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିବ

**ଲାଞ୍ଜିଗଡ଼ – ଯେଉଁଠି ବିଶ୍ୱର ସର୍ବୋତ୍ତମ ରିଫାଇନରୀ ଅଛି –**
**ସେଠି ନିଜସ୍ୱ ବକ୍ସାଇଟ୍ ମଜୁତ ଥିବା ସତ୍ତ୍ୱେ, ଆମେ କାହିଁକି ବକ୍ସାଇଟ୍ ଆମଦାନି କରିବା?**

ତଥାପି, ଆମେ ବକ୍ସାଇଟ୍ ଆମଦାନି ଜାରି ରଖିଛୁ, ଯାହା ଲକ୍ଷ ଲକ୍ଷ ଉତ୍ତମ ଭବିଷ୍ୟତରୁ ବଞ୍ଚିତ କରୁଛି।

ଲାଞ୍ଜିଗଡ଼ରେ ବକ୍ସାଇଟ୍ ଖଣିକୁ କାର୍ଯ୍ୟକ୍ଷମ କରିବା ଏବଂ ଏହାର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ଆମେ ସରକାରଙ୍କୁ ନିବେଦନ କରୁଛୁ।

**ଆଦିବାସୀ ଲୋକଙ୍କ ପାଇଁ ଚାକିରୀ ସୃଷ୍ଟି କରନ୍ତୁ ।**




## କଳାହାଣ୍ଡିର ଉନ୍ନତି ଦରକାର।

ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ
ଲାଞ୍ଜିଗଡ଼ର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଏକ ଅନୁଷ୍ଠାନ



ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଏକାଦଶାହ ଅବସରରେ ଗୁରୁବାର ଅନୁଗୋଳ ଜିଲା ତାଳଚେର ପିଏମ୍‌ଆଇଟିଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ଲକ୍ଷ୍ନୌ ପୁନର୍ବାସ କେନ୍ଦ୍ରରେ ୪ ଭିନ୍ନକ୍ଷମ ପିଲାଙ୍କ ମୃତ୍ୟୁ, ୩୫ ଅସୁସ୍ଥ

ଲକ୍ଷ୍ନୌ,୨୭।୩

ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଥିବା ଏକ ସରକାରୀ ଭିନ୍ନକ୍ଷମ ପୁନର୍ବାସନ କେନ୍ଦ୍ରରେ ୪ ଜଣଙ୍କ ପିଲାଙ୍କ ମୃତ୍ୟୁ ଘଟିବା ସହ ୩୫ ଜଣ ଅସୁସ୍ଥ ହୋଇ ସହରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପିଲାମାନଙ୍କଠାରେ ଡାଇରିଆ ଭଳି ଲକ୍ଷଣ ଦେଖାଦେଇଥିବାରୁ ଜଳ ପ୍ରଦୂଷଣରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସନ୍ଦେହ କରାଯାଉଛି। ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ଏହି ସେଲ୍ଟର ହୋମ୍‌ରେ ୧୪୬ ଜଣ ପିଲା ରହୁଥିଲେ।

# ୫ ବର୍ଷରେ ୮.୭ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଦେଇଛନ୍ତି ୪୫୭ କୋଟିର ଜରିମାନା

ଭୁବନେଶ୍ୱର,୨୭।୩ (ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ନେଇ ବଜେଟରେ ଶକ୍ତି ବିଭାଗର ବଡ଼ ଅଂଶ ରହୁଛି। କେଉଁ ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ ହେବ ତାହାର ଚିକିନିଖି ବିବରଣୀ ଗୃହରେ ଖର୍ଚ୍ଚଦାବି ସମୟରେ ଆଲୋଚନା ହୋଇଛି। ହେଲେ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ଓ ଶତପ୍ରତିଶତ ବିଦ୍ୟୁତ୍ ସେବା ମିଳିପାରୁ ନାହିଁ। କେତେବେଳେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ସମୟରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କଟୁଛି ତ ଆଉ କେତେବେଳେ ଝଡ଼ତୋଫାନ ଆଳରେ ବିଦ୍ୟୁତ୍ ସେବା କାଟି ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ପଦାକୁ ଆସିଛି। ବିଗତ ୫ ବର୍ଷରେ ବିଦ୍ୟୁତ୍ ବିତରଣ କମ୍ପାନୀ(ଡିସ୍‌କମ୍) ରାଜ୍ୟର ଲକ୍ଷାଧିକ ଉପଭୋକ୍ତାଙ୍କଠାରୁ ୪୫୭ କୋଟି ୪୯ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଛି ବୋଲି ଗୃହକୁ ଶକ୍ତିମନ୍ତ୍ରୀ ଦେଇଥିବା ତଥ୍ୟରୁ ଜଣାଯାଇଛି ।

ଗୋଟିଏ ପଟେ ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଉପରେ ହଜାର ହଜାର କୋଟି ଟଙ୍କା ବକେୟା ପଡ଼ିଛି। ଏହାବାଦ୍ ଗତ ଆର୍ଥିକବର୍ଷରେ ୯୯୩କୋଟି ଟଙ୍କା ଅଧିକ ଆଦାୟ କରିଛି, ଯାହା କି ନିୟମ ବିରୋଧୀ। ଏହି ପରିପ୍ରେକ୍ଷୀରେ ଉପଭୋକ୍ତାଙ୍କଠାରୁ ଏତେ ପରିମାଣର ଟଙ୍କା ଜରିମାନା ଆଦାୟ କରିବାକୁ ନେଇ ଶକ୍ତି ସମୀକ୍ଷକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଲ୍ଲେଖଯୋଗ୍ୟ, ଭାଜପା ସଦସ୍ୟା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଦେଇଥିବା ଉତ୍ତରୁ ଜଣାଯାଇଛି ଯେ ରାଜ୍ୟରେ ୮ଲକ୍ଷ ୭୦ହଜାର ୪୫୮ ଉପଭୋକ୍ତାଙ୍କଠାରୁ ୪୫୭କୋଟି ୪୯ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ବେଆଇନ ଭାବରେ ବିଦ୍ୟୁତ ବ୍ୟବହାର କରୁଥିବା ବ୍ୟକ୍ତି ଏବଂ ସଂସ୍ଥାମାନଙ୍କ ଉପରେ ଚଢ଼ାଉ କରାଯାଇ ଏହି ଜରିମାନା ଅର୍ଥ ଆଦାୟ କରାଯାଇଛି। ସିଂଦେଓ କହିଛନ୍ତି, ଇଲେକ୍ଟ୍ରିସିଟି ଆକ୍ଟ,୨୦୦୩ ଓ ଓଇଆର୍‌ସି ଡିଷ୍ଟ୍ରିବ୍ୟୁଶନ୍ କୋଡ୍ ୨୦୧୯ ଅନୁଯାୟୀ ଉପଭୋକ୍ତାଙ୍କଠାରୁ ଅନିୟମିତତା ପାଇଁ ଜରିମାନା ଆଦାୟ କରାଯାଏ। ଜରିମାନା ଭାବରେ ଆଦାୟ ଅର୍ଥ ଡିସ୍‌କମ୍‌ର ବାର୍ଷିକ ଆୟବ୍ୟୟ ହିସାବକୁ ନିଆଯାଏ। ଏହା ଉପଭୋକ୍ତାଙ୍କ ଲାଭ ପାଇଁ ଆନୁଆଲ୍ ରେଭେନ୍ୟୁ ରିକ୍ୱାରମେଣ୍ଟ(ଏଆରଆର)ରେ ସ୍ଥାନିତ କରାଯାଏ । ବିଗତ ୫ ବର୍ଷରେ ଡିସ୍‌କମ୍‌ଙ୍କ ଦ୍ୱାରା ହୋଇଥିବା ଚଢ଼ାଉରୁ ୪୫୭.୪୯ କୋଟି ଆଦାୟ ହୋଇଛି। ଗଞ୍ଜାମ ଜିଲାରୁ ସର୍ବାଧିକ ୪୦.୭୭ କୋଟି ଟଙ୍କା ୧ଲକ୍ଷ ୯୧ହଜାର ୭୪୩ ଉପଭୋକ୍ତାଙ୍କଠାରୁ ସଂଗ୍ରହ ହୋଇଥିବାବେଳେ କଟକରେ ୨୩ହଜାର ୯୫୩ ଉପଭୋକ୍ତାଙ୍କଠାରୁ ୩୭.୭କୋଟି ଟଙ୍କାର ଜରିମାନା ଆଦାୟ ହୋଇଛି।

ସେହିପରି ବାଲେଶ୍ୱର ଜିଲାରୁ ୩୪.୪୯ କୋଟି, ଖୋର୍ଦ୍ଧା ଜିଲାରୁ ୩୩.୭୨ କୋଟି ଟଙ୍କାର ଜରିମାନା ବାବଦକୁ ଯଥାକ୍ରମେ ୩୫ହଜାର ୯୫୭ ଏବଂ ୧୫ହଜାର ୧୧୭ ଉପଭୋକ୍ତାଙ୍କଠାରୁ ଆଦାୟ ହୋଇଛି । ଚଢ଼ାଉ ସମୟରେ ଏନ୍‌ଫୋର୍ସମେଣ୍ଟ ଅଫିସରଙ୍କ ଦ୍ୱାରା ଉପଭୋକ୍ତାମାନଙ୍କୁ ଫିଜିକାଲ୍ ଭେରିଫିକେଶନ୍ ରିପୋର୍ଟ ଜରିଆରେ ଜରିମାନା ନୋଟିସ୍ ଦିଆଯାଏ ବୋଲି ସିଂଦେଓ କହିଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବିଦ୍ୟୁତ ଆବଣ୍ଟନକାରୀ କମ୍ପାନୀଙ୍କ ଦ୍ୱାରା ହେଉଥିବା ଅଘୋଷିତ ବିଦ୍ୟୁତ କାଟ୍ ସମେତ ବିଦ୍ୟୁତ୍ ଉପଭୋକ୍ତାଙ୍କ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଉପାସନା। ଜନସାଧାରଣଙ୍କ ପାଇଁ ଉତ୍ତମ ବିଦ୍ୟୁତ୍ ସଂଯୋଗ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କହିଥିଲେ ।

ଡିସ୍‌କମ ପକ୍ଷରୁ ଆଦାୟ ହୋଇଥିବା ଜୋରିମାନାକୁ ନେଇ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଆବାହକ ରବି ବେହେରା କହିଛନ୍ତି ଯେ, ଡିସକମ କମ୍ପାନୀ ଉପଭୋକ୍ତାଙ୍କଠାରୁ 'ଫିଙ୍ଗୁଣି' ଟିକସ ଆଦାୟ କରିଛି। ଗୋଟିଏ ପଟେ ସରକାର ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବେ ବୋଲି ଭାଷଣ ମାରୁଛନ୍ତି। ଏହାକୁ ନେଇ ଏତେ ଟଙ୍କା ଖର୍ଚ୍ଚ ହେଲା ବୋଲି ହିସାବ ଦେଉଛନ୍ତି। ହେଲେ ପରୀକ୍ଷା ସମୟରେ ବିଦ୍ୟୁତ୍ ନାହିଁ, ଟ୍ରାନସଫର୍ମର ପୋଡିଗଲେ ମାସାଧିକ କାଳ ଅନ୍ଧାର ଭଳି ପରିସ୍ଥିତି ଦେଖାଦେଉଛି। ସେତେବେଳେ କମ୍ପାନୀ ଉପଭୋକ୍ତାଙ୍କୁ ଟିକସ ଦେଉଛି କି ? ସେହିପରି ଦୁର୍ଗମ ଅଞ୍ଚଳରେ ଲୋକେ ଡିବିରି ଆଲୁଅ ଭଳି ବିଦ୍ୟୁତ୍ ପାଉଛନ୍ତି, ସେଠାରେ କାହିଁକି ବିଦ୍ୟୁତ୍ କମ୍ପାନୀ ଉପଭୋକ୍ତାଙ୍କୁ ଟିକସ ନଦେବ ବୋଲି ସେ ପ୍ରଶ୍ନ କରିଥିଲେ। ବିଦ୍ୟୁତ୍ ବିରଣ କମ୍ପାନୀ ଏହି ଜୋରିମାନା ଆଦାୟ ବନ୍ଦ କରୁ, ନଚେତ ଉପଭୋକ୍ତାଙ୍କ ଅସନ୍ତୋଷ ଆଗାମୀ ଦିନରେ ସରକାରଙ୍କୁ ଭାରି ପଡ଼ିବ।

ସେହିପରି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ, ବିଦ୍ୟୁତ୍ ବିତରଣ କମ୍ପାନୀ ଡିସକମ୍ ଯେଉଁ ଜୋରିମାନା ଆଦାୟ କରିଛି ବୋଲି ଉପମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି ତାହା ବାସ୍ତବରେ ତଦନ୍ତ ସାପେକ୍ଷ। ନିକଟରେ ଓଇଆରସି ପକ୍ଷରୁ ହୋଇଥିବା ଶୁଣାଣି ବେଳେ ଏନେଇ ପ୍ରଶ୍ନ ଉଠା ଯାଇଥିଲା। ବିତରଣ କମ୍ପାନୀ ତାଙ୍କ ବାର୍ଷିକ ଆର୍ଥିକ ବିବରଣୀରେ କାହିଁକି ଦର୍ଶାଇ ନଥିଲେ ସେନେଇ ପ୍ରଶ୍ନ କରାଯାଇଥିଲା। ହେଲେ ଏହାକୁ ଶକ୍ତି ମନ୍ତ୍ରୀ ଏବେ ଜୋରିମାନାରେ ଦର୍ଶାଇଛନ୍ତି ଯାହା ତଦନ୍ତ ଓ ତର୍ଜମା ସାପେକ୍ଷ।

# ଭୟରେ ସ୍ତ୍ରୀଙ୍କୁ ପ୍ରେମିକଙ୍କ ସହ ବାହା କରାଇଲେ

### ମିରଟ୍ ଘଟଣାରୁ ସ୍ୱାମୀ ଆତଙ୍କିତ

ସନ୍ଥ କବୀର ନଗର, ୨୭।୩

ଉତ୍ତରପ୍ରଦେଶର ସନ୍ଥ କବୀର ନଗର ଜିଲାରେ ବବ୍‌ଲୁ ନାମକ ଜଣେ ବ୍ୟକ୍ତି ଭୟରେ ନିଜ ସ୍ତ୍ରୀ ରାଧିକାଙ୍କୁ ତାଙ୍କ ପ୍ରେମିକ ବିଶାଲଙ୍କ ସହ ବିବାହ କରାଇଛନ୍ତି। ନିକଟରେ ମିରଟରେ ମୁସ୍କାନ ରାସ୍ତୋଗୀ ନାମ୍ନୀ ଜଣେ ମହିଳା ନିଜ ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ଘଟଣା ସମ୍ପର୍କରେ ଶୁଣିଥିବାରୁ ବବ୍‌ଲୁ ନିଜ ସୁରକ୍ଷାକୁ ନେଇ ସନ୍ଦିହାନ ଥିଲେ। ତେଣୁ ଭୟରେ ସେ ସ୍ତ୍ରୀଙ୍କୁ ତାଙ୍କ ପ୍ରେମିକଙ୍କ ସହ ବିବାହ କରାଇଥିବା ବବ୍‌ଲୁ କହିଛନ୍ତି। ଏହାସହ ୨ ପିଲାଙ୍କ ଲାଳନପାଳନ କଥା ସେ ବୁଝିବେ ବୋଲି ବବ୍‌ଲୁ ସ୍ତ୍ରୀ ରାଧିକାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ସ୍ଥାନୀୟ ଧନଘଟା ଥାନା କତାର ମିଶ୍ରା ଗ୍ରାମରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବବ୍‌ଲୁଙ୍କ ବିବାହ ୨୦୧୭ରେ ଗୋରଖପୁରର ରାଧିକାଙ୍କ ସହ ହୋଇଥିଲା। ବିବାହ ପରେ ରାଧିକାଙ୍କର ୨ ଜଣ ପିଲା ହୋଇଥିଲେ। ବର୍ତ୍ତମାନ ସେମାନଙ୍କର ବୟସ ୭ ଏବଂ ୨ ବର୍ଷ। ତେବେ ପ୍ରାୟ ଦେଢ଼ ବର୍ଷ ତଳେ ରାଧିକାଙ୍କର କତାର ମିଶ୍ରା



ବବ୍‌ଲୁ(ବାମ) ନିଜ ସ୍ତ୍ରୀ ରାଧିକାଙ୍କୁ ତାଙ୍କ ପ୍ରେମିକ ବିଶାଲ (ମଝି)ଙ୍କ ସହ ବିବାହ କରାଉଛନ୍ତି।

ଗ୍ରାମର ବିଶାଲ କୁମାର ନାମକ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଧୀରେ ଧୀରେ ଉକ୍ତ ପ୍ରେମ ସମ୍ପର୍କ ଗଭୀର ହୋଇଥିଲା। ଫଳରେ ରାଧିକା ନିଜ ୨ ପିଲା ଓ ସ୍ୱାମୀଙ୍କୁ ଛାଡ଼ି ବିଶାଲଙ୍କୁ ବିବାହ କରିବାକୁ ସ୍ଥିର କରିଥିଲେ। ସପ୍ତାହେ ତଳେ ସେ ବିଶାଲଙ୍କ ସହ ଘରୁ ପଳାଇ ଯାଇଥିଲେ। ତେବେ ସୋମବାର ଉଭୟ ରାଧିକା ଓ ବିଶାଲ ଏକସଙ୍ଗେ ଘରକୁ ଫେରିଥିଲେ। ବିଶାଲଙ୍କୁ ବିବାହ କରିବାକୁ ସେ ଚାହୁଁଥିବା ନେଇ ରାଧିକା ନିଜ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କୁ କହିଥିଲେ। ଗ୍ରାମବାସୀ ବହୁ ବୁଝାଶୁଝା କରିବା ସତ୍ତ୍ୱେ ରାଧିକା ବିଶାଲଙ୍କୁ ବିବାହ କରିବା ପାଇଁ ଅଡ଼ି ବସିଥିଲେ। ଫଳରେ ବବ୍‌ଲୁ ରାଧିକା ଓ ବିଶାଲଙ୍କୁ ଧନଘଟା ତହସିଲ ନେଇଯାଇଥିଲେ। ସେଠାରେ ରାଧିକା ଓ ବିଶାଲଙ୍କ ବିବାହକୁ ନେଇ ଏକ ବୁଝାମଣା ପ୍ରସ୍ତୁତ ହୋଇଥିଲା। ଏହାପରେ ସେମାନେ ବାବା ଦାନୀ ନାଥ ମନ୍ଦିରରେ ପହଞ୍ଚିଥିଲେ। ସ୍ୱାମୀ ବବ୍‌ଲୁ ଓ ନିଜ ୨ ପିଲାଙ୍କ ସମ୍ମୁଖରେ ରାଧିକା ତାଙ୍କ ପ୍ରେମିକ ବିଶାଲଙ୍କୁ ବରଣମାଳା ପିନ୍ଧାଇଥିଲେ।

ଘଟଣାକୁ ନେଇ ବବ୍‌ଲୁ କହିଛନ୍ତି, ବିଶାଲଙ୍କ ସହ ରାଧିକାଙ୍କର ପ୍ରେମ ସମ୍ପର୍କ ଥିବା ନେଇ ସେ ବହୁ ପୂର୍ବରୁ ଜାଣିସାରିଥିଲେ। ବିଶାଲଙ୍କ ସହ ସମ୍ପର୍କ ନ ରଖିବାକୁ ସେ ତାଙ୍କ ସ୍ତ୍ରୀଙ୍କୁ ବହୁବାର ବୁଝାଇଥିଲେ। ତେବେ ତାଙ୍କ କଥାକୁ ରାଧିକା ଶୁଣି ନ ଥିଲେ। ନିକଟରେ ପ୍ରେମିକଙ୍କ ସହାୟତାରେ ସ୍ତ୍ରୀ ନିଜ ସ୍ୱାମୀଙ୍କୁ ହତ୍ୟା କରୁଥିବା ନେଇ ଅନେକ ଖବର ସାମ୍ନାକୁ ଆସୁଛି। ଏଭଳି ଖବର ତାଙ୍କୁ ବିଚଳିତ କରିଥିଲା। ଖାସ୍‌କରି ମିରଟ ଘଟଣା ପରେ ସେ ରାଧିକାଙ୍କ ଇଚ୍ଛା ଅନୁଯାୟୀ, ତାଙ୍କ ବିବାହ ବିଶାଲଙ୍କ ସହ କରାଇବେ ବୋଲି ସ୍ଥିର କରିଥିଲେ। ତେଣୁ ସେ ନିଜର ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ତ୍ରୀଙ୍କ ବିବାହ ତାଙ୍କ ପ୍ରେମିକଙ୍କ ସହ କରାଇବାକୁ ନିଷ୍ପତ୍ତି ନେଇଥିଲେ। ତେବେ ରାଧିକା ଏବଂ ବବ୍‌ଲୁ ପରସ୍ପରକୁ ଛାଡ଼ପତ୍ର ଦେଇନାହାନ୍ତି। ତେଣୁ ବିଶାଲଙ୍କ ସହ ରାଧିକାଙ୍କ ବିବାହ ବୈଧତାକୁ ନେଇ ପଚରାଯିବାରୁ ବବ୍‌ଲୁ କହିଛନ୍ତି, ଏହା ସମ୍ପୂର୍ଣ୍ଣ ବୈଧ ବିବାହ। ଗ୍ରାମବାସୀଙ୍କ ସମ୍ମୁଖରେ ମନ୍ଦିରରେ ଏହି ବିବାହ ଅନୁଷ୍ଠିତ ହୋଇଛି। ସେହିପରି ଏହି ବିବାହକୁ ନେଇ ତାଙ୍କ ପରିବାର ସଦସ୍ୟଙ୍କର କୌଣସି ଆପତ୍ତି ନାହିଁ।

# ୩ଦିନ ହିଟ୍ ୱେଭ୍ ପାଇଁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୨୭।୩ (ଅନୁରାଧା ମହାରଣା)

ରାଜ୍ୟରେ ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହେଉଥିବାବେଳେ ଗୁରୁବାର ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ୍ ନିକଟବର୍ତ୍ତୀ ହୋଇଛି। ଝାରସୁଗୁଡ଼ାରେ ଦିନ ତାପମାତ୍ରା ସର୍ବାଧିକ ୪୧.୪ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଏହାତଳକୁ ବଲାଙ୍ଗୀରରେ ୪୦.୮ ଡିଗ୍ରୀ, ବୌଦ୍ଧରେ ୪୦.୫ ଡିଗ୍ରୀ, ସୋନପୁରରେ ୪୦.୨ ଡିଗ୍ରୀ, ହୀରାକୁଦରେ ୪୦.୧ ଡିଗ୍ରୀ ତାପମାତ୍ରା ରହିଥିଲା। ତେବେ ଆସନ୍ତା ୩ଦିନ ହିଟ୍ ୱେଭ୍ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଉଭୟ ଦିନ ଓ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଶୁକ୍ରବାର ସମ୍ବଲପୁର ଓ ବୌଦ୍ଧରେ ହିଟ୍‌ୱେଭ୍ ଜନଜୀବନକୁ ବିଶେଷ ପ୍ରଭାବିତ କରିପାରେ ଓ ଏଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୯ ତାରିଖ ବେଳକୁ ହିଟ୍‌ୱେଭ୍ ପରିମାଣ ବଢ଼ିବାକୁ ଥିବାବେଳେ ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଆଦି ଜିଲାକୁ ୟେଲୋ ୱାର୍ନିଂ ରହିଛି। ୩୦ ତାରିଖରେ ଏହି ସବୁ ଜିଲା ସହ ବରଗଡ଼ ଓ ସୁନ୍ଦରଗଡ଼ ଜିଲାକୁ ମଧ୍ୟ ୟେଲୋ ୱାର୍ନିଂ ଦିଆଯାଇଛି। ଏପ୍ରିଲ୨ରେ ବିଭିନ୍ନ ଜିଲାରେ କାଳବୈଶାଖୀ ସମ୍ଭାବନା ରହିଛି।

# ୧୮ ଟିକିଆ ହାତୀପଲଙ୍କ ଉତ୍ପାତ

### ବୋଇତାଳୁ ଫସଲ ନଷ୍ଟ, ଯୁବକଙ୍କ ହାତ ଭାଙ୍ଗିଲା

କେନ୍ଦୁଝର,୨୭।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବନାଞ୍ଚଳରେ ୧୮ଟିକିଆ ହାତୀପଲ ଉତ୍ପାତ କରୁଛନ୍ତି। ସଦର ବ୍ଲକ୍ ଟିକରପଡ଼ା ଅଞ୍ଚଳରେ ହାତୀପଲ ବୋଇତାଳୁ ସମେତ ବିଭିନ୍ନ ପନିପରିବା ଫସଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ହାତୀ ଘଉଡ଼ାଇବା ସମୟରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ଅଞ୍ଚଳରେ ହାତୀ ବୁଲୁଥିବାରୁ ଲୋକେ ଭୟଭିତ ଅବସ୍ଥାରେ ରହିଛନ୍ତି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ହାତୀପଲ ସଲରାପଣ୍ଡ ଜଙ୍ଗଲରୁ ବାହାରି ରାତି ୧ଟା ବେଳେ ସଦର



ଗାଁ ନିକଟ ଜଙ୍ଗଲରେ ହାତୀପଲ

ବ୍ଲକ୍ ମହାଦେଇଯୋଡା ପଞ୍ଚାୟତ ଟିକରପଡ଼ା ହନୁମାନଘାଟି ତଳ ଜଙ୍ଗଲ ଦେଇ କାଦଗଡ଼ ମୁହାଁ ହୋଇଥିଲେ। ଟିକରପଡ଼ା ଗ୍ରାମର ବିନେଶ ବେହେରାଙ୍କ କ୍ଷେତରେ ହୋଇଥିବା ୧ ଏକରରୁ ଊର୍ଦ୍ଧ୍ୱ ବୋଇତାଳୁ, ଶ୍ରୀକାନ୍ତ ବେହେରା ଓ ବସନ୍ତ ବେହେରାଙ୍କ ସୋଲା ଚାଷକୁ ହାତୀପଲ ଦଳି ନଷ୍ଟ କରିଦେଇଛନ୍ତି। ପଳାସପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସ ଓ ହାତୀ ଘୋଉଡ଼ାଇବା ସ୍କ୍ୱାର୍ଡ କର୍ମଚାରୀ ସମେତ ସ୍ଥାନୀୟ ଲୋକେ ହାତୀପଲଙ୍କୁ ଘଉଡ଼ାଇଥିଲେ। ପୁଣି ରାଇସୁଆଁ ଫାର୍ମ ଦେଇ ସକାଳ ୫ଟା ବେଳେ ଟିକରପଡ଼ା କୁଡ଼ିଆଘରା ସାହି ନିକଟସ୍ଥ ଆମ୍ବଡହରା ଜଙ୍ଗଲକୁ ହାତୀପଲ ଫେରିଥିଲେ। ତେବେ ହାତୀ ଘଉଡ଼ାଇବାବେଳେ ଟିକରପଡା ଗ୍ରାମର ହେମନ୍ତ ବେହେରା(୩୦) ତଳେ ପଡିଯିବାରୁ ତାଙ୍କର ଡାହାଣ ହାତ ଭାଙ୍ଗିଛି। ସେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ ଚାଷୀଙ୍କୁ କ୍ଷତିପୂରଣ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

# ସବୁ ପଡ଼ାଗ୍ରାମ ରାଜସ୍ୱ ଗ୍ରାମ ହେବ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୨୭।୩
(ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ କରାଯିବ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଗୃହରେ କହିଛନ୍ତି। ଗୁରୁବାର ପ୍ରଶ୍ନକାଳ ଅବସରରେ ମୂଳପ୍ରଶ୍ନକର୍ତ୍ତା ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ରାଜ୍ୟରେ ପଡ଼ା ଗ୍ରାମକୁ ନେଇ ପୂର୍ବରୁ ଯେଉଁ ସମସ୍ୟା ଉପୁଜୁଥିଲା ତାହାର ସରଳୀକରଣ କରାଯାଇଛି। ଏବେ ମାତ୍ର ୨ଟି ସର୍ତ୍ତ ପୂରଣ କରୁଥିଲେ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କରିବାରେ କୌଣସି ଅସୁବିଧା ନାହିଁ। ସେଥିମଧ୍ୟରୁ ଗୋଟିଏ ହେଲା ୨୫୦ ଜନସଂଖ୍ୟା ଓ ଅନ୍ୟଟି ହେଲା ମୂଳ ଗ୍ରାମଠାରୁ ୫୦୦ ମିଟର ଦୂରତା। ଏହି ଦୁଇଟି ସର୍ତ୍ତ ପୂରଣ କରୁଥିଲେ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କରାଯାଇପାରିବ। ଏହାବାଦ୍ ଯଦି କେଉଁଠାରେ ଭୌଗୋଳିକ ବାଧ୍ୟବାଧକତା ଥିବ ସେଠାରେ ସର୍ତ୍ତ କୋହଳ କରାଯିବ। ଏଥିପାଇଁ କେତେକ ପ୍ରକ୍ରିୟା ରହିଛି। ପ୍ରଥମେ ତହସିଲଦାର ଏହାର ରିପୋର୍ଟ ଉପଜିଲାପାଳଙ୍କୁ ଦେବେ, ଏହାପରେ ଉପଜିଲାପାଳ ଜିଲାପାଳଙ୍କୁ ଓ ଜିଲାପାଳ ରାଜସ୍ୱ ପର୍ଷଦ ସଭ୍ୟଙ୍କୁ ଅନୁମୋଦନ ପାଇଁ ପଠାଇବେ।

୧୯୯୧ରୁ ୨୦୨୪ ମଧ୍ୟରେ ପୂର୍ବ ସରକାର ମାତ୍ର ୧୦୫୩ଟି ପଡାଗ୍ରାମକୁ ରାଜସ୍ୱ ଗ୍ରାମ କରିବାପାଇଁ ରାଜସ୍ୱ ପର୍ଷଦ ସଭ୍ୟଙ୍କୁ ଅନୁମୋଦନ ପାଇଁ ପଠାଇଥିଲେ। ସେଥିରୁ ୩୦୭ଟିର କାର୍ଯ୍ୟ ସମ୍ପନ୍ନ ହୋଇଛି, ଅବଶିଷ୍ଟ ପଡ଼ି ରହିଛି। ବିଗତ ୩୦ବର୍ଷରେ ରାଜ୍ୟ ସରକାର ଯେତିକି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କରିପାରି ନାହାନ୍ତି ଭାଜପା ସରକାର ତାହା ଗୋଟିଏ ବର୍ଷରେ କରିବାକୁ ଉଦ୍ୟମ କରିଛି। ଇତିମଧ୍ୟରେ ୨୬୩ଟି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କରାଯାଇ ସାରିଛି। ଅବଶିଷ୍ଟ ୧୪୭ଟି ବିଚାରାଧୀନ ରହିଛି। ଜୁଲାଇ ସୁଦ୍ଧା ଏସମସ୍ତ ପ୍ରକ୍ରିୟା ଶେଷ କରାଯିବାକୁ ଲକ୍ଷ୍ୟ ରହିଛି। ଯଦି ବିଧାୟକମାନେ ସେମାନଙ୍କ ଅଞ୍ଚଳରେ କୌଣସି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କରିବାକୁ ଚାହୁଁଛନ୍ତି ତେବେ ତହସିଲଦାରଙ୍କ ଜରିଆରେ ପ୍ରସ୍ତାବ ଦେବାକୁ ମନ୍ତ୍ରୀ କହିଛନ୍ତି।

### ୨ଟି ପଞ୍ଚାୟତକୁ ନେଇ ହେବ ଆର୍‌ଆଇ ସର୍କଲ

ଏହି ଅବସରରେ ମୂଳପ୍ରଶ୍ନକର୍ତ୍ତା ଦୁଷ୍ମନ୍ତ ନିଜ ଅଞ୍ଚଳରେ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କେବେ କରାଯିବ ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ, ରଣପୁର ବିଧାନସଭା କ୍ଷେତ୍ରରେ ୩୨୮ଟି ରାଜସ୍ୱ ଗ୍ରାମ ଓ ୪୩ଟି ପଡ଼ାଗ୍ରାମ ରହିଛି। ପୂର୍ବରୁ ଯେତେସବୁ ପ୍ରସ୍ତାବ ପଡ଼ି ରହିଛି ତା'ର ପୁନର୍ବିଚାର କରାଯାଉଛି। ଏହି ଅବସରରେ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସେଠୀ ତାଙ୍କ ଅଞ୍ଚଳରେ ଥିବା କଞ୍ଚଣ ପଞ୍ଚାୟତର ପଡ଼ାଗ୍ରାମ ଓ ରାଜସ୍ୱ ଗ୍ରାମ ବିବାଦ ଉଠାଇଥିଲେ। ମନ୍ତ୍ରୀ କହିଥିଲେ, ଏହା ଏକ ଭିନ୍ନ କଥା। ଏହାକୁ ସରକାର ବିଚାର କରିବେ। ସଦସ୍ୟ ଧ୍ରୁବଚରଣ ସାହୁ ପ୍ରଶ୍ନ କରିଥିଲେ, ରାଜ୍ୟରେ ଅମିନଙ୍କ ଅଭାବ ରହିଥିବାବେଳେ ସରକାର କିଭଳି ସମୟ ଭିତରେ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କରିବେ? ମନ୍ତ୍ରୀ କହିଥିଲେ, ଆବଶ୍ୟକ ଅମିନ ପଦ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ରାଜ୍ୟରେ ଯେତିକି ମଞ୍ଜୁର ପଦ ରହିଛି ତାହାର ସଂଖ୍ୟା ମଧ୍ୟ ବଢ଼ାଯିବ। ପ୍ରତ୍ୟେକ ଦୁଇଟି ପଞ୍ଚାୟତକୁ ନେଇ ଆର୍‌ଆଇ ସର୍କଲ କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ପୂଜାରୀ କହିଥିଲେ।

ସଦସ୍ୟ ବିଜୟ ଦଳବେହେରା ମୂଳ ରାଜସ୍ୱଗ୍ରାମ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ଲାଗି ଅନୁମତି ଦେଉ ନ ଥିବା ପ୍ରଶ୍ନ ଉଠାଇଥିଲେ। ମନ୍ତ୍ରୀ କହିଥିଲେ, ଏସବୁର ଆଉ ସମସ୍ୟା ରହିବ ନାହିଁ। ସଦସ୍ୟ ଦିବ୍ୟଶଙ୍କର ମିଶ୍ର ଲିମସେନ ପଡ଼ାଗ୍ରାମରେ ୨ହଜାର ଜନସଂଖ୍ୟା ଥାଇ ମଧ୍ୟ ଦୀର୍ଘବର୍ଷ ଧରି ପଡ଼ି ରହିଥିବା କହିଥିଲେ। ମନ୍ତ୍ରୀ ଏହାକୁ ବିଭାଗ ଦେଖିବ ବୋଲି ଆଶ୍ୱସ୍ତି ଦେଇଥିଲେ।

# ହାଇୱା ଧକ୍କାରେ ନାତି ମୃତ, ଅଜା ଗୁରୁତର

ଯୋଡ଼ା,୨୭।୩
(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବାଂଶପାଣି ଟୋଲ ଗେଟ୍ ନିକଟ ରାସ୍ତାରେ ବୁଧବାର ରାତି ୯ ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ହାଇୱା ଧକ୍କାରେ ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତ ଶିଶୁ ଯୋଡ଼ା କୁନ୍ଦୁରନାଲା ଅଞ୍ଚଳର ହର୍ଷ ସିଂଙ୍କ ପୁଅ ଯସ(୨)। ହର୍ଷ ତାଙ୍କ ଶ୍ୱଶୁର ଦିଗ ବିଜୟ ସିଂ ଓ ପୁଅ ଯସଙ୍କୁ ନେଇ ବାଇକ (ନଂ. ଓଡି ୦୯ ଏ ୮୫୯୬) ଯୋଗେ ବାଂଶପାଣି ଟୋଲ ଗେଟ୍ ନିକଟ ଗ୍ୟାରେଜକୁ ଯାଉଥିଲେ। ସେ ସମୟରେ ବାଇକକୁ ଏକ ହାଇୱା (ନଂ. ଓଡ଼ି ୦୯ ପି ୭୪୭୩) ଧକ୍କା ଦେଇଥିଲା। ସମସ୍ତେ ଛିଟିକି ପଡ଼ିଥିବା ବେଳେ ଶିଶୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦିଗ ବିଜୟ ସିଂ ଗୁରୁତର ହୋଇ ଟାଟା ଷ୍ଟିଲ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱା ଜବତ କରି ତଦନ୍ତ କରୁଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ ପ୍ରାଣୀ ସମ୍ପଦ ମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ, ସ୍ଥାନ: ମନ୍ତ୍ରୀଙ୍କ ସରକାରୀ ବାସଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ କେଶରୀ, ସମୟ: ପୂର୍ବାହ୍ନ ୧୧ଟା।
- କେତକୀ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଲଳିତ କଳା ଏକାଡେମୀ ରିଜିଓନାଲ ସେଣ୍ଟର ଗ୍ୟାଲେରୀ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ଦ୍ୱାଦଶାହ ଶାନ୍ତି ଭୋଜନ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଭଞ୍ଜଭାରତୀ ଆୟୋଜିତ ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ପଦାମୃତ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୩ୟ ଉର୍ଜା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ୱ ନାଟକ ଦିବସ ଉପଲକ୍ଷେ ନାଟକ 'ଏଣ୍ଡୁଅ', ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ

- ନୂଆପାଟଣା ନଂ. ୨ ବୁଣାକାର ତନ୍ତୁବାୟ ସମିତି ଲିମିଟେଡ୍‌ର ବାର୍ଷିକ ସାଧାରଣ ସଭା, ସ୍ଥାନ: ସମିତି ପରିସର, ନୂଆପାଟଣା, ଟିଗିରିଆ, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ବୈତରଣୀ ନଦୀ ବନ୍ଦାପନା କାର୍ଯ୍ୟକ୍ରମ, ସ୍ଥାନ: ଶାସ୍ତ୍ରୀଘାଟ, ଚାନ୍ଦବାଲି, ସମୟ: ପ୍ରାତଃ ୫.୩୦।
- ବାରୁଣୀ ଯଜ୍ଞର ୩ୟ ଦିବସ, ସ୍ଥାନ: ମାଳିଅରୁଆ କୁଣ୍ଡିକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୯ଟା।
- ବନ୍ଦର ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ମତୋ କଲ୍ୟାଣ ମଣ୍ଡପ, ଚାନ୍ଦବାଲି, ସମୟ: ସକାଳ ୯ଟା ୩୦।
- ବୃକ୍ଷର ସୁରକ୍ଷା ଓ କୃଷକ ଅଧିକାର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମିରାକଲ ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ସମାରୋହ, ସ୍ଥାନ: ବ୍ଲକରୋଡ୍‌ସ୍ଥିତ ଶିକ୍ଷାନୁଷ୍ଠାନ ପରିସର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ୯ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞର ମଙ୍ଗଳ କଳସ ଯାତ୍ରା, ସ୍ଥାନ: ଗାୟତ୍ରୀ ଆଶ୍ରମ, ଶ୍ରୀରାମକୁଞ୍ଜ, ବୈଶିଙ୍ଗା, ବେତନଟୀ, ସମୟ:ସକାଳ ୮ଟା।
- ମୟୂରଭଞ୍ଜ ମହୋତ୍ସବ କମିଟି ପକ୍ଷରୁ ସିନେ ଅଭିନେତା ଉତ୍ତମ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା,ସ୍ଥାନ: ରଥ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।
- ବାର୍ଷିକ ଉତ୍ସବ 'ସଗାଇ-୨୦୦୫', ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର, ବାରିପଦା, ସମୟ: ଅପରାହ୍ନ ୫ଟା।
- ବାର୍ଷିକ ଉତ୍ସବ 'ଉମଙ୍ଗ', ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉପ୍ରା ବିଦ୍ୟାଳୟ, ବାରିପଦା, ସମୟ: ଅପରାହ୍ନ ୫ଟା।
- ସବ୍‌ଡିଭିଜନସ୍ତରୀୟ ଛଉନୃତ୍ୟ ପ୍ରତିଯୋଗିତା, ସ୍ଥାନ: ନିଗୁଆପଦା, ମୋରଡ଼ା,ସମୟ: ଅପରାହ୍ନ ୫ଟା।

## କନ୍ଧମାଳ

- ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: କ. ନୂଆଗାଁ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,ସମୟ: ଅପରାହ୍ନ ୫ଟା।
- ଦୁଇଦିନିଆ ଆଦିବାସୀ ସମ୍ମିଳନୀ, ସ୍ଥାନ: ଜାଗୃତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ପ୍ରଥମ ମହିମା ବହ୍ନିମେଳାର ଉଦ୍‌ଯାପନ ଦିବସ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ(ଓମ୍ପା)ର କର୍ମକର୍ତ୍ତା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ଆରମ୍ଭ, ସ୍ଥାନ: ଓମ୍ପା କାର୍ଯ୍ୟାଳୟ, ଅଠରବାଙ୍କୀ, ଲକ୍‌ପଡା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ମୁସଲମାନ ସମ୍ପ୍ରଦାୟର ଇଫତାର ମିଳନ, ସ୍ଥାନ: ଜାମା ମସ୍‌ଜିଦ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା' ତାରିଣୀଙ୍କ ୪୨ତମ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କଣ୍ଟାମାଳିଆସ୍ଥିତ ମା' ତାରିଣୀ ପୀଠ, ସମୟ: ରାତି ୮ଟା।
- ବ୍ୟାସ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୧୭ତମ ସୌମିକ ହିରୋ ବ୍ୟାସନଗର ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ଏନ.ସି ହାଇସ୍କୁଲ ଖେଳ ପଡ଼ିଆ, ସମୟ : ଅପରାହ୍ନ ୩ଟା।

## ନୟାଗଡ଼

- ବହୁମୁଖି ବିକାଶ ପାଇଁ ସାମୁହିକ ପ୍ରୟାସରେ ନୟାଗଡ଼ ଜିଲା ବିକାଶ ସମ୍ମିଳନୀ, ସ୍ଥାନ: କେସି କ୍ଲବ ନୟାଗଡ, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ମନ୍ଦିରର ପ୍ରତିଷ୍ଠା ଦିବସର ୧୦ ବର୍ଷ ପୂର୍ତ୍ତି ଅବସରରେ ରକ୍ତଦାନ ଶିବିର, ସ୍ଥାନ: ବିଜୁ ମାର୍କେଟ ନୟାଗଡ, ସମୟ: ସକାଳ ୯ଟା।
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ଅଙ୍କୁରାରେପଣ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ, ସମୟ:ସକାଳ ୭ଟା।
- ଦଶଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ:ଅପରାହ୍ନ ୪ଟା।
- ଦଶଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡିଆ, ସମୟ:ଅପରାହ୍ନ ୪ଟା।
- ଦଶଦୋଳ ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଦଶଦୋଳ ପଡ଼ିଆ, ସମୟ:ଅପରାହ୍ନ ୨ଟା।

## ରାୟଗଡ଼ା

- ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନୂତନ ଶାଖା ଉଦଘାଟନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ରାମ ମନ୍ଦିର ଛକ, ସମୟ-ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବାଙ୍ଗରୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଚନ୍ଦ୍ରପୁର,
- ସମୟ: ଅପରାହ୍ନ ୩ଟା।
- ନବମ ବାର୍ଷିକ ଉତ୍ସବ, ସ୍ଥାନ: ଭାରସିଂ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁଣପୁର,
- ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି

- ଜଙ୍ଗଲ ସୁରକ୍ଷା ନିମନ୍ତେ କର୍ମଶାଳା, ସ୍ଥାନ: ସ୍ୱାଭିମାନ ଅଞ୍ଚଳ ବଡପଡା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ନବରଙ୍ଗପୁର, ସମୟ: ସକାଳ ୯ଟା।
- ଖାତିଗୁଡ଼ା ପୋଲିସର ଜନସମ୍ପର୍କ ଶିବିର, ସ୍ଥାନ: ଗୁରୁମାଇ ଗୁଡ଼ା,ତେନ୍ତୁଳିଖୁଣ୍ଟି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- କୃଷକ କ୍ଷେତ୍ର ଦିବସ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ, ଖୁଣ୍ଟିଆଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସରକାରୀ ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ କେଶରୀବେଡା ବିଦ୍ୟାଳୟ ପରିସର, ଉମରକୋଟ, ସମୟ : ସନ୍ଧ୍ୟା ୬ ଟା।

## କୋରାପୁଟ

- ହାଇସ୍କୁଲରେ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ପଟ୍ଟାଙ୍ଗି, ସମୟ: ୮ଟା।
- ପ୍ରେସ୍ ବିଜ୍ଞପ୍ତି, ସ୍ଥାନ: ଡିପି ଇଣ୍ଡୋର ଷ୍ଟାଡିୟମ, ଜୟପୁର ଆଦର୍ଶ ନଗର, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ:ଜୀବନ ଜ୍ୟୋତି ସ୍କୁଲ ପଡ଼ିଆ, ସେମିଳିଗୁଡା, ସମୟ: ଅପରାହ୍ନ ୨ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ: ୬ଟା।
- ଜିଲା ରେଡକ୍ରସ ଆୟୋଜିତ ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରଣ କମ୍ପାନୀର ବୈଠକ, ସ୍ଥାନ : ଅଇଁଠାପାଲି ସ୍ଥିତ କମ୍ପାନୀର ବାଣିଜ୍ୟ କାର୍ଯ୍ୟାଳୟ, ସମୟ : ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର

- ମହାରାଜା ଆରଏନ୍ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା।
- ମହାକୋଶଲ କୋଶଲୀ ନାଟବାଦୀ-ନାଟ ଯାତରା ୨୦୨୫ ତୃତୀୟ ଦିବସ, ସ୍ଥାନ: ରାଧାକୃଷ୍ଣ ନାଟ୍ୟମଣ୍ଡପ, ପଲ୍ଲୀଶ୍ରୀ ବିହାର, ସଦାଇପାଲି, ବଲାଙ୍ଗୀର ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ରାଉରକେଲା ଦିବସ ପାଇଁ ପେଡଲିଂ ଫର୍ ରାଉରକେଲା ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ, ସମୟ: ସକାଳ ୬ଟା।
- କାନଭାସ୍ ପକ୍ଷରୁ ଗ୍ରାଣ୍ଡ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ନାରୀ କବି ସମ୍ମିଳନୀ ଓ କବିତା ପାଠୋତ୍ସବ, ସ୍ଥାନ: ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ, ସେକ୍ଟର-୭, ସମୟ: ସନ୍ଧ୍ୟା ୭ଟା।
- ବାର୍ଷିକୋତ୍ସବ ଓ ବସନ୍ତ ମହୋତ୍ସବ, ସ୍ଥାନ: ମ୍ୟୁଜିକ୍ ସର୍କଲ, ଛେଣ୍ଡ, ସମୟ: ଅପରାହ୍ନ ୫ଟା ୩୦

## ସୁନ୍ଦରଗଡ଼

- ନବଜୀବନ ଅନୁଷ୍ଠାନର ୩ଦିନ ବ୍ୟାପୀ ବସନ୍ତ ମହୋତ୍ସବ, ସ୍ଥାନ:ସଂସ୍କୃତି ଭବନ, ସୁନ୍ଦରଗଡ,ସମୟ: ସନ୍ଧ୍ୟା ୬ଟା୩୦।

## ବରଗଡ଼

- କୋଶଲ କନକ୍ଲେଭ ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଜୟ କିଷାନ ଆନ୍ଦୋଳନ ପକ୍ଷରୁ କୁଶ ପୁତ୍ତଳିକା ଦାହ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଲାଞ୍ଜିଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଲାଞ୍ଜିଗଡ ପିଭିଟିଜି ବାଳକ ଆଶ୍ରମ ବିଦ୍ୟାଳୟର ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ, ସ୍ଥାନ: ଆଶ୍ରମ ବିଦ୍ୟାଳୟ ପରିସର, ସମୟ: ସକାଳ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ହୋଟେଲ ମିଡ୍‌ଟାଉନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖଣ୍ଡୁଆଳ ମାଳିର ପ୍ରତିଷ୍ଠା ଦିବସ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକର କର୍ଲାକାଟ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ରକ୍ତଦାନ ଶିବିର, ସ୍ଥାନ: ପଲସମା ବିଜ୍ଞାନ ଡିଗ୍ରୀ କଲେଜ, ରିଆମାଳ ବ୍ଲକ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଛତୁ ଉତ୍ପାଦକମାନଙ୍କ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ କର୍ମଶାଳା, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ଅପରାହ୍ନ ୪ଟା।
- ତରଭା ବ୍ଲକ ରାଏକେଡାରେ ନବ ଦିନାତ୍ମକ ରାମଲୀଳା ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଗ୍ରାମ ସ୍ଥିତ ରାମଲୀଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ଗାଁ, ସମୟ: ପ୍ରାତଃ ୫ଟା ୩୬।
- ଜିଲାସ୍ତରୀୟ ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରୀ ପଞ୍ଚାୟତ କେରମେଲି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଉଦନ୍ତି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ସିନାପାଲି ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ଅପରାହ୍ନ ୩ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲ ଗାଁ, ସମୟ: ସକାଳ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସିନାପାଲି ବ୍ଲକ ନିଳଜି ପଞ୍ଚାୟତ ଗଡରାମାଲ ଗାଁ, ସମୟ: ସକାଳ ୧୦ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ହରେକୃଷ୍ଣପୁର ନାମମଣ୍ଡପ, ସମୟ: ସକାଳ ୭ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଓକିଲ ସଂଘର ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀଙ୍କ ପ୍ରେସ ମିଟ, ସ୍ଥାନ: ପୁରୁଣା ମିଟିଙ୍ଗ ହଲ, ବେହେରାମାଲ, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ଅର୍ଥନୈତିକ ଅଭିବୃଦ୍ଧି ଜନିତ ବୈଷୟିକ ସୁଖ, ସମୃଦ୍ଧିରୁ ଖୁସିରହିବେ। ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହୋଇପାରନ୍ତି।

**ବୃଷ** ପାରିବାରିକ କ୍ଷେତ୍ରର ଅସ୍ଥିରତା କର୍ମକ୍ଷେତ୍ର ଉପରେ କୁପ୍ରଭାବ ପକାଇ ପାରିବ ନାହିଁ। ଯାହା କଥା ଚିନ୍ତା କରୁଛନ୍ତି ସେହି ଲୋକଟି ଆଜି ହଠାତ୍ ଆପଣଙ୍କ ନିକଟକୁ ଆସିଯିବ। କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ। ମୃଗଶିରା ନକ୍ଷତ୍ର ଈର୍ଷାପରାୟଣ ବ୍ୟକ୍ତିମାନେ ଦେଖେଇ ଶିଖେଇ ବହୁତ କଥା କହିପାରନ୍ତି।

**ମିଥୁନ** ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପାରୁ ସମ୍ଭାବ୍ୟ ଅସ୍ୱାଭାବିକ ପରିସ୍ଥିତିକୁ ସଜାଡି ନେବାରେ ସମର୍ଥ ହେବେ। ଆରଦ୍ରା ନକ୍ଷତ୍ର ପ୍ରତୀକ୍ଷା କରିଥିବା ବସ୍ତୁଟିକୁ ଖୋଜି ନ ପାଇବାରୁ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ତ ସମସ୍ୟା ମୁକାବିଲା କରି ସଫଳତା ହାସଲ କରିପାରିବେ। ରୋଗ, ଋଣ ଓ ଶତ୍ରୁତା ଦୁଶ୍ଚିନ୍ତାର ମୁଖ୍ୟ କାରଣ ହୋଇରହିବ।

**କର୍କଟ** କର୍ମକ୍ଷେତ୍ରରେ ପଡିଆରା ବୃଦ୍ଧି ହେତୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିପାରନ୍ତି। ବିଭିନ୍ନ ପ୍ରତିବନ୍ଧକଜନିତ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଗୃହ ସଜାରେ ମନୋନିବେଶ କରିବେ। ପୁନର୍ବସୁ ନକ୍ଷତ୍ର ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**ସିଂହ** ପ୍ରତ୍ୟେକ କାମକୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବାକୁ ପ୍ରଯତ୍ନ କରି ସଫଳ ହେବେ। ଗୋପନୀୟ କାର୍ଯ୍ୟକଳାପ ବନ୍ଧୁଙ୍କ ଜରିଆରେ ବାହାରେ ଆଲୋଚନାକୁ ସରଗରମ କରିପାରେ। କାହାକୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ମଘା ନକ୍ଷତ୍ର ଯାତ୍ରା ସମୟରେ ଅସାବଧାନତା ବଶତଃ ଦ୍ରବ୍ୟନଷ୍ଟ ଘଟିପାରେ।

**କନ୍ୟା** କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗି ରହିଲେ ମଧ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରହିବ। ଚିତ୍ରା ନକ୍ଷତ୍ର ସାହାଯ୍ୟ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିବେ। ବାଣିଜ୍ୟ କ୍ଷେତ୍ରରେ ଅନୁକୂଳ ପରିବେଶ ଅଭାବରୁ ଚିନ୍ତାପ୍ରକଟ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଉତ୍ସବ ଅନୁଷ୍ଠାନରେ ଯୋଗଦେଲେ ସମ୍ମାନିତ ହେବେ।

**ତୁଳା** କର୍ମକ୍ଷେତ୍ରରେ ଟେନ୍ସନ୍ ଲାଗିରହିବାରୁ ଛୋଟ ଛୋଟ କଥାରେ ବିରକ୍ତ ହେବେ। ସ୍ୱାତୀ ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ମାନସିକ ଚାପ ବୃଦ୍ଧିଜନିତ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ବନ୍ଧୁଙ୍କ ବ୍ୟବହାର ମନକୁ ନ ପାଇବାରୁ ଅଶାନ୍ତ ମନ ନେଇ ଚଳିବାକୁ ହେବ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ମିଳିପାରେ।

**ବିଛା** ପ୍ରତ୍ୟେକ କାମରେ ସମସ୍ୟା ବୃଦ୍ଧି ପାଉଥିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ନିଜର ଅସଫଳତାର କାରଣ ଖୋଜିବାକୁ ଯାଇ ଭାବପ୍ରବଣତାରେ ନିଜକୁ ହଜାଇ ଦେବେ। ସବୁ ଆଡକୁ ନଜର ନ ଦେଇ କାମକଲେ ଅସୁବିଧାରେ ପଡିବେ। ଅନୁରାଧା ନକ୍ଷତ୍ର ପାରିବାରିକ ଜୀବନରେ ଉଚିତ ବୁଝାମଣା ଯୋଗୁ ଖୁସି ଅନୁଭବ କରିପାରନ୍ତି।

**ଧନୁ** ପୂର୍ବଷାଢ଼ା ନକ୍ଷତ୍ରର ପଡ଼ୋଶୀଙ୍କ ସହ ମିତ୍ରତା ବୃଦ୍ଧି ପାଇବା କାରଣରୁ ମନ ଖୁସି ରହିବ। କାର୍ଯ୍ୟ ସାଧନ ପରିପ୍ରେକ୍ଷୀରେ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ଅନ୍ୟମନସ୍କତା କାରଣରୁ ଧନହାନି ଘଟିବାର ପୂର୍ଣ୍ଣ ସମ୍ଭାବନା ରହିଛି। ପାରିବାରିକ ଅସ୍ଥିରତା ବନ୍ଧୁମାନଙ୍କ ସାହାଯ୍ୟରୁ ଦୂରୀଭୂତ ହୋଇଯିବ।

**ମକର** ପାରିବାରିକ ଦୃଷ୍ଟିକୋଣରୁ ଖୁସିରେ ରହିଲେ ମଧ ମାନସିକ ସ୍ଥିରତା ରହି ନ ପାରେ। ଶ୍ରବଣା ନକ୍ଷତ୍ର ପ୍ରିୟ ବନ୍ଧୁଙ୍କ ସମ୍ପର୍କରେ ଅଶୁଭ ଖବର ପାଇ ବିଚଳିତ ହେବେ। ଶିକ୍ଷା, ପରୀକ୍ଷା, ଆଲୋଚନା, ଗଠନମୂଳକ କାମ, ଗବେଷଣା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ନିର୍ମାଣାଧୀନ ଗୃହ, ଯାନବାହନକୁ ଶେଷ ସ୍ପର୍ଶ ଦେଇ ଖୁସି ମନାଇବେ।

**କୁମ୍ଭ** ସ୍ୱାସ୍ଥ୍ୟାବସ୍ଥା ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତି ଲାଭ କରିବେ। କାର୍ଯ୍ୟରେ ଅସଫଳତା କାରଣରୁ ଗୃହ, ଭୂମି, ଗାଡ଼ି ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ଧନିଷ୍ଠା ନକ୍ଷତ୍ର ସକାଶେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିପାରେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ନିଜର ମତ ପରିବର୍ତ୍ତନ କରିବା କଥା ଚିନ୍ତା କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ ସାମୟିକ ଦୁର୍ବଳତା ଅନୁଭବ କରିବେ। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳିବ। ରେବତୀ ନକ୍ଷତ୍ରର ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ସାୟାହ୍ନେ ଟେନସନ୍ ବଢିଯିବ। ସାମାଜିକ ସ୍ତରରେ ନିଜେ ଜଳି ଅନ୍ୟମାନଙ୍କ ହିତ ସାଧନ ଚିନ୍ତା କରିପାରନ୍ତି।

ଆଜି ମାର୍ଚ୍ଚ ୨୮ ତାରିଖ, ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ଶୁକ୍ରବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅମାବାସ୍ୟାର ନିଶା ପାଳନ, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୭ ଗତେ ଘ.୦୬.୩୭ ମଧ୍ୟେ, ଘ.୦୭.୨୪ ଗତେ ଘ. ୦୮.୪୯ ମଧ୍ୟେ ରାହୁ କାଳ। ଦିବା ଘ.୧୦.୨୦ ଗତେ ଘ.୧୧.୫୧ ମଧ୍ୟେ ରାହୁ କାଳ।

# ଏ ବର୍ଷ ଭୁବନେଶ୍ୱର ବିମାନବନ୍ଦର ଦେଇ ୧୦୩ ବିମାନ ଚଳାଚଳ କରିଛି

ଭୁବନେଶ୍ୱର,୨୭।୩(ବନ୍ଦନା ସେଠୀ)

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ୨୦୨୩-୨୪ ଆର୍ଥିକ ବର୍ଷରେ ଦୁବାଇ, ସିଙ୍ଗାପୁର, ବ୍ୟାଙ୍କକ୍‌କୁ ଗୋଟିଏ ଲେଖାଏ ୩ଟି ବିମାନ ଚଳାଚଳ କରିଛି। ସେହିପରି ୨୦୨୪-୨୫ (ଫେବୃଆରୀ) ପର୍ଯ୍ୟନ୍ତ ଦୁବାଇ, ସିଙ୍ଗାପୁର, ବ୍ୟାଙ୍କକ୍ ଏବଂ କୁଆଲାଲାମ୍ପୁରକୁ ଗୋଟିଏ ଲେଖାଏ ମୋଟ୍ ୪ଟି ଅନ୍ତର୍ଜାତୀୟ ବିମାନ ଚଳାଚଳ କରିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ଭୁବନେଶ୍ୱର ବିମାନବନ୍ଦର ଦେଇ ରାଜ୍ୟ ବାହାରକୁ ୯୪ଟି ବିମାନ ଚଳାଚଳ କରିଥିବାବେଳେ ୨୦୨୪-୨୫ (ଫେବୃଆରୀ)ରେ ୧୦୩ଟି ବିମାନ ଚଳାଚଳ କରିଛି। ସେଥିମଧ୍ୟରୁ ଦିଲ୍ଲୀକୁ ସର୍ବାଧିକ ୨୦ଟି ବିମାନ ଚଳାଚଳ କରିଥିବା ଗୁରୁବାର ବିଧାନସଭାରେ ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ରାଜ୍ୟରେ ଆଞ୍ଚଳିକ ବିମାନ ଚଳାଚଳ ବ୍ୟବସ୍ଥା ସୁଦୃଢୀକରଣ ଓ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ଓଡ଼ିଶା ବେସାମରିକ ବିମାନ ଚଳାଚଳ ନୀତି-୨୦୨୨ର ପ୍ରଣୟନ କରିଛନ୍ତି। ଏହାବାଦ୍ ରାଜ୍ୟରେ ବିମାନ ସଂଯୋଗ ବୃଦ୍ଧିକରି ସାମାଜିକ ଏବଂ ଅର୍ଥନୈତିକ ବିକାଶ ଆଣିବା ଉଦ୍ଦେଶ୍ୟରେ ନୂତନ ଗନ୍ତବ୍ୟ ନୀତି ଘୋଷଣା କରାଯାଇଛି। ଏହି କ୍ରମରେ ରାଜ୍ୟର ଭୁବନେଶ୍ୱର, ଝାରସୁଗୁଡ଼ା, ରାଉରକେଲା, ଜୟପୁର ଏବଂ ଉତ୍କେଳାଠାରେ ୫ଟି କାର୍ଯ୍ୟକ୍ଷମ ବିମାନବନ୍ଦର ଥିବାବେଳେ କେନ୍ଦୁଝରର ବଡ଼ବିଲ, ସମ୍ବଲପୁରର ଜମାଦାରପଲ୍ଲୀ, ବଲାଙ୍ଗୀରର ତୁଷରା, ବରଗଡ଼ର ସତୀଭତା, ନୂଆପଡାର ଗୋତମା, କନ୍ଧମାଳର ଗୁଡ଼ାରି, ମାଲକାନଗିରି ଏବଂ ମୟୂରଭଞ୍ଜର ଦାଣ୍ଡବୋଷଠାରେ ଥିବା ୮ଟି ବିମାନପଟ୍ଟୀକୁ ୨ବି ବର୍ଗର ବିମାନବନ୍ଦର ଏବଂ ମୟୂରଭଞ୍ଜସ୍ଥିତ ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍ (ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍)କୁ ୩-ସି ବର୍ଗର ବିମାନବନ୍ଦରରେ ପରିଣତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ କୋରାପୁଟର ଜୟପୁର ଏବଂ କଳାହାଣ୍ଡିର ଉତ୍କେଳା ବିମାନବନ୍ଦରର ସମ୍ପ୍ରସାରଣ କରି ୩-ସି କାଟାଗୋରି ବିମାନବନ୍ଦରରେ ପରିଣତ କରାଯିବ। ଗଞ୍ଜାମ ଜିଲାର ରଙ୍ଗେଇଲୁଣ୍ଡା ବିମାନବନ୍ଦରକୁ ୨-ବି ବର୍ଗର ବିମାନବନ୍ଦରରେ ପରିଣତ କରିବା ନିମନ୍ତେ ମଧ କାର୍ଯ୍ୟ ଚାଲୁ ରହିଛି। ଏହାବାଦ୍ ରାଜ୍ୟର ପ୍ରଥମ ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ଭାବେ ପୁରୀଠାରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା କରିବା ନିମନ୍ତେ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୁଜରାଟ ଖଣିଜ ବିକାଶ ନିଗମ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର,୨୭।୩(ସୁନିତ୍ ମିଶ୍ର)

ଗୁଜରାଟ ଖଣିଜ ବିକାଶ ନିଗମ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ରୂପୱନ୍ତ ସିଂହ ଲୋକସେବା ଭବନ ଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟରେ ଏହାର କୋଇଲା ବ୍ଲକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଶାରେ କେତେକ ପ୍ରକଳ୍ପ କରିବା ପାଇଁ ମଧ ସେ ପ୍ରସ୍ତାବ ରଖିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଗାନ୍ଧୀମାର୍ଗ ରଣକ୍ଷେତ୍ର...

କରାଯିବା ସହ ବିଧାନସଭାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ବନ୍ଦ କରାଯାଇଥିଲା। ଏଥିସହ ଆଖପାଖ ଗଳି ରାସ୍ତାରେ ମଧ୍ୟ ପୋଲିସ ମୁତୟନ କରାଯାଇ କଡ଼ାକଡ଼ି ଚେକିଂ ହୋଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ବେଳେ କଂଗ୍ରେସର ସଭା ପ୍ରାୟ ଶେଷ ପର୍ଯ୍ୟାୟ ବେଳକୁ ଗାନ୍ଧୀମାର୍ଗରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ସେପଟେ ସଭା ଚାଲିଥିବାବେଳେ ଏପଟେ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ବିଧାନସଭା ଆଡ଼କୁ ଯିବା ପାଇଁ ଚେଷ୍ଟା କରିଥିଲେ। ଆନ୍ଦୋଳନକାରୀମାନେ ପ୍ରଥମ ଅସ୍ଥାୟୀ ବ୍ୟାରିକେଡ୍ ତାଡ଼ି ତାରଜାଲି ବ୍ୟାରିକେଡ୍ ପର୍ଯ୍ୟନ୍ତ ପହଞ୍ଚି ହୋହଲ୍ଲା କରିବା ସହ ସରକାର ବିରୋଧୀ ନାରାବାଜି ଦେଇଥିଲେ। ତାର ବାରିକେଡ୍ ଭାଙ୍ଗିବାକୁ ପ୍ରୟାସ କରିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପ୍ରାୟ କିଛି ସମୟ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସ୍ଥିତି ଭୟଙ୍କର ହେବାରୁ ପୋଲିସ ପକ୍ଷରୁ ଲାଠିଚାର୍ଜ କରାଯାଇଥିଲା। ଫଳରେ କଂଗ୍ରେସ କର୍ମୀମାନେ ଭୟରେ ଦୋଡ଼ି କିଛିବାଟ ପଛକୁ ଚାଲିଯାଇଥିଲେ। କିଛି ସମୟ ପରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଆରମ୍ଭ ହୋଇଯାଇଥିଲା ପଥର, ପାଣି ବୋତଲ, ଅଣ୍ଡା, ଟମାଟୋ, ଚେୟାର ମାଡ଼। ଫଳରେ ପୋଲିସ ଫୋର୍ସ କିଛିବାଟ ପଛକୁ ଫେରି ଆସିଥିଲା। ଏହାପରେ ଆନ୍ଦୋଳନକାରୀଙ୍କ ଉପରକୁ ପାଣିମାଡ଼ କରାଯାଇଥିଲା। ଆଣ୍ଟି ରଏଟ୍ ଗନ୍ ଦ୍ୱାରା ଆନ୍ଦୋଳକାରୀଙ୍କ ଉପରକୁ ଟିୟର ସ୍ମୋକ୍ ଛଡ଼ାଯାଇଥିଲା। ଏଥିସହ ହ୍ୟାଣ୍ଡ ସ୍ମୋକ୍ ଗ୍ରେନେଡ୍ ମଧ ଫିଙ୍ଗାଯାଇଥିଲା। ପ୍ରାୟ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଆନ୍ଦୋଳନସ୍ଥଳରେ ପ୍ରବଳ ଉତ୍ତେଜନା ସହ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଦିନ ପ୍ରାୟ ୨ଟା ୧୫ ବେଳେ ପୋଲିସ ପକ୍ଷରୁ ଜଣକ ପରେ ଜଣେ ନେତା ଓ କର୍ମୀଙ୍କୁ ଆନ୍ଦୋଳନସ୍ଥଳରୁ ଉଠାଇ ନେଇଥିଲା। ତେବେ ବିକ୍ଷୋଭ ସମୟରେ ଚେୟାର ମାଡ଼ରେ ଓଟିଭି ପ୍ରତିନିଧି ପ୍ରଭାତ ବିଶୋଇଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଘଟଣା ପରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ପୋଲିସ କର୍ମଚାରୀଙ୍କୁ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ଜଗମୋହନ ମୀନା ପ୍ରମୁଖ ଭେଟିବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଅତିରିକ୍ତ ସିପି ଭୋଳ କହିଛନ୍ତି, କଂଗ୍ରେସ କର୍ମୀମାନେ ଆଇନ ଉଲ୍ଲଙ୍ଘନ କରି ପୋଲିସକୁ ଆକ୍ରମଣ କରିଥିଲେ। ୧୫ ପୋଲିସ ଆହତଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ପୋଲିସ ଆକ୍ରମଣରେ ବହୁ କଂଗ୍ରେସ କର୍ମୀ ଆହତ ହୋଇ ଏବେ ଚିକିତ୍ସିତ ହେଉଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ସରକାର ପୋଲିସକୁ ଗୁଣ୍ଡା ସଜେଇଛନ୍ତି। କଂଗ୍ରେସ ଶାନ୍ତି ସହକାରେ ବିଧାନସଭାକୁ ଯିବାକୁ ବାହାରିଥିଲା। ହେଲେ ସରକାର ପ୍ରତିକ୍ରିୟାଶୀଳ ହୋଇ ପୋଲିସକୁ ଲଗାଇ ଅହିଂସାପଥ ଗାନ୍ଧୀମାର୍ଗରେ ହିଂସାର ତାଣ୍ଡବ ସୃଷ୍ଟି କରିଛନ୍ତି। କେବଳ ରାଜଧାନୀରେ କଂଗ୍ରେସକର୍ମୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ୮୦ ପ୍ଲାଟୁନ୍ ପୋଲିସ ଫୋର୍ସ ସହିତ ଅତିରିକ୍ତ ୧୦ ପ୍ଲାଟୁନ୍ ମହିଳା ପୋଲିସ ଫୋର୍ସ ମୁତୟନ ରହିଥିଲେ। ଯଦି ସରକାର ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇଥାନ୍ତେ, ତେବେ ଏହି ପୋଲିସ ମହିଳାଙ୍କୁ ସୁରକ୍ଷାରେ ଲଗାଇ ପାରିଥାନ୍ତେ, ଯଦ୍ୱାରା ରାଜ୍ୟରେ ମହିଳା ନିର୍ଯାତନା କମି ପାରିଥାନ୍ତା। ରାଜଧାନୀରେ ପୋଲିସ ଯେଭଳି ଭାବେ ଗୁଣ୍ଡାଗିରି ଦେଖାଇଲା, ତାହା ସବୁ ସୀମା ଲଂଘିଛି। ପ୍ରାୟ ୪୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରାଜ୍ୟରେ ମହିଳା ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଯାହାକୁ ନେଇ ପୂର୍ବ ସରକାର ମିଶନଶକ୍ତି ଯୋଜନା କରିଥିଲା। ଭାଜପା ସରକାର ମଧ୍ୟ 'ସୁଭଦ୍ରା' ଯୋଜନା ନାଁରେ ଭୋଟ ସାଉଁଟିଛି। ହେଲେ ଏବେ ମୁଖ୍ୟମନ୍ତ୍ରୀ କହୁଛନ୍ତି, ଏହା କି ପ୍ରସଙ୍ଗ ? ମହିଳାମାନଙ୍କୁ ଏ ସରକାର ଏତେ ହୀନ କ'ଣ ପାଇଁ ମଣୁଛି। ଯେପର୍ଯ୍ୟନ୍ତ ରାଜ୍ୟରେ ମହିଳା ସୁରକ୍ଷିତ ନାହାନ୍ତି, ସେପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ଭକ୍ତ କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟ ସରକାର କିଭଳି ମହିଳା ବିରୋଧୀ, ତାହା ଆଜି ପ୍ରମାଣ ହୋଇଯାଇଛି। ଗୃହରେ ବିରୋଧୀଙ୍କୁ ମାଡ଼ମାରିବା ସହ ଗାଳି କରିଥିଲେ, ଏବେ ଗାନ୍ଧୀମାର୍ଗରେ ମହିଳାଙ୍କ ପାଇଁ କଂଗ୍ରେସ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରିଥିବାବେଳେ ପୋଲିସ ଲଗାଇ ବହୁ କର୍ମକର୍ତ୍ତାଙ୍କୁ ଲହୁଲୁହାଣ କରିଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ କଂଗ୍ରେସ ତା'ର ସଂଗ୍ରାମ ଜାରି ରଖିବ ବୋଲି କାଡାମ କହିଛନ୍ତି। ଏହି ବିଧାନସଭା ଘେରାଉରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ସାମିଲ ଥିଲେ।

## ଆହତ ପୋଲିସଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୩(ସୁନିତ୍ ମିଶ୍ର)

କଂଗ୍ରେସ ଏବଂ ପୋଲିସ ମଧ୍ୟରେ ଗୁରୁବାର ଦେଖାଦେଇଥିବା ଖଣ୍ଡଯୁଦ୍ଧରେ ଦଳୀୟ କର୍ମୀଙ୍କଠାରୁ ଆରମ୍ଭକରି ପୋଲିସ କର୍ମଚାରୀ ଏବଂ ଖବରଦାତା ଆହତ ହୋଇଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଆହତ ପୋଲିସ କର୍ମଚାରୀଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ହେବାର ଭିଡିଓ ଦେଖିବାକୁ ମିଳିଛି। ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ମୁଖ୍ୟମନ୍ତ୍ରୀ ପଚାରୁଥିବା ବେଳେ ଘଟଣା ସମ୍ପର୍କରେ ପୋଲିସ ଜଣଙ୍କ ଜଣାଇଛନ୍ତି। ଏହାପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ବରିଷ୍ଠ ପୋଲିସ ଅଧିକାରୀ ହସ୍ପିଟାଲ ଯାଇ ଆହତ ପୋଲିସଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ମିଳିଥିବା ସୂଚନା ମୁତାବକ, ୧୨ରୁ ଅଧିକ ପୋଲିସ ଏହି ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

**ହସ୍ପିଟାଲ ଯାଇ ଭେଟିଲେ ମନମୋହନ**

## ନବମ, ଦଶମ ପିଲାଙ୍କୁ...

ଉକ୍ତ ଚିଠି ଅନୁସାରେ, ସୋମବାର, ବୁଧବାର ଏବଂ ଶୁକ୍ରବାର ମଧ୍ୟାହ୍ନଭୋଜନରେ ଅଣ୍ଡା ଦିଆଯିବ। ସେହିପରି ମଙ୍ଗଳବାର, ଗୁରୁବାର ଓ ଶନିବାର ପିଲାଙ୍କୁ ପୋଷଣଯୁକ୍ତ ଲଡୁ ଦିଆଯିବ। ପ୍ରତ୍ୟେକ ଲଡୁରେ ୩ଟଙ୍କା ୫୦ ପଇସା ଖର୍ଚ୍ଚ ହେବ। ଚିନାବାଦାମ, ରାଶିଗୁଣ୍ଡ ଏବଂ ମାଣ୍ଡିଆକୁ ନେଇ ଲଡୁ ପ୍ରସ୍ତୁତ କରାଯିବ। ଏଥିରେ ଆଇରନ, ଫାଇବର୍ ଏବଂ ଫ୍ୟାଟ ଭରପୂର ପରିମାଣରେ ରହିବ। ଏହା ବାହାରୁ ନୁହେଁ, ସ୍କୁଲରେ ନିୟୋଜିତ ପାଚିକାମାନେ ଏହାକୁ ପ୍ରସ୍ତୁତ କରିବେ ବୋଲି ନିର୍ଦ୍ଦେଶ ରହିଛି।

# ଲୋୟର ପିଏମ୍‌ଜିରେ କଂଗ୍ରେସ-ପୋଲିସ ଲଢ଼େଇ



ବିଧାନସଭା ଘେରାଉ ଅବସରରେ ନାରୀ ନ୍ୟାୟ ପାଇଁ ମହିଳା କଂଗ୍ରେସ ପକ୍ଷରୁ ଲୋୟର ପିଏମ୍‌ଜିରେ ଆୟୋଜିତ ସଭା।



ବିଧାନସଭା ଅଭିମୁଖେ ବାହାରିଥିବା ଶୋଭାଯାତ୍ରାରେ କଂଗ୍ରେସର ବରିଷ୍ଠ ନେତା ଓ କର୍ମୀମାନେ।



କଂଗ୍ରେସ କର୍ମୀମାନେ ପୋଲିସ ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି।



ପୋଲିସ ଉପରକୁ କଂଗ୍ରେସ କର୍ମୀମାନେ ଚେୟାର ଫିଙ୍ଗୁଛନ୍ତି।



ପୋଲିସ ପକ୍ଷରୁ ଲାଠିଚାଳନା କରାଯାଉଛି।



ବିକ୍ଷୋଭକାରୀଙ୍କ ଉପରେ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଉଛି।



ବିକ୍ଷୋଭକାରୀଙ୍କ ଉପରେ ପାଣିମାଡ଼ କରାଯାଉଛି।



ପ୍ରତିବାଦକାରୀମାନେ ଅଣ୍ଡା ଫୋପାଡୁଛନ୍ତି।



ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ପୋଲିସ ଉଠାଇ ନେଉଛି।



ଆହତ କଂଗ୍ରେସ କର୍ମୀଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଛି। (ଫଟୋ: ବିକାଶ ନାୟକ/ମନୋରଞ୍ଜନ ମିଶ୍ର)

## ବିଧାନସଭା ଭିତରେ, ବାହାରେ ଗଙ୍ଗା ଜଳ ଛିଞ୍ଚିଲା ବିଜେଡି

**ଭୁବନେଶ୍ୱର, ୨୭।୩ (ରବିନାରାୟଣ ଜେନା)**

ବିଜେଡି ବିଧାନସଭା ଭିତରେ ଓ ବାହାରେ ଅଭିନବ ଢଙ୍ଗରେ ପ୍ରତିବାଦ ଜଣାଇଛି। ଗୁରୁବାର ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିଜେଡି ସଦସ୍ୟମାନେ ବିଧାନସୌଧ ଚତୁର୍ପାର୍ଶ୍ୱ ବୁଲି ଗଙ୍ଗାଜଳ ସିଞ୍ଚନ କରିଥିଲେ। ବରିଷ୍ଠ ସଦସ୍ୟ ଅରୁଣ ସାହୁ, ଧ୍ରୁବ ସାହୁ, ପ୍ରଦୀପ ସାହୁ ପ୍ରମୁଖ ଗଙ୍ଗାଜଳ ସିଞ୍ଚନ କରି ଗୃହକୁ ପବିତ୍ର କରାଯାଉଛି ବୋଲି କହିଥିଲେ।

ସେହିପରି ଗୃହରେ ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିଜେଡି ସଦସ୍ୟ ଧ୍ରୁବ ଚରଣ ସାହୁ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଚକ୍ରମଣି କହଁର ଓ ନବ ମଲ୍ଲିକ ପ୍ରମୁଖ ହାତରେ କଳସ ଧରି ଗୃହ ମଧ୍ୟରେ ଆମ୍ବଡାଳରେ ଗଙ୍ଗାଜଳ ସିଞ୍ଚନ କରିଥିଲେ। ବିଜେଡି ସଦସ୍ୟଙ୍କ ଏଭଳି କାର୍ଯ୍ୟ ଦେଖି ବାଚସ୍ପତି ସୁରମା ପାଢ଼ୀ ଗୃହ ଭିତରକୁ କଳସ ଧରି ନ ଆସିବା ପାଇଁ ବାରଣ କରିଥିଲେ। ବାଚସ୍ପତିଙ୍କ ଅନୁରୋଧ ପରେ ବିଜେଡିର ସଦସ୍ୟମାନେ ଗୃହ ବାହାରକୁ ଚାଲିଯାଇଥିଲେ। ତେବେ ଗତ କିଛିଦିନର ଅଚଳାବସ୍ଥା ପରେ ବିଧାନସଭାର ପ୍ରଶ୍ନକାଳ ସ୍ୱାଭାବିକ ହୋଇଥିଲା। ଗୃହରେ ବିରୋଧୀ ଆସନରେ କେବଳ ବିଜେଡି ବସିଥିବା ବେଳେ ଶାସକଦଳ ସଦସ୍ୟ ରହିଥିଲେ।

ଭାଜପା ସଦସ୍ୟ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ବିଜେଡିର ଏହି କାର୍ଯ୍ୟକୁ ଦେଖି ସମାଲୋଚନା କରିଥିଲେ। ସେ କହିଥିଲେ, ବିଧାନସଭା ଏକ ପବିତ୍ର ଗୃହ, ଏଠାରେ ଯେତେ ଯାହା ହେଲେ ବି ଗଙ୍ଗାଜଳ ଛିଞ୍ଚି ପବିତ୍ର କରିବାର କୌଣସି କାରଣ ନାହିଁ। ପରେ ପ୍ରଶ୍ନକାଳ ସ୍ୱାଭାବିକ ଭାବେ ଚାଲିଥିଲା।

## ଶର୍ଟକଟ୍ ରାଜନୀତି କରିବାକୁ ଚେଷ୍ଟା କରୁଛି କଂଗ୍ରେସ: ମନମୋହନ

**ଭୁବନେଶ୍ୱର, ୨୭।୩(ସୁନିତ୍ ମିଶ୍ର)**

ବିଧାନସଭାରେ କିଛିଦିନ ହେବ କଂଗ୍ରେସ ଅଭାବନୀୟ ସ୍ଥିତି ସୃଷ୍ଟି କରି ଶର୍ଟକଟ୍ ରାଜନୀତି କରିବାକୁ ଚେଷ୍ଟା କରୁଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଅପ୍ରସଙ୍ଗକୁ ନେଇ କଂଗ୍ରେସ ରାଜନୀତି କରିବାକୁ ଅପଚେଷ୍ଟା କରୁଛି। ପବିତ୍ର ବିଧାନସଭାରେ ମର୍ଯ୍ୟାଦାର ଉଲ୍ଲଂଘନ କରାଯାଇଛି। ବାଚସ୍ପତିଙ୍କୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରାଗଲା, ତାହା ମଧ୍ୟ କୌଣସି ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ପାଖରୁ ଆଶା କରାଯାଇପାରିବ ନାହିଁ। ଗଠନମୂଳକ ପ୍ରସ୍ତାବ ଦେବା ବା ସମାଲୋଚନା କରିବାକୁ ବିରୋଧୀ ଦଳକୁ କେହି ମନା କରିନାହାନ୍ତି। ଏଥିପାଇଁ ସହଯୋଗ ଓ ବିରୋଧ ମଧ୍ୟ ଗଠନମୂଳକ ହେବା ଦରକାର। ବିଭିନ୍ନ ବିଷୟରେ ସରକାରଙ୍କୁ ଗଣତନ୍ତ୍ରରେ ସମାଲୋଚନା କରାଯାଏ। ବିରୋଧୀ ଦଳ ଯଦି ଠିକ୍ କଥା କହୁଛି କିମ୍ବା ସରକାରଙ୍କ କୌଣସି ଭୁଲ୍ ଥିଲେ ଏହାର ସଂଶୋଧନ କରିବା ପାଇଁ ମନା ନାହିଁ। ତେବେ କୌଣସି ଆଧାର ନ ଥାଇ ବିରୋଧୀ ଦଳ ଯେପରି ଆଚରଣ ପ୍ରଦର୍ଶନ କରୁଛି, ତାହା ଅତ୍ୟନ୍ତ ନିନ୍ଦନୀୟ। ସରକାର ବିଧାନସଭାରେ ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଥିଲାବେଳେ ବିରୋଧୀ ଦଳ କେବଳ ମିଛ ଅପପ୍ରଚାର କରି 'ଶର୍ଟକଟ୍ ରାଜନୀତି' କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି।

ମନମୋହନ ଆହୁରି କହିଛନ୍ତି, କଂଗ୍ରେସ ଆଲୋଚନ ନ କରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ହୋହଲ୍ଲା କରିବା ସହ ଗୃହର ମଧ୍ୟଭାଗରେ ଘଣ୍ଟି ବାଡ଼େଇ ବାଧା ସୃଷ୍ଟି କରିଥିଲା। ଏଥିରେ ସମ୍ପୃକ୍ତ ସଦସ୍ୟମାନଙ୍କୁ ନିଲମ୍ବିତ କରାଯିବା ପରେ ସେମାନେ ଏବେ ଗୁଣ୍ଡାଗର୍ଦ୍ଦି କରୁଛନ୍ତି। ସେଥିରୁ ଜଣାପଡୁଛି ବିରୋଧୀ ଦଳ ନିଜର ଭୂମିକା ଏ ପର୍ଯ୍ୟନ୍ତ ବୁଝିପାରିନାହାନ୍ତି। ଏପରିକି ନିଜ ଦାୟିତ୍ୱ ନିର୍ବାହ କରିବାକୁ ସେମାନେ ମାନସିକସ୍ତରରେ ପ୍ରସ୍ତୁତ ମଧ୍ୟ ନୁହନ୍ତି। ଏବେବି ସେମାନେ ସରକାରରେ ରହିଛନ୍ତି ବୋଲି ବୋଧହୁଏ ଭାବୁଛନ୍ତି। ସେମାନେ ଜୋସ୍‌ରେ ନ ରହି ହୋସ୍‌ରେ ରୁହନ୍ତୁ। ଭାଜପା ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଏକ ଦାୟିତ୍ୱସମ୍ପନ୍ନ ଦଳ। ଭାଜପା ମଧ୍ୟ ଏକ ଲମ୍ବା ସମୟ ଧରି ବିରୋଧୀ ଦଳ ଭୂମିକାରେ ରହିଛି। ବିରୋଧୀ ଦଳ ଭାବେ ୩ୟ ସ୍ଥାନରେ ଦୀର୍ଘ ସମୟ ଧରି କାର୍ଯ୍ୟକରିବା ପରେ ୨ନମ୍ବର ଏବଂ ଏବେ ୧ ନମ୍ବର ଦଳ ଭାବେ ନିଜର ଦାୟିତ୍ୱ ନିର୍ବାହ କରୁଛି। ଓଡ଼ିଶାର ଜନମତ ବିରୋଧୀ ଦଳକୁ ପ୍ରତ୍ୟାଖ୍ୟାନ କରିଛି, ଏକଥା ସେମାନେ ସ୍ୱୀକାର କରିବା ଦରକାର। ଯେଉଁମାନେ ପୂର୍ବରୁ କହୁଥିଲେ ଆଇନକୁ ହାତକୁ ନେବାର ଅଧିକାର କାହାର ନାହିଁ, ସେମାନେ ଆଜି ସେମାନଙ୍କ କଥା ଭୁଲିଯାଇଛନ୍ତି। ଆଇନ ଶୃଙ୍ଖଳାକୁ ହାତକୁ ନେଇ ସାଧାରଣ ଲୋକଙ୍କ ଜୀବନ ସହ ଖେଳିବାର ଅଧିକାର କାହାର ନାହିଁ। ବିରୋଧୀ ଦଳର ଏପରି ଆଚରଣ, ଉଚ୍ଚାରଣ ଓ ହିଂସାତ୍ମକ ବ୍ୟବହାରକୁ ଭାଜପା ତୀବ୍ର ନିନ୍ଦା କରୁଛି। ବିଗତ ବର୍ଷଗୁଡ଼ିକରେ କଂଗ୍ରେସ ଦୀର୍ଘ ସମୟ ଧରି ଦିଲ୍ଲୀରେ ଥିଲା। ଏହାସତ୍ତ୍ୱେ ଲୋକେ ଏହି ଦଳକୁ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ଲୋକେ କାହିଁକି ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି କଂଗ୍ରେସ ତା'ର ସମୀକ୍ଷା କରିବା ଉଚିତ। କର୍ନାଟକରେ କ'ଣ ଘଟୁଛି ସେନେଇ ଦର୍ପଣରେ ଏହି ଦଳ ନିଜ ଚେହେରା ନିଜେ ଦେଖିବା ଉଚିତ। ନାରୀ ସୁରକ୍ଷା ପ୍ରସଙ୍ଗ ଉଠାଉଥିବା କଂଗ୍ରେସ ତା'ର କଳଙ୍କିତ ଇତିହାସକୁ ଭୁଲିଯିବା ଉଚିତ ନୁହେଁ। ଛବିରାଣୀ ହତ୍ୟାକାଣ୍ଡଠାରୁ ଆରମ୍ଭକରି ଅଞ୍ଜନା ମିଶ୍ର ଘଟଣା ପର୍ଯ୍ୟନ୍ତ ସେମାନଙ୍କ କଳଙ୍କିତ ଇତିହାସ ରହିଛି। ଯେଉଁମାନେ ଓଡ଼ିଶା ଇତିହାସକୁ କଳଙ୍କିତ କରିଛନ୍ତି ସେମାନେ ଏବେ ନାରୀ ପ୍ରସଙ୍ଗ ଉଠାଇବା ଲଜ୍ଜାଜନକ ବିଷୟ ବୋଲି ମନମୋହନ କହିଛନ୍ତି।



ଯେତେଦିନ ପର୍ଯ୍ୟନ୍ତ ଦୁଷ୍ଟ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଷ୍ଟ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ

-ସୁହୀ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା, ଚନ୍ଦ୍ରକ୍ଷୟ, ନିଶିପାଳନ, ଶରଣ ଶେଷ, ସବେ-କଦର (ପୂର୍ବରାତ୍ରି), ହଳ ନିଷେଧ



# ଏସୀୟ ଏକତା ଲୋଡ଼ା



ଲି ଜଙ୍ଗ ୱା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏସିଆରେ ଭୂ-ରାଜନୈତିକ ଓ ଆର୍ଥିକ ସଙ୍କଟଜନିତ ବିପର୍ଯ୍ୟୟର ସମ୍ଭାବନା ସୃଷ୍ଟି କରିଛନ୍ତି। ଟ୍ରମ୍ପଙ୍କ ବ୍ୟବସାୟିକ କୂଟନୀତି, ସାମଗ୍ରୀ ଉପରେ ଟିକସ ଲଗାଇ ନିଜ ବାଣିଜ୍ୟ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାର ରକ୍ଷଣାତ୍ମକ ନୀତି ତଥା ଅସ୍ଥିର ନିଷ୍ପତ୍ତିକୁ ଏକୁଟିଆ ବିରୋଧ କରିବା ପାଇଁ ଏସୀୟ ଦେଶଗୁଡ଼ିକ ପାଖରେ ସ୍ୱଳ୍ପ ବିକଳ୍ପ ରହିଛି । କିନ୍ତୁ ଆଞ୍ଚଳିକ ଏକତା ହିଁ ଏହାର ସଫଳ ମୁକାବିଲା କରିପାରିବ। ସାମ୍ନାକୁ ଆସୁଥିବା ଆହ୍ୱାନଗୁଡ଼ିକୁ ମୁକାବିଲା କରିବା କଷ୍ଟକର। ଦୀର୍ଘମିଆଦୀ ବାଣିଜ୍ୟିକ ସହଯୋଗୀଙ୍କ ପ୍ରତି ଟ୍ରମ୍ପଙ୍କ କଠୋର ମନୋଭାବ ଓ ଅନ୍ୟକୁ ଡରାଇବା ଦୃଷ୍ଟିକୋଣ ଆମେରିକାର ଦୀର୍ଘ ସୁରକ୍ଷା ପ୍ରତିବଦ୍ଧତାର ସଫଳତା ଉପରେ ସନ୍ଦେହ ସୃଷ୍ଟି କରୁଛି, ଯାହା ଉପରେ ଅନେକ ଏସୀୟ ରାଷ୍ଟ୍ର ନିର୍ଭର କରନ୍ତି। ସବୁଠୁ ଖରାପ ହେଉଛି, ଆମେରିକାର ଚୁକ୍ତିବଦ୍ଧ ମିତ୍ର ଦେଶଗୁଡ଼ିକ (ଜାପାନ, ଦକ୍ଷିଣ କୋରିଆ ଏବଂ ଫିଲିପାଇନ୍ସ) ଏବଂ ଏହାର ରଣନୀତିକ ଭାଗୀଦାରି (ତାଇୱାନ୍) ମଧ୍ୟରେ ଭୟ ସୃଷ୍ଟି ହୋଇଛି ଯେ, ଟ୍ରମ୍ପ୍ ସେମାନଙ୍କ ସୁରକ୍ଷାକୁ ଅଣଦେଖା କରିପାରନ୍ତି। ଚାଇନା କିମ୍ବା ଉତ୍ତର କୋରିଆକୁ ରିହାତି ଦେଇ ଏଭଳି କରିପାରନ୍ତି।

ଏହି ସମୟରେ ବୈଶ୍ୱିକ ବାଣିଜ୍ୟ ବ୍ୟବସ୍ଥାକୁ ପୁନର୍ଗଠନ କରିବା ପାଇଁ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ପଦକ୍ଷେପସବୁ ବିଶ୍ୱ ବଜାରରେ ବାଧା ଉପୁଜାଇବା ସହ ଅଧିକ ନୀତିଗତ ଅନିଶ୍ଚିତତା ସୃଷ୍ଟି କରିଛି। ଆମଦାନୀ ଅପେକ୍ଷା ଆମେରିକାକୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନି କରୁଥିବା ଏସୀୟ ଦେଶଗୁଡ଼ିକ ବିଶେଷକରି ଚାଇନା, ଜାପାନ, ଭାରତ, ଦକ୍ଷିଣ କୋରିଆ ଏବଂ ଆସିଆନ୍ ରାଷ୍ଟ୍ରସମୂହର ବିତ୍ତୀୟ ସ୍ଥିରତା ଓ ଅଭିବୃଦ୍ଧି ଦୁର୍ବଳ ହେବାର ବିପଦ ରହିଛି। ତେବେ ଟ୍ରମ୍ପଙ୍କ ପ୍ରତିଶୋଧାତ୍ମକ ଟାରିଫ୍‌କୁ କାର୍ଯ୍ୟକାରି କରିବାକୁ କେତେକେ ପ୍ରେରିତ କରୁଥାଇପାରନ୍ତି। କିନ୍ତୁ ଏହା ସେମାନଙ୍କ ରପ୍ତାନିଭିତ୍ତିକ ଶିଳ୍ପଗୁଡ଼ିକୁ ଅତ୍ୟଧିକ କ୍ଷତି କରିବ।

ଏସୀୟ ଦେଶଗୁଡ଼ିକ ଏକାକୀ ପଦକ୍ଷେପ ନେଲେ ଆମେରିକା ସହ ବାଣିଜ୍ୟ ଚୁକ୍ତିରୁ ସୀମିତ ଲାଭ ପାଇବା ସମ୍ଭାବନା ରହିଛି। କିନ୍ତୁ ରଣନୀତିକ ଓ ସୁରକ୍ଷା ସହଯୋଗକୁ ଦୃଢ଼ କରି ଏକାଠି ଏଥିରେ ସଫଳ ହୋଇପାରିବେ। ସେମାନେ ଆସିଆନ୍, ଆସିଆନ୍ +୩ (ଚାଇନା, ଜାପାନ ଏବଂ ଦକ୍ଷିଣ କୋରିଆ) ଏବଂ ପୂର୍ବ ଏସିଆ ସମିଟ୍ ଭଳି ପ୍ଲାଟ୍‌ଫର୍ମକୁ ବ୍ୟବହାର କରି ଆମେରିକାର ନୀତି ଅନିଶ୍ଚିତତା ଓ ବୃଦ୍ଧି ପାଉଥିବା ଭୂରାଜନୈତିକ ଉତ୍ତେଜନା ବିରୋଧରେ ଏକ ସୁରକ୍ଷା ବଳୟ ସୃଷ୍ଟି କରିପାରିବେ।



ଏହାସହ ବାଣିଜ୍ୟ ଓ ବିତ୍ତୀୟ ଏକତାକୁ ମଜଭୁତ କରି ସେମାନେ ଆମେରିକା ବଜାର ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ସେମାନଙ୍କ ଅର୍ଥ ବ୍ୟବସ୍ଥାର ସାମର୍ଥ୍ୟ ବଢ଼ାଇପାରିବେ। ବାଣିଜ୍ୟ ଭାଗୀଦାରିତାକୁ ବିଭିନ୍ନ ବାଟରେ ବିକଶିତ କରିବା ଲାଗି ଅନ୍ତର୍ଜାତୀୟ ମୁକ୍ତ ବାଣିଜ୍ୟ ବୁଝାମଣା ଉପରେ ପ୍ରାଥମିକତା ଦେବା ଉଚିତ। ଅର୍ଥାତ୍ ଆରମ୍ଭରୁ କମ୍ପ୍ରେହେନ୍‌ସିଭ ଆଣ୍ଡ ପ୍ରୋଗ୍ରେସିଭ ଏଗ୍ରିମେଣ୍ଟ ଫର୍ ଟ୍ରାନ୍ସ ପାସିଫିକ ପାର୍ଟନରଶିପ୍ (ଯେଉଁଥିରେ ସଦସ୍ୟ ଦେଶ ଭାବେ ଅଷ୍ଟ୍ରେଲିଆ, ବ୍ରୁନେଇ, ଦାରୁସଲାମ, କାନାଡ଼ା, ଚିଲି, ଜାପାନ, ମାଲେସିଆ, ମେକ୍ସିକୋ, ନ୍ୟୁଜିଲାଣ୍ଡ, ପେରୁ, ସିଙ୍ଗାପୁର, ବ୍ରିଟେନ୍ ଏବଂ ଭିଏଟନାମ ରହିଛନ୍ତି)ର ର୍ୟାଙ୍କ ବଢ଼ାଇବାକୁ ହେବ। ଏବେ ଚାଇନା ଓ ଦକ୍ଷିଣ କୋରିଆ ଏହା ସହ ଯୋଗ ଦେବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି।

ଦଶଟି ଆସିଆନ୍ ଦେଶ ସମେତ ଅଷ୍ଟ୍ରେଲିଆ, ଚାଇନା, ଜାପାନ, ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ କୋରିଆକୁ ନେଇ ଗଠିତ ରିଜିଓନାଲ କମ୍ପ୍ରେହେନ୍‌ସିଭ ଇକୋନୋମିକକୁ ଦୃଢ଼ ବାଣିଜ୍ୟ ତଥା ନିବେଶ ନୀତି ଦ୍ୱାରା ଏବଂ ସମ୍ଭବତଃ ଭାରତକୁ ସାମିଲ କରି ମଜଭୁତ କରାଯିବା ଉଚିତ। ଏସିଆ ପାସିଫିକ୍‌ର ସଫଳ ଆର୍ଥିକ ଗତିଶୀଳତାକୁ ଦେଖିଲେ, ଅଧିକ ମଜଭୁତ ଆଞ୍ଚଳିକ ବାଣିଜ୍ୟ ବ୍ୟବସ୍ଥାଗୁଡ଼ିକ ଆମେରିକାର ବାଣିଜ୍ୟ ରକ୍ଷଣଶୀଳବାଦ ବିରୋଧରେ ଏକ ଶକ୍ତିଶାଳୀ ପ୍ରତିରୋଧକ ଭାବେ କାମ କରିବ।

ଆନ୍ତଃ ଆଞ୍ଚଳିକ ବାଣିଜ୍ୟକୁ ବୃଦ୍ଧି କରିବା ସକାଶେ ଏସିଆର ମଧ୍ୟ ଅନ୍ୟ ବିକଳ୍ପ ରହିଛି। ଚାଇନା, ଜାପାନ ଓ ଦକ୍ଷିଣ କୋରିଆ ସେମାନଙ୍କର ନିଜସ୍ୱ ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ଚୁକ୍ତି ଆରମ୍ଭ କରିବା ଉଚିତ। ବାସ୍ତବରେ ଜାପାନ ଓ ଦକ୍ଷିଣ କୋରିଆର ଭୂରାଜନୈତିକ ସ୍ଥିତି ଓ ଭାଗୀଦାରି ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଦେଖିଲେ ସେମାନେ ଏଥିପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ। ଚାଇନାକୁ ସାମିଲ କରିବା କିଛି ଆହ୍ୱାନ ସୃଷ୍ଟି କରିଛି। ଏହା ଅତ୍ୟଧିକ ଆଞ୍ଚଳିକ ଉତ୍ତେଜନାମୂଳକ ସାମରିକ ସ୍ୱଭାବ ଯୋଗୁ ନୁହେଁ, ବରଂ ଚାଇନାର ବୃହତ୍ ବଜାର ଓ ବିକଶିତ ପ୍ରଯୁକ୍ତି ଦକ୍ଷତାକୁ ଦେଖିଲେ ସେମାନେ ଜଟିଳ ପରିସ୍ଥିତିକୁ ସାମ୍ନା କରିବା କ୍ଷମତା ସକାଶେ ଘଟିଛି। ଗଣତାନ୍ତ୍ରିକ ନୀତିଗୁଡ଼ିକଠାରୁ ଦୂରେଇଯାଇ ଆମେରିକା ତାହାର ନିଜସ୍ୱ ଆର୍ଥିକ ସ୍ୱାର୍ଥକୁ ପ୍ରାଥମିକତା ଦେଉଥିବାରୁ ଏସୀୟ ଦେଶଗୁଡ଼ିକ ବ୍ୟବହାରିକ ବିଚାରଧାରାକୁ ଅଣଦେଖା କରି ନିଜର କ୍ଷତି କରିବା ଉଚିତ ନୁହେଁ।

ବାଣିଜ୍ୟ ବାଦ୍ ୨୦୦୮ ବୈଶ୍ୱିକ ଆର୍ଥିକ ସଙ୍କଟ ପରେ ଆରମ୍ଭ ହୋଇଥିବା ସହଯୋଗଭିତ୍ତିକ ଆଧାରକୁ ଏସିଆ ତାହାର ବିକାଶ ପାଇଁ ବ୍ୟବହାର କରିବା ଉଚିତ। ଚିଆଙ୍ଗ୍ ମଇ ଇନିସିଏଟିଭ ମଲ୍‌ଟିଲାଟେରାଲାଇଜେଶନକୁ ଦୃଢ଼ କରିବାକୁ ପଡ଼ିବ, ଯାହା ତାହାର ସଦସ୍ୟ ଦେଶଗୁଡ଼ିକୁ (ଆସିଆନ୍+୩) ସଙ୍କଟ ସମୟରେ ଆର୍ଥିକ ବଜାରର ସ୍ଥାୟିତ୍ୱ ପାଇଁ ସହଯୋଗ କରିଥାଏ। ତେବେ ଏସିଆର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଏବଂ ଅର୍ଥମନ୍ତ୍ରୀମାନେ ଏକ ଅଧିକ ପ୍ରଭାବୀ ବିତ୍ତୀୟ ସ୍ଥାୟୀ ଢାଞ୍ଚା ଯଥା ମଜଭୁତ ସଙ୍କଟ ନିୟନ୍ତ୍ରଣ ବ୍ୟବସ୍ଥା, ସମନ୍ୱିତ ନୀତିଗତ ପଦକ୍ଷେପ ଏବଂ ସ୍ୱଷ୍ଟ ଯୋଗାଯୋଗ ପାଇଁ ଏକାଠି କାମ କରିବା ଉଚିତ। ବାହ୍ୟ ଅସ୍ଥିରତା ସମୟରେ ବଜାର ଓ ବିତ୍ତୀୟ ବ୍ୟବସ୍ଥାଗୁଡ଼ିକର ସ୍ଥିରତା ପାଇଁ ଏହା କରିବାକୁ ହେବ।

ଏସିଆର ଦେଶଗୁଡ଼ିକ ପରସ୍ପର ମଧ୍ୟରେ ସହଯୋଗ ବଢ଼ାଇବା ଆବଶ୍ୟକତା ପଡ଼ିବା ପଛରେ ଟ୍ରମ୍ପ୍ ଏକମାତ୍ର କାରଣ ନୁହନ୍ତି। ଆମେରିକା ଓ ଚାଇନା ମଧ୍ୟରେ ବୃଦ୍ଧି ପାଉଥିବା ବାଣିଜ୍ୟ ଏବଂ ପ୍ରଯୁକ୍ତିଗତ ଯୁଦ୍ଧ ବିଶ୍ୱକୁ ପ୍ରତିଦ୍ୱନ୍ଦ୍ୱୀ ଆର୍ଥିକ ଗୋଷ୍ଠୀରେ ବିଭକ୍ତ କରିବାରୁ ବିପଦ ସୃଷ୍ଟି କରିଛି, ଯାହା ବିଶ୍ୱ ବାଣିଜ୍ୟ ଓ ନିବେଶରେ ଭୟଙ୍କର ବାଧା ଉପୁଜାଇବ। କିନ୍ତୁ ଭାଗୀଦାରି ଥିବା ଅନେକ ଆର୍ଥିକ ଗୋଷ୍ଠୀ ସହ ଏକାଧିକ ଶକ୍ତିଶାଳୀ ଦେଶକୁ ନେଇ ଏକ ବ୍ୟବସ୍ଥା ଗଠନ କରି ଏଭଳି ବିପଦକୁ ଦୂରେଇ ଦେବା ଲାଗି ଏବେ ବି ସମୟ ଅଛି। ଏସିଆ ଏବଂ ଏହା ବାହାରେ ଆର୍ଥିକ କ୍ଷେତ୍ରରେ ଏକତାକୁ ବଢ଼ାଇ ଏସୀୟ ଦେଶଗୁଡ଼ିକ ଭବିଷ୍ୟତକୁ ଆଖି ଆଗରେ ରଖି ଏଭଳି ବ୍ୟବସ୍ଥା ପାଇଁ କାମ ଆରମ୍ଭ କରିବା ଦରକାର। ଏକ ବିଭାଜିତ ଭୂରାଜନୈତିକ ଯୁଗରେ ଏସୀୟ ଦେଶଗୁଡ଼ିକ ବୃହତ୍ ଶକ୍ତିଗୁଡ଼ିକର ଅନାବଶ୍ୟକ ତଥା ଅପ୍ରତ୍ୟାଶିତ ବିଚାର ଯୋଗୁ କ୍ଷତିଗ୍ରସ୍ତ ହୋଇପାରନ୍ତି। କିନ୍ତୁ ସେମାନେ ବାଣିଜ୍ୟ ଭାଗୀଦାରି ଓ ବିତ୍ତୀୟ ସହଯୋଗକୁ ସୁଦୃଢ଼ କରି, ରଣନୀତିକୁ ସହଭାଗିତା ବୃଦ୍ଧି କରି ଏବଂ ଆର୍ଥିକ ସାମର୍ଥ୍ୟ ବଢ଼ାଇ ସେମାନଙ୍କର ଭବିଷ୍ୟତକୁ ନିୟନ୍ତ୍ରଣ କରିପାରିବେ। ଏହାସହ ବିଶ୍ୱ ଅର୍ଥ ବ୍ୟବସ୍ଥାର ଏକ ପ୍ରମୁଖ ବିଦ୍ଧାଣି ଭାବେ ନିଜର ସ୍ଥିତିକୁ ମଧ୍ୟ ମଜଭୁତ କରିପାରିବେ।

**ପ୍ରାଧ୍ୟାପକ (ଅର୍ଥନୀତି), କୋରିଆ ବିଶ୍ୱବିଦ୍ୟାଳୟ ତଥା ମୁଖ୍ୟ ଅର୍ଥନୀତିଜ୍ଞ ଏସିଆନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ।**

## ଏଇ ଭାରତରେ

ପ୍ରତିବର୍ଷ ଗ୍ରୀଷ୍ମଋତୁରେ ବେଙ୍ଗାଲୁରୁ ସହରରେ ଜଳ ସଙ୍କଟ ଦେଖାଯାଏ। ଆପାର୍ଟମେଣ୍ଟରେ ରହୁଥିବା ଲୋକେ ଟ୍ୟାଙ୍କର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଗଣେଶ ସନଭାଗଙ୍କ ଚେଷ୍ଟା ଯୋଗୁ ଏବେ ୩୦୦ ଆପାର୍ଟମେଣ୍ଟ ପୂର୍ବ ଭଳି ଟ୍ୟାଙ୍କର ଉପରେ ନିର୍ଭର କରୁନାହାନ୍ତି। କାରଣ ସେମାନେ ବର୍ଷାଜଳ ସଂରକ୍ଷଣ କରି ତାହାକୁ ବ୍ୟବହାର କରୁଛନ୍ତି। ଗଣେଶ ଏହି ସବୁ ଆପାର୍ଟମେଣ୍ଟରେ ବର୍ଷାଜଳ ସଂରକ୍ଷଣ କରିବା ଲାଗି ଲୋକଙ୍କୁ ସହଯୋଗ କରୁଛନ୍ତି ଏବଂ ସେ ଡିଜାଇନ କରିଥିବା ସିଷ୍ଟମରେ ବର୍ଷାଜଳ ସଂରକ୍ଷଣ ହେବା ସହ ତାହାକୁ ଫିଲଟର କରାଯାଉଛି। ଏହି ଜଳକୁ ମଧ୍ୟ ପିଇବା ପାଇଁ ବ୍ୟବହାର କରାଯାଉଛି। ସମ୍ପୂର୍ଣ୍ଣ ସିଷ୍ଟମଟି ବସାଇବା ଲାଗି ୩ ଲକ୍ଷରୁ କମ୍ ଟଙ୍କା ଖର୍ଚ୍ଚ ହେଉଛି। ପ୍ରଥମେ ସେ ୧୦୦ ଫ୍ଲାଟ ବିଶିଷ୍ଟ ଏକ ଆପାର୍ଟମେଣ୍ଟରେ ବର୍ଷାଜଳ ସଂରକ୍ଷଣ ସିଷ୍ଟମ ଲଗାଇବା ପରେ ସେ ଦୁଇମାସରେ ପାଣିବିଲ୍‌ରେ ୨ ଲକ୍ଷ ଟଙ୍କା ବଞ୍ଚାଇ ପାରିଥିଲେ। ପରେ ସେ ଏହି ସିଷ୍ଟମକୁ ଅନ୍ୟ ଆପାର୍ଟମେଣ୍ଟକୁ ସମ୍ପ୍ରସାରଣ କରିଥିଲେ। ଏବେ ୩୦୦ ଆପାର୍ଟମେଣ୍ଟରେ ଏହା ଚାଲୁ କରାଯାଇଛି। ବର୍ଷାଜଳ ଅଧିକ ସଂରକ୍ଷଣ ହେବା ପରେ ବଳକାକୁ ସକ୍‌ପିଟକୁ ପଠାଇଦିଆଯାଉଛି, ଯାହା ଭୂତଳ ଜଳସ୍ତର ବଜାୟ ରଖିବାରେ ସାହାଯ୍ୟ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ମାର୍ଚ୍ଚ ୧୯୭୬

- ଅହମ୍ମଦାନଗରଠାରୁ ୫୦ କିଲୋମିଟର ଦୂରରେ ଗୋଟିଏ ଟ୍ରଲି ନାଳ ମଧ୍ୟକୁ ଗଳିପଡ଼ିବା ଫଳରେ ୪୫ ଯାତ୍ରୀଙ୍କ ଶୋଚନୀୟ ମୃତ୍ୟୁ।
- କଂଗ୍ରେସ ପ୍ରାର୍ଥୀ ନରସିଂହ ପ୍ରସାଦ ନନ୍ଦ ଓ ସନ୍ତୋଷ କୁମାର ସାହୁ ଏବଂ ଲୋକଦଳ ପ୍ରାର୍ଥୀ ନୀଳମଣି ରାଉତରାୟ ରାଜ୍ୟସଭାକୁ ନିର୍ବାଚିତ।
- ହରିଆଣାର ରାଜ୍ୟପାଳ ଡି.ଏନ୍. ଚକ୍ରବର୍ତ୍ତୀ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ସେଶ ନିଃଶ୍ୱସ ତ୍ୟାଗ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 8 | | 1 | | | |
| | | | | | 4 | 3 | | |
| | | | | 6 | | 7 | | |
| | 7 | | | | | | | |
| 1 | | | | | | 8 | | 9 |
| | | | | 9 | | 5 | 4 | |
| | | 4 | 5 | 2 | | | 7 | |
| 7 | 3 | | | | | 2 | | |
| 2 | | | 6 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 2 | 4 | 1 | 8 | 6 | 9 | 5 |
| 8 | 4 | 6 | 5 | 9 | 7 | 2 | 1 | 3 |
| 1 | 5 | 9 | 2 | 3 | 6 | 7 | 8 | 4 |
| 4 | 7 | 5 | 1 | 8 | 3 | 9 | 2 | 6 |
| 3 | 9 | 1 | 6 | 4 | 2 | 5 | 7 | 8 |
| 6 | 2 | 8 | 9 | 7 | 5 | 3 | 4 | 1 |
| 5 | 8 | 7 | 3 | 2 | 4 | 1 | 6 | 9 |
| 9 | 6 | 4 | 7 | 5 | 1 | 8 | 3 | 2 |
| 2 | 1 | 3 | 8 | 6 | 9 | 4 | 5 | 7 |

ଗତକାଲିର ଉତ୍ତର

# ଫେରିଲେ ସୁନୀତା



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ସୁଦୀର୍ଘ ୯ ମାସରୁ ଊର୍ଦ୍ଧ୍ୱ ସମୟ ପ୍ରତୀକ୍ଷାର ଅନ୍ତ ଘଟାଇ ମାର୍ଚ୍ଚ ୧୮, ୨୦୨୫ ତାରିଖ ଅପରାହ୍ନ ୫ଟା ୫୭ ମିନିଟ୍ ସମୟରେ ମେକ୍ସିକୋ ଉପସାଗରସ୍ଥିତ ଫ୍ଲୋରିଡା ଉପକୂଳବର୍ତ୍ତୀ ଟାଲ୍ଲାହାସିଠାରେ ସ୍ପେସ୍‌ଏକ୍ସର ଡ୍ରାଗନ ଫ୍ରିଡମ୍ କ୍ୟାପ୍‌ସୁଲ୍ (କ୍ରିଉ-୯) ସାହାଯ୍ୟରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନରୁ ଫେରି ଅବତରଣକଲେ ସୁନୀତା ଉଇଲିୟମ୍ସ ଏବଂ ବୁଚ୍ ଉଇଲମୋରେ ତଥା ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଅନ୍ୟ ଦୁଇଜଣ ବ୍ୟୋମଚାରୀ ନିକ୍ ହଗ୍ ଓ ଆଲେକ୍ସାଣ୍ଡର୍ ଗୋରବୁନୋଭ। ସୁନୀତା ଓ ବୁଚ୍ ୨୦୨୪ ଜୁନ୍ ୫ରେ ମାତ୍ର ୨ ସପ୍ତାହ ପାଇଁ ବୋଇଂ କମ୍ପାନୀ ଦ୍ୱାରା ନିର୍ମିତ ତଥା ଆମେରିକାର ଜାତୀୟ ମହାକାଶ ଗବେଷଣା ସଂସ୍ଥା ବା 'ନାସା' ଦ୍ୱାରା ଅନୁମୋଦିତ ବୋଇଂ ଷ୍ଟାର୍‌ଲାଇନ୍ ମହାକାଶ ଯାନରେ ସେଠାକୁ ଯାତ୍ରା କରିଥିଲେ। ତେବେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ପରେ ଏହାର 'ପ୍ରୋପୁଲସନ' ବା ନୋଦକ ବ୍ୟବସ୍ଥାରେ ହିଲିୟମ୍ ନିର୍ଗମନ ହେତୁ କେତେକ ତ୍ରୁଟି ପରିଲକ୍ଷିତ ହେଲା। ସେଥିପାଇଁ ସେଥିରେ ନ ଫେରି ସେ ଦୁହିଁଙ୍କୁ ସେଠାରେ ଏତେଦିନ ରହିବାକୁ ପଡ଼ିଲା। ତାଙ୍କର ଏହି ପ୍ରତ୍ୟାବର୍ତ୍ତନ ପାଇଁ ବ୍ୟବହୃତ ହୋଇଛି ଏଲନ୍ ମସ୍କଙ୍କ ସ୍ପେସ୍ ଏକ୍ସ କମ୍ପାନୀ ଦ୍ୱାରା ନିର୍ମିତ କ୍ରିଉ ଡ୍ରାଗନ ମହାକାଶଯାନ।

ଆମେରିକା, ରୁଷିଆ, ୟୁରୋପୀୟ ଦେଶ ସମୂହ, ଜାପାନ ଏବଂ କାନାଡ଼ା ଭଳି ଦେଶମାନଙ୍କ ମହାକାଶ ଗବେଷଣା ସଂସ୍ଥାଗୁଡ଼ିକ ସହଯୋଗରେ ନିର୍ମିତ ହୋଇ ପୃଥିବୀର କକ୍ଷରେ ୨୦ ନଭେମ୍ବର ୧୯୯୫ରେ ସ୍ଥାପିତ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନକୁ ଯାତ୍ରା କରୁଥିବା ଏବଂ ସେଠାରେ ରହି ବିବିଧ ପରୀକ୍ଷା ନିରୀକ୍ଷା କରୁଥିବା ବ୍ୟୋମଚାରୀମାନଙ୍କୁ ନିର୍ଭର କରିବାକୁ ପଡ଼ିଥାଏ ପୃଥିବୀରୁ ପ୍ରେରିତ ଖାଦ୍ୟ ଉପରେ। ଏହାକୁ ନାନାଦି ପୁଷ୍ଟିରେ ସମୃଦ୍ଧ କରାଯାଇଥାଏ ଏବଂ ସହଜରେ ଖାଇହେଲା ଭଳି ବନ୍ଦ ପ୍ୟାକେଟ ମଧ୍ୟରେ ରଖାଯାଇଥାଏ। ଏହା ନିର୍ଜଳ ଅବସ୍ଥାରେ ଥିବାରୁ ଖାଇବା ପୂର୍ବରୁ ସେଥିରେ ଜଳ ମିଶାଇବାକୁ ପଡ଼େ। ଏହି ଜଳ ସେଠାରେ ସୃଷ୍ଟି କରାଯାଇଥାଏ ପରିସ୍ରା ଓ ଝାଳର ପୁନଃଚକ୍ରଣ ମଧ୍ୟରେ । ବାୟୁରେ ଥିବା ସାମାନ୍ୟ ପରିମାଣର ଜଳୀୟବାଷ୍ପରୁ ମଧ୍ୟ ତାହା ସଂଗ୍ରହ କରାଯାଏ। ସେହିପରି ସେମାନେ ଝାଡ଼ାଯିବା ପାଇଁ ନିର୍ମାଣ କରାଯାଇଥାଏ ମାଧ୍ୟାକର୍ଷଣର ଅନୁପସ୍ଥିତିରେ ମଳକୁ ଧରି ରଖିଲା ଭଳି ବିଶେଷ ଧରଣର ପାଇଖାନା। ଅତଏବ ସେମାନଙ୍କ ଭଳି ସୁନୀତା ଏବଂ ବୁଚ୍‌ଙ୍କୁ ସେଠାରେ ଏହିଭଳି ଅବସ୍ଥାରେ କଟାଇବାକୁପଡ଼ିଥିଲା ସେମାନଙ୍କ ଦୈନନ୍ଦିନ ଜୀବନ।

ଅନ୍ୟପକ୍ଷରେ ସେଠାର ଶୂନ୍ୟ ବା ସୂକ୍ଷ୍ମ ମାଧ୍ୟାକର୍ଷଣ ପରିବେଶ ମଧ୍ୟରେ ତାଙ୍କୁ ବିବିଧ ଶାରୀରିକ ତଥା ମାନସିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଉଦାହରଣ ସ୍ୱରୂପ, ଏଥିରେ ଶରୀରକୁ ନିଜ ଓଜନର ଭାର ବହନ କରିବାକୁ ପଡ଼େ ନାହିଁ। ଏଣୁ ମାଂସପେଶୀର ଅବକ୍ଷୟ ଘଟେ ଏବଂ ତାହା ଦୁର୍ବଳ ହୋଇପଡ଼େ। ଅତଏବ ପୃଥିବୀ ପୃଷ୍ଠକୁ ଫେରିଲା ପରେ ଏଠାର ମାଧ୍ୟାକର୍ଷଣ ମଧ୍ୟରେ ଚଳପ୍ରଚଳ ହେବା ତାଙ୍କ ପାଇଁ ସହଜ ହୁଏ ନାହିଁ। ସୁନୀତା ଏବଂ ତାଙ୍କ ସହଯାତ୍ରୀଙ୍କର ଏହି କାରଣରୁ ଗୋଡ଼, ପିଠି ଓ ବିଭିନ୍ନ ଅଙ୍ଗଭଙ୍ଗୀ ସହିତ ସମ୍ପୃକ୍ତ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଏବଂ ଚାଲିବା ପ୍ରକ୍ରିୟା ବେଶ୍ ପ୍ରଭାବିତ ହୋଇଛି। ଏପରିକି ସେମାନଙ୍କ ଶ୍ୱାସକ୍ରିୟା ଏବଂ ହୃଦ୍‌ସ୍ପନ୍ଦନ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ସେଥିପାଇଁ ସେ ଦୁହିଁଙ୍କୁ ୪୫ଦିନ ଧରି ଅଲଗା ରଖି ନାନା ପ୍ରକାର ବ୍ୟାୟାମ ଏବଂ ଚିକିତ୍ସା କରିବାର ବ୍ୟବସ୍ଥା ହୋଇଛି।



ଶୂନ୍ୟ ବା ସୂକ୍ଷ୍ମ ମାଧ୍ୟାକର୍ଷଣ ସୃଷ୍ଟି କରୁଥିବା ଅନ୍ୟ ଏକ ସମସ୍ୟା ହେଲା ଶରୀର ମଧ୍ୟରେ ରକ୍ତ, ଜଳ ବା ଅନ୍ୟାନ୍ୟ ତରଳ ପଦାର୍ଥ ମୁଣ୍ଡ ଆଡ଼କୁ ଊର୍ଦ୍ଧ୍ୱଗାମୀ ହୋଇ ପ୍ରବାହିତ ହେବା। ଏହାଫଳରେ ମୁହଁ ଫୁଲି ପିଲାଙ୍କ ମୁହଁ ଭଳି ଦେଖାଯାଏ, ମୁଣ୍ଡର ଆକାର ବୃଦ୍ଧି ପାଏ ଏବଂ ପାଦ ଦୁଇଟି ନରମ ଓ ପତଳା ହୋଇଯାଏ। ଏହା ବ୍ୟତୀତ ଶରୀର ମଧ୍ୟରେ ତରଳ ପଦାର୍ଥର ଏପରି ପୁନର୍ବଣ୍ଟନ ଆଖି ଓ ନାକ ଉପରେ ଚାପ ପ୍ରୟୋଗକରି ଦୃଷ୍ଟିଶକ୍ତି ଏବଂ ଶ୍ୱାସକ୍ରିୟାକୁ ମଧ୍ୟ ପ୍ରତିହତ କରିପାରେ। ସୁନୀତା ଓ ବୁଚ୍‌ଙ୍କଠାରେ ଏପରି ଲକ୍ଷଣ କିଛି ମାତ୍ରାରେ ପରିଲକ୍ଷିତ ହୋଇଛି। ତେବେ କାଳକ୍ରମେ ତାହା ସାଧାରଣ ଅବସ୍ଥାକୁ ଆସିଯିବ ବୋଲି ଆଶା।

ବାୟୁମଣ୍ଡଳ ବାହାରେ ଅର୍ଥାତ୍ ମହାକାଶରେ ସୂର୍ଯ୍ୟ ଏବଂ ଅନ୍ୟାନ୍ୟ ନକ୍ଷତ୍ରମାନଙ୍କଠାରୁ ଆସୁଥିବା ମହାଜାଗତିକ ରଶ୍ମିର ସମ୍ମୁଖୀନ ହେବାର ସମ୍ଭାବନା ରହିଛି । ଏହା ଦୀର୍ଘକାଳୀନ ହେଲେ କର୍କଟ ରୋଗର ସମ୍ଭାବ୍ୟ କାରଣ ହେବା ସଙ୍ଗେ ସଙ୍ଗେ କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥା ଏବଂ ହୃତ୍‌ପିଣ୍ଡ ଧମନୀୟ ବ୍ୟବସ୍ଥାକୁ ପ୍ରଭାବିତ କରିପାରେ। ଅବଶ୍ୟ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନରେ ଏଥିରୁ ସୁରକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ତେବେ, ତାହା ଯଥେଷ୍ଟ ନୁହେଁ। ଏପରିସ୍ଥଳେ ଏସବୁ ସମସ୍ୟା ସୁନୀତା ଓ ବୁଚ୍‌ଙ୍କଠାରେ ମଧ୍ୟ କିଛି ମାତ୍ରାରେ ପରିଲକ୍ଷିତ ହୋଇପାରେ। ପୁନଶ୍ଚ ମହାକାଶରେ ଦୀର୍ଘକାଳୀନ ଅବସ୍ଥାନ କେତେକ ଜିନୀୟ ପରିବର୍ତ୍ତନ ଆଣେ ବୋଲି କୁହାଯାଉଛି। ପୃଥିବୀକୁ ଫେରିଲା ପରେ ତହିଁରୁ ୭/୮ ପ୍ରତିଶତ ସାଧାରଣ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ନ ଥାନ୍ତି ଏବଂ ସେଗୁଡ଼ିକ ସେ ଅବସ୍ଥାକୁ ଆସିବାକୁ ସମୟ ଲାଗେ। ଅନ୍ୟ ପକ୍ଷରେ କେତେକ ସ୍ଥଳେ ତାହା ସେହି ଅକ୍ଷମ ଅବସ୍ଥାରେ ରହିଯାନ୍ତି। ସୁନୀତା ଓ ବୁଚ୍‌ଙ୍କଠାରେ ଏହା କେତେ ଦୂର ଘଟିଛି ତାହା ପରୀକ୍ଷା କରାଯିବ। ଏବଂ ତାହାର ପ୍ରତିକାର ସ୍ଥିର କରାଯିବ।

ମହାକାଶରେ ସୁଦୀର୍ଘ ରହଣିର ମଧ୍ୟ ରହିଛି ବିବିଧ ମାନସିକ ସମସ୍ୟା। ପରିବାର ଓ ସମାଜରୁ ବିଚ୍ଛିନ୍ନ ହୋଇ ଏକ ଅସାଧାରଣ ପରିବେଶ ମଧ୍ୟରେ ଭିନ୍ନ ଜୀବନଯାପନ ହେତୁ ସୃଷ୍ଟି ହେଉଥିବା ମାନସିକ ଚାପ ଏହାର କାରଣ। ଏ ପ୍ରଭାବ ପୃଥିବୀ ପୃଷ୍ଠକୁ ଫେରିଲା ପରେ ମଧ୍ୟ ଅନେକ ଦିନ ରହେ। ଏହିସବୁ କାରଣରୁ ସୁନୀତା ଓ ତାଙ୍କ ସହଯାତ୍ରୀ ବୁଚ୍‌ଙ୍କୁ ୪୫ ଦିନ ବାହ୍ୟଜଗତରୁ ବିଚ୍ଛିନ୍ନ ରଖି ସବୁ ପ୍ରକାର ପରୀକ୍ଷା ନିରୀକ୍ଷା ଏବଂ ଚିକିତ୍ସାର ବ୍ୟବସ୍ଥା କରାଯାଇଛି।

ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନରେ ସହଯାତ୍ରୀଙ୍କ ସହିତ ସୁଦୀର୍ଘ ୯ ମାସରୁ ଅଧିକ କାଳ ବିତାଇବା ଅବସରରେ ସୁନୀତା ବିବିଧ ଗବେଷଣା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଏହାର ଅନ୍ତର୍ଭୁକ୍ତ ଥିଲା ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା। ସେସବୁ ଶରୀର ଉପରେ ଦୀର୍ଘକାଳ ଧରି ମହାକାଶରେ ଅବସ୍ଥାନ କରିବା ଏବଂ ଦୀର୍ଘ ସମୟ ଧରି ସ୍ପେସ୍ ୱାକ୍ କରିବାର ପ୍ରଭାବ ଅଧ୍ୟୟନ, ମହାକାଶ ମଧ୍ୟରେ ଅଧିକ ଦକ୍ଷଭାବେ ଜଳ ପୁନଃଚକ୍ରଣ କରିବା, ବ୍ୟୋମଚାରୀଙ୍କ ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ପୁଷ୍ଟିଯୁକ୍ତ ଖାଦ୍ୟର ପ୍ରଭାବ ଅଧ୍ୟୟନ କରିବା ଆଦି ଉପରେ ପର୍ଯ୍ୟବସିତ ଥିଲା।

ଭାରତୀୟ ବଂଶୋଦ୍ଭବ ସୁନୀତା ଯଥାଶୀଘ୍ର ତାଙ୍କର ସାଧାରଣ ସ୍ୱାସ୍ଥ୍ୟାବସ୍ଥା ଫେରିପାଇ ସାଧାରଣ ଜୀବନଯାପନ ଲାଗି ସମର୍ଥ ହୁଅନ୍ତୁ ଏବଂ ବିଶ୍ୱର ନୂତନ ବ୍ୟୋମଚାରୀମାନଙ୍କ ପାଇଁ ଦିଗ୍‌ଦର୍ଶୀ ଓ ପ୍ରେରଣାର ଉତ୍ସ ପାଲଟନ୍ତୁ ଏହା ହିଁ ସମସ୍ତଙ୍କର କାମନା ହେଉ।

**ମୋ: ୯୯୩୭୩୦୧୪୬୦**

# ନିଜକୁ ଭଲପାଆନ୍ତୁ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଖାଇବା ବନ୍ଦ କରି ମୃତ୍ୟୁ ଆପଣାଇଲେ ୧୮ ବର୍ଷୀୟା ବାଳିକା। ଶୁଣିବାକୁ ଯେତିକି ଅବିଶ୍ୱସନୀୟ ଲାଗୁଛି ବାସ୍ତବତା ଆହୁରି ଭୟଙ୍କର। ଏକଦା ମଧୁର ଜୀବନ ବିତାଉଥିବା କେରଳର ଶ୍ରୀନନ୍ଦ ଧୀରେ ଧୀରେ ଆତ୍ମହତ୍ୟା କରିବା ଆରମ୍ଭ କଲେ– କାରଣ ସେ ପତଳା (ସ୍ଲିମ) ଦେଖାଯିବାକୁ ଚାହୁଁଥିଲେ। ଆନୋରେକ୍ସିଆ ନର୍ଭୋସା ନାମକ ଏକ ରୋଗ ଯେଉଁଥିରେ ଜଣେ ବ୍ୟକ୍ତି ଅତ୍ୟଧିକ ପତଳା ହେବାକୁ ଚେଷ୍ଟା କରି ଭୋକ ଉପାସରେ ରହିଥାନ୍ତି। ଶ୍ରୀନନ୍ଦ ନିଜକୁ ମୋଟା ମନେକରୁଥିବା ବେଳେ ଓଜନ ମାତ୍ର ୨୪ କେଜି ଥିଲା।

ଏହା କେବଳ ଏକ ଦୁର୍ଭାଗ୍ୟଜନକ ଘଟଣା ନା ଏକ ବୃହତ ସାମାଜିକ ସମସ୍ୟାର ଭୟାନକ ଚିତ୍ର? ଆଜିର ଯୁଗରେ ସୋସିଆଲ ମିଡିଆ ଓ ୟୁଟ୍ୟୁବ ଯୁବପିଢ଼ିଙ୍କ ମନରେ 'ପର୍ଫେକ୍ଟ ବଡି' ନାଁରେ ଏଭଳି ଭୟ ଭରି ଦେଇଛି, ଯାହା ଧୀରେ ଧୀରେ ସେମାନଙ୍କୁ ମୃତ୍ୟୁ ଆଡ଼କୁ ଟାଣୁଛି। ସବୁଠି ସମାନ ବାର୍ତ୍ତା: 'ପତଳା ହୁଅ, ସୁନ୍ଦର ଦିଶ, ନଚେତ୍ ତୁମେ ଗ୍ରହଣ ଯୋଗ୍ୟ ନୁହଁ!' ଶ୍ରୀନନ୍ଦଙ୍କ ମୃତ୍ୟୁ କୌଣସି ଅଲଗା ଘଟଣା ନୁହେଁ। ହଜାର ହଜାର ନାବାଳକ ଓ ଯୁବକ ଏହି ମାନସିକତାର ଶିକାର ହୋଇଛନ୍ତି। ଗବେଷଣାରୁ ଜଣାପଡିଛି ଯେ ଆନୋରେକ୍ସିଆ ନର୍ଭୋସା ରୋଗରେ ପୀଡ଼ିତ ଲୋକଙ୍କ ମଧ୍ୟରୁ ୫ରୁ ୧୦ ପ୍ରତିଶତ ମୃତ୍ୟୁବରଣ କରିଥାନ୍ତି। ଏହା ଏକ ଫ୍ୟାଶନ ଟ୍ରେଣ୍ଡ ନୁହେଁ ବରଂ ଏକ ଗମ୍ଭୀର ମାନସିକ ରୋଗ। କିନ୍ତୁ ଏହା ବିଷୟରେ ସଚେତନତା ଏତେ କମ୍ ଯେ ପରିସ୍ଥିତି ଖରାପ ନ ହେବା ପର୍ଯ୍ୟନ୍ତ ଏହାକୁ ଗମ୍ଭୀରତାର ସହ ଗ୍ରହଣ କରାଯାଏ ନାହିଁ। କ'ଣ ଆମେ ଆମର ଭବିଷ୍ୟତ ପିଢ଼ିକୁ ଏଭଳି ଭାବେ ହରାଇବୁ? କେଉଁଠି ମେଦବହୁଳତା ବୃଦ୍ଧି ତ ଆଉ କେଉଁଠି ପତଳା ହେବାକୁ ପାଗଳ। ଏହି ସମସ୍ୟା କେଉଁଠୁ ଆସିଛି? ସୋସିଆଲ ମିଡିଆ, ସିନେମା, ଫ୍ୟାଶନ ଇଣ୍ଡଷ୍ଟ୍ରି ସମସ୍ତେ ଏକାଠି ହୋଇ ଏକ ଆଦର୍ଶ ଶରୀରକୁ ସଂଜ୍ଞା ଦେଉଛନ୍ତି, ଯେଉଁଥିରେ 'ସ୍ଲିମ୍‌ନେସ' ହିଁ ସୌନ୍ଦର୍ଯ୍ୟ ଓ ସଫଳତାର ପରିଚୟ। ଝିଅମାନେ ନିଜକୁ ବଲିଉଡ ଅଭିନେତ୍ରୀ ଏବଂ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କ ସହ ତୁଳନା କରିବା ଆରମ୍ଭ କରିଦିଅନ୍ତି, ଯେଉଁମାନେ ସର୍ବଦା ପତଳା, ଟୋଣ୍ଡ ଶରୀରରେ ଦେଖାଯାଆନ୍ତି। ଏହି ଫଟୋ ପଛରେ କେବଳ କଠିନ ପରିଶ୍ରମ ନୁହେଁ ବରଂ ଏଡିଟିଂ, ଫିଲ୍ଟର ଏବଂ ବେଳେବେଳେ ବିପଜ୍ଜନକ ଡାଏଟିଂ ମଧ୍ୟ ରହିଛି ବୋଲି କୁହାଯାଇ ନ ଥାଏ। ଯେତେବେଳେ ଜଣେ କିଶୋର ଦର୍ପଣରେ ନିଜ ଛବି ଦେଖନ୍ତି, ନିଜକୁ 'ଆଦର୍ଶ' ଛବି ସହ ତୁଳନା କରନ୍ତି, ସେତେବେଳେ ସେ ନିମ୍ନମାନର ଅନୁଭବ କରିବା ଆରମ୍ଭ କରିଦିଅନ୍ତି। ତା'ପରେ ଆରମ୍ଭ ହୁଏ ଭୋଜନ ଛାଡିବା, ଅତ୍ୟଧିକ ବ୍ୟାୟାମ କରିବା ଏବଂ ନିଜକୁ ଆଘାତ ଦେବାର ବିପଜ୍ଜନକ ଚକ୍ର। ଏଥିପାଇଁ ସୋସିଆଲ ମିଡିଆ ଏକମାତ୍ର ଦୋଷୀ ବୋଲି କହିପାରିବା କି? ସମାଜରେ ପିଲାବେଳୁ ପିଲାମାନଙ୍କ ଶରୀରକୁ ନେଇ କଟାକ୍ଷ ଶୁଣିବାକୁ ପଡ଼େ– 'ଏତେ ମୋଟା ହୁଅନାହିଁ', 'ପତଳା ରହିଲେ ଭଲ ଦେଖାଯିବୁ'। ବିଶେଷ କରି ଝିଅମାନଙ୍କ ଉପରେ ଏହି ଚାପ ଅଧିକ ରହିଥାଏ। ଡାକ୍ତରଙ୍କ କହିବା ଅନୁଯାୟୀ, ଆନୋରେକ୍ସିଆ କେବଳ ଏକ ଶାରୀରିକ ସମସ୍ୟା ନୁହେଁ ବରଂ ଏହା ଏକ ମାନସିକ ରୋଗ ମଧ୍ୟ। ଏହାର ଶିକାର ହେଉଛନ୍ତି ଅତ୍ୟଧିକ ପରଫେକ୍ସନିଷ୍ଟ, ଯେଉଁମାନେ (ସମାଜ ସେମାନଙ୍କଠାରୁ ଅନେକ କିଛି ଆଶା କରେ) ଚାପରେ ଅଛନ୍ତି। ଏମାନେ ଭୋକ ଉପାସରେ ରହିଥାନ୍ତି, ଶରୀରରେ ଶକ୍ତିର ଅଭାବ ଥାଏ, ଅଙ୍ଗ କାମ କରିବା ବନ୍ଦ କରିଦିଏ ଏବଂ ଧୀରେ ଧୀରେ ମୃତ୍ୟୁର ନିକଟତର ହୋଇଯାଆନ୍ତି। ଏହି ସମସ୍ୟାର ମୂଳକୁ ଯିବା ଜରୁରୀ। ପ୍ରଥମେ ଆମକୁ ନିଜ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ସମସ୍ତେ ଅବାସ୍ତବ ସୌନ୍ଦର୍ଯ୍ୟ ଅନୁସରଣ କରିବା ପରିବର୍ତ୍ତେ ନିଜ ଶରୀରକୁ ଗ୍ରହଣ କରନ୍ତୁ। ନିଜକୁ ଭଲ ପାଆନ୍ତୁ ଏବଂ ନିଜ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଅନ୍ତୁ। ମାତାପିତାଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ପଡ଼ିଲେ ମାନସିକ ସହାୟତା ନେବାକୁ ପଛଘୁଞ୍ଚା ଦିଅନ୍ତୁ ନାହିଁ। ଶ୍ରୀନନ୍ଦ ଚାଲିଗଲେ, କିନ୍ତୁ ଗୋଟିଏ ପ୍ରଶ୍ନ ଛାଡିଗଲେ: ଆମେ କେବେ ଜାଗ୍ରତ ହେବୁ ? କ'ଣ ଆମେ ଏହି 'ପତଳାପଣ ପ୍ରତି ଆବେଗ'କୁ ଅଧିକ ଜୀବନ ନେବାକୁ ଅନୁମତି ଦେବୁ? ଜଣେ ଚିନ୍ତକ ଲେଖିଛନ୍ତି, ମନୁଷ୍ୟର ସବୁଠାରୁ ବଡ଼ ଉପଚାର ହେଉଛି ଶାନ୍ତି, ସୁଖ ଓ ପୋଷଣ। ଆମ ସମାଜ ଏବଂ ନିଜକୁ ବୁଝାଇବାର ସମୟ ଆସିଛି ଯେ ପ୍ରକୃତ ସୌନ୍ଦର୍ଯ୍ୟ ଏକ ସୁସ୍ଥ ଶରୀର ଏବଂ ସୁଖୀ ମନରେ ଅଛି।

**ମୋ: ୯୪୩୭୬୪୨୯୪୭**

## ଚିରନ୍ତନୀ

ଏକାକୀ କେତେ ପଥିକ ଏଥି
ଚଳଇ ମୋହ ସରି
ବିଫଳ ଅବା ସଫଳ ଶତ
ବାସନା ହୃଦେ ଭରି।

–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାହକ ମହଲରେ ଅସନ୍ତୋଷ

ମହାଶୟ,

ରାଜ୍ୟରେ ଖୁଚୁରା ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ୯୧ ପଇସା ବୃଦ୍ଧିପାଇବ। ବର୍ତ୍ତମାନ ହାରାହାରି ଖୁଚୁରା ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ୫ ଟଙ୍କା ୭୩ ପଇସା ଅଛି ଓ ୯୧ ପଇସା ବୃଦ୍ଧି ପାଇଲେ ୟୁନିଟ୍ ପିଛା ୬ଟଙ୍କା ୬୪ ପଇସା ହୋଇଯିବ। ଇତିମଧ୍ୟରେ ବିଦ୍ୟୁତ୍ ଦର ବୃଦ୍ଧି ନେଇ ଓଇଆରସିରେ ଚାଲିଥିବା ଜନଶୁଣାଣି ଶେଷ ହୋଇଛି। ରାଜ୍ୟରେ ୮ ମାସ ଶାସନ ପରେ କ୍ଷମତାସୀନ ଭାଜପା ସରକାର ନିଜ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ୩ଶହ ୟୁନିଟ୍ ମାଗଣା ବିଜୁଳି ଦେବା ପରିବର୍ତ୍ତେ ଏବେ ବିଜୁଳି ଦେୟ ୟୁନିଟ୍ ପିଛା ୧୨ ପଇସା ବୃଦ୍ଧି ପାଇଁ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଓଇଆରସିଙ୍କ ନିକଟରେ ଟିପିସିଓଟିରେ ପ୍ରସ୍ତାବ ଦେବା ଦୁର୍ଭାଗ୍ୟଜନକ। ରାଜ୍ୟରେ ବିଦ୍ୟୁତ୍ ଦର ଯଦି ୧ ପଇସା ବୃଦ୍ଧି ହେବ ତା'ହେଲେ ରାଜ୍ୟ ବ୍ୟାପୀ ଜୋରଦାର ଆନ୍ଦୋଳନ କରାଯିବ। ସବୁ ଜାଣି ରାଜ୍ୟ ସରକାର ଏହି ମାମଲାରେ ଚୁପ୍ ରହିଛନ୍ତି। ରାଜ୍ୟ ସରକାର ବିଦ୍ୟୁତ୍ ଦର ନିୟନ୍ତ୍ରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ, ଚିନ୍ତାଶୀଳ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ଦାବି କରିଛନ୍ତି।

**–ଦେବତିକ୍ତ ମିଶ୍ର, ଦେବଭବନ ରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରକ ଧକ୍କାରେ ଯୁବକ ମୃତ

ସଇଁତଲା,୨୭।୩(ରାଖାଲ ପ୍ରସାଦ ଶତପଥୀ)

ଗୁରୁବାର ପୂର୍ବାହ୍ନରେ ବଲାଙ୍ଗୀର ଜିଲା ସଇଁତଲା ଥାନା ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ଜ୍ଞାନ ରଞ୍ଜନ ବେହେରା। ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ବଲାଙ୍ଗୀର ପଟରୁ ଏକ ଟ୍ରକ ଦ୍ରୁତଗତିରେ ଭବାନୀପାଟଣା ଅଭିମୁଖେ ଯାଉଥିବା ବେଳେ ସଇଁତଲା ଥାନା ନିକଟରେ ବାଇକ୍‌ରେ ଯାଉଥିବା ଜ୍ଞାନ ରଞ୍ଜନଙ୍କୁ ଧକ୍କା ଦେଇ କିଛି ଦୂର ଘୋଷାଡ଼ି ନେଇଥିଲା। ତୁରନ୍ତ ଜ୍ଞାନଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜ୍ଞାନଙ୍କ ସହ ଅନ୍ୟ ଜଣେ ଯୁବକ ବାଇକ୍‌ରେ ବସି ଯାଉଥିବା ବେଳେ ସେ ବାଇକ୍‌ରୁ ଛିଟିକି ଯାଇ ଆହତ ହୋଇଥିଲେ। ଜ୍ଞାନ ବିବାହ କାର୍ଡ଼ ଦେବା ପାଇଁ କଳାହାଣ୍ଡି ଜିଲା ରୁପ୍ରା ଗ୍ରାମକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ପୋଲିସ ଟ୍ରକକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିବା ଜଣାଯାଇଛି।

### ମାହେଶ୍ୱରୀ ଜି.ଏନ.ଏମ. ନର୍ସିଂ କଲେଜ ଉଦ୍‌ଘାଟିତ

ଟିଟିଲାଗଡ଼,୨୭।୩(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ଠାରେ ମାହେଶ୍ୱରୀ ଜି.ଏନ.ଏମ. ନର୍ସିଂ କଲେଜ ବୁଧବାର ଉଦ୍‌ଘାଟିତ ହୋଇଛି । ଏହି ଉପଲକ୍ଷେ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ ଡିଏଭି କଲେଜ ପ୍ରିନ୍ସିପାଲ ପ୍ରଣବ କୁମାର ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ଅଧକ୍ଷ ପିଙ୍କୁ ସାହୁ,ଅଧାପିକା ଆଶାଲତା ଭୋଇ, ସୁଶ୍ରୀ ପ୍ରିୟଦର୍ଶନୀ ପ୍ରଧାନ, ଦେବବ୍ରତ ଛତର,ସୋମ୍ୟ ରଞ୍ଜନ ସାହୁ, ଗୋବିନ୍ଦ ସାହୁ, ପୀତାମ୍ବର ନାଗ, ଅନୁପ ଭୋଇ, ଗୋବିନ୍ଦ ଚରଣ ପଟେଲ, ଶ୍ରୀକାନ୍ତ ରାଉତ ଅତିଥି ଭାବେ ଯୋଗ ଦେଇଥିଲେ । ଶିବ ପ୍ରସାଦ ପରିଡା, ଦିଲୀପ ପୁରୋହିତ, ଦୀପକ ସମାଜଦାର, ମନୋଜ ଶତପଥୀ, ମାନସ ମହାନ୍ତି, ପଙ୍କଜ ଅଗ୍ରୱାଲ, ଅଶୋକ ପାତ୍ର, ହରେକୃଷ୍ଣ ଆଦି ପ୍ରମୁଖ ଉପସ୍ଥିତ ଥିଲେ । ଚଳିତବର୍ଷ ଉକ୍ତ ନର୍ସିଂ କଲେଜରେ କିଭଳି ଛାତ୍ରୀଛାତ୍ରମାନେ ନାମ ଲେଖାଇ ପାରିବେ ସେନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ପୂଜାରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଭାକର ମିଶ୍ର ଓ ତାଙ୍କ ସ୍ତ୍ରୀ ବୀଣାପାଣି କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ ।

### ମା’ ସାହାଜି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଧାମନଡ଼ଙ୍ଗା ଚାମ୍ପିୟନ

ମୁରିବାହାଲ,୨୭।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ଗ୍ରାମରେ ଚାଲିଥିବା ମା’ ସାହାଜି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଧାମନଡ଼ଙ୍ଗା ଓ ବରତୁଣ୍ଡା ଦଳ ଫାଇନାଲ ମ୍ୟାଚକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିରେ ବରତୁଣ୍ଡା ଦଳ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୬୮ ରନ ସଂଗ୍ରହ କରିଥିଲା। ଜବାବ ରେ ଧାମନଡ଼ଙ୍ଗା ବ୍ୟାଟିଂ କରି ୭ ଓଭରରେ ୪ ଉଇକେଟ ହରାଇ ୬୯ ସଂଗ୍ରହ କରି ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଥିଲା। ରିକି ବାଗ ଓ ଭୂତେଶ୍ୱର ହଂସ ଖେଳ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମା’ ସାହାଜି ଯୁବକ ସଂଘର ସଭାପତି ଜିତାମିତ୍ର ବିଶି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପେଷାଦାର ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ସମ୍ମାନିତ ଅତିଥି ଭାବେ ରୋଷନ ବିଶି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରି ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ ଭାବେ ନରେଶ ଓ ମ୍ୟାନ ଅଫ ଦ ସିରିଜ ଭାବେ ଫକୀରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ପରମାନନ୍ଦ ଛତ୍ରିଆ ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଡୁଡୁକାରୁ ଉଦ୍ଧାର ବିରଳ ପ୍ରାଚୀନ ପଥର ମୂର୍ତ୍ତି

ଲୋଇସିଂହା,୨୭।୩(ସୁଶାନ୍ତ ବାରିକ)


ପୋଖରୀରୁ ଉଦ୍ଧାର ବରକନ୍ୟା ଚିତ୍ର ଥିବା ପଥର ମୂର୍ତ୍ତି।

ଗୁରୁବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମୁଖ୍ୟାଳୟ ଡୁଡୁକା ଗ୍ରାମର ଖଜୁରୀବନ୍ଧ ପୁନରୁଦ୍ଧାର ବେଳେ ଏକ ବିରଳ ପ୍ରାଚୀନ ପଥର ମୂର୍ତ୍ତି ଉଦ୍ଧାର ହୋଇଛି। ଉକ୍ତ ପଥର ମୂର୍ତ୍ତିରେ ବରକନ୍ୟାଙ୍କ ଯୁଗଳ ଚିତ୍ର ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ବହୁ ପୁରାତନ ହୋଇଥିବାରୁ ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ । ଏହି ପଥର ମୂର୍ତ୍ତିର ସରଂକ୍ଷଣ ସାଙ୍ଗକୁ ଅଧିକ ଗବେଷଣା ଆବଶ୍ୟକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

ପ୍ରକାଶ ଯେ, ଡୁଡୁକା-ସାଲେଭାଟ ରାସ୍ତା ପାର୍ଶ୍ୱ ତଥା ପ୍ରାଣୀ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ଖଜୁରୀ ବନ୍ଧ(ପୋଖରୀ) ରହିଛି। ଉକ୍ତ ପୋଖରୀର ପରିସୀମା ପ୍ରାୟ ୧୦ଏକର ହେବ । ବୁଧବାରଠାରୁ ଉକ୍ତ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି । ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜେସିବି ମେଶିନ ବ୍ୟବହାର ହେଉଛି। ତେବେ ଗୁରୁବାର ଉକ୍ତ ପୋଖରୀରୁ କେତେକ ପଥର ମୂର୍ତ୍ତି ବାହାରିଥିଲା। ସେଥିମଧ୍ୟରୁ ବରକନ୍ୟାର ଯୁଗଳ ଚିତ୍ର ରହିଥିବା ଏକ ପଥର ମୂର୍ତ୍ତି ରହିଛି। ଏପରିକି ପଥରର ଢୋଲ, ନିଶାନ ବାହାରିଛି। ଏହା ଜଣାପଡିବା ପରେ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ ଜମିଥିଲା । ଲୋକକଥା ଅନୁଯାୟୀ, ପାରମ୍ପରିକ ରୀତିନୀତିରେ ବିବାହ ସାରି ଉକ୍ତ ରାସ୍ତାରେ ପ୍ରତ୍ୟାବର୍ତ୍ତନ ସମୟରେ କୁଆଡେ ସେହି ସ୍ଥାନରେ ବରକନ୍ୟା କୌଣସି କାରଣରୁ ପଥର ପାଲଟି ଯାଇଥିଲେ । ତେଣୁ ପୂର୍ବରୁ ଉକ୍ତ ପୋଖରୀ ସଂଲଗ୍ନ ରାସ୍ତାରେ ବରଯାତ୍ରୀ ଯାଉ ନ ଥିବାର ଜନଶ୍ରୁତି ରହିଛି । ଡୁଡୁକା ଗ୍ରାମରେ ବସବାସ କରୁଥିବା ସଂହରା ସମ୍ପ୍ରଦାୟର ମାଝୀ ସାଙ୍ଗିଆଧାରୀମାନେ ଆଜି ବି ଉକ୍ତ ପୋଖରୀରେ ଗାଧୋଇ ନ ଥାନ୍ତି । ଉଦ୍ଧାର ପଥର କେଉଁ ସମୟର ଏବଂ କଣ ସବୁ କିମ୍ବଦନ୍ତୀ ରହିଛି ଏ ଦିଗରେ ଜିଲା ପ୍ରଶାସନ ଓ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେଇ ଗବେଷଣା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏ ସମ୍ପର୍କରେ ଆଗଲପୁର ବିଡିଓ ମହାପାତ୍ର କୁଳଦୀପ ମହାନ୍ତିଙ୍କୁ ପଚାରିବାରୁ ତାହା ତାଙ୍କ ଦୃଷ୍ଟିକୁ ଆସିନାହିଁ। ପଚାରି ବୁଝିବି ବୋଲି ସେ କହିଥିଲେ।

## ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ସହ ଅତିଥି ଓ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ।

ବେଲପଡା,୨୭।୩(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ାସ୍ଥିତ ଆସ୍ଥା ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଥିବା ୧୪ ଜଣ ଛାତ୍ରୀଛାତ୍ର ଆଦର୍ଶ ବିଦ୍ୟାଳୟ ଓ ପ୍ରଧାନମନ୍ତ୍ରୀ ଶ୍ରୀ ନବୋଦୟ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଷଷ୍ଠ ଶ୍ରେଣୀରେ ନାମ ଲେଖିବା ପାଇଁ ମନୋନୀତ ହୋଇଛନ୍ତି। ଏହି ଉପଲକ୍ଷେ ଗୁରୁବାର ବିଦ୍ୟାଳୟ ପରିସରରେ ବରିଷ୍ଠ ଶିକ୍ଷକ ସିଦ୍ଧେଶ୍ୱର ମେହେରଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ସ୍କୁଲର ପୂର୍ବତନ ଚେୟାରମ୍ୟାନ ଶଙ୍କର ପ୍ରସାଦ ଜୈନ ଯୋଗଦେଇ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ହେଲେ ଆଶିଷ ମେହେର, ସୁରଜିତ ନାରାୟଣ ପଣ୍ଡା, ସୁମିତ ମେହେର,ବିଶ୍ୱରଞ୍ଜନ କରୁଆଁ, କ୍ରିଷ୍ଣା ମେହେର, ପ୍ରତ୍ୟୁଷ ମେହେର, ଅମୃତ ମେହେର, ଶ୍ରୀୟଂଶି ପୁରୋହିତ, ଅଂଶୁମାନ ମେହେର, ଆୟୁଷ୍ମାନ ଖମାରି, ଦର୍ଶିଲ ମହାନନ୍ଦ ଓ ସ୍ପନ୍ଦନ ଯୋଶୀ, ପ୍ରତ୍ୟୁଷ କୁମାର ଭୋଇ, ଶୀତଲ ମେହେର। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବେଲପଡ଼ାସ୍ଥିତ ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷାରେ ବେଲପଡ଼ା ଆସ୍ଥା ପବ୍ଲିକ ସ୍କୁଲର ଛାତ୍ର ସୁରଜିତ ନାରାୟଣ ପଣ୍ଡା ଜିଲା ଟପର ହେଇଛନ୍ତି।

## ଖଣି ଅଧିକାରୀ-ବାଲି ଲୁଟେରାଙ୍କ ଭିତିରି ସମ୍ପର୍କର ତଦନ୍ତ ଦାବି

ବଲାଙ୍ଗୀର,୨୭।୩(ବୀରେନ୍ଦ୍ର କୁମାର ଝାଙ୍କର)

**ଇସ୍ପାତ, ଖଣି ବିଭାଗ ମନ୍ତ୍ରୀଙ୍କୁ ଚିଠି ଲେଖିଲେ କଳିକେଶ**

ବଲାଙ୍ଗୀର ସହରରେ ବେଆଇନ ଭାବେ ବାଲି ଲୁଟ୍ ଏବଂ ଖଣି ଅଧିକାରୀ ଓ ବାଲି ଲୁଟେରାଙ୍କ ଭିତିରି ସମ୍ପର୍କର ତଦନ୍ତ କରିବାକୁ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂଦେଓ ରାଜ୍ୟ ଇସ୍ପାତ ଏବଂ ଖଣି ବିଭାଗ ମନ୍ତ୍ରୀଙ୍କୁ ଚିଠି ଲେଖି ତଦନ୍ତ ଦାବି କରିଥିବା ଜଣାପଡିଛି। ବିଧାୟକ ସିଂଦେଓ କହିଛନ୍ତି, ବାଲି ଲୁଟେରାଙ୍କ ଯୋଗୁ ବଲାଙ୍ଗୀର ସହରରେ ବାଲିର ଅଭାବ ପରିସ୍ଥିତି ସୃଷ୍ଟି ହୋଇଛି। ବଲାଙ୍ଗୀର ଖଣି ଅଧିକାରୀ ଛୋଟ ଟ୍ରାକ୍ଟରରେ ଯେଉଁମାନେ ବ୍ୟକ୍ତିଗତ ନିର୍ମାଣ ପାଇଁ ବାଲି ଆଣୁଛନ୍ତି ସେମାନଙ୍କୁ ଅଧିକ ଅର୍ଥଦଣ୍ଡ କରୁଛନ୍ତି। ମାତ୍ର ଯେଉଁ ଖଣି ଠିକାଦାରମାନେ ନକଲି କିମ୍ବା ଅବୈଧ ଦଲିଲରେ ବାଲି ଆଣୁଛନ୍ତି ସେମାନଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବିଧାୟକ ସିଂଦେଓ ଅଭିଯୋଗ କରିଛନ୍ତି, ବାଲି ସଂକ୍ରାନ୍ତୀୟ ଅବ୍ୟବସ୍ଥାକୁ ନେଇ ବହୁବାର ସମୀକ୍ଷା ବୈଠକରେ ପ୍ରଶ୍ନ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଛୋଟ ବ୍ୟବସାୟୀ ଓ ଗ୍ରାମୀଣ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲି ଦାମ ବୃଦ୍ଧି ପାଇଛି। ବିଧାୟକ ସିଂଦେଓ ବଲାଙ୍ଗୀର ଖଣି ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଦାବି କରିଛନ୍ତି। ଅବୈଧ ଦଲିଲ ଦେଉଥିବା ବାଲି ଲୁଟେରା ଓ ଖଣି ଠିକାଦାରମାନଙ୍କୁ ଉଚିତ୍ ଦଣ୍ଡ ଦେବାକୁ ଦାବି କରିଛନ୍ତି। ବଲାଙ୍ଗୀର ସହରକୁ ବାଲି ଯୋଗାଉଥିବା ବାଲିଘାଟଗୁଡ଼ିକର ଷ୍ଟକ ଓ ବିକ୍ରୟ ତଥ୍ୟର ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଉପଭୋକ୍ତା ଓ ଗୃହ ନିର୍ମାଣକାରୀମାନଙ୍କ ପାଇଁ ଏକ ସ୍ପଷ୍ଟ ନିୟମ ତିଆରି କରିବାକୁ ସେ ଦାବି କରିଛନ୍ତି। ବିଧାୟକ ସିଂଦେଓ ମୁଖ୍ୟ ସଚିବ, ଖଣି ବିଭାଗ ସଚିବ ଓ ବଲାଙ୍ଗୀର ଜିଲାପାଳଙ୍କୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଜମାଖାତାରୁ ଟଙ୍କା ଆତ୍ମସାତ ଅଭିଯୋଗ

ଲୋଇସିଂହା,୨୭।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଖଲିଆପାଲି ଗ୍ରାମର କୁମୁଦିନୀ ପଟେଲ(୬୫)ଙ୍କ ଜମାଖାତାରୁ ଟଙ୍କା ଆତ୍ମସାତ ହୋଇଥିବା ନେଇ ଅଭିଯୋଗ ହୋଇଛି । ବୁଧବାର ସମ୍ପୃକ୍ତ ବୃଦ୍ଧା ଜଣକ ନ୍ୟାୟ ଦାବିରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଖଲିଆପାଲି ଗ୍ରାମରେ ଏକ ସେବାକେନ୍ଦ୍ର ରହିଛି। ୨୦୧୪ ମସିହାରୁ କୁମୁଦିନୀ ଉକ୍ତ ସେବା କେନ୍ଦ୍ରରେ ଖାତା ଖୋଲି ସେବେଠାରୁ କାରବାର କରି ଆସୁଥିଲେ। ପାସ୍‌ବୁକ ଜରିଆରେ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ। କିନ୍ତୁ ସେ ପ୍ରାୟ ୬ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରେ ସମ୍ପୃକ୍ତ ବ୍ୟାଙ୍କକୁ ଯାଇ ଖୋଳତାଡ କରିବା ପରେ ତାଙ୍କ ଟଙ୍କା ଆତ୍ମସାତ ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଠକେଇ କାରବାରରେ ସେବାକେନ୍ଦ୍ର କର୍ମଚାରୀ ଓ ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବାର କୁମୁଦିନୀ ଅଭିଯୋଗରେ ଦର୍ଶାଇଛନ୍ତି । ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।

## ରାଜ୍ୟସ୍ତରୀୟ ମହାକୋଶଳ କୋଶଲୀ ନାଟବାଦୀ-ନାଟ ଯାତ୍ରା ଉଦ୍‌ଘାଟିତ


ନାଟକ ‘ଅମୃତ ମହୋତ୍ସବ’ର ଏକ ଦୃଶ୍ୟ।

ବଲାଙ୍ଗୀର,୨୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗର ସହର ଉପକଣ୍ଠ ସଦାଇପାଲି ପଲ୍ଲୀଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ମଣ୍ଡପରେ ବୁଧବାର ସନ୍ଧ୍ୟାରେ ରାଜ୍ୟସ୍ତରୀୟ ମହାକୋଶଳ କୋଶଲୀ ନାଟବାଦୀ ନାଟ ଯାତରା ଉଦ୍‌ଘାଟିତ ହୋଇଛି। ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଓ ତାଙ୍କ ସହଧର୍ମିଣୀ ସୁଲୋଚନା ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର କୋଶଲୀ ନାଟବାଦୀ-ନାଟଯାତ୍ରା ୨୦୨୫କୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ନାଟକ ଭାବେ ବରଗଡ ଜିଲାର ସୋହେଲା ଡ୍ରାମା ଚେତନା ସଂସ୍ଥାର କଳାକାରମାନେ ନାଟ୍ୟକାର ରାଜେଶ କୁମାର କାରିଆଙ୍କ ଲିଖିତ ତଥା ଡ. ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ‘ଅମୃତ ମହୋତ୍ସବ’ ନାଟକ ପରିବେଷଣ କରିଥିଲେ। ପ୍ରଥମ ନାଟକ ମଞ୍ଚସ୍ଥ ହେବା ପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଙ୍ଗଠକ ହରି ନାରାୟଣ ପୂଜାରୀ ଅଧ୍ୟକ୍ଷତା କରିଥିଲେ। ସଙ୍ଗଠକ ହିମାଂଶୁ ଶେଖର ପାଢୀ, ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ ଓ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ମଞ୍ଚାସୀନ ହୋଇଥିଲେ। ମୁଖ୍ୟଅତିଥି ଭାବେ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ପରେ ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ବ୍ରଜମୋହନ ମିଶ୍ରଙ୍କ ସ୍ମୃତିରେ ମଞ୍ଚ ସମର୍ପିତ ହୋଇଥିଲା। ନାଟ୍ୟକାର ଚିତ୍ତ ରଞ୍ଜନ ଦାଶଙ୍କୁ କୋଶଲ ଗୌରବ ନାଟ୍ୟ ସମ୍ମାନ ଓ ଦେବରାଜ ସାହୁଙ୍କୁ ଭାଷା ସାହିତ୍ୟ ସମ୍ମାନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ୪ ଦିନରେ ମୋଟ ୨ଟି କୋଶଲୀ ନାଟକ, ୨ଟି ଗୀତିନାଟ୍ୟ ଓ ଗୋଟିଏ ଓଡିଆ ନାଟକ ମଞ୍ଚସ୍ଥ ହେବ ବୋଲି ଆୟୋଜକ ରାମଜୀ ଯୁବକ ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ର କହିଛନ୍ତି। ଦ୍ୱିତୀୟ ନାଟକ ଭାବେ ସୋହେଲାର ରାମଲୀଳା କଳାକାରମାନେ ଅଗସ୍ତି ଭୋଇଙ୍କ ନିର୍ଦ୍ଦେଶିତ ଗୀତିନାଟ୍ୟ ସୀତାଚୋରି ପରିବେଷଣ କରିଥିଲେ। ରାମଜୀ ଯୁବକ ସଂଘର ବରିଷ୍ଠ ସଦସ୍ୟ ରମେଶ ନାଏକ, ବିରଞ୍ଚି ସାଏ ତଥା ଆୟୋଜକ କମିଟି ସଦସ୍ୟା ତୃପ୍ତିମୟୀ ମିଶ୍ର, ନମିତା ପଟେଲ, ଲୋପାମୁଦ୍ରା ମିଶ୍ର, ସନ୍ତୋଷ ବ୍ରହ୍ମା, ଆଦିତ୍ୟ ପଟ୍ଟନାୟକ, ପ୍ରଫୁଲ୍ଲ ମିଶ୍ର, ଅଶୋକ ପଧାନ, ଦେବାଶିଷ ପଟ୍ଟନାୟକ, ଜୟନ୍ତ ପଟେଲ ତଥା ଲୋକନାଥ ସିଂ ସହଯୋଗ କରିଥିଲେ। ଶେଷରେ ପ୍ରଶାନ୍ତ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜରାସିଂହାକୁ ହରାଇ ବୌଦ୍ଧ ବିଜୟୀ


ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ।

ବଲାଙ୍ଗୀର,୨୭।୩(ବୀରେନ୍ଦ୍ର କୁମାର ଝାଙ୍କର)

**ମହାରାଜା ଆରଏନ୍ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ**

ମହାରାଜା ଆରଏନ୍ ସିଂଦେଓ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ ଗୁରୁବାର ଗେହ୍ଲାମା ଏଫ୍‌ସି ବୌଦ୍ଧ ୨-୧ ଗୋଲରେ ବିଏନ୍‌ଏଏ ଜରାସିଂହା ଦଳକୁ ହରାଇ ବିଜୟୀ ହୋଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡୁଡା ପିଡି ତରଣୀସେନ ସୁନା, ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଓୟୁଜେ ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ଜିଲା କ୍ରୀଡା ସଂସଦ ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ ଓ କମିଟି ବରିଷ୍ଠ ସଦସ୍ୟ ସୁଶୀଲ କୁମାର ଚାନ୍ଦ ଯୋଗ ଦେଇଥିଲେ। କ୍ରୀଡା ସଂସଦର କୋଷାଧକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, ସଞ୍ଜୀବ ମହାରଣା, କରୁଣାକର ପ୍ରଧାନ ଓ ଜିତୁ କୁମାର ଦଳାଇ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ପୂର୍ବତନ ଖେଳାଳି ଅଜିତ କୁମାର ସାହୁ ଓ ଦିଲୀପ ସେଠଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଖେଳର ଶ୍ରେଷ୍ଠ ଖେଳାଳି ଭାବେ ବୌଦ୍ଧ ଦଳର ଜିତେନ୍ଦ୍ର ଦେହୁରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ବିଦ୍ୟାଶ୍ରୀ ବିଦ୍ୟାପୀଠର ବାର୍ଷିକ ଉତ୍ସବ

ପାଟଣାଗଡ,୨୭।୩(ସଚ୍ଚିଦାନନ୍ଦ ମହାକୁର)

ପାଟଣଗଡ ଏନଏସି ରାମପୁରସ୍ଥିତ କୁକୁରମୁଣ୍ଡାଠାରେ ଥିବା ବିଦ୍ୟାଶ୍ରୀ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଟଣାଗଡ ଉପଜିଲାପାଳ ସୁନୀଲ ମେହେର, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝି ଓ ଲକ୍ଷ୍ମୀକାନ୍ତ ମିଶ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ମେହେର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କଣ୍ଟାବାଞ୍ଜି,୨୭।୩(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁକନ୍ଦିଲାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ବଳରାଜ ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆତ୍ମରକ୍ଷା ତାଲିମ ଶିବିରର ମହତ୍ତ୍ୱ ବିଷୟରେ ଆଲୋଚନା କରିଥଲେ। ସଭାରେ ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ପୁରୋହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସଦୁପଯୋଗ କରିବା ପାଇଁ ଆହ୍ୱାନ କରିଥିଲେ। ରାଜନୀତି ବିଭାଗର ମୁଖ୍ୟ ଜିତେନ୍ଦ୍ର ସୁନା ଶିବିର ପରିଚାଳନା କରିଥଲେ। ଏହି ଅବସରରେ ତାଲିମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ସାର୍ଟିଫିକେଟ ଦିଆଯାଇ ସମ୍ମାନିତ କରାଯାଇଥିଲା। ରଞ୍ଜୁ ବଞ୍ଛୋର ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିର ଅବସରରେ ଯୋଗ ଦେଇଥିବା ଛାତ୍ରୀ ଓ ଅନ୍ୟମାନେ।

## ‘ବ୍ରଜ ଥିଲେ ନାଟ୍ୟ ଜୀବନର ଅମଳିନ ଜ୍ୟୋତି’

ବଲାଙ୍ଗୀର,୨୭।୩(ବୀରେନ୍ଦ୍ର କୁମାର ଝାଙ୍କର)


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବଲାଙ୍ଗୀରର ନାଟ୍ୟକର୍ମୀ ଓ ନାଟ୍ୟପ୍ରେମୀମାନେ।

**■ନାଟ୍ୟକାର ବ୍ରଜମୋହନ ମିଶ୍ରଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**

**■ପାଳନ ହେଲାନି ବିଶ୍ୱ ନାଟ୍ୟ ଦିବସ**

ବର୍ଷିୟାନ ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ବ୍ରଜମୋହନ ମିଶ୍ରଙ୍କ ଉଦ୍ଦେଶ୍ୟରେ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ବଲାଙ୍ଗୀର ସହରର ବିଭିନ୍ନ ନାଟ୍ୟ ଅନୁଷ୍ଠାନର ବହୁ ନାଟ୍ୟକର୍ମୀ ଏବଂ ନାଟ୍ୟପ୍ରେମୀ ସ୍ୱର୍ଗତ ମିଶ୍ରଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଦୀର୍ଘ ନାଟକ ଜୀବନର ଅନେକ ଅଭୁଲା ସ୍ମୃତିଚାରଣ କରିଥିଲେ।

ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଅବଦୁଲ ଜମାଲ ଖାନଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ରଙ୍ଗକାର, ସପ୍ତରଙ୍ଗ, ଭୂମିକା, ଅନ୍ୱେଷଣ, ମିଳିତ କଳାକାର ସଂଘ, ନାଟ୍ୟକ୍ରାନ୍ତି, ଜିଲା କଳାକାର ସଂଘ ଏବଂ ଅନ୍ୟ ଅନୁଷ୍ଠାନର କଳାକାର ଓ ନାଟ୍ୟକର୍ମୀମାନେ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କୁ ମନେ ପକାଇଥିଲେ। ବଲାଙ୍ଗୀରର ଆଧୁନିକ ନାଟକ ପରମ୍ପରାର ଉନ୍ନତି ଓ ଉତ୍ତରଣ ଦିଗରେ ସ୍ୱର୍ଗତ ମିଶ୍ରଙ୍କ ଅବଦାନ ଅନନ୍ୟ ବୋଲି ବକ୍ତାମାନେ କହିଥିଲେ। ବ୍ରଜମୋହନ ମିଶ୍ର ଜଣେ ନିର୍ଦ୍ଦେଶକ ଭାବେ ନାଟ୍ୟ ଜୀବନର ଅମଳିନ ଜ୍ୟୋତି ଥିଲେ ବୋଲି ବକ୍ତାମାନେ କହିଥିଲେ। ଆଧୁନିକ ନାଟକ କ୍ଷେତ୍ରରେ ତାଙ୍କର ଜ୍ଞାନ, ନିର୍ଦ୍ଦେଶନା ଦକ୍ଷତା ଏବଂ ନିଷ୍ଠାକୁ ସମସ୍ତେ ପ୍ରଶଂସା କରିଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, କୃଷ୍ଣଚନ୍ଦ୍ର ମିଶ୍ର, ସୁବାସ ଚନ୍ଦ୍ର ପଣ୍ଡା, ସୁଧୀର ପଣ୍ଡା, ଭାଗିରଥି ମିଶ୍ର, ରମେଶ ପୁରୋହିତ, ଡ. ଗୋପବନ୍ଧୁ ରଥ, ଚିତ୍ତରଞ୍ଜନ ଦାଶ, ବିଜୟ କୁମାର ତ୍ରିପାଠୀ, ରାମଚନ୍ଦ୍ର ସାହୁ, ରତନ ମେହେର, ଦତ୍ତାନନ୍ଦ ପଣ୍ଡା, ଆହ୍ଲାଦ ପୂଜାରୀ, ପ୍ରକାଶ ଥନାପତି, ସଙ୍ଗୀତା ଦାଶ, ଲକ୍ଷ୍ମଣ ଚନ୍ଦ୍ର ହୋତା, ଡ. ପ୍ରହଲ୍ଲାଦ ଶତପଥୀ, ଭବାନୀ ଶଙ୍କର ପଟେଲ, ମୁରଲୀଧାରୀ ପତି, ଗଗନ ମହାନ୍ତି, ଗୋପବନ୍ଧୁ ଶତପଥୀ ଓ ସନାତନ ଠାକୁର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବଲାଙ୍ଗୀର ସହରରେ ମଞ୍ଚସ୍ଥ ହୋଇଥିବା ନାଟକ ଏବଂ ଏହାର ଦୀର୍ଘ ପରମ୍ପରାର ବ୍ରଜମୋହନଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ତାଙ୍କ ସ୍ମୃତିରକ୍ଷା ପାଇଁ ପୁଣି ଥରେ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ରଙ୍ଗକାର ବ୍ୟାନରରେ ଲୋକପ୍ରିୟ ନାଟ ଚେତନା ସୃଷ୍ଟି ଦିଗରେ ସମସ୍ତଙ୍କ ମିଳିତ ଉଦ୍ୟମ ଉପରେ ସହମତି ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ନାଟ୍ୟପ୍ରେମୀ ଯୋଗଦାନ କରିଥିଲେ। ବ୍ରଜମୋହନ ମିଶ୍ରଙ୍କ ବିୟୋଗ ଯୋଗୁ ଚଳିତବର୍ଷର ବିଶ୍ୱ ନାଟ୍ୟ ଦିବସକୁ ପାଳନ କରାଯାଇ ନ ଥିବା ସଂଯୋଜକ ଖାନ୍ ସୂଚନା ଦେଇଥିଲେ। ଶେଷରେ ବରିଷ୍ଠ ନାଟ୍ୟକର୍ମୀ ତଥା ଶିକ୍ଷାବିତ୍ ସନାତନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ବଘିଆପଡା,(ଶ୍ରୀକାନ୍ତ ସାହୁ): ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ଅର୍ନ୍ତଗତ ପଦ୍ମନପୁର ପଞ୍ଚାୟତର ଖଲିଗାଁ ଗ୍ରାମରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେମହେଶ ସାହୁ (୨୩) । ବୌଦ୍ଧ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ସ୍ଥାନ ନିରୂପଣ ପାଇଁ ଆସିଲେନି ଉଚ୍ଚସ୍ତରୀୟ ଟିମ୍

**ସୋନପୁର,୨୭।୩(ମୃତ୍ୟୁଞ୍ଜୟ ଶତପଥୀ)**

- **ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ଆସିନି: ମନ୍ତ୍ରୀ**
- **ଜିଲାପାଳ ଚିଠି ଲେଖିବାର ୧୬ ମାସ ବିତିଲା**

ସରକାର ରାଜ୍ୟର ସବୁ ଅଞ୍ଚଳର ସମାନ ବିକାଶ ଉପରେ ଗୁରୁତ୍ୱ ଦେଉଥିବା କହୁଛନ୍ତି। କିନ୍ତୁ ଏହା କାର୍ଯ୍ୟରେ ପ୍ରତିଫଳନ ହେଉନି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ବଡ ପ୍ରତିଷ୍ଠାନ ନ ଥିବା ସୁବର୍ଣ୍ଣପୁର ଜିଲାରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏକ ଡିପିଆର(ଡିଟେଲ୍ସ ପ୍ରଜେକ୍ଟ ରିପୋର୍ଟ) ମଧ୍ୟ ପ୍ରସ୍ତୁତ ହୋଇଛି। ସୁବର୍ଣ୍ଣପୁରର ପ୍ରାକ୍ତନ ଜିଲାପାଳ ବିମଳେନ୍ଦୁ ରାୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବଙ୍କୁ ୨୦୨୩ ନଭେମ୍ବରରେ ଚିଠି ଲେଖିଥିଲେ। ଭୁବନେଶ୍ୱରରୁ ଏକ ଉଚ୍ଚସ୍ତରୀୟ ଟିମ୍ ପଠାଇ ଭିତ୍ତିଭୂମି ଓ ପ୍ରସ୍ତାବିତ ମହାବିଦ୍ୟାଳୟ ପ୍ରତିଷ୍ଠା ସ୍ଥାନ ନିରୂପଣ କରି ନିଷ୍ପତ୍ତି ନେବା ପାଇଁ ଅନୁରୋଧ କରିଥିଲେ। ଇତିମଧ୍ୟରେ ୧୬ ମାସ ବିତି ଯାଇଥିଲେ ମଧ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ସୁବର୍ଣ୍ଣପୁରକୁ ଏଯାଏ ଉଚ୍ଚସ୍ତରୀୟ ଟିମ୍ ପଠାଯାଇନି। ଅନ୍ୟପକ୍ଷେ ବର୍ତ୍ତମାନର ଜିଲାପାଳ ଅନ୍ୟା ଦାସ ୨୦୨୪ ଜୁଲାଇ ୨୩ରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ସଚିବଙ୍କୁ ପୁଣି ଏକ ଚିଠି କରିଥିଲେ। ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂହଦେଓ ଲୋକ ସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ। ତେବେ ଜିଲା ପ୍ରଶାସନ ଓ ମତ୍ସ୍ୟ ବିଭାଗ ଏ ଦିଗରେ ଆଉ କୌଣସି ପଦକ୍ଷେପ ନେଉନାହାନ୍ତି। ନିକଟରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ଶିଳ୍ପବିହୀନ ସୁବର୍ଣ୍ଣପୁର ଜିଲାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଧାନସଭାରେ ଦାବି କରିଥିଲେ। ତେବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ସୁବର୍ଣ୍ଣପୁର ଜିଲାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ କୌଣସି ବିଧିବଦ୍ଧ ପ୍ରସ୍ତାବ ଆସିନାହିଁ। ପ୍ରସ୍ତାବ ଆସିଲେ ବିଚାର କରାଯିବ। ମନ୍ତ୍ରୀଙ୍କ ଉତ୍ତର ଜିଲାବାସୀଙ୍କୁ ନିରାଶ କରିଥିଲା ବେଳେ ପ୍ରଶାସନ ଏ ଦିଗରେ ତତ୍ପରତା ପ୍ରକାଶ ନ କରିବା ସମସ୍ତଙ୍କୁ ଚକିତ କରିଛି।

ବହୁ ନଦୀ ନଳ ପ୍ରବାହିତ ହେଉଥିବା ଜିଲା ହେଉଛି ସୁବର୍ଣ୍ଣପୁର। ଏଠାରେ ବିଭିନ୍ନ ପ୍ରଜାତିର ମଧୁର ଜଳ ମାଛ ମିଳିଥାଏ। ଜିଲାରେ ମହାନଦୀ, ତେଲନଦୀ, ଅଙ୍ଗନଦୀ, ସୁକତେଲ ନଦୀର ବିସ୍ତୀର୍ଣ୍ଣ ଜଳରାଶି ସହ ବଡ ନାଳ, ହରିହରଯୋର ଡ୍ୟାମ୍, ଶତାଧିକ ବନ୍ଧ ଓ ପୋଖରୀ ରହିଥିବାରୁ ମତ୍ସ୍ୟ ଉତ୍ପାଦନ ସହ ଗବେଷଣା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ପଶ୍ଚିମ ଓଡ଼ିଶାରେ ମତ୍ସ୍ୟ ମହାବିଦ୍ୟାଳୟ ନଥିବାରୁ ଏଠାରେ ଏହା ପ୍ରତିଷ୍ଠା ପାଇଁ ଦାବି ହୋଇଥିଲା। ଜିଲା ପରିଷଦ ବୈଠକରେ ଏ ନେଇ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲା ଗସ୍ତରେ ଆସିଥିବା ସେତେବେଳର ୫-ଟି ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କାର୍ତ୍ତିକ ପାଣ୍ଡିଆନଙ୍କୁ ଜିଲାବାସୀ ମତ୍ସ୍ୟ ମହାବିଦ୍ୟାଳୟ ଖୋଲିବା ନେଇ ଲିଖିତ ଭାବେ ଅନୁରୋଧ କରିଥିଲେ। ସେହିପରି ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କିତ ଅନୁରୋଧ ପତ୍ର ମତ୍ସ୍ୟ ଓ ପ୍ରାଣୀପାଳନ ବିକାଶ ବିଭାଗ ପ୍ରମୁଖ ସଚିବଙ୍କୁ ଲେଖାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀପାଳନ ବିକାଶ ବିଭାଗର ପ୍ରମୁଖ ସଚିବ ଭିତ୍ତିଭୂମି ସମୀକ୍ଷା ସହିତ ଆନୁସଙ୍ଗିକ ଖର୍ଚ୍ଚ, ଜମି ଆଦିର ବିସ୍ତୃତ ରିପୋର୍ଟ ମାଗିବା ସହ ଏକ କମିଟି ଗଠନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରରେ ଏକ କମିଟି ଗଠନ ହୋଇଥିଲା। ଜିଲାପାଳ ଏକ ସବ୍ କମିଟି ଗଠନ କରିଥିଲେ। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧିନରେ ଥିବା ସମ୍ବଲପୁର ଜିଲା ଚିପିଲିମା ସ୍ଥିତ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ମତ୍ସ୍ୟ ମହାବିଦ୍ୟାଳୟ ସକାଶେ ଡିପିଆର ପ୍ରସ୍ତୁତ କରିଥିଲେ। ଭୁବନେଶ୍ୱରରୁ ଏକ ଟିମ୍ ପଠାଇ ସ୍ଥାନ ନିରୂପଣ କରି ନିଷ୍ପତ୍ତି ନେବା ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ସରକାରଙ୍କୁ ଚିଠି ଲେଖିଥିଲା। ମତ୍ସ୍ୟ ମହାବିଦ୍ୟାଳୟ ପାଇଁ ୫୦ରୁ ୬୦ ଏକ ଜମି ଆବଶ୍ୟକ। ଏହି କ୍ୟାମ୍ପସ୍‌ରେ ଛୋଟରୁ ବଡ ପୋଖରୀ, ଖେଳ ପଡିଆ, ଆଡମିନିଷ୍ଟ୍ରେଟିଭ୍ ବ୍ଲକ, ହଷ୍ଟେଲ ଆଦି ନିର୍ମାଣ କରାଯିବ। ବିନିକା ନିକଟସ୍ଥ ରହିଲାରେ ପ୍ରାୟ ୫୫ ଏକର ପରିମିତ ଅଞ୍ଚଳରେ ଓଡିଶା ମତ୍ସ୍ୟ ଉନ୍ନୟନ ନିଗମର ଫାର୍ମ ରହିଛି। ସେହିପରି ମତ୍ସ୍ୟ ବିଭାଗର ସୁବର୍ଣ୍ଣପୁର ସରକାରୀ ଫାର୍ମରେ ୭୫ଏକର ପରିମିତ ଅଞ୍ଚଳରେ ଏକାଧିକ ଛୋଟ ବଡ ପୋଖରି ରହିଛି। ସରକାର ଚାହିଁଲେ ବିଜୁ ପଟ୍ଟନାୟକ ମହିଳା କଲେଜର ପୁରୁଣା କ୍ୟାମ୍ପସରେ ଅସ୍ଥାୟୀ ଭାବେ କଲେଜ ଖୋଲି ହେବ। ତେଣୁ ଛାତ୍ରୀଛାତ୍ରଙ୍କୁ ଅସ୍ଥାୟୀ ଭାବେ ପାଠ ପଢାରେ କୌଣସି ସମସ୍ୟା ଉପୁଜିବ ହେବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ଦର୍ଶାଯାଇଥିଲା। ତେଣୁ ରାଜ୍ୟ ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଦିବ୍ୟାଙ୍ଗଙ୍କ ଘର ଜାଳିଦେଲେ



ଗୁରୁବାର ଜାଳି ଦିଆଯାଇଥିବା ଘର।

**ଅମରପାଲି,୨୭।୩(ପୀତାମ୍ବର ସାହୁ)**

- **ଧାନ, ଚାଉଳ, ଆସବାବପତ୍ର ସମ୍ପୂର୍ଣ୍ଣ ଜଳିଗଲା**
- **ବେସାହାରା ପରିବାରର ୪ ସଦସ୍ୟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଗୁଦଗୁଦା ଗ୍ରାମର ଦିବ୍ୟାଙ୍ଗ ଦେବାନ୍ଧି ତରଙ୍ଗ ଘୁଟାଙ୍କ ଘରକୁ ଗୁରୁବାର ଅପରାହ୍ନରେ ଜଣେ ଯୁବକ ନିଆଁ ଲଗାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି। ବୀରମହାରାଜପୁର ଦମକଳ ବାହିନୀ ଆସି ନିଆଁକୁ ଲିଭାଇଲା ବେଳକୁ ଘର ସମ୍ପୂର୍ଣ୍ଣ ଘର ଜଳି ଯାଇଥିଲା। ଏଥିଯୋଗୁ ଘରେ ଥିବା ଧାନ, ଚାଉଳ, ଘରକରଣା ସାମଗ୍ରୀ, ଟଙ୍କା ସବୁ ଜଳି ଯାଇଛି। ଠେଙ୍ଗୋ ଡ୍ୟାମ ଫାଣ୍ଡି ଅଧିକାରୀ ବିଭୁନ୍ଦ୍ର ବରାଳ ପୋଲିସ ବାହିନୀ ସହିତ ଘଟଣାସ୍ଥଳକୁ ଆସି ତଦନ୍ତ କରିଛନ୍ତି। ନିଆଁ ଲଗାଇବା ପରେ ସମ୍ପୃକ୍ତ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ପୀଡିତଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ଅଭିଯୋଗ ଅନୁସାରେ ଗୁଦୁଗୁଦା ଗ୍ରାମର ଭିନ୍ନକ୍ଷମ ଘୁଟା ତାଙ୍କ ସ୍ତ୍ରୀ, ଏକମାତ୍ର ଝିଅ ଓ ଶାଳୀଙ୍କ ସହିତ ରହୁଥିଲେ। ଘୁଟା ଦମ୍ପତି କୁଲି ମଜୁରୀ କରି ଚଳୁଥିଲେ। ଗୁରୁବାର ଅପରାହ୍ନରେ ସେହି ଗ୍ରାମର ସମ୍ପୃକ୍ତ ଯୁବକ ଜଣକ ତାଙ୍କ ଘର ପାଖକୁ ଆସି ସେମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ ତାଙ୍କ ଘରେ ନିଆଁ ଲଗାଇ ଦେଇ ସେଠାରୁ ପଳାଇ ଯାଇଥିବା ଘୁଟା ଅଭିଯୋଗ କରିଛନ୍ତି। ଘର ଜଳିଯିବା ପରେ ପରିବାରର ୪ ସଦସ୍ୟ ବେସାହାରା ହୋଇଯାଇଛନ୍ତି।

## ସଂକ୍ଷେପରେ

### ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ

**ବାଉଁଶୁଣୀ,୨୭।୩(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବହିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗଣ୍ଡାରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଆରଡିୟାଓ ବହିରା, ବହିରାର ଉପଦେଷ୍ଟା ତଥା ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବପ୍ରସାଦ ଗାଇଗୌରିଆ, ବାଉଁସୁଣୀ ୱାଇସିଡିଏ କର୍ମୀ ସଞ୍ଜିତ କୁମାର ବେହେରା, ଶିକ୍ଷକ ପ୍ରମୋଦ କୁମାର ବେହେରା, ହିମାଂଶୁ ଶେଖର ବିଶି, ଶିକ୍ଷୟିତ୍ରୀ ମନସ୍ୱିନୀ ବାରିକ ଯୋଗଦେଇ ବାଳିକାମାନେ କିଭଳି ସବୁକ୍ଷେତ୍ରରେ ଆଗକୁ ଯିବେ ଓ ସମାଜ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ସେ ଦିଗରେ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟର ୭୦ରୁ ଅଧିକ ଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ହିମାଂଶୁ ଶେଖର ବିଶି ଅତିଥି ପରିଚୟ ପ୍ରଦାନ, ପ୍ରମୋଦ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ତରଭା ଥାନାରେ ଶାନ୍ତି କମିଟି ବୈଠକ

**ତରଭା,୨୭।୩(ମାନଭଞ୍ଜନ ମିଶ୍ର)**

ଇଦୁଲ ଫିତର, ହନୁମାନ ଜୟନ୍ତୀ, ଆମ୍ବେଡକର ଜୟନ୍ତୀ ଓ ରାମ ନବମୀ ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ପାଳନ ସକାଶେ ଏକ ଶାନ୍ତି କମିଟି ବୈଠକ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ତରଭା ଥାନାରେ ଆଇଆଇସି ଅନିତା କିଡୋଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉତ୍ସବ ପାଳନ ପୂର୍ବରୁ ପୋଲିସକୁ ଲିଖିତ ସୂଚନା ଦେବାସହ ଡାକବାଜି ଯନ୍ତ୍ର କିମ୍ବା ଡିଜେ ସାଉଣ୍ଡ ବ୍ୟବହାର ପୂର୍ବରୁ ଆବଶ୍ୟକ ଅନୁମତି ଆଣିବା ଓ ଶୋଭାଯାତ୍ରାର ସବିଶେଷ ସୂଚନା ପ୍ରଦାନ ପାଇଁ ଆଇଆଇସି ସମସ୍ତ ପକ୍ଷଙ୍କୁ କହିଥିଲେ। ଏଥିରେ ତରଭା ଆଖଡା ପ୍ରମୁଖ କେଶବ ମଲ୍ଲିକ, ମିଳନ କେନ୍ଦ୍ର ପ୍ରମୁଖ ରୋଶନ ସାହୁ, ମସ୍‌ଜିଦ ମଜାର କମିଟିର ଆକବର ଅଲ୍ଲୀ, କୁଶଳେଶ୍ୱର ସୁନା, ବୈକୁଣ୍ଠେଶ୍ୱର ବାରିକ, କଲ୍ୟାଣ ନାଏକ ଆଲୋଚନାରେ ଭାଗ ନେଇଥିଲେ।

### ଛେଳି ପାଳନ ତାଲିମ ଶିବିର

**ହରଭଙ୍ଗା,୨୭।୩(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତ ସାଗଝାରଠାରେ ମହିଳା ଏସଏଚ୍‌ଜି ସଦସ୍ୟାମାନଙ୍କ ପାଇଁ ଛେଳି ପାଳନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡର ଆର୍ଥିକ ସହାୟତାରେ ପିସଫୁଲ ସୋସାଇଟି ମାଧପୁର ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ପତକାବାଲି, ଖଳିସାହି, ସାଇଭଙ୍ଗ ଓ ଶାଗଝାର ଗ୍ରାମର ଶତାଧିକ ମହିଳାମାନେ ଯୋଗଦେଇ ତାଲିମ ନେଇଥିଲେ। ତଳଗାଁ ପ୍ରାଣୀଧନ ନିରୀକ୍ଷକ ଆଶୁତୋଷ ପରିଡା ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ହରଭଙ୍ଗା ଗୋଷ୍ଠୀ ପ୍ରାଣୀଚିକିତ୍ସାଅଧିକାରୀ ଡା. ବିରେନ୍ଦ୍ର କୁମାର ପୃଷ୍ଟି ଉଦଯାପନୀ ଦିବସରେ ଛେଳି ପାଳନ ନେଇ ମତବ୍ୟକ୍ତ କରିଥିଲେ।

# ୩୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ




ଗିରଫ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ କାର।

**ସୋନପୁର,୨୭।୩(ମୃତ୍ୟୁଞ୍ଜୟ ଶତପଥୀ)**

ଅବକାରୀ ବିଭାଗର ସୁବର୍ଣ୍ଣପୁର ଜିଲା ମୋବାଇଲ ୟୁନିଟ୍, ସୋନପୁର ରେଞ୍ଜ୍ ଓ ସଦର ଅବକାରୀ ଥାନା ପକ୍ଷରୁ ସୁବଳୟା ଥାନା କମିରା ଛକ ନିକଟରେ ଗୁରୁବାର ମିଳିତ ଭାବେ ଚଢାଉ କରାଯାଇଥିଲା। ବୌଦ୍ଧ ଜିଲା ପଟୁ ଆସୁଥିବା ଏକ ଧଳା ରଙ୍ଗର କାର (ନଂ. ଓଡି୦୨ବିଆର-୩୫୫୨)କୁ ବିଭାଗର ଟିମ୍ ସନ୍ଦେହରେ ପିଛା କରିଥିଲେ। କମିରା ଛକ ନିକଟରେ କାରକୁ ଅଟକ ରଖାଯାଇଥିଲା। ତନଖି ସମୟରେ କାରରୁ ୩୦କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ କାର ଡ୍ରାଇଭର ତଥା ବୌଦ୍ଧ ଥାନା ଗାନ୍ଧୀଗ୍ରାମ ଅଞ୍ଚଳର ବିଶ୍ୱମ୍ଭର ମହାନନ୍ଦିଆ(୨୫)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବୌଦ୍ଧ ଜିଲାରୁ ସୁବଳୟା ରାସ୍ତା ଦେଇ ସମ୍ବଲପୁରକୁ ଗଞ୍ଜେଇ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ସମ୍ପର୍କରେ ଅବକାରୀ ୟୁନିଟ୍ ପକ୍ଷରୁ ଏକ ମାମଲା(୪୦୨/୨୫)ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ଓ ଗଞ୍ଜେଇ ଜବତ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ଇନ୍ସପେକ୍ଟର ହର୍‌ପ୍ରସାଦ ରଣା, ସୋନପୁର ରେଞ୍ଜ ଇନ୍ସପେକ୍ଟର ପ୍ରକାଶ ସା, ସବ୍‌ଇନ୍ସପେକ୍ଟର ଶାନ୍ତନୁ ପଟ୍ଟନାୟକ, ବିଶ୍ୱନାଥ ଭୋଇ, ରାମଚନ୍ଦ୍ର ପଟ୍ଟନାୟକ, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ, ଲୋକନାଥ ବେହେରା ଓ ରେଣୁପ୍ରିୟା ଭୋଇ ଏହି ଚଢାଉରେ ସାମିଲ ହୋଇଥିଲେ।

# ଅଂଶୁଘାତ ମୁକାବିଲା ପାଇଁ ସଚେତନତା ଶିବିର

**ସୋନପୁର,୨୭।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସୁବଳୟା ଡାକ୍ତରଖାନା ସଭାଗୃହରେ ଅଂଶୁଘାତର ମୁକାବିଲା ପାଇଁ ଆଶାକର୍ମୀମାନଙ୍କର ଏକ ବୈଠକ ଡାକ୍ତର ଲିପୁନ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମାତୃ ମୃତ୍ୟୁହାର ରୋକିବା ପାଇଁ ଦକ୍ଷ ସହାୟିକା ସହିତ ସ୍ୱାସ୍ଥ୍ୟ ସୁବିଧା ଥିବା ସ୍ଥାନରେ ପ୍ରସବ କରାଇବା, ଶିଶୁ ଜନ୍ମ ପରେ ମା' ଓ ଶିଶୁଙ୍କୁ ତୁରନ୍ତ ଉପଯୁକ୍ତ ସ୍ୱାସ୍ଥ୍ୟଗତ ସୁବିଧା ପ୍ରଦାନ ସହିତ ଜନ୍ମର ଛଅ ସପ୍ତାହ ପର୍ଯ୍ୟନ୍ତ ଶିଶୁର ଯତ୍ନ ଏବଂ ବିଶେଷ କରି ଅଂଶୁଘାତ ଓ ତାର ମୁକାବିଲା ସମ୍ପର୍କରେ ଆଲୋଚନା ହୋଇଥିଲା। ଅଂଶୁଘାତର ପ୍ରତିରୋଧ ପାଇଁ ବୃଦ୍ଧ, ଅସୁସ୍ଥ ଲୋକ, ଶିଶୁ, ଗର୍ଭବତୀ ମହିଳା ଏବଂ ରକ୍ତଚାପ କିମ୍ବା ମଧୁମେହରେ ପୀଡିତ ବ୍ୟକ୍ତି ଟାଣ ଖରାରେ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଡ଼ାକ୍ତର ବିଶ୍ୱନାଥ ରଥ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା କୁଏଡ, ସେକ୍ଟର ସୁପରଭାଇଜର ଆଲୋକ ସେଠ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଜ୍ଞା ପାରମିତା ହୋତା, ସୌମିତ୍ରୀ ପଣ୍ଡା, ସିପୁନ ରାଉଳ, ଯାଜ୍ଞସେନୀ ମେହେର, ସୁଜାତା ମହନ୍ତ, ମହିଳା ସ୍ୱାସ୍ଥ୍ୟକର୍ମୀ ପୂର୍ଣ୍ଣିମା ମେହେର, ସଂଯୁକ୍ତା ସାହୁ, ପ୍ରତିମା କୁଅଁର, ବିସ୍ମିତା ପାତ୍ର, ମୁକ୍ତା ପ୍ରଧାନ, ଦମୟନ୍ତୀ ପ୍ରଧାନ, ଯୋଗ ପ୍ରଶିକ୍ଷକ ଡ.ଦ୍ୱିତୀକୃଷ୍ଣ ପଣ୍ଡା, ନିହାରୀକା ସାହୁ ଓ ୬୦ରୁ ଅଧିକ ଆଶାକର୍ମୀ ଶିବିରରେ ଯୋଗଦାନ କରିଥିଲେ।

# ନାରୀଶକ୍ତି ବିକାଶର ମୂଳମନ୍ତ୍ର



ଶିବିରରେ ମଞ୍ଚାସୀନ ଅତିଥିମାନେ।

**ସୋନପୁର,୨୭।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ନାକଡେଇଁ ଗ୍ରାମରେ ଏକଲ ବିଦ୍ୟାଳୟ ଅଭିଯାନର ବାର୍ଷିକ ପ୍ରଶିକ୍ଷଣ ଅଭ୍ୟାସ ବର୍ଗ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ବିଭାଗ ଅଧୀନରେ ଆସୁଥିବା ଉଲୁଣ୍ଡା ଓ ବୀରମହାରାଜପୁର ଜୋନକୁ ନେଇ ଏହି ପ୍ରଶିକ୍ଷଣ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଖେମଲୋଏ ଗ୍ରାମ ପଞ୍ଚାୟତ ସରପଞ୍ଚ ଯୋଶବନ୍ତ ପଣ୍ଡା କହିଥିଲେ ବର୍ତ୍ତମାନ ସମାଜରେ ସଂସ୍କାରକୁ ସଶକ୍ତି କରିବାରେ ଆଚାର୍ଯ୍ୟା ଓ ଆଚାର୍ଯ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଖ୍ୟବକ୍ତା ଭାବେ ଡକ୍ଟର ଅନିରୁଦ୍ଧ କୁରୁକୁରିଆ ନାରୀ ଓ ନାରୀତ୍ୱ ଶୀର୍ଷକରେ ନାରୀ ଜାତି ହିଁ ନିଜ ଜାତିର ଶତ୍ରୁ ଓ ସାରା ସଂସାରର ପ୍ରେରଣାଦାତ୍ରୀ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ଯୋଗ ଗୁରୁ ହୃଷୀକେଶ ଦେହେରୀ ଯୋଗଦାନ କରି ପ୍ରତିଦିନ ଯୋଗ କରିବା ଦ୍ୱାରା ମଣିଷର ପଞ୍ଚକୋଷର ବିକାଶ ହେବା ସହ ମନରେ ପବିତ୍ର ଭାବନା ଜାଗ୍ରତ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଏକଲ ବିଦ୍ୟାଳୟ ଅଭିଯାନର କର୍ଯ୍ୟକର୍ତ୍ତା ପ୍ରାଥମିକ ଶିକ୍ଷା ପ୍ରମୁଖ ଶଶୀଭୂଷଣ ନାୟକ, ଉଲୁଣ୍ଡା ସଞ୍ଚ ପ୍ରମୁଖ ଦେବାର୍ଚ୍ଚନ ନାଏକ, ବୀରମହାରାଜପୁର ସଞ୍ଚ ପ୍ରମୁଖ କାଳିଆ କଲତା ଏହି ଶିବିରରେ ବୌଦ୍ଧିକ, ଶୈକ୍ଷିକ, ଶାରୀରିକ, ସଫେଇ ଓ ଯୋଗ ଅଭ୍ୟାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମ୍ବଲପୁର ଅଭିଯାନ ପ୍ରମୁଖ ପ୍ରଦୀପ କୁମାର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ବୀରମହାରାଜପୁର କଲେଜରେ ସରିଲା ଯୁକ୍ତ ୨ ପରୀକ୍ଷା

**ସୋନପୁର,୨୭।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଗତ ଫେବୃଆରୀ ୧୮ ରୁ ଆରମ୍ଭ ହୋଇଥିବା ଯୁକ୍ତ ୨ ଥିଓରୀ ପରୀକ୍ଷା ଗୁରୁବାର ସରିଛି । ଏହି ପରୀକ୍ଷା ସୂଚାରୁରୂପେ ସମ୍ପୂର୍ଣ୍ଣ ହୋଇଥିବା କଲେଜ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚଳିତବର୍ଷ କଳାରେ ରେଗୁଲାର ଓ ଏକ୍ସ ରେଗୁଲାର ମିଶାଇ ୨୭୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ବିଜ୍ଞାନ ଓ ଧନ୍ଦାମୂଳକରେ ୩୪ ଜଣ ପରୀକ୍ଷା ଦେଇଥିଲେ। ପ୍ରତ୍ୟେକ ଦିନ ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଦିନ ୧ଟାରେ ଶେଷ ହେଉଥିଲା। ଚଳିତ ପରୀକ୍ଷା ସମ୍ପୂର୍ଣ୍ଣ ରୂପେ ଶୃଙ୍ଖଳିତ ଓ ସୂଚାରୁରୂପେ ସମାପନ ହୋଇଛି। ଇଂଲିଶ ବିଭାଗ ପ୍ରଧାପିକା ଗୀତାଞ୍ଜଳୀ ପୂଜାରୀ ତତ୍ତ୍ୱାବଧାରକ ଓ ରସାୟନ ବିଜ୍ଞାନ ଅଧାପକ ଦୀପକ ଟପ୍ପୋ ସହ ତତ୍ତ୍ୱାବଧାରକ ଭାବେ ପରୀକ୍ଷା ପରିଚାଳନା କରିଥିଲେ।

# ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି

**ସୋନପୁର,୨୭।୩(ମୃତ୍ୟୁଞ୍ଜୟ ଶତପଥୀ)**

**ହାଇୱା-ବୋଲେରୋ ମୁହାଁମୁହିଁ ଧକ୍କା ଘଟଣା**

ସୁବର୍ଣ୍ଣପୁର ଜିଲା ସୋନପୁର-ସମ୍ବଲପୁର ରାସ୍ତାର ମାଟୁପାଲି ନିକଟ ଠାକୁରପଡା ଠାରେ ବୁଧବାର ସନ୍ଧ୍ୟାରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲଜରେ ଚିକିତ୍ସାଧିନ ଥିବା ସମୟରେ ଗୁରୁବାର ହାଇୱା ଚାଳକ ଉମେଶ ଯାଦବଙ୍କ ମୃତ୍ୟୁ ଘଟିଛି। ଫଳରେ ହାଇୱା-ବୋଲେରୋ ମୁହାଁମୁହିଁ ଧକ୍କା ଘଟଣାରେ ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଉଲୁଣ୍ଡା ପଟୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ୨୨ ଚକିଆ ହାଇୱା ଭାରସାମ୍ୟ ହରାଇ ସମ୍ମୁଖରୁ ଆସୁଥିବା ବିଦ୍ୟୁତ୍ ବିଭାଗ(ଟିପିଡବ୍ଲୁଓଡିଏଲ)ର ଏକ ବୋଲେରୋକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୋଲେରୋ ଭାଙ୍ଗି ଚୁରମାର୍ ହୋଇ ଯାଇଥିଲା ବେଳେ ହାଇୱା ରାସ୍ତା ପାର୍ଶ୍ୱକୁ ଓଲଟିପଡିଥିଲା। ଏଥିଯୋଗୁଁ ବୋଲୋରୋ ଡ୍ରାଇଭର ତଥା ବୀରମହାରାଜପୁର ଥାନା ନାଏକପଡାର ସୁଶିଲ ନାଏକ(୩୨)ଙ୍କ ସମେତ ଉଲୁଣ୍ଡା ଥାନା ଗୌଡଗାଁର ପପୁନ ଓରଫ ସଞ୍ଜିବ୍ ପାତ୍ର(୪୦) ଓ ଗୌଡଗାଁର ଆର୍ତ୍ତତ୍ରାଣ ପୁରୋହିତ(୪୦)ଙ୍କ ମୃତ୍ୟୁ ହୋଇଥିଲା। ହାଇୱା ଡ୍ରାଇଭର ଉମେଶ ଯାଦବ ଓ ହେଲପର ଦେବେନ୍ଦ୍ର ଯାଦବ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ମୃତ୍ୟୁ ବରଣ କରିଥିବା ୩ ଜଣ ସିଣ୍ଢୋଲ ଅଞ୍ଚଳରୁ ବିଦ୍ୟୁତ ଦେୟ ସଂଗ୍ରହ କରି ବୋଲେରୋରେ ଉଲୁଣ୍ଡା ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଉଲୁଣ୍ଡା ପୋଲିସ ଦୁର୍ଘଟଣାଗ୍ରସ୍ତ ହାଇୱା ଓ ବୋଲେରୋକୁ ଜବତ ଏକ ମାମଲା ରୁଜୁ କରିଥିଲା। ମୃତକଙ୍କ ପରିବାର ଓ ଗ୍ରାମବାସୀ ଉପଯୁକ୍ତ କ୍ଷତିପୂରଣ ଦାବିରେ ସୋନପୁର-ସମ୍ବଲପୁର ରାସ୍ତା ଅବରୋଧ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କୁ ରେଡକ୍ରସରୁ ୧୦ହଜାର ଲେଖାଏଁ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଟିପିଡବ୍ଲୁଓଡିଏଲ ପକ୍ଷରୁ ମୃତକଙ୍କ ପରିବାରରୁ ଜଣଙ୍କୁ କମ୍ପାନୀରେ ଚାକରି ଓ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଗାଁ ଶ୍ମଶାନରେ ଶୋକାକୁଳ ପରିବେଶରେ ଶବ ସତ୍କାର କରାଯାଇଛି।

# ସଂସ୍କୃତି ବଞ୍ଚିଲେ ଆମ ପରିଚୟ ବଞ୍ଚି ରହିବ

**ଅମରପାଲି, ୨୭।୩(ପୀତାମ୍ବର ସାହୁ)**

ଶିକ୍ଷା ସମସ୍ତଙ୍କ ପାଇଁ ଆବଶ୍ୟକ। ମାତ୍ର ଉତ୍ତମ ଶିକ୍ଷା ପାଇଲେ ପିଲାମାନେ ଭବିଷ୍ୟତରେ ଭଲ ମଣିଷ ହେବାର ଅଧିକ ସମ୍ଭାବନା ରହିଥାଏ। କୁଶିକ୍ଷା ପିଲାଙ୍କୁ ଅବାଟକୁ ନେଇଥାଏ। ଉତ୍ତମ ଶିକ୍ଷା ସହିତ ଉତ୍ତମ ଚରିତ୍ର ଗଠନ ପାଇଁ ନିଜ ପିଲାଙ୍କୁ ସଚେତନ କରବା ଉଚିତ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜୋନ-୨ ଜିଲା ପରିଷଦ ଅନ୍ତର୍ଗତ ଲୁଡୁରପଙ୍କ ପଞ୍ଚାୟତର ଘିଚାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥି ମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଦ୍ୱିତୀୟା ଝାଙ୍କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକୋତ୍ସବ ସଭାରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ମନ ଦେଇ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ଆମ ସଂସ୍କୃତି ବଞ୍ଚିଲେ ଆମ ପରିଚୟ ବଞ୍ଚି ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମଚନ୍ଦ୍ର କଲତା,ପୂର୍ବତନ ସ୍କୁଲ ପରିଚାଳନା କମିଟିର ସଭାପତି ହରିହର ବେହେରା,ପଞ୍ଚସଖା ଶିକ୍ଷା ସେତୁ ଯୋଜନାର ସଭାପତି ମାଧବ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ବ୍ଲକ ଉପାଧ୍ୟକ୍ଷ ଙ୍କୁ ଅବଗତ କରାଇଥିଲେ। ସହକାରୀ ଶିକ୍ଷକ ମଦନ ସୁନ୍ଦର ଭୋଇ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଦିତୀୟା ଝାଙ୍କର ସ୍କୁଲର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମଞ୍ଜୁଳା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରଶ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସଭାପରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭବିକା,ଅଭିଭାବକ,ସ୍କୁଲ ପରିଚାଳନା କମିଟିର ସଦସ୍ୟ ଓ ସମସ୍ତ ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ।




କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଘିଚାପାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ**

## ରାଉରକେଲା ଭାଜପା ସାଙ୍ଗଠନିକ ଜିଲା ସଭାପତିଙ୍କୁ ସ୍ୱାଗତ



**ଲହୁଣୀପଡା, ୨୭।୩(ଦାଶରଥି ପଣ୍ଡା):** ଭାରତୀୟ ଜନତା ପାର୍ଟି ରାଉରକେଲା ସାଙ୍ଗଠନିକ ଜିଲାର ନବ ନିଯୁକ୍ତ ଜିଲା ସଭାପତି ପୂର୍ଣ୍ଣିମା କେରକେଟାଙ୍କୁ ଲହୁଣୀପଡାଠାରେ ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ କରିଛନ୍ତି। ନୂତନ ଦାୟିତ୍ୱ ଗ୍ରହଣ ପରେ ବଣେଇକୁ ପ୍ରଥମ ଥର ଆସିଥିବା ବେଳେ ଲହୁଣୀପଡା ଶିବ ମନ୍ଦିର ନିକଟରେ ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ମାନେ ଜିଲା ସଭାପତିଙ୍କୁ ସ୍ୱାଗତ କରିଥିଲେ। ସ୍ୱାଗତ କାର୍ଯ୍ୟକ୍ରମରେ ଯୁବ କାର୍ଯ୍ୟ କର୍ତ୍ତା ଅଭିରାମ ମହାକୁଳ, ଅବିନାଶ ବ୍ରହ୍ମ, ପୂର୍ଣ୍ଣ ଚନ୍ଦ୍ର ଓରାମ, ଭୁବନେଶର ବେହେରା, ବିଜୟ ଠାକୁର, ସୁଜିତ ଜୟସୱାଲ, ଗୁଡ୍ଡୁ ଚୌଧୁରୀ, ରୋହିତ କୁମାର ମାହାନ୍ତ, ସୁଦୀପ ଜୟସୱାଲ, ଶ୍ରୀକାନ୍ତ ସାହୁ, ବିଶାଲ କୁମ୍ଭାର, ଅମୃତ ଦାସ ପ୍ରମୁଖ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ପ୍ରକଳ୍ପ ବୁଲିଲେ, ସମୀକ୍ଷା କଲେ

**ସୁନ୍ଦରଗଡ଼, ୨୭।୩(ଜୟ ନାରାୟଣ ମେଣ୍ଟୁଲି)**



ସଦଭାବନା ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

ରାଜ୍ୟ କ୍ରୀଡ଼ା ଏବଂ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ତଥା ସୁନ୍ଦରଗଡ଼ ଜିଲା ପାଇଁ ନୋଡାଲ ଅଧିକାରୀଭାବେ ନିଯୁକ୍ତ ହୋଇଥିବା ଭାସ୍କର ଜ୍ୟୋତି ଶର୍ମାଙ୍କ ସୁନ୍ଦରଗଡ଼ ଜିଲା ଗସ୍ତର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସରେ ସ୍ଥାନୀୟ ସଦଭାବନା ଭବନଠାରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ବିଭିନ୍ନ ଯୋଜନା, ପ୍ରକଳ୍ପ ଆଦି ଉପରେ ସମୀକ୍ଷା କରିଥିଲେ। ବୈଠକରେ ଜିଲାପାଳ ମନୋଜ ମହାଜନ ସମଗ୍ର ଜିଲାର ଭୌଗଳିକ ଅବସ୍ଥିତି ଉପରେ ଉପସ୍ଥାପନ କରିବା ସହିତ ଜିଲାରେ ଚାଲୁଥିବା ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଗୁଡିକ ଉପରେ ଆଲୋକପାତ କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଡାକ୍ତର, ଅଣ ଡାକ୍ତର, ପାରା ମେଡିକାଲ ଷ୍ଟାଫ, ସ୍ୱାସ୍ଥ୍ୟ ମିତ୍ରମାନଙ୍କ ତଥ୍ୟ ଉପସ୍ଥାପନ କରିବା ସହିତ ଜିଲାରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚାଲୁଥିବା ବିଭିନ୍ନ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଉପରେ ଉପସ୍ଥାପନ କରିଥିଲେ। ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ନଳକୂପ, ଗ୍ରାମୀଣ ଗୃହ ନିର୍ମାଣ, ଅନ୍ତୋଦୟ ଗୃହ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଏମଜିଏନଆର୍‌ଇଜିଏ ତଥା ଓରମାସ ଏବଂ ଓଡ଼ିଶା ଜୀବିକା ମିଶନ ଦ୍ୱାରା ଜିଲାର ବିଭିନ୍ନ ଜୀବିକା ସମ୍ପର୍କିତ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ପଞ୍ଚସଖା ଶିକ୍ଷା ସେତୁ ଯୋଜନା, ପିଏମଶ୍ରୀ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ଭର୍ଚୁଆଲ ଷ୍ଟୁଡିଓ ଉପରେ ଆଲୋଚନା କରିଥିଲେ। ସେହିପରି ଜିଲା ମଙ୍ଗଳ ଅଧିକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ଏବଂ ହଷ୍ଟେଲ, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଅବସ୍ଥିତି, ଛାତ୍ରବୃତ୍ତି ଆଦି ଉପରେ ଆଲୋକପାତ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଭଦ୍ରା ଯୋଜନା ଏବଂ ଡିଜିଟାଲ ଲାଇଜେସନର ସ୍ଥିତି, କେତେ ଆବେଦନ ଗ୍ରହଣ ହେଇଛି, କେତେଜଣ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ତାହା ଉପରେ ଉପସ୍ଥାପନ କରିବା ସହିତ ଜିଲାର ଅଙ୍ଗନୱାଡ଼ି ଗୁଡ଼ିକର ସ୍ଥିତି, ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ପିଲାମାନଙ୍କର ପୋଷଣ, ଅତିରିକ୍ତ ପୋଷଣ କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ପୂର୍ଣ୍ଣ ଆହାର ଆଦି ଉପରେ ଆଲୋକପାତ କରିଥିଲେ। ସେହିଭଳି ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ଭତ୍ତା ବଣ୍ଟନ, ବିଦ୍ୟୁତକରଣ, କାମଧେନୁ ଯୋଜନା, ଜିଲାର ବୃହତ ଶିଳ୍ପ, ମଧ୍ୟମ ଶିଳ୍ପ, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ଅମୃତ ଯୋଜନା, ଜାତୀୟ ଖାଦ୍ୟ ନିରାପତ୍ତା ଅଧିନିୟମ ଓ ରାଜ୍ୟ ଖାଦ୍ୟ ନିରାପତ୍ତା ଅଧିନିୟମ, ରାସନ କାର୍ଡର ଅବସ୍ଥିତି, ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ବାଦ ଦେବା, ପିଡିଏସ ବଣ୍ଟନ ବ୍ୟବସ୍ଥା ଆଦି ଉପରେ ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମୀରାସେ, ବଣାଇ ବନଖଣ୍ଡ ଅଧିକାରୀ ଲଳିତ ପାତ୍ର, ବଣାଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ସଦର ଉପଜିଲାପାଳ ଦାଶରଥି ସରାବୁ, ପାନପୋଷ ଉପଜିଲାପାଳ ବିଜୟ ନାୟକ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଜିଲା ନୋଡାଲ ଅଧିକାରୀଙ୍କ ସମୀକ୍ଷା ବୈଠକ

## ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

**ଟେନସା, ୨୭।୩(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଜାତୀୟ ରାଜପଥ କମାର ପୋଷ ନିକଟରେ ଗୁରୁବାର ସନ୍ଧ୍ୟା ପ୍ରାୟ ୭.୩୦ରେ ଟ୍ରେଲର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ଲହୁଣୀପଡ଼ା କପଣ୍ଡ ଗ୍ରାମର ଗଣେଶ କୁମ୍ଭାର(୨୪)। କେ. ବଲାଙ୍ଗ ପୋଲିସ ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ୨ଟି ଗାଡିକୁ ଜବତ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ରାଜପଥ ବିମଲାଗଡ଼ ଓଭରବ୍ରିଜ ରାଜରାସ୍ତାରେ ଏକ ଟ୍ରେଲର୍ ଓଡି୧୬କେ୮୫୩୩ ଆସୁଥିଲା। ଏହି ସମୟରେ ଗଣେଶ ଓଡି୧୪ଏଜି୭୬୬୯ ବାଇକ୍ ଯୋଗେ ଘରକୁ ଯାଉଥିବା ବେଳେ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଜିଲା ସ୍ତରୀୟ ଏକାଭିମୁଖତା କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୨୭।୩(ଜୟ ନାରାୟଣ ମେଣ୍ଟୁଲି)**

ସାମ୍ପ୍ରତିକ ପରିସ୍ଥିତିରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସହଯୋଗ ଫଳରେ କୃଷକ ଉତ୍ପାଦକ ସଙ୍ଗଠନ ଗୁଡ଼ିକର ଦ୍ରୁତ ଅଭିବୃଦ୍ଧି ଘଟି ଜାତୀୟ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେଉଛି। ତଥାପି କିଛି ସଙ୍ଗଠନ ସେମାନଙ୍କର ଲକ୍ଷ୍ୟ ବିଭିନ୍ନ କାରଣ ଯୋଗୁ ପୂରଣ କରିପାରୁ ନାହାଁନ୍ତି। ଏହାକୁ ପରିଲକ୍ଷିତ କରି ଓଡ଼ିଶା ସରକାରଙ୍କ ସହଯୋଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର ଅଧୀନ ସମ୍ପ୍ରସାରଣ ନିର୍ଦ୍ଦେଶାଳୟଠାରେ ଏକ କୃଷକ ଉତ୍ପାଦକ ସଙ୍ଗଠନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସଙ୍ଗଠନ ଗୁଡ଼ିକର ଦକ୍ଷତା ବୃଦ୍ଧି, ଜ୍ଞାନର ପ୍ରସାରଣ, ବୈଷୟିକ ସହାୟତା, ମିଳିତ ସହଯୋଗ, କମ୍ପ୍ୟୁଟର ଭିତ୍ତିକ ସୂଚନା ପ୍ରସାରଣ ପାଇଁ ସ୍ଥାନୀୟ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ଜିଲା ସ୍ତରୀୟ ଏକାଭିମୁଖତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ୫ଟି କୃଷକ ଉତ୍ପାଦକ ସଙ୍ଗଠନର ୩୦ରୁ ଉର୍ଦ୍ଧ୍ୱ ମୁଖ୍ୟ ନିର୍ବାହୀ ଅଧିକାରୀ, ନିର୍ଦ୍ଦେଶକ ବୋର୍ଡ଼ର ସଦସ୍ୟ, କୃଷି, ଜଳ ବିଭାଜିକା, କୃଷି ଗବେଷଣା କେନ୍ଦ୍ର, ନାବାର୍ଡର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ ଜେମସ ବାଗେ ପ୍ରାରମ୍ଭିକ ଭାଷଣ ରଖିବା ସହିତ କୃଷକ ଉତ୍ପାଦକ ସଙ୍ଗଠନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାର ଲକ୍ଷ୍ୟ, ପ୍ରକଳ୍ପର କାର୍ଯ୍ୟଶୈଳୀ ଓ କାର୍ଯ୍ୟକଳାପ ଆଦି ବିଷୟରେ ଦିଗଦର୍ଶନ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ କୃଷି ଉତ୍ପାଦର ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ପଦାର୍ଥ ଏବଂ ବ୍ରାଣ୍ଡିଂ ବିଷୟରେ ଆଲୋକପାତ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସହକାରୀ ମତ୍ସ୍ୟ ଅଧିକାରୀ ଜ୍ୟୋତିର୍ମୟୀ ଦାସ ଏବଂ ଉଦ୍ୟାନ ବିଭାଗ(ଟାଙ୍ଗରପାଲି)ର ସହକାରୀ ଉଦ୍ୟାନ ଅଧିକାରୀ ଉତ୍ତମ କୁମାର ନାଏକ ସରକାରୀ ଯୋଜନାର ସମନ୍ୱୟ ଓ ଉତ୍କୃଷ୍ଟ ବିପଣନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଜିଲା ଗ୍ରାମୀଣ ବିକାଶ ପ୍ରବନ୍ଧକ (ନାବାର୍ଡ଼)ର ତାପସ ବେହେରା କୃଷକ ଉତ୍ପାଦକ ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ସ୍ଥାନୀୟ ସମସ୍ୟାର ଆଶୁ ସମାଧାନ ସହିତ ବିଭିନ୍ନ ସଫଳ ସଙ୍ଗଠନର ଉଦାହରଣ ଦେଇଥିଲେ। ଏହି କର୍ମଶାଳାକୁ କେନ୍ଦ୍ରର ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ଡ. ମନୋଜ କୁମାର ଜେନା, ଦ୍ୱିବେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡ୍ଡୁ, ଅରୁଣ କୁମାର ମିଶ୍ର, ଓ କର୍ମଚାରୀ କମଳ ଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ସୁନ୍ଦରଗଡ, ୨୭।୩(ଜୟ ନାରାୟଣ ମେଣ୍ଟୁଲି)**




ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ଛଟେନପାଲିସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏମ୍‌ସିଏଲ୍ ମହାଲକ୍ଷ୍ମୀ ଏରିଆର ପ୍ରୋଜେକ୍ଟ ଅଫିସର୍ ଅଶୋକ କୁମାର ଓଝା ଓ ତାଙ୍କ ସ୍ତ୍ରୀ ଅର୍ଚ୍ଚନା ଓଝା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉତ୍ସବକୁ ଉଦ୍‌ଘାଟନ କରି ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଡିଏଭି ଜୋନ୍-ଏ' ର ରିଜିଓନାଲ ଅଫିସର୍ ଲୋକନାଥ ପ୍ରଧାନ ଓ ତାଙ୍କ ସ୍ତ୍ରୀ ମାନସୀ ପ୍ରଧାନ ଯୋଗଦେଇଥିଲେ। ଉଭୟ ଅତିଥି ଏମ୍‌ସିଏଲ୍‌ର ଅନ୍ୟ ଅଧିକାରୀଙ୍କ ସହିତ ବିଭିନ୍ନ ପୁରସ୍କାର ବିତରଣ କରିଥିଲେ। ଯେଉଁଥିରେ ସିସିଏ ପୁରସ୍କାର, ଟପ୍ପର୍, ଆଟେଣ୍ଡାନ୍ସ, ହାଉସ ଚାମ୍ପିୟନ, ରନର୍ସ ଅପ ଓ ସ୍ୱେଚ୍ଛାସେବୀଙ୍କ ପୁରସ୍କାର ଅନ୍ୟତମ ଥିଲା। ପଞ୍ଚମ ଶ୍ରେଣୀ ଛାତ୍ରୀ ତନୁଶ୍ରୀ ପଟେଲ ଟପର୍ ହୋଇଥିବାବେଳେ ଦୟାନନ୍ଦ ହାଉସ ଚାମ୍ପିୟନ ଓ ହଂସରାଜ ହାଉସ ରନର୍ସ ଅପ ପୁରସ୍କାର ଗ୍ରହଣ କରିଥିଲେ। ଏମସିଏଲ୍‌ର ଇଲେକ୍ଟ୍ରିକାଲ ଡିପାର୍ଟମେଣ୍ଟର ଦିନେଶ କୁମାର ସିଂହ, ପର୍ସନାଲ ଡିପାର୍ଟମେଣ୍ଟର ମିତ୍ରଭାନୁ ପଟେଲ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ନିଜ ବକ୍ତବ୍ୟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ବିଦ୍ୟାଳୟ ବଦ୍ଧ ପରିକର ଥିବା ଉଲ୍ଲେଖ କରିଥିଲେ ଓ ଅଭିଭାବକଙ୍କ ସହଯୋଗ କାମନା କରିଥିଲେ। ଏଥିସହିତ ସେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ବିଭିନ୍ନ ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷା ଅଧ୍ୟକ୍ଷ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ମୁଖପତ୍ର 'ଅନ୍‌କୋର୍' ଏହି ଅବସରରେ ଉନ୍ମୋଚିତ ହୋଇଥିଲା । ଶିକ୍ଷୟିତ୍ରୀ ଆୟୁଷୀ ପଟେଲ ଓ ପୂଜା ରଥ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସୁଶ୍ରୀ ସାଇନା ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ଆବିଷ୍କାର ଯୋଜନାରେ ବୁଲିଲେ ୭୦୦ ବିଦ୍ୟାର୍ଥୀ

**ସୁନ୍ଦରଗଡ, ୨୭।୩(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ଶିକ୍ଷା ବିଭାଗ କାର୍ଯ୍ୟାଳୟ ତରଫରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ କାର୍ଯ୍ୟକ୍ରମରେ ଜିଲାର ୧୧୨ଟି ହାଇସ୍କୁଲର ୩୩୬ଜଣ ଛାତ୍ରୀଛାତ୍ର ଓ ୨୧ଜଣ ଗାଇଡ ବିଜ୍ଞାନ ଶିକ୍ଷକ ସମ୍ବଲପୁର ସ୍ଥିତ ଜାତୀୟ ପ୍ରବନ୍ଧନ ପ୍ରତିଷ୍ଠାନ (ଆଇଆଇଏମ) ଏବଂ ୧୨୦ଟି ହାଇସ୍କୁଲର ୩୬୪ଜଣ ଛାତ୍ରୀ ଛାତ୍ର ଓ ୨୫ଜଣ ଗାଇଡ ବିଜ୍ଞାନ ଶିକ୍ଷକ ରାଉରକେଲା ସ୍ଥିତ ଜାତୀୟ ବୈଷୟିକ ପ୍ରତିଷ୍ଠାନ (ଏନଆଇଟି)ପରିଦର୍ଶନ କରି ବିଭିନ୍ନ ବିଷୟରେ ଅନୁଧ୍ୟାନ କରି ଖୁସି ବ୍ୟକ୍ତ କରିଛନ୍ତି। ହାଇସ୍କୁଲ ସ୍ତରରୁ ଛାତ୍ରୀଛାତ୍ର ଜାତୀୟ ପ୍ରତିଷ୍ଠାନକୁ ଶିକ୍ଷା ଟୁରିଜମ ଯୁବ ବିଦ୍ୟାର୍ଥୀଙ୍କୁ ଶିକ୍ଷା କ୍ଷେତ୍ରରେ ପ୍ରେରିତ କରିବ ବୋଲି ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ କହିଛନ୍ତି। ଏହି କାର୍ଯ୍ୟକ୍ରମ ଜିଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ର ଶେଖର ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହାଓ ଜିଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ କୁମାର ପଧାନ ଉଭୟ ଦଳର ପରିଦର୍ଶନରେ ସାମିଲ ହୋଇ ଭାବ ବିନିମୟ କରିଥିଲେ।

## ବାର୍ଷିକ କ୍ରୀଡ଼ା, ପୁରସ୍କାର ବିତରଣ ଉତ୍ସବ




ରାଜ୍ୟରୁ ପ୍ରତିନିଧିତ୍ୱ କରିଥିବା ରିଶମା ଖଡିଆଙ୍କୁ ପୁରସ୍କୃତ କରାଯାଉଛି।

**ବଡ଼ଗାଁ, ୨୭।୩(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଡୁଡାଲଗା ପିଏମଶ୍ରୀ ବାଳିକା ହାଇସ୍କୁଲ ପରିସରରେ ଗୁରୁବାର ବାର୍ଷିକ କ୍ରୀଡା ଦିବସ ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଓ ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହିରୋ, ବ୍ଲକ ମଙ୍ଗଳ ଅଧିକାରୀ ଦିଲିପ ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସନାତନ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ସରୋଜ ମହାପାତ୍ର ସଭା ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ସ୍ତରରେ ଅଣ୍ଡର ୧୪ ବିଭାଗରେ ୩ ଶହ ମିଟର ଦୌଡରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଛାତ୍ରୀ ରିଶମା ଖଡିଆଙ୍କୁ ସମ୍ବର୍ଦ୍ଧିତ ଓ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବିଭାଗର ଚାମ୍ପିୟନଭାବେ ରିଶମା ଖଡିଆ ଓ କନିଷ୍ଠ ବିଭାଗ ଚାମ୍ପିୟନ ଭାବେ ରୁବିନା ଜଗତଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପିଏମଶ୍ରୀ ଅନୁଦାନରେ ନିର୍ମାଣ ହୋଇଥିବା ଟେବୁଲ ଟେନିସ କୋଡକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଶେଷରେ ହାଇସ୍କୁଲର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉତ୍ସବ ପରିଚାଳନାରେ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

## ସିଆଇଟିୟୁ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ



ବିକ୍ଷୋଭରେ ସାମିଲ ବିଧାୟକ ଓ ଅନ୍ୟମାନେ।

**ଟେନସା, ୨୭।୩(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ଅଞ୍ଚଳରେ ରହିଛି ୬ଟି ରେଲୱେ ସାଇଡିଂ। ଏହି ସାଇଡିଂରେ ୧୫ ହଜାର ଆଦିବାସୀ ଶ୍ରମିକ ଏବେ ବେରୋଜଗାର ହେବା ଆଶଙ୍କା ନେଇ ମଙ୍ଗଳବାର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁ ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି, ସିପିଆଇଏମ୍ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ରାଜ୍ୟ ସିଆଇଟିୟୁ ସମ୍ପାଦକ ପ୍ରଭାତ ପଣ୍ଡା, ବିମାନ ମାଇତି, ଜିଲା ପରିଷଦ ସଦସ୍ୟା ସୁଶୀଳା ମୁଣ୍ଡା, ସରପଞ୍ଚ ନେଲସନ ମୁଣ୍ଡା, ଆନନ୍ଦମାସୀ ହର, କୃଷ୍ଣ ଚନ୍ଦ୍ର ବାରିକ, ହୃଦାନନ୍ଦ ଯାଦବ, ସୁରେନ୍ଦ୍ର ଦାଶ, ଲାଦୁ ମହାନ୍ତ ପ୍ରମୁଖଙ୍କ ସହ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ବିମଳାଗଡ ରେଳ ଷ୍ଟେଶନକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରିବା ସହ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରି ରେଳ ସାଇଡିଂକୁ ରେଳ ଚଳାଚଳ ଠପ୍ କରିଥିଲେ। ସୂଚନାଯାୟୀ, ୧୧।୦୩।୨୦୨୫ରେ ଜିଲାପାଳ ସମେତ ବହୁ ବିଭାଗୀୟ ଅଧିକାରୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ ଯେ, ବଣାଇଁ ଉପଖଣ୍ଡ ଏକ ପଛୁଆ ଅଞ୍ଚଳ ଥିବାବେଳେ ଖଣିଜ ପଦାର୍ଥରେ ଭରପୂର। ପରିବାରରମୁଖ୍ୟତଃ ଆୟ ଖଣି ଏବଂ ଲୋଡିଂ କ୍ଷେତ୍ରରୁ ଆସିଥାଏ। ସ୍ଥାନୀୟ ଲୋକେ ଲୁହାପଥର ରେଳ ସାଇଡିଂରେ ଲୋଡିଂ ଶ୍ରମିକଭାବେ କାର୍ଯ୍ୟ କରୁଛନ୍ତି। କିନ୍ତୁ ବିଗତ କିଛି ମାସରୁ ସମସ୍ତ ରେକ୍ ପଡୋଶୀ ଜିଲା କେନ୍ଦୁଝରକୁ ପଠାଯାଉଛି ଏବଂ ସ୍ଥାନୀୟ ରେଳ ସାଇଡିଂଗୁଡିକରେ ରେଳ ରେକ୍ ସଂଖ୍ୟା ହ୍ରାସ ହେବା ଦ୍ୱାରା ବିମଳାଗଡ଼ ରେଳ ସାଇଡିଂରେ ୩୫୦୦, ପାଟାସାହିରେ ୨୦୦୦, ରକ୍ସି ୧୩୮୦, ରେଞ୍ଜଡା ୧୧୦୦, ଚାନ୍ଦିପୋଷ ୧୧୦୦ ଏବଂ ବାରସୁଆଁ ୧୦୦୦ ରେଲୱେ ଲୋଡିଂ ସାଇଡିଂ ଶ୍ରମିକମାନଙ୍କ କାର୍ଯ୍ୟ ବନ୍ଦ ହେବାରେ ଲାଗିଛି। ଶ୍ରମର ଅଧିକ ଆୟ କରିବା ପାଇଁ ଆଇଆର୍ ରେକ୍ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯାଉ ବୋଲି ପ୍ରକାଶ କରିଥିଲେ। ପରେ ବଣାଇଁ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଧାୟକଙ୍କ ସମେତ ନେତୃମଣ୍ଡଳି, ବନ୍ଧମୁଣ୍ଡା ରେଳ ଡିଭିଜନ ଏଆର୍‌ଏମ୍ ସମୀର ସୌରଭ ଯଥାସମ୍ଭବ ରେକ୍ ପ୍ରଦାନ କରାଯିବାର ଲିଖିତ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା

**ହେମଗିର, ୨୭।୩(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲଡିପାଠାରେ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସଭାପତି ମାନସ ରଞ୍ଜନ ପଧାନ, ପୂର୍ବତନ ସଭାପତି ବୈକୁଣ୍ଠ ପଧାନ, ସମ୍ପାଦକ ବୀର କିଶୋର ପଧାନ ତଥା ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା ସଭାରେ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ର।

## ୱାର୍ଲ୍ଡକପ ସିପକ୍‌ଟାକ୍ର ପ୍ରତିଯୋଗିତାରେ ପୃଥ୍ୱୀରାଜ

**ସୁନ୍ଦରଗଡ଼, ୨୭।୩(ଜୟ ନାରାୟଣ ମେଣ୍ଟୁଲି)**

ମାର୍ଚ୍ଚ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ବିହାର ରାଜ୍ୟ ପାଟଣା ପାଟଳିପୁତ୍ର ଇନ୍‌ଡୋର ଷ୍ଟାଡିୟମ ପରିସରରେ ୱାର୍ଲ୍ଡକପ୍ ସିପକଟାକ୍ର ପ୍ରତିଯୋଗିତା ଚାଲିଥିଲା। ଏହି ଅବସରରେ ଓଡ଼ିଶା ରାଜ୍ୟ ସିପକଟାକ୍ର ସଂଘର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁଙ୍କ ନିର୍ଦ୍ଦେଶରେ ସୁନ୍ଦରଗଡ଼ ଜିଲା ସିପକଟାକ୍ର ସଂଘର ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀ ୨୪ ତାରିଖରେ ପ୍ରତିଯୋଗିତା ସ୍ଥଳକୁ ପହଞ୍ଚିଥିଲେ। ସେଠାରେ ସିପକଟାକ୍ର ଫେଡେରେଶନ ଅଫ ଇଣ୍ଡିଆର ସଭାପତି ଯୋଗେନ୍ଦର ସିଂ ଦହିୟାଙ୍କ ସହିତ ସାକ୍ଷାତ କରି ପ୍ରତିଯୋଗିତାରେ ସହଯୋଗ କରିଥିଲେ। ଇଣ୍ଡିଆ ପୁରୁଷ ଦଳ ରେଗୁ ଇଭେଣ୍ଟରେ ଜାପାନ ଦଳକୁ ୨/୧ରେ ହରାଇ ୱାର୍ଲ୍ଡ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ମହିଳା ଦଳ ରେଗୁ ଇଭେଣ୍ଟରେ ଚତୁର୍ଥ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ବିହାର ମୁଖ୍ୟମନ୍ତ୍ରୀ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ବିଭିନ୍ନ ବିଭାଗର ମନ୍ତ୍ରୀ, କ୍ରୀଡ଼ା ବିଭାଗର ଉଚ୍ଚ ପଦାଧିକାରୀ ଏବଂ ବିଭିନ୍ନ ଦେଶର ସିପକଟାକ୍ର ଫେଡେରେଶନର ଉଚ୍ଚ ପଦାଧିକାରୀ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ଜାପାନ, ସିଙ୍ଗାପୁର, ଇରାନ, ନେପାଳ, ଥାଇଲାଣ୍ଡ, ଭିଏତ୍‌ନାମ, ମାଲେସିଆ, ପୋଲାଣ୍ଡ, ଶ୍ରୀଲଙ୍କା, ଫ୍ରାନ୍ସ, ଇଣ୍ଡୋନେସିଆ, ଇଟାଲୀ, ସୁଇଜରଲାଣ୍ଡ, ଚାଇନା ପ୍ରମୁଖ ଦେଶଗୁଡ଼ିକରୁ ଖେଳାଳିମାନେ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାରୁ ଅନ୍ତର୍ଜାତୀୟ ରେଫରି ବ୍ରଜ ମୋହନ ସାହୁ ଏବଂ ରାମଚନ୍ଦ୍ର ବାରିକ ଯୋଗଦେଇ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସୁନ୍ଦରଗଡ଼ ଜିଲା ସିପକଟାକ୍ର ସମ୍ପାଦକ ଷଡ଼ଙ୍ଗୀ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ସାହୁଙ୍କ ଅନୁରୋଧ କ୍ରମେ ସୁନ୍ଦରଗଡ଼ ଜିଲାରେ ଭବିଷ୍ୟତରେ ଜାତୀୟ ସ୍ତରୀୟ ସିପକଟାକ୍ର ପ୍ରତିଯୋଗିତା କରାଯିବ ବୋଲି ଇଣ୍ଡିଆ ସଭାପତି ଦହିୟା ପ୍ରତିଶ୍ରୁତି ଦେଇଛନ୍ତି।




ଅତିଥିଙ୍କ ସହ ପ୍ରତିଯୋଗୀ।

## କୃଷି ଯାନ୍ତ୍ରୀକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୨୭।୩(ଜୟ ନାରାୟଣ ମେଣ୍ଟୁଲି)**




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟଠାରେ କାର୍ଯ୍ୟରତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ "ଓଡିଶାର ଢିପ ଜମିରେ ପୁଷ୍ଟିଶଷ୍ୟ ଚାଷର ବିକାଶ " ତରଫରୁ ବୁଧବାର ସୁନ୍ଦରଗଡ ଜିଲାର ମହୁଲପାଲିଠାରେ ପୁଷ୍ଟି ଶଷ୍ୟ ଚାଷରେ କୃଷି ଯାନ୍ତ୍ରିକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ପ୍ରତି ଓଡ଼ିଶା ସରକାରଙ୍କର ଆର୍ଥିକ ସହାୟତାରେ କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡା, ନବରଙ୍ଗପୁର ଓ କୋରାପୁଟରେ ଓୟୁଏଟି ଓ ଇକରିସାଟ ଦ୍ୱାରା ମିଳିତ ଭାବରେ ଉକ୍ତ ପ୍ରକଳ୍ପ ତରଫରୁ ପୁଷ୍ଟି ଶଷ୍ୟର ଚାଷ, କିସମ, ଯାନ୍ତ୍ରିକରଣ ବିଷୟରେ ଗବେଷଣା ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଚାଲୁଛି। ପ୍ରକାଶ ଥାଉ କି, ଚଳିତ ବର୍ଷ ଉକ୍ତ ୫ଟି ଜିଲାରେ ବିଶ୍ୱବିଦ୍ୟାଳୟ ତରଫରୁ ବିକଶିତ ବିଭିନ୍ନ ପୁଷ୍ଟି ଶଷ୍ୟର ଅମଳ ଯନ୍ତ୍ରଗୁଡିକର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଏହିକ୍ରମରେ ସୁନ୍ଦରଗଡ ଜିଲା ମହୁଲପାଲିଠାରେ ଜିଲାର ଅଗ୍ରଣୀ ଚାଷୀ, କୃଷି ବିଭାଗର କର୍ମଚାରୀ, ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ ଅନୁଷ୍ଠାନ, ବିଭିନ୍ନ ବେସରକାରୀ ସଂସ୍ଥା ପାଇଁ ଉର୍ଦ୍ଦିଷ୍ଟ ପୁଷ୍ଟି ଶଷ୍ୟ ଚାଷରେ କୃଷି ଯାନ୍ତ୍ରିକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇକରିସାଟର କୃଷି ଯାନ୍ତ୍ରିକରଣ ପରାମର୍ଶଦାତା ଡ. ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ ପୁଷ୍ଟି ଶଷ୍ୟ ଚାଷ ନିମନ୍ତେ ବିଶ୍ୱବିଦ୍ୟାଳୟ ତରଫରୁ ବିକଶିତ ବିଭିନ୍ନ ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ ଓ ଉପସ୍ଥିତ ଚାଷୀମାନଙ୍କ ସହ ବିଶଦ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ଅଞ୍ଚଳରେ କେଉଁ ଯନ୍ତ୍ରପାତି ଗୁଡିକର କ୍ଷେତ୍ର ପ୍ରଦର୍ଶନ କରାଯିବାର ଆବଶ୍ୟକତା ରହିଛି ସେଥିପାଇଁ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ଓଡ଼ିଶା କୃଷି ଶିଳ୍ପ ନିଗମ, ସୁନ୍ଦରଗଡ ଜିଲା ପରିଚାଳକ ଇଞ୍ଜିନିୟର ସୁବୋଧ ତନୟା ପାଣିଗ୍ରାହୀ, ସହକାରୀ କୃଷି ଯନ୍ତ୍ରୀ ଇଂ ମୋନାଲିସା ସାହୁ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ ଅନୁଷ୍ଠାନର ବୈଜ୍ଞାନିକ ଡ. ସଞ୍ଜୀବ ବିଶ୍ୱାସୀ, ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ମନୋଜ ଜେନା, ବିଶ୍ୱବିଦ୍ୟାଳୟର ଗବେଷଣା ସାହାଯ୍ୟ ଇଂ ଋଷିକେଶ ସାହୁ ପ୍ରମୁଖ ଯୋଗଦେଇ ପୁଷ୍ଟି ଶଷ୍ୟ ଚାଷରେ ଯନ୍ତ୍ରପାତିର ଉପଯୋଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଣସରକାରୀ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମା ଓ ତାଙ୍କର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ଜିଲା ବାର୍ଷିକ ଆଥଲେଟିକ୍ ମିଟ୍ ଉଦ୍‌ଘାଟିତ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ଓଏସ୍ଏପି ଦ୍ୱିତୀୟ ବେଟାଲିୟନ ପରେଡ ଗ୍ରାଉଣ୍ଡରେ ୨୮ତମ ବାର୍ଷିକ ଆଥଲେଟିକ ମିଟ ଗୁରୁବାର ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟିତ ହୋଇଛି। ଆଥଲେଟିକ ମିଟ୍ ଶୁକ୍ରବାର ଉଦ୍‌ଯାପିତ ହେବ। ଜିଲା ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ବାର୍ଷିକ ଆଥଲେଟିକ୍ ମିଟ୍ ଜିଲାପାଳ ଆବୋଲି ସୁନୀଲ ନରୱଣେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓଏସ୍ଏପି କାମଣ୍ଡେଣ୍ଟ ପ୍ରସାଦ ତମାଙ୍ଗ ସମ୍ମାନିତ ଅଥିତି ଭାବରେ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦ରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କ୍ରୀଡାବିଦଙ୍କୁ ଉତ୍ସାହିତ କରି ରାଜ୍ୟ ଏବଂ ଦେଶ ତଥା ଅନ୍ତର୍ଜାତୀୟସ୍ତରର ଖେଳାଳି ଗଢିବା ଆଥଲେଟିକ୍ ମିଟର ଲକ୍ଷ୍ୟ ରହିଛି।

## ସଂକ୍ଷେପରେ

### କନକତୋରା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ଝାରସୁଗୁଡ଼ା/ଲଖନପୁର,୨୭।୩ (ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତ କନକତୋରା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ବୁଧବାର ସମବାୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ଶ୍ରୀବନ୍ତ କୁମାର ଚଇନିଙ୍କ ସଭାପତିତ୍ୱରେ ସଭାରେ ସମବାୟର ଗତ ୨୦୨୪-୨୫ବର୍ଷ ଆୟବ୍ୟୟ ବିସ୍ତୃତ ଆଲୋଚନା ସାଙ୍ଗକୁ ୨୦୨୫-୨୬ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରାଯାଇଥିଲା। ଏହି ସଭାରେ କନକତୋରା ସ୍ଥିତ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ସଖା ପରିଚାଳକ ସହିତ ସମବାୟ ଅଧୀନରେ ଥିବା ସମସ୍ତ ଗାଁର ଚାଷୀ ସମୂହ ଉପସ୍ଥିତ ରହିଥିଲେ। କିଭଳି ଭାବେ ଠିକ ସମୟରେ ଚାଷୀମାନେ ଋଣ ପରିଶୋଧ କରିବା ସହିତ ଋଣ ଖିଲାପିରୁ ବର୍ତ୍ତିବେ ଓ ଦିନକୁ ଦିନ ସମବାୟ ଅଗ୍ରଗତି କରିବ ସେ ଦିଗରେ ଗୁରୁତ୍ୱଆରୋପ କରିଥିଲେ।

# ପୂରଣ ହେଉନି ଟ୍ୟାପ୍‌ରେ ପାଣି ପାଇବା ସ୍ୱପ୍ନ

ଝାରସୁଗୁଡ଼ା,୨୭।୩(ଆଶିଷ ରଞ୍ଜନ ଦାଶ)



■ନଦୀରେ ପାଣି ନାହିଁ, ଆସିବ କେଉଁଠୁ

■ସହରରେ ଗୋଟିଏ ବି ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇନାହିଁ

ପ୍ରତ୍ୟେକ ପରିବାର ନିକଟରେ ୨୦୨୪ ଶେଷ ସୁଦ୍ଧା ଟ୍ୟାପ ଯୋଗେ ବିଶୁଦ୍ଧ ପିଇବା ପାଣି ପହଞ୍ଚାଇବା ପାଇଁ ସରକାର ଘୋଷଣା କରିଥିଲେ। ଏଥିପାଇଁ ସରକାର ଝାରସୁଗୁଡ଼ା ସହରର ସମସ୍ତ ୱାର୍ଡ ତଥା ବିଭିନ୍ନ ଗ୍ରାମାଞ୍ଚଳରେ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିଲେ। ୨୦୨୪ ଶେଷ ହୋଇ ବର୍ତ୍ତମାନ ୨୦୨୫ ମାର୍ଚ୍ଚ ମାସ ଶେଷ ହେବାକୁ ଗଲାଣି। ହେଲେ ଗୋଟିଏ ବି ଜଳ ଯୋଗାଣ ପ୍ରକଳ୍ପ ସହରରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ଝାରସୁଗୁଡ଼ା ସହରବାସୀ ଗ୍ରୀଷ୍ମ ଋତୁରେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ଜନସାଧାରଣ ସରକାରଙ୍କ ଘୋଷଣା ପରେ ଘରେ ଘରେ ଟ୍ୟାପ ପାଣି ପହଞ୍ଚିବ ଏବଂ ସବୁଦିନ ପାଇଁ ପିଇବା ପାଣିର ଅସୁବିଧାରୁ ମୁକ୍ତି ପାଇବୁ ବୋଲି ସ୍ୱପ୍ନ ଦେଖିଥିଲେ। ସ୍ୱପ୍ନ କେବେ ସତ ହେବ ତାହା ସମୟ କହିବ। ଅନ୍ୟପକ୍ଷେ ବିଳମ୍ବିତ ହେଲେ ମଧ୍ୟ ଶହ ଶହ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଜଳ ଯୋଗାଣ ପ୍ରକଳ୍ପଗୁଡିକ ଆଜି ନ ହେଲେ କାଲି କାର୍ଯ୍ୟକ୍ଷମ ହେବ। ବର୍ତ୍ତମାନ ସରକାର ପ୍ରକଳ୍ପଗୁଡିକ ଶୀଘ୍ର ସାରିବା ପାଇଁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ସବୁଠାରୁ ବଡ଼ କଥା ଖରାଦିନେ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେଲେ, ପାଣି ଆସିବ କେଉଁଠୁ। ଇବ ଓ ଭେଡେନ ନଦୀ ଫେବୃଆରୀରୁ ଶୁଖିଲା ପଡିଛି। ଯେଉଁ ଟିକେ ପାଣି ଧାରା ବୋହୁଛି ତାହା କମ୍ପାନୀ ନେଇଯାଉଛି। ଭୂପୃଷ୍ଠ ଜଳସ୍ତର ଦିନକୁ ଦିନ ନିମ୍ନଗାମୀ ହେଉଛି। ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ଯେ ଜଳ ଯୋଗାଣ ବିଭାଗ ତାର ମେଗା ପ୍ରକଳ୍ପ ପାଇଁ ପାଣି କେଉଁଠୁ ଆଣିବ। ଝାରସୁଗୁଡ଼ା ଜିଲାର ବିଭିନ୍ନ ଗ୍ରାମରେ ନିର୍ମାଣ କରାଯାଇଥିବା ଜଳ ଯୋଗାଣ ପ୍ରକଳ୍ପ ଗୁଡିକ କେଉଁଠି ବନ୍ଦ ପଡିଛି ତ କେଉଁଠି ଅଧା ଚାଲୁଛି। ଜିଲାରେ ଜଳ ଯୋଗାଣ ବିଭାଗ ଏବଂ ୱାଟକୋ ବିଭାଗରେ ଖର୍ଚ୍ଚ ହେଉଥିବା ଶହ ଶହ କୋଟି ଟଙ୍କା ପ୍ରକୃତରେ ଲୋକଙ୍କ କାମକୁ ଆସିବ ନା ନାହିଁ ଏବଂ ଝାରସୁଗୁଡ଼ା ଜନସାଧାରଣ କେତେ ଦିନ ଆଉ ଏପରି ଜଳକଷ୍ଟ ଭୋଗ କରିବେ ତାହା ଝାରସୁଗୁଡ଼ାବାସୀଙ୍କ ମନରେ ସନ୍ଦେହ ପ୍ରକାଶ କରିଛି। ଏ ସମ୍ପର୍କରେ ଝାରସୁଗୁଡ଼ା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିବାଶିଷ ଦାଶଙ୍କୁ ପଚରାଯିବାରୁ ସେ କହିଥିଲେ ଯେ ଝାରସୁଗୁଡ଼ା ଜିଲାର ବିଭିନ୍ନ ଗ୍ରାମଗୁଡିକରେ ବିଭିନ୍ନ ଠିକା ସଂସ୍ଥା ରାସ୍ତାଗୁଡିକ କଂକ୍ରିଟ ଫଟାଇ ଦେଇଥିବାରୁ ଜଳ ଯୋଗାଣରେ ଅସୁବିଧା ହେଉଛି। ଯେଉଁ ପ୍ରକଳ୍ପଗୁଡିକ ଅଧା ଚାଲୁଛି ତାହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରୟାସ କରାଯାଉଛି। ୱାଟକୋର ଜେଏମ୍ ସୁବ୍ରତ କୁମାର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ରିସିଭ କରି ନ ଥିବାରୁ ତାଙ୍କ ମତାମତ ମିଳି ପାରିନାହିଁ।

# ୟୁନିଫାଏଡ୍ ଅଟୋମେଶନ ପଦ୍ଧତି ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳା




ପ୍ରଶିକ୍ଷଣ କର୍ମଶାଳାରେ ଯୋଗଦେଇଥିବା ଶିକ୍ଷକୟିତ୍ରୀଶିକ୍ଷକ ଏବଂ ଅନ୍ୟମାନେ।

ଦେବଗଡ଼,୨୭।୩(ଶଶାଙ୍କ ଶେଖର ଝାଙ୍କର)

ସମଗ୍ରଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ୩ଟି ବ୍ଲକରେ ସମସ୍ତ କ୍ଲଷ୍ଟର ସିଆର୍‌ସିସି ଓ ଦୁଇଜଣ ସାଧନ କର୍ମୀମାନଙ୍କୁ ନେଇ ୟୁନିଫାଏଡ଼ ଅଟୋମେଶନ ପଦ୍ଧତି ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଆଗାମୀ ଶିକ୍ଷା ବର୍ଷରେ ବିଦ୍ୟାଳୟସ୍ତରରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ବିଦ୍ୟାଳୟ ପ୍ରୋଫାଇଲ, ଶିକ୍ଷକ ପ୍ରୋଫାଇଲ, ଛାତ୍ରୀଛାତ୍ର ପ୍ରୋଫାଇଲ, ଅନଲାଇନ ମାଧ୍ୟମରେ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ, ଅନଲାଇନ ମନିଟରିଙ୍ଗ ବ୍ୟବସ୍ଥା ସମ୍ବନ୍ଧୀୟ ଧାରଣା ପ୍ରଦାନ କରାଯାଇଥିଲା। ସମଗ୍ର ଶିକ୍ଷା ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରକୋଟ ବ୍ଲକରେ ଅଭୟ କୁମାର ସାହୁ, ସିଆର୍‌ସିସି କାହ୍ନୁଚରଣ ବେହେରା, ରିଆମାଳ ବ୍ଲକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଯୁକ୍ତା ସାମଲ, ଏମ୍ଆଇଏସ୍ ଧିରେନ କୁମାର ବେହେରା, ତିଳେଇବଣି ବ୍ଲକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଏମ୍ଆଇଏସ୍ ସୁମନ ମହାନ୍ତି, ସମଗ୍ର ଶିକ୍ଷା କାର୍ଯ୍ୟାଳୟର କୀର୍ତ୍ତି ସୁନ୍ଦର ମହାକୁଳ ପ୍ରମୁଖ କର୍ମଶାଳାରେ ସାଧନ କର୍ମୀ ଦାୟିତ୍ୱ ବହନ କରିଥିଲେ। ଆଗାମୀ ୧ ତାରିଖ ସୁଦ୍ଧା ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ କ୍ଲଷ୍ଟରସ୍ତରରେ ଉକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବର ବ୍ୟବସ୍ଥା କରାଯାଇଛି।

### ଅତାବିରାରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଝାରସୁଗୁଡ଼ା/ଲଖନପୁର,୨୭।୩ (ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅତାବିରା ଗ୍ରାମରେ ଜଗନ୍ନାଥ ମନ୍ଦିର ଓ ଭଇରବେଶ୍ୱର ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଉପଲକ୍ଷେ ଚାଲିଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କ୍ଷୀରୋଦ ପଧାନ ଓ ଝରଣା ପଧାନ କର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ। ଆତ୍ମାରାମ ଖମାରୀ, ଗୋପାଳ ମେହେର, ମତିରାମ ବାରିକ, ଗୟାରାମ ବିଶ୍ୱାଳ, ନାରାୟଣ ବିଶ୍ୱାଳ, ପ୍ରେମାନନ୍ଦ ପଧାନ ଷଡ଼ବୈଷ୍ଣବ କାର୍ଯ୍ୟ ତୁଲାଇଥିଲେ। ଡାଲିମ୍ବ ଦାସ ଓ ଜେଜେରାମ ମହାପାତ୍ର ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ।

# କଡ଼ାକଡ଼ି ଚେକିଂ, ଟ୍ରାଫିକ୍ ନିୟମ ପାଳନ ଉପରେ ଗୁରୁତ୍ୱ




ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଦେବଗଡ଼,୨୭।୩(ଶଶାଙ୍କ ଶେଖର ଝାଙ୍କର)

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ସନ୍ଧ୍ୟାରେ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନ ଏବଂ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାସ୍ତା ସମସ୍ୟା, ଟ୍ରାଫିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଜିଲାରେ ସଡକ ଦୁର୍ଘଟଣା କିଭଳି ରୋକାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ବିଶେଷ କରି ଦୁର୍ଘଟଣା ରୋକିବା ପାଇଁ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କଡାକଡି ଚେକିଂ କରିବା ସହିତ ଟ୍ରାଫିକ ନିୟମ ପାଳନ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଡିଏସପି ପବିତ୍ର କିଷାନ, ଉପଜିଲାପାଳ ପରକ୍ଷିତ ସାହୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଧନଞ୍ଜୟ ମହାନ୍ତ, ମୋଟର ଯାନ ନିରୀକ୍ଷକ ଶ୍ରୀବତ୍ସ ଦଳେଇ, ଯୋଗାଣ ଅଧିକାରୀ କେଦାର ନାଥ ନାଏକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସତ୍ୟନାରାୟଣ ମିଶ୍ର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଦିବାସୀ ଜମି ଦଖଲ କରିଛନ୍ତି ଅଣଆଦିବାସୀ ବ୍ୟବସାୟୀ

ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)

ଆୟକର ବିଭାଗର ତଦନ୍ତକାରୀ ଶାଖା(ଇନ୍‌ଭେଷ୍ଟିଗେଶନ ୱିଙ୍ଗ)ର ବେନାମୀ ନିରୋଧୀ ୟୁନିଟ(ବିପିୟୁ) ଅଣଆଦିବାସୀ ବ୍ୟବସାୟୀଙ୍କ ଦ୍ୱାରା ଆଦିବାସୀ ଜମି ଦଖଲ ସମ୍ପର୍କିତ ଏକ ବଡ଼ ଦୁର୍ନୀତିର ତଥ୍ୟ ପ୍ରକାଶ କରିଛି। ତଦନ୍ତରୁ ବିଭାଗ ଜାଣିବାକୁ ପାଇଛି ଯେ, ଅନେକ ଅଣଆଦିବାସୀ ଧନିକ ବ୍ୟକ୍ତି ଆଦିବାସୀଙ୍କ ନାମରେ ଜମି କିଣୁଛନ୍ତି। ଆଇନ ଅନୁଯାୟୀ, ରାଜ୍ୟରେ ଅନୁସୂଚିତ ଜନଜାତିର ଜମି ଅଣ-ଅନୁସୂଚିତ ଜନଜାତିଙ୍କୁ ହସ୍ତାନ୍ତର ଉପରେ ପ୍ରତିବନ୍ଧକ ଏବଂ ନିୟମ ରହିଥିବା ସତ୍ତ୍ୱେ ଏହାର ଖୋଲା ଉଲ୍ଲଙ୍ଘନ କରାଯାଇଛି।

ମିଳିଥିବା ସୂଚନାନୁସାରେ, ଝାରସୁଗୁଡ଼ାର ଜଣେ କୋଲ୍ ଟ୍ରାନ୍ସପୋର୍ଟର ପ୍ରାୟ ୨୫କୋଟି ଟଙ୍କା ମୂଲ୍ୟର ୨୨ଏକର ଅନୁସୂଚିତ ଜନଜାତିଙ୍କ ନାମରେ ଥିବା ଜମିକୁ ଲଳିତ ଭୋଇ, ନବୀନ ଚନ୍ଦ୍ର କୁମୁରା ଏବଂ ଉମ୍ବରୁଧର ନାଏକଙ୍କ ନାମରେ ବେନାମୀ ଖରିଦ କରିଛନ୍ତି। ଏହି ଜମି କିଣାରେ ସମ୍ପୃକ୍ତ କୋଲ୍ ଟ୍ରାନ୍ସପୋର୍ଟର ବିଶେଷ ଲାଭବାନ ହୋଇଛନ୍ତି। ଉକ୍ତ ଜମି କିଣା ପାଇଁ ଦେଇଥିବା ସମସ୍ତ ଟଙ୍କା ଉକ୍ତ କୋଲ୍ ଟ୍ରାନ୍ସପୋର୍ଟରଙ୍କ ସ୍ତ୍ରୀଙ୍କ ବ୍ୟବସାୟିକ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଥିବା ଘଟଣାର ଖୋଳତାଡ଼ ପରେ ତଥ୍ୟ ସାମ୍ନାକୁ ଆସିଛି। ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଅଞ୍ଚଳରେ ଏହି ବେନାମୀ ସମ୍ପତ୍ତି, ବେନାମୀ ବ୍ୟାଙ୍କ ଆକାଉଣ୍ଟ ଉକ୍ତ ବ୍ୟବସାୟୀଙ୍କ ଅଧୀନରେ ଥିବା ବିପିୟୁ ୟୁନିଟ ତଦନ୍ତରୁ ଜାଣିବାକୁ ପାଇଛି। ଉକ୍ତ ୨୨ ଏକର ଜମିକୁ ଭୁବନେଶ୍ୱର ବିପିୟୁ ୟୁନିଟର ନିର୍ଦ୍ଦେଶ କ୍ରମେ ପ୍ରୋଭିଜନାଲି ଆଟାଚ୍ କରାଯିବା ସହ ଏହାକୁ କୋଲକାତାସ୍ଥିତ ଆଡ୍‌ଜୁଡିକେଶନ କର୍ତ୍ତୃପକ୍ଷଙ୍କ ନିକଟକୁ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ପଠାଯାଇଛି। ଏହି ସମୟରେ ବିବାଦୀୟ ସମ୍ପତ୍ତି ଅନ୍ୟ କୌଣସି ତୃତୀୟ ପକ୍ଷକୁ ଯେପରି ହସ୍ତାନ୍ତର ନ ହୁଏ ସେ ନେଇ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ସବ୍-ରେଜିଷ୍ଟ୍ରାର ଏବଂ ଜିଲା ପ୍ରଶାସନକୁ ସୂଚନା ଦିଆଯାଇଛି।

# ନିଶାମୁକ୍ତ ଭାରତ ଅଭିଯାନ ପ୍ରଶିକ୍ଷଣ ଶିବିର

ଦେବଗଡ଼,୨୭।୩(ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରଶାସନ ଏବଂ ଆବୋଲିଟି ଫାଉଣ୍ଡେଶନ ଭୁବନେଶ୍ୱର ପକ୍ଷରୁ ବୁଧବାର ନୂତନ ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ନିଶାମୁକ୍ତ ଭାରତ ଅଭିଯାନ ସ୍ୱେଚ୍ଛାସେବୀମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଉଦ୍ୟମ ଓଡିଶା ସରକାରଙ୍କ ଦ୍ୱାରା ଦେବଗଡ଼ ଜିଲାକୁ ନିଶାମୁକ୍ତ କରିବା ପାଇଁ 'ନିଶାମୁକ୍ତ ଭାରତ ଅଭିଯାନ' ଏକ ପ୍ରୟାସ ବୋଲି ଜିଲାପାଳ ସାହୁ ମତବ୍ୟକ୍ତ କରିଥିଲେ। ପୌର ପରିଷଦ ଓ ୩ ବ୍ଲକରୁ ୪୦ ଜଣ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସ୍ୱେଚ୍ଛାସେବୀମାନେ ନିଶା ନିବାରଣ ପାଇଁ ଅବୈତନିକ ସେବା ମାଧ୍ୟମରେ ନିଜ ପଞ୍ଚାୟତ ଓ ଗ୍ରାମର ଲୋକମାନଙ୍କୁ ନିଶାରୁ ମୁକ୍ତି ପାଇବା ପାଇଁ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ଦେବା ପାଇଁ ଭୁବନେଶ୍ୱରରୁ ଆସିଥିବା ମ୍ୟାନେଜିଙ୍ଗ ଟ୍ରଷ୍ଟି ଆବିଲିଟି ଫାଉଣ୍ଡେସନର ଡ଼ ଅଜୟ ଦାସ ଓ ପୂନର୍ବାସ ଅଧିକାରୀ ଏସଏସଇପିଡି, ରାଜ୍ୟ ସରକାର ଡ଼ ସୁବ୍ରତ ଦାସ ଜିଲାର ୪୦ଜଣ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ୩ ବ୍ଲକ ଓ ପୌରପରିଷଦରୁ ଆସିଥିବା ସ୍ୱେଚ୍ଛାସେବୀମାନେ ପ୍ରମୁଖ ଉପସ୍ଥିତ ଥିଲେ।

### ସୁରକ୍ଷା କର୍ମୀଙ୍କୁ ଆକ୍ରମଣ, ୫ ଗିରଫ

ସମ୍ବଲପୁର,୨୭।୩(ପ୍ରମୋଦ ବହିଦାର)

ସମ୍ବଲପୁର ଠେଲକୋଲେଇସ୍ଥିତ ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏଲ୍ କମ୍ପାନୀରେ ଚେରି ଉଦ୍ଦେଶ୍ୟରେ ପ୍ରବେଶ କରି ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଠେଲକୋଲେଇ ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଠେକୋଲେଇ ଥାନା ଘିଚାମୁରା ଗ୍ରାମର ରାଜୁ କିସାନ, ଗୁମକାରମା ଗ୍ରାମର ଜଗନ୍ନାଥ କିଶାନ, କୁଚିଣ୍ଡା ଥାନା ସଉଁତମାଲ ଗ୍ରାମର ସଞ୍ଜୀବ ଛତ୍ରିଆ, ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ସୋନାମାଲ ଗ୍ରାମର ଈଶ୍ୱର କିସାନ ଓ ସୌଦାଗର ବାଗ। ପୋଲିସ ସୂଚନା ଅନୁସାରେ ଗତ ୨୪ ତାରିଖ ରାତି ପ୍ରାୟ ୧୨ଟାରେ ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏଲ୍ ପଛପାଖ ଆର୍‌ଏମ୍ ୟାର୍ଡରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ଢେଙ୍କାନାଳ ଜିଲା ବଲୁଆର ଦୀପକ କୁମାର ନାଏକ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଦୀପକଙ୍କ ସହକର୍ମୀ ବିକାଶ କୁମାରଙ୍କ ଏତଲା କ୍ରମେ ଠେଲକୋଲେଇ ଥାନାରେ ଏକ ମାମଲା (ନଂ.୧୯୧/୨୫)ରୁଜୁହୋଇଥିଲା। କମ୍ପାନୀ ପରିସରରେ ଲିଗିଥିବା ସିସି ଟିଭି ଫୁଟେଜ ଆଧାରରେ ପୋଲିସ ଅଭିଯୁକ୍ତମାନଙ୍କ ନିକଟରେ ପହଞ୍ଚି ଥିଲା। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଆଲୋଚନାଚକ୍ର

ଦେବଗଡ଼,୨୭।୩(ଶଶାଙ୍କ ଶେଖର ଝାଙ୍କର)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ଦେବଗଡ଼ ସଂସ୍କୃତି ଭବନଠାରେ ଜିଲାର ଅଗ୍ରଣୀ ନାଟ୍ୟ ସଂସ୍ଥା ଜାଗରଣ ଆର୍ଟ ଇଣ୍ଟରନ୍ୟଶନାଲ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଗୁରୁବାର ଅପରାହ୍ନ ୫ଟାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ନାଟ୍ୟ ଭୂଷଣ ମାର୍କଣ୍ଡେଶ୍ୱର ଶତପଥୀ, ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ନାଟ୍ୟ ନିର୍ଦ୍ଦେଶକ ଅତୁଲ୍ୟ କୁମାର ପୂଝାରୀ, ଅନୁଷ୍ଠାନ ସମ୍ପାଦକ ସୁଜିତ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମାର୍କଣ୍ଡେଶ୍ୱର ଶତପଥୀ, ଅତୁଲ୍ୟ କୁମାର ପୂଝାରୀ, ଦିଲୀପ କୁମାର ଗୁରୁ, ସୁଜିତ କୁମାର ପାତ୍ର, ପ୍ରକାଶ ଦେବତା, ସୁଗୁଡା ମହାବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ଦେବତା, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ସୂଚନା ଅଧିକାରୀ ମନୋରଞ୍ଜନ ସୂତାର, ବରିଷ୍ଠ କିରାଣୀ ପ୍ରଶାନ୍ତ କୁମାର ପ୍ରଧାନ, ଅବନୀ କାନ୍ତ ମିଶ୍ର, ରାକେଶ କୁମାର ଶତପଥୀ, ଆମ୍ଲନସୁ ପୂଝାରୀ, ବିଶାଳ କୁମାର ନାୟକ ପ୍ରମୁଖ ଆଲୋଚନଚକ୍ରରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଠାରେ ଅନୁଷ୍ଠାନ ସଭ୍ୟା/ସଭ୍ୟ ଶିବାଶିଷ ଝାଙ୍କର, ଶୁଭମ୍ ମହାଙ୍କୁର, ତେମିୟ ରଞ୍ଜନ ପ୍ରଧାନ, କୁମାରୀ ବିଷ୍ଣୁ ପ୍ରିୟା ଗଡତିୟ ପ୍ରମୁଖ ଉପସ୍ଥିତ ଥିବା ବେଳେ ଜନ୍ମଜୟ ନାୟକ ଆଲୋଚନଚକ୍ର ପରିଚାଳନା କରିଥିଲେ।

# ଜିଲାରେ ପ୍ରଚଣ୍ଡ ରୌଦ୍ରତାପ, ଗୁଳୁଗୁଳି



ଝାରସୁଗୁଡ଼ା ସହର ସରବାହାଲ ଅଞ୍ଚଳରେ ଲୋକମାନେ ଖରା ଯୋଗୁ ମୁଣ୍ଡରେ ଗାମୁଛା ଦେଇ ଯାଉଛନ୍ତି।

ଝାରସୁଗୁଡ଼ା,୨୭।୩(ଆଶିଷ ରଞ୍ଜନ ଦାଶ)

**ଜଳଛତ୍ର ଖୋଲିବାକୁ ଦାବି**

ଝାରସୁଗୁଡ଼ା ଜିଲା ବର୍ତ୍ତମାନ ରାଜ୍ୟରେ ପାଣିପାଗ ବିଭାଗ ଆକଳନ ଅନୁସାରେ ସର୍ବୋଚ୍ଚ ତାପମାତ୍ରାରେ ରହୁଛି। ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନସାଧାରଣଙ୍କ ଜୀବନ ଜୀବିକାରେ ପ୍ରଭାବ ପକାଉଛି। ପୂର୍ବାହ୍ନ ୧୧ଟା ପରେ ଲୋକେ ବାହାରକୁ ବାହାରି ପାରୁନାହାନ୍ତି। ଏପରି ସ୍ଥଳେ ବର୍ତ୍ତମାନ ଜିଲାର ପ୍ରାୟ ସ୍ଥାନରେ ଜଳଛତ୍ର ଖୋଲାଯାଇ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଝାରସୁଗୁଡା ଜନବହୁଳ ସହର ହୋଇଥିବାରୁ ଏଠାରେ ପାଣି ପାଇଁ ବହୁତ ସମସ୍ୟା ରହିଛି। ଲୋକମାନେ ଘରୁ ବାହାରକୁ ଗଲେ ପିଇବା ପାଣି ପାଇଁ ବହୁତ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଝାରସୁଗୁଡ଼ା ସହର ସହିତ ଜିଲାର ଅନେକ ସ୍ଥାନରେ ବର୍ତ୍ତମାନ ପର୍ଯ୍ୟନ୍ତ ଜଳଛତ୍ର ଖୋଲିନାହିଁ। ଲୋକମାନେ ହୋଟେଲ, ପାନ ଦୋକାନ ତଥା ଥଣ୍ଡା ପାନୀୟ ଦୋକାନରେ ଚଢ଼ା ଦରରେ ବିକ୍ରି ହେଉଥିବା ନିମ୍ନମାନର ପାଣି ବୋତଲ କିଣି ନିଜର ଶୋଷ ମେଣ୍ଟାଉ ଥିବା ବେଳେ ଗରିବ ଶ୍ରେଣୀ ଲୋକମାନେ ଶୋଷ ହେବା ସମୟରେ ନଳକୂଅ, ତଥା ହୋଟେଲ ଦୋକାନରୁ ପାଣି ପିଉଛନ୍ତି। ଝାରସୁଗୁଡା ସହର ଏବଂ ଆଖପାଖ ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ପିଇବା ପାଣି ସୁବିଧା ଏବଂ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଶୀଘ୍ର ଜଳଛତ୍ର ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି।

# ବାର୍ଷିକ ଦିବସ, ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

ଦେବଗଡ଼,୨୭।୩(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ଼ ଜିଲା ତିଳେଇବଣି ବ୍ଲକ ପ୍ରଭାଶୁଣି କ୍ଲଷ୍ଟର ଅନ୍ତର୍ଗତ ତିଳେଇବଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଦିବସ ଓ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ନମିତା ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତିଳେଇବଣି ସରପଞ୍ଚ ସସ୍ମିତା ଏକ୍କା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତ, ପ୍ରଭାଶୁଣି ସିଆର୍‌ସିସି ଅଶୋକ କୁମାର ସାହୁ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିନୋଦ ବରୁଆ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରାଇବା ସହ ଆମ ସଂସ୍କୃତି ଓ ପରମ୍ପରା କିପରି ଆମକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ସେ ବିଷୟରେ ମାର୍ଗଦର୍ଶନ କରାଇଥିଲେ। ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ମଞ୍ଚ ସଂଯୋଜନା ସହ ଅତିଥି ପରିଚୟ କରିଥିଲେ। ସଭା ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖେଳନା, ମାଟିର ସୁନ୍ଦର କାରୁକାର୍ଯ୍ୟ ଅତିଥିମାନେ ପରିଦର୍ଶନ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଓଡ଼ିଶା ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଶୈକ୍ଷିକ ଓ ସହ ଶୈକ୍ଷିକ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବନିତା ଦେହୁରୀ, ଜୟଶ୍ରୀ ନାଏକ, ସ୍ୱପ୍ନାରାଣୀ କୁଁଅର, ମଞ୍ଜୁଲତା ନାଥ, ତମସା ଦେହୁରୀ ତଥା ପରିଚାଳନା ସମିତି ସମସ୍ତ ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।

# ତହସିଲଦାରଙ୍କୁ କଟୁଜୋର, ବଢ଼େଇପଡ଼ାବାସୀଙ୍କ ଦାବିପତ୍ର

ଝାରସୁଗୁଡ଼ା/ଲଖନପୁର,୨୭।୩ (ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)



ଦାବିପତ୍ର ପ୍ରଦାନ ପାଇଁ ପଡ଼ାବାସୀ ତହସିଲ ସମ୍ମୁଖରେ ଏକତ୍ର ହୋଇଛନ୍ତି।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ପିପିଲିମାଲ ଗାଁର ୨ଟି ପଡ଼ା ବଢ଼େଇମୁଡ଼ା ଓ କଟୁଜୋରର ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ୩୦ଦିନ ମଧ୍ୟରେ ସ୍ଥାନ ଛାଡିବାକୁ ଲଖନପୁର ତହସିଲ ପକ୍ଷରୁ ନୋଟିସ ପ୍ରଦାନ କରାଯାଇଛି। ଏହି ନୋଟିସ ପାଇବା ପରେ ଉଭୟପଡ଼ାବାସୀ ଚିନ୍ତାରେ ପଡି ତହସିଲଦାରଙ୍କୁ ଏକ ଦାବିପତ୍ର ଗୁରୁବାର ମଧ୍ୟାହ୍ନ ୧୨ଟାରେ ପ୍ରଦାନ କରାଯାଇଛି। ଏହି ପଡ଼ାବାସୀ ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇ ଏହି ସ୍ଥାନରେ ରହି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ସେଠାରେ ପଡ଼ାବାସୀ ସରକାରୀ ଜମି ଦଖଲ କରି ଚାଷ କାର୍ଯ୍ୟ ଏବଂ ଘର ନିର୍ମାଣ କରି ରହୁଛନ୍ତି। ଓଡିଶା ଭୂମି ଅଧିକାର ଦଖଲ ନିରାକରଣ ଅଧିନିୟମ ୧୯୭୨ଧାରା ୯ ଅନୁଯାୟୀ ନୋଟିସ ଧାର୍ଯ୍ୟ କରାଯାଇଥିବା ଜନ ଶୁଣାଣି ବାତିଲ କରିବା, ଘର କରି ରହୁଥିବା ସମସ୍ତଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବା ପ୍ରମୁଖ ଦାବି କରିଛନ୍ତି। ଉକ୍ତ ବିଷୟ ଗୁରୁତ୍ୱ ଦେଇ ପୁଙ୍ଖାନୁପୁଙ୍ଖ ତଦାରଖ କରି ସମସ୍ତ ଗ୍ରାମବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ନ ଦେଲେ ଆଗାମୀ ଦିନରେ ପ୍ରଶାସନର ସମସ୍ତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବିରୋଧ କରିବୁ ବୋଲି ଲଖନପୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭୂମି ସୁରକ୍ଷା ସଂଗ୍ରାମ ସମିତି ସଭାପତିଙ୍କ ନେତୃତ୍ୱରେ ନୋଟିସ ପାଇଥିବା ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

**୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ**

**ବୋଡ଼େନ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ଖଡିଆଳ-ବୋଡ଼େନ ମୁଖ୍ୟ ରାସ୍ତାରେ ଗୁରୁବାର ଏକ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୂଚନାକ୍ରମେ ପୂର୍ବାହ୍ନରେ ରୋଗୀ ଧରି ଆସୁଥିବା ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟିପଡିଥିଲା। ଫଳରେ ଏଥିରେ ଥିବା କେତେଜଣ ରୋଗୀ ଆହତ ହୋଇଥିଲେ। ଆହତମାନଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ୬୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଭବାନୀପାଟଣା,୨୭।୩(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ବୋର୍ଡା ଓ କେଗାଁ ପୋଲିସ ମିଳିତ ଉଦ୍ୟମରେ ଗୁରୁବାର ସ୍ଥାନୀୟ ସାପସିଲେଟ ଗାଁରେ ଚଢ଼ାଉ କରାଯାଇ ୬୦.୩କେଜି ଗଞ୍ଜେଇ ଜବତ ସହ ଘଟଣାରେ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ସାପସିଲେଟ ଗାଁର ବିଜୟ ଛୁରା। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବେଆଇନ ଗଞ୍ଜେଇ କାରବାର ହେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସାପସିଲେଟ ଗାଁର ବିଜୟ ଛୁରାଙ୍କ ଘରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ଏକ ଖବରଦାତା ସମ୍ମିଳନୀରେ ଭବାନୀପାଟଣା ସଦର ଏସ୍‌ଡ଼ିପିଓ ଆଜିଙ୍କ୍ୟ ମାଣେ ଯୋଗଦେଇ କେଗାଁ ଥାନା ଓ ବୋର୍ଡା ଫାଣ୍ଡି ପୋଲିସର ସଫଳତାକୁ ପ୍ରଶଂସା କରିବା ଓ ଗଞ୍ଜେଇ ମାଫିଆଙ୍କୁ ଆଗାମୀ ଦିନରେ ଛଡାଯିବ ନାହିଁ ବୋଲି କହିଛନ୍ତି।

### ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୨୭।୩ (ଉତ୍ତମ କୁମାର ଦାଶ):** ଭବାନୀପାଟଣାସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉଡାନ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଉମାଶଙ୍କର ଦାସ ମୁଖ୍ୟଅତିଥି, ବିଶିଷ୍ଟ ଐତିହାସିକ, ପ୍ରାକ୍ତନ ଅଧକ୍ଷ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବର୍ତ୍ତମାନ ଓଡିଶା ଇତିହାସ କଂଗ୍ରେସର ସଭାପତି ଡ. ବାବା ମିଶ୍ର ମୁଖ୍ୟ ବକ୍ତା ଓ ନାଟ୍ୟକାର ପ୍ରଦୀପ କୁମାର ଧଙ୍ଗଡାମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡ. ଦାସ ତାଙ୍କ ଅଭିଭାଷଣରେ ଭାରତୀୟ ଗୁରୁ ପରମ୍ପରା ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଭାରତୀୟ ସମାଜ କିପରି ଅଗ୍ରଗତି କରିଛି ସେ ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତା ଡ. ମିଶ୍ର ମାନବ ସଭ୍ୟତାର ବିକାଶଠାରୁ ବର୍ତ୍ତମାନର ଆଧୁନିକ ମଣିଷ କିପରି ନୂତନ ଜ୍ଞାନକୌଶଳ ବଳରେ ମହାକାଶରେ ପହଞ୍ଚି ପାରିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଧଙ୍ଗଡାମାଝୀ ନାଟକ କିପରି ଏହି ସମାଜ ତଥା ଛାତ୍ରୀଛାତ୍ରଙ୍କ ପାଇଁ ଉପଯୋଗୀ ସେ ସମ୍ପର୍କରେ କହିଥିଲେ। ଉପଦେଷ୍ଟା କମିଟି ମୁଖ୍ୟ ଧୀରେଶ ଚନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ, ଡ. ରାଧାରାଣୀ ନାୟକ ଅତିଥି ପରିଚୟ ଓ ଯୁକ୍ତ ୨ ସାଂସ୍କୃତିକ ପରିଷଦ ମୁଖ୍ୟ ଡ. ସୁରେଶ୍ୱରୀ ବାଘ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ନବୋଦୟ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**କର୍ଲାମୁଣ୍ଡା,୨୭।୩(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୫ ଛାତ୍ରୀଛାତ୍ର ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ଅର୍ଜନ କରିଛନ୍ତି। ସେମାନେ ହେଲେ କର୍ଲାମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଦୁରାନ୍ତକ ସାହୁ ଓ ବୈଷ୍ଣବ ସାହୁ, କର୍ଲାମୁଣ୍ଡା କିଡ୍ସ ୱାର୍ଲଡ ଇଂଲିଶ ମିଡିୟମ ସ୍କୁଲ ଛାତ୍ର ଆର୍ଯ୍ୟନ ସାହୁ, ଘନଶ୍ୟାମ କରକରିଆ ଓ ଏସ୍.ଏସ୍. ସମ୍ପର୍ଣ୍ଣା। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### କର୍ମାମାତା ଜୟନ୍ତୀ ଉପଲକ୍ଷେ କଳସଯାତ୍ରା

**ନୂଆପଡ଼ା,୨୭।୩ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ୍ ଶିଆଳଲଟି ପଞ୍ଚାୟତ ବାଗମୁଣ୍ଡା ଗ୍ରାମରେ ଗୁରୁବାର ଶିରୋମଣି ମାତା କର୍ମା ଜୟନ୍ତୀ ଉପଲକ୍ଷେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ସହ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମାକରି ପୂଜାବେଦିରେ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପରମେଶ୍ୱର ଦୁବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଓସରାମ ସାହୁ ଓ ତାଙ୍କ ସ୍ତ୍ରୀ ଦୁନି ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତିବର୍ଷ ଚୈତ୍ର ମାସରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ଏଥିରେ ରବିଶଙ୍କର ସାହୁ, ଦୁର୍ଯ୍ୟୋଧନ ସାହୁ, ବାବାରାମ ସାହୁ, ଦୁକାଲୁ ସାହୁ, କିଷନ ସାହୁ, ଶିବ କୁମାର ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।

# ଡିଏସ୍‌ସିର ହେଉଛି ଅପବ୍ୟବହାର

## କଳାହାଣ୍ଡିରେ ୫ କୋଟିରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ ହରିଲୁଟ

**ଭବାନୀପାଟଣା,୨୭।୩ (ଉତ୍ତମ କୁମାର ଦାଶ)**

ଅନୁନ୍ନତ ଅଞ୍ଚଳରେ ଶିକ୍ଷାର ଅଭାବ ଥିବା ଜନପ୍ରତିନିଧି ଓ ଅଙ୍କୁଶ ନ ଥିବା ସରକାରୀ ବ୍ୟବସ୍ଥା ଭିତରେ କୋଟି କୋଟି ଟଙ୍କାର କେଲେଙ୍କାରୀ ଏବେ ପଦାକୁ ଆସୁଛି। ଲୋକଙ୍କୁ ସାମାଜିକ ସୁବିଧା ଯୋଗାଇବା ଦାୟିତ୍ୱରେ ନିୟୋଜିତ କର୍ମଚାରୀ ସରକାରୀ ଅର୍ଥ ଆତ୍ମସାତ୍ କରି ବର୍ଷ ବର୍ଷ ଧରି ତିଷ୍ଠି ରହିଲେ ମଧ୍ୟ ପ୍ରଶାସନ କିପରି ଜାଣିପାରୁନାହିଁ ତାହାକୁ ନେଇ ପ୍ରଶ୍ନ ଉଠୁଛି। ପଞ୍ଚାୟତରେ ଜଣେ ଜଣେ ପିଇଓ କୋଟି କୋଟି ଟଙ୍କା ଆତ୍ମସାତ୍ କରୁଥିଲେ ସୁଦ୍ଧା ପ୍ରଶାସନ ଏହାର ଟେର ପାଉନାହିଁ। ଆଉ ଯେତେବେଳେ ଟେର ପାଉଛି ସେତେବେଳକୁ ଦିଅଁ-ଖଟୁଳି ଆଉ କିଛି ନ ଥାଉଛି। କଳାହାଣ୍ଡି ଜିଲାରେ ଘଟିଥିବା ଏଭଳି କିଛି ବହୁଚର୍ଚ୍ଚିତ ଘଟଣା ଏବେ ଆଲୋଚନାର ବିଷୟ ହୋଇଛି। ଜଣେ ପିଇଓ ଇତିମଧ୍ୟରେ ପ୍ରାୟ ୫କୋଟି ଟଙ୍କା ସରକାରୀ ଅର୍ଥ ନିଜ ଆକାଉଣ୍ଟକୁ ନେଇ ଧରାପଡି ବର୍ତ୍ତମାନ ଜେଲ ଯାଇଛନ୍ତି। ଜିଲାରେ ଏହିପରି ଅନେକ ଘଟଣା ଲୋକଲୋଚନକୁ ଆସିପାରୁନାହିଁ। କିଛି ଘଟଣା ଜଣାପଡିବା ପରେ ଜିଲା ପ୍ରଶାସନ ପିଇଓଙ୍କୁ କାର୍ଯ୍ୟରୁ ନିଲମ୍ବିତ କରି ଚୁପ ରହୁଛି। ତେବେ ପିଇଓମାନେ ଅନେକ ସମୟରେ ଡ଼ିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ (ଡିଏସ୍‌ସି)କୁ ଅବବ୍ୟବହାର କରି ପଞ୍ଚାୟତରେ ବିଭିନ୍ନ ହିତାଧିକାରୀଙ୍କୁ ବଣ୍ଟାଯିବାକୁ ଥିବା ଟଙ୍କା ସହଜରେ ଆତ୍ମସାତ୍ କରିଚାଲିଛନ୍ତି। ଏହି ଡିଏସ୍‌ସି ପାଇଁ ସ୍ଥାନୀୟ ସରପଞ୍ଚ ଓ ପିଇଓଙ୍କ ଦସ୍ତଖତ ଜରୁରୀ ହୋଇଥାଏ। ତେଣୁ ଯେଉଁଠି ସରପଞ୍ଚ ପିଇଓଙ୍କୁ ଭରସା କରି ଦସ୍ତଖତ ମାରିଛନ୍ତି ସେଠାରେ ଟଙ୍କା ସହଜରେ ପିଇଓ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିଛନ୍ତି। ଏ ସମ୍ପର୍କରେ ଜିଲା ପଞ୍ଚାୟତ ଅଧିକାରୀ ନୃସିଂହଚରଣ ପଟ୍ଟନାୟକ ପଚାରିବାରେ ସେ କହିଛନ୍ତି, ଡିଏସ୍‌ସି ବ୍ୟବସ୍ଥା ଭିତରେ ପଶିବା କଷ୍ଟକର ବ୍ୟାପାର। ତନ୍ନ ତନ୍ନ କରି ଯାଞ୍ଚ ହେବାର ଆବଶ୍ୟକ ଥିଲା। ଅଧିକାଂଶ କେସ୍ ୨୦୧୬ ମସିହାରୁ ଆରମ୍ଭ ହୋଇ ୨୦୨୨ ମଧ୍ୟରେ ହୋଇଛି। ମୁଁ ବର୍ତ୍ତମାନ ନୂଆକରି ଦାୟିତ୍ୱ ଗ୍ରହଣ କରିଛି। ଗ୍ରାମ ରୋଜଗାର ସେବକ ହୁଅନ୍ତୁ କି ଗ୍ରାମ ପଞ୍ଚାୟତ ଅଧିକାରୀ ଯେଉଁମାନେ ଥିଲେ ସେମାନେ କେମିତି କିଛି ଜାଣିପାରୁ ନ ଥିଲେ। ଟଙ୍କା ହିତାଧିକାରୀ ପାଇଛନ୍ତି କି ନାହିଁ ତାହା କାହିଁକି ଅନୁଧ୍ୟାନ କରୁ ନ ଥିଲେ ବୋଲି ପ୍ରଶ୍ନ ଉଠୁଛି।

ସାଧାରଣ ଜଣେ ପିଇଓ କୋଟି କୋଟି ଟଙ୍କା ଆତ୍ମସାତ କରିବାର ବାଟ ବନ୍ଦ କରିବାକୁ ସାମାନ୍ୟତମ ପ୍ରୟାସ କରାଯାଇନାହିଁ, ଯାହା ସମସ୍ତଙ୍କୁ ଆଲୋଚନା ପାଇଁ ଖୋରାକ ଯୋଗାଉଛି। କିନ୍ତୁ ଭିଜିଲାନ୍ସ ହାବୁଡ଼ରେ ଯେଉଁ ଦୁର୍ନୀତି ଖବର ପଡିଛି ସେଥିରେ କେବଳ ଧରପଡି ଜେଲ ଯାଇଛନ୍ତି। ୨୦୨୩ରୁ ୨୦୨୫ ମଧ୍ୟରେ ଭିଜିଲାନ୍ସ ଦ୍ୱାରା କେତେକ ଧରାଯାଇଛି। ସେଥିମଧ୍ୟରୁ ପିଇଓ ଦେବାନନ୍ଦ ସାଗର ଅନ୍ୟତମ। ଲାଞ୍ଜିଗଡ ବ୍ଲକ ପାହାଡ଼ପଦର ପଞ୍ଚାୟତରେ ପିଇଓ ଥିବା ଦେବାନନ୍ଦ ୨୦୨୩ରେ ୪୭,୧୭,୯୭୯ ଟଙ୍କା ସରକାରୀ ଅର୍ଥ ହେରଫେର କରିଥିଲେ। ପରେ ଥୁଆମୂଳ ରାମପୁର ବ୍ଲକର ବଡଛତରଙ୍ଗ ପିଇଓ ଦାୟିତ୍ୱରେ ଥିବାବେଳେ ୨୨,୭୬,୧୦୮ ଟଙ୍କା ଆତ୍ମସାତ୍ କରିଥିଲେ। ଉକ୍ତ ବ୍ଲକର ବିରିକୋଟ ପଞ୍ଚାୟତରୁ ୩୪,୯୭,୪୨୦ ଟଙ୍କା ଆତ୍ମସାତ୍ କରିଥିଲେ ପିଇଓ ଦେବାନନ୍ଦ। ପୁଣିଥରେ ୨୦୨୫ ମାର୍ଚ୍ଚ ୨୨ରେ ପାହାଡ଼ପଦର ଓ ତଳନେଗୀ ପଞ୍ଚାୟତରୁ ୩ କୋଟି ୨୬ ଲକ୍ଷ ଟଙ୍କା ଡିଏସ୍‌ସିକୁ ଆଧାର କରି ସରକାରୀ ଅର୍ଥ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ସେହିଭଳି ଗତବର୍ଷ କେସିଙ୍ଗା ବ୍ଲକର ସିର୍ଜାପାଲି ପଞ୍ଚାୟତର ପୂର୍ବତନ ପିଇଓ ରୂପଧର ମାଝୀ ୧୦ ଲକ୍ଷ ଟଙ୍କା ହେରଫେର କରି ଭିଜିଲାନ୍ସ ଦ୍ୱାରା ଧରା ପଡିଥିଲେ। ପୁଣି ଥୁଆମୂଳ ରାମପୁର କାଣୀଗୁମା ପଞ୍ଚାୟତର ପୂର୍ବତନ ପିଇଓ ସନ୍ୟାସୀ ନାଏକ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଧରାପଡିଥିଲେ। ପରେ ଭିଜିଲାନ୍ସ ବିଭାଗ ସନ୍ୟାସୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଖୋଳତାଡ଼ କରିଥିବାବେଳେ ୬୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ଜଣାପଡ଼ିଥିଲା। ଏପରିକି ଗରିବ ଲୋକଙ୍କ ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ବି ପିଇଓମାନେ ଲୁଟି ନେବାର ପ୍ରୟାସ କିଛି କମ ନୁହେଁ। ଜିଲାର ବିଭିନ୍ନ ପଞ୍ଚାୟତରେ ଏଭଳି ପିଇଓମାନଙ୍କ କାରନାମା ବଳବତ୍ତର ରହିଥିଲେ ମଧ୍ୟ ପ୍ରଶାସନ ତରଫରୁ କାହିଁକି ଅଙ୍କୁଶ ଲଗାଯାଇ ପାରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

## ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ ମହିଳାମାନେ।

**ଲାଞ୍ଜିଗଡ଼,୨୭।୩(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ସିଆର୍‌ପିଏଫ୍ କ୍ୟାମ୍ପ ପରିସରରେରେ ଓଡିଶା ସେକ୍ଟର ତଥା ଚତୁର୍ଥ ବାଟାଲିୟନ କମାଣ୍ଡାଣ୍ଟ ଫିରୋଜ କୁଜୁରଙ୍କ ନିର୍ଦ୍ଦେଶକ୍ରମେ ଦ୍ୱିତୀୟ କମାଣ୍ଡାଣ୍ଟ ପ୍ରଭାକର ଉପାଧ୍ୟାୟ, ଇ/୦୪ ବାଟାଲିୟନ କମ୍ପାନୀ କମାଣ୍ଡାଣ୍ଟ ଇନ୍ସପେକ୍ଟର ଟି. ରାଧାକ୍ରିଷ୍ଣାଙ୍କ ତତ୍ତ୍ୱାବଧାନରେ ଗୁରୁବାର ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ବିଜେପୁର ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସଶକ୍ତୀକରଣ କରିବା ପାଇଁ ସିଆର୍‌ପିଏଫ୍ କ୍ୟାମ୍ପରେ ୨୦ଦିନ ଧରି ମହମବତୀ ତିଆରି, ସିଲେଇ ଓ କାଗଜ ପ୍ଲେଟ ତିଆରି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ପରେ ମହିଳାମାନଙ୍କୁ ଏହିସବୁ ସାମଗ୍ରୀ ତିଆରି ପାଇଁ ମାଗଣାରେ ମେଶିନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ମୁଖ୍ୟ ଅତିଥି ଓ ମା' ସନ୍ତୋଷୀ ଜନକଲ୍ୟାଣ ଫାଉଣ୍ଡେଶନ ସଂଯୋଜକ ଚିତ୍ତରଞ୍ଜନ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ କମାଣ୍ଡାଣ୍ଟ ଉପାଧ୍ୟାୟ ଗ୍ରାମବାସୀଙ୍କୁ ନିଜ ଦେଶର କଲ୍ୟାଣ ପାଇଁ ପ୍ରଶାସନ ତଥା ସରକାରଙ୍କୁ ସମର୍ଥନ କରିବା ଆବଶ୍ୟକତା ରହିଛି ବୋଲି କହିବା ସହ ସିଭିକ ଆକ୍ସନ ପ୍ରୋଗ୍ରାମ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ପୁରୁଷ, ମହିଳା ଉପସ୍ଥିତ ଥିଲେ।



ନାଟକ ବନାଗୁଦା ପରିବେଷଣ କରାଯାଉଛି।

## ଏନ୍‌ଏସ୍‌ଡିରେ କଳାହାଣ୍ଡିର ନାଟକ 'ବନାଗୁଦା'

**ଭବାନୀପାଟଣା, ୨୭।୩ (ଉତ୍ତମ କୁମାର ଦାଶ)**

ନୂଆଦିଲ୍ଲୀ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡି) ମଞ୍ଚରେ ଗତ ୩ଧରି ଚାଲିଥିବା 'ଆଦି ରଙ୍ଗ ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା କାରୁଣ୍ଡ କଳାମଞ୍ଚର ନାଟକ 'ବନାଗୁଦା' ସ୍ଥାନ ପାଇଛି। କଳାହାଣ୍ଡିର ନାଟକ ନୂଆଦିଲ୍ଲୀରେ ପରିବେଶିତ ହୋଇ ପ୍ରଶଂସା ସାଉଁଟିବା ସହ ଜିଲା ତଥା ଓଡ଼ିଶା ପାଇଁ ଗର୍ବ ଆଣି ଦେଇଛି। ଏହି ନାଟକକୁ ୧୯୯୫ ମସିହାରେ ନାଟ୍ୟଭୂଷଣ ପ୍ରଦୀପ ଡି. ମାଝୀଙ୍କ ଦ୍ୱାରା ରଚନା କରାଯାଇଥିଲା। ଅନେକ ମଞ୍ଚରେ ନାଟକ ପରିବେଶିତ ହେବା ପରେ ଗତ ୨୨ ମାର୍ଚ୍ଚ ୨୦୨୫ରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ନୂଆଦିଲ୍ଲୀ ମଞ୍ଚରେ ସ୍ଥାନ ପାଇଥିଲା। ଆଦିବାସୀ ସଭ୍ୟତାରେ ବନାଗୁଦା ବା ଟାଟୁ କିପରି ଆରମ୍ଭ ହୋଇଥିଲା ତାହା ଏହି ନାଟକରେ ପ୍ରଦର୍ଶିତ ହେବା ସହ ଜଣେ ନାରୀ ମା' ବା ଶକ୍ତିଙ୍କ ରୂପେ କିପରି ଚିର ନମସ୍ୟା ତାହା ଦେଖିବାକୁ ମିଳିଥିଲା। ନାଟକରେ ଆର୍ତ୍ତତ୍ରାଣ ସାହୁ, କାହ୍ନୁଚରଣ ଗଉଡ, ରିୟାଜ ଖାନ, ରାମେଶର ତ୍ରିପାଠୀ, କେ. ଗୋପିଧର ନାୟର, ଶମ୍ଭୁ ବିଶି, ବିଷ୍ଣୁ ବଇସଲ, ଦିପ୍ତିମୟି ସିଂ, ଆଶାରାଣୀ ପଣ୍ଡା, ବିଜେତା ବାଗ, ସାଲିନି ପ୍ରଧାନ ଏବଂ ମୁସକାନ ବଇସଲ ଅଭିନୟ କରିଥିଲେ। ନେପଥ୍ୟ ସଙ୍ଗିତରେ ନରେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ବାଗ, ପବିତ୍ର ଗହିର, ଅଜୟ ଗୋପାଳ ଓ ଏଲ ଇଶ୍ୱର ରାଓ ଏବଂ କଣ୍ଠ ଦାନ କରିଥିଲେ କ୍ଷୀରସିନ୍ଧୁ ନାଏକ ଓ ସିପ୍ରା ରାଓ୍ୱଲ।

### ଆଜିଠାରୁ ଉଦନ୍ତୀ ମହୋତ୍ସବ: ସିନାପାଲି ଉତ୍ସବମୁଖର

**ନୂଆପଡ଼ା/ସିନାପାଲି,୨୭।୩ (ମକାରୁ ବେମାଲ/ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତିର ମହାପର୍ବ ଉଦନ୍ତୀ ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହାକୁ ନେଇ ସିନାପାଲି ଉତ୍ସବମୁଖର ହୋଇପଡିଛି। ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହୋତ୍ସବ ମଞ୍ଚରେ ନୂଆପଡ଼ା ସମେତ କଳାହାଣ୍ଡି, ଖୋର୍ଦ୍ଧା, ବଲାଙ୍ଗୀର, ବରଗଡ଼, ରାୟଗଡ଼ା ଆଦି ଜିଲାର ଲୋକକଳା ପରିବେଷଣ ହେବ। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ମହୋତ୍ସବର ଭିନ୍ନଭିନ୍ନ ସାଂସ୍କୃତିକ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ଏକାଧିକ ମନ୍ତ୍ରୀ, ଜିଲା ଓ ବ୍ଲକ ପ୍ରଶାସନର ଅଧିକାରୀ, ଜନପ୍ରତିନିଧି ଯୋଗଦାନ କରିବେ। ଏଥିସହ ଝୋଟି, ହୁଳହୁଳି, ଆଧ୍ୟାତ୍ମିକ ପ୍ରଶ୍ନ ମଞ୍ଚ ଆଦି ପ୍ରତିଯୋଗିତା ଓ କବିତାପାଠ, ଆଲୋଚନାଚକ୍ର ଆଦି ରଖାଯାଇଛି। ଉଦ୍‌ଘାଟନୀ ଦିବସରେ ପାରମ୍ପରିକ ସାଂସ୍କୃତିକ ଦଳକୁ ନେଇ ଏକ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରା ସିନାପାଲି ନଗର ପରିକ୍ରମା କରିବ। ଦର୍ଶକଙ୍କ ଭିଡ ସମ୍ଭାବନା ଥିବାରୁ ମହୋତ୍ସବ କମିଟି ଓ ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଓଭରହେଡ୍ ଟାଙ୍କି କାମ ନିମ୍ନମାନର ଅଭିଯୋଗ



କାଦୁଅରେ ଚିପ୍ସ ପକାଇ ଟାଙ୍କି ବେଡ୍ ପ୍ରସ୍ତୁତ କରାଯାଉଛି।

**ଧର୍ମଗଡ଼, ୨୭।୩ (ଆକାଶ କୁମାର ଜଗତ)**

ପ୍ରତ୍ୟେକଙ୍କ ଘରକୁ ପାଇପ୍ ଯୋଗେ ଶୁଦ୍ଧ ପାନୀୟଜଳ ଯୋଗାଇବା ଲକ୍ଷ୍ୟରେ ସରକାର ବସୁଧା ଯୋଜନା ପ୍ରଣୟନ କରିଛନ୍ତି। କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକରେ ଏହି ଯୋଜନାରେ ଓଭରହେଡ୍ ଟାଙ୍କି ନିର୍ମାଣ କାମ ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଏହି ଯୋଜନାରେ ବ୍ରାହ୍ମଣ ଛେଣ୍ଡିଆ ଗ୍ରାମ ପଞ୍ଚାୟତର ବ୍ରାହ୍ମଣ ଛେଣ୍ଡିଆ ଗାଁ ଓ ଚିଲିଚିଲା ଗାଁର କିଛି ଘରକୁ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ଏଥିପାଇଁ ଚିଲିଚିଲା ଛକ ନିକଟରେ ଓଭର ହେଡ୍ ଟାଙ୍କି ନିର୍ମାଣ କରାଯାଉଛି। ହେଲେ ଟାଙ୍କିର ବେଡ଼ ପ୍ରସ୍ତୁତ ସମୟରେ ଆଣ୍ଠୁଏ କାଦୁଅରେ ଚିପ୍ସ ଦେଇ କାର୍ଯ୍ୟ ଆରମ୍ଭ କରାଯାଉଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଆରମ୍ଭରୁ ନିମ୍ନମାନର କାମ ହେଉଥିବା ବେଳେ ଏହାର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏହାସହ କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ନ ଥିବାରୁ ଲୋକେ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଧର୍ମଗଡ ଉପଖଣ୍ଡ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ବିକେତା ମାଝୀଙ୍କୁ ପଚାରିବାରୁ ପ୍ରକଳ୍ପ ଅଟକଳ ମୂଲ୍ୟ ଜାଣି ନାହିଁ ବୋଲି ପ୍ରକାଶ କରିଥିଲେ। ସେହିପରି କନିଷ୍ଠ ଯନ୍ତ୍ରୀ ସରୋଜ ମାଝୀଙ୍କୁ ପଚାରିବାରୁ ମୋତେ ନ ଜଣାଇ କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି କହିଛନ୍ତି। କଳାହାଣ୍ଡି ଜିଲାପାଳ ଓ ଧର୍ମଗଡ ଉପଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବିଶ୍ୱବିଦ୍ୟାଳୟ ନିରୀକ୍ଷଣ ଦଳର ଡିଗ୍ରୀ ମହିଳା କଲେଜ ପରିଦର୍ଶନ

**ଖଡ଼ିଆଳ,୨୭।୩ (ସୁଜିତ କୁମାର ପ୍ରଧାନ)**

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନିରୀକ୍ଷଣ ଦଳ ଗୁରୁବାର ନୂଆପଡ଼ା ଜିଲା ଖଡିଆଳ ଡିଗ୍ରୀ ମହିଳା କଲେଜ ପରିଦର୍ଶନ କରିଛି। ଏହି ଦଳରେ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଚିରଞ୍ଜୀବୀ ଶବର, ସହକାରୀ ପ୍ରଫେସର ପ୍ରଦୀପ କୁମାର ସିଂ, ଅତିରିକ୍ତ ଉନ୍ନୟନ ପରିଷଦ ସଦସ୍ୟ ପ୍ରକାଶ ବାଗ ପ୍ରମୁଖ ସାମିଲ ଥିଲେ। ଏହି ଦଳ ଡିଗ୍ରୀ ମହିଳା କଲେଜର ସମସ୍ତ ବିଷୟ ଅନୁଧ୍ୟାନ କରିଥିବା ବେଳେ ଶ୍ରେଣୀ କୋଠରୀ, ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହି ସମୟରେ କଲେଜ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ, ପରିଚାଳନା କମିଟି ଅଧ୍ୟକ୍ଷ ବିନୋଦ ବିହାରୀ ପାଢୀ, ତପନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଟିମ୍ ସଦସ୍ୟ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଆଲୋଚନା କରିଥିଲେ।



ଡିଗ୍ରୀ ମହିଳା କଲେଜରେ ନିରୀକ୍ଷଣ ଦଳ ସଦସ୍ୟ।

## ପଲିଥିନ,ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସଚେତନତା

**ନୂଆପଡ଼ା,୨୭।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟର ଅଷ୍ଟମ ୟୁଥ, ଇକୋ କ୍ଲବ, ଜୁନିୟର ରେଡକ୍ରସ୍, ସ୍କାଉଟ୍ସ ଓ ଗାଇଡ୍ସଙ୍କ ମିଳିତ ଉଦ୍ୟମରେ ନିକଟସ୍ଥ କଣ୍ଡେତରା ସପ୍ତାହିକ ହାଟରେ ଗୁରୁବାର ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଲିଥିନ ବ୍ୟବହାର ରୋକିବା ପାଇଁ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକ ଦୋକାନୀ ଓ ଗ୍ରାହକମାନଙ୍କୁ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ଶଶୀ ପାତ୍ର ପ୍ଲାଷ୍ଟିକ, ପଲିଥିନ ଆମ ପରିବେଶକୁ ଦୂଷିତ କରୁଛି। ଜନଜୀବନକୁ କ୍ଷତି ପହଞ୍ଚାଇବାରେ ଏହାର ଭୂମିକା ରହିଛି। ଏହା ଦ୍ୱାରା ଆମ ଭବିଷ୍ୟତ କିପରି ବିପଦ ଅଭିମୁଖୀ ହେଉଛି ସେ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସୀତାରାମ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୟପାଟଣା,୨୭।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ କରଞ୍ଜିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରତନ ଶବରଙ୍କ ଅଧକ୍ଷତାରେ ପାଇକ କେନ୍ଦୁମୁଣ୍ଡି ସରପଞ୍ଚ ଗୀତାଞ୍ଜଳି ପଣ୍ଡା ମୁଖ୍ୟ ଅତିଥି, ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମ ନାରାୟଣ ପଣ୍ଡା ସ୍ୱତନ୍ତ୍ର ଅତିଥି ଓ ଏବିଇଓ ସୁରେନ୍ଦ୍ର ମୋହନ ଯୋଷୀ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜୟପାଟଣା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ଠାକୁର, ସିଆର୍‌ସିସି ଦୁର୍ଯ୍ୟୋଧନ ବାଣ୍ଡୁଆ, ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବୀନ ଧଙ୍ଗଡାମାଝୀ ତଥା କମିଟିର ସମସ୍ତ ସଭ୍ୟାସଭ୍ୟ ଓ ଅଭିଭାବକ ଯୋଗଦେଇଥିଲେ। ସଞ୍ଜୟ କୁମାର ପଣ୍ଡା ବିବରଣୀ ପଠନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ଅତିଥିଗଣ।

## ଗୋପାଳନ ଦ୍ୱାରା ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବ

### ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ମାଈ ବାଛୁରୀ ପାଳନ ଶୁଭାରମ୍ଭ

**ନୂଆପଡ଼ା,୨୭।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ଼ ପ୍ରାଣୀ ଚିକିତ୍ସାଳୟଠାରେ ବୁଧବାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ମାଈ ବାଛୁରୀ ପାଳନର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ପ୍ରଦର୍ଶନୀକୁ ଜିଲାପାଳ ମଧୁସୂଦନ ଦାସ ଉଦ୍‌ଘାଟନ କରି ୨୧ ମାଈ ବାଛୁରୀଙ୍କୁ ଦାନା ଖୁଆଇଥିଲେ। ସଭାରେ ବଲାଙ୍ଗୀର କଳାହାଣ୍ଡି ନୂଆପଡ଼ା ଦୁଗ୍ଧ ଉତ୍ପାଦକ ସମବାୟ ସଂଘର ସାଧାରଣ ପରିଚାଳକ ଡ. ରଜନୀକାନ୍ତ ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ ପୂର୍ବ ସରକାରଙ୍କ ଏହି ବହୁ ଜନାଦୃତ ଯୋଜନାର ଆଭିମୁଖ୍ୟ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଆଲୋକ କୁମାର ନାୟକ ସଭାକାର୍ଯ୍ୟ ପରିଚାଳନା କରି ସ୍ୱଳ୍ପ ଖର୍ଚ୍ଚରେ ଉତ୍ତମ ଗୋଖାଦ୍ୟ ପ୍ରଦାନ, ନିରନ୍ତର ସ୍ୱାସ୍ଥ୍ୟ ପରୀକ୍ଷା ଓ ସମୟୋଚିତ ଟିକା ପ୍ରଦାନ ଦ୍ୱାରା ମାଈ ବାଛୁରୀ କିପରି ଉତ୍ତମ ଗାଈରେ ପରିଣତ ହେବ ସେ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଜିଲାପାଳ କୃଷକମାନଙ୍କୁ ସମ୍ବୋଧନ କରି ଜିଲାରେ ଗୋପାଳନର ପର୍ଯ୍ୟାପ୍ତ ସୁଯୋଗ ଥିବା ଦର୍ଶାଇଥିଲେ। ଏହାଦ୍ୱାରା ପାରିବାରିକ ତଥା ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବ ଓ ଲୋକେ ସୁବିଧାରେ ତଟକା ଦୁଧ ପାଇବା ଦ୍ୱାରା ପ୍ରାଣୀଜ ପୁଷ୍ଟି ପାଇପାରିବେ। ଏହାସହିତ ଉଦ୍ୟାନ କୃଷି, ପନିପରିବା ଚାଷ, ଅର୍ଥକରି ଅଣଧାନ ଚାଷ, ମତ୍ସ୍ୟ ପାଳନ ମାଧ୍ୟମରେ ରୋଜଗାର ବୃଦ୍ଧି କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। କୃଷି ଶ୍ରମିକଙ୍କୁ ଏବେ ସୁବିଧାରେ ବ୍ୟାଙ୍କ ଋଣ ଯୋଗାଇ ଦେଉଥିବାରୁ ସମସ୍ତେ ଏହାର ଲାଭ ଉଠାନ୍ତୁ। ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯାଇ ଘର ପାଖରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବା ସହିତ ଏହିସବୁ ସମନ୍ୱିତ ଚାଷ କରି ସମସ୍ତେ ଲକ୍ଷପତି ହୁଅନ୍ତୁ। ଜିଲାକୁ ସମସ୍ତେ ମିଶି ପ୍ରବାସୀ ଶ୍ରମିକମୁକ୍ତ କରିପାରିବା ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ କୋମନା ବିଡ଼ିଓ ବିନୟ କୁମାର ଭୋଇ, ତରବୋଡ ସରପଞ୍ଚ ଶ୍ୟାମ ସୁନ୍ଦର ପୁଷ୍ଟି ଉପସ୍ଥିତ ଚାଷୀମାନଙ୍କୁ ଗୋପାଳନର ଉପଯୋଗିତା ସମ୍ବନ୍ଧରେ ବୁଝାଇଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ଶାରଦା ପ୍ରସାଦ ସିଂ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାପାଳ ଗାଈମାନଙ୍କୁ ଦାନା ଦେଉଛନ୍ତି।

# ଉଚ୍ଛେଦ ପାଇଁ ମାପଚୁପ ଆରମ୍ଭ

**ଲେଙ୍ଗୁ ମିଶ୍ର ଛକ-ଜିରା ବ୍ରିଜ୍ ରାସ୍ତା ଜବରଦଖଲ ପ୍ରସଙ୍ଗ**


ଉଚ୍ଛେଦ ପାଇଁ ଲେଙ୍ଗୁ ମିଶ୍ର-ଜିରା ବ୍ରିଜ୍ ରାସ୍ତାରେ ମାପଚୁପ ଚାଲିଛି।

ବରଗଡ଼,୨୭।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ବହୁଚର୍ଚ୍ଚିତ ଲେଙ୍ଗୁମିଶ୍ର ଛକରୁ ପୁରୁଣା ଜିରା ବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଦାବିରେ ଆନ୍ଦୋଳନ ଚେତାବନୀ ପରେ ପୌର ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟାକୁ ପୁଣି ଆରମ୍ଭ କରିଛି। ଏହି କ୍ରମରେ ଗୁରୁବାର ପୌର ପ୍ରଶାସନ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକଠାରୁ ରାସ୍ତା ମାପଚୁପ କରିଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀ ପୋଲିସ୍ ଉପସ୍ଥିତିରେ ଏହି ମାପଚୁପ କରିଥିଲେ। ତେବେ ଏଥର ଉଚ୍ଛେଦ ହେବ ନା ପୂର୍ବଭଳି କେବଳ ମାପଚୁପରେ ଉଚ୍ଛେଦ ସୀମିତ ରହିଯିବ ସେଥିପ୍ରତି ସଭିଙ୍କ ନଜର ରହିଛି।

ସୂଚନା ଅନୁଯାୟୀ, ୨୦୨୩ରୁ ଲେଙ୍ଗୁମିଶ୍ର ଛକରୁ ପୁରୁଣା ଜିରା ବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଦାବି ଜୋର୍ ଧରିଛି। ଜିଲା ଓକିଲ ସଂଘ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର ଦାବି ପରେ ପ୍ରଶାସନ ସେତେବେଳେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ମାତ୍ର ଉଚ୍ଛେଦରେ ପ୍ରଭାବିତ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ସେ ନେଇ ବିଚାର ପ୍ରକ୍ରିୟାରେ ସମୟ ଗଡ଼ିଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟ ଥରେ ନୁହେଁ, ୩ଥର ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରି ସାରିଛନ୍ତି। ଏହାସତ୍ତ୍ୱେ ଜବରଦଖଲକୁ ପ୍ରଶାସନ ଏ ଯାଏ ହଟାଇନାହିଁ। ଏହାକୁ ନେଇ ଅସନ୍ତୋଷ ବଢ଼ି ଚାଲିଥିବା ବେଳେ ଗତ ୨୨ତାରିଖରେ ସ୍ଥାନୀୟ ସମଲେଶ୍ୱରୀ ସଂଘ ଆହ୍ୱାନରେ ବୈଠକ ହୋଇଥିଲା। ଏଥିରେ ଜିଲା ଓକିଲ ସଂଘ ସମେତ ବିଭିନ୍ନ ରାଜନୈତିକ, ସାମାଜିକ ଅନୁଷ୍ଠାନର ପ୍ରତିନିଧି ଏବଂ ସଚେତନ ନାଗରିକମାନେ ଉପସ୍ଥିତ ଥିଲେ। ବୈଠକରେ ଉଚ୍ଛେଦ ନେଇ ଦୃଢ଼ ଦାବି ହୋଇଥିବା ବେଳେ ସେଥିରେ ପ୍ରଶାସନିକ ଅପାରଗତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଆନ୍ଦୋଳନ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉଚ୍ଛେଦ କରା ନ ଗଲେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ଏଥର ଉଚ୍ଛେଦ କରା ନ ଗଲେ ସହରରେ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିବା ଆଶଙ୍କା ରହିଛି।

ଉଲ୍ଲେଖନୀୟ, ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ବାରମ୍ବାର ରାୟ ପ୍ରଦାନ କରିବା ସତ୍ତ୍ୱେ ସମ୍ପୃକ୍ତ ଜବରଦଖଲକୁ ପ୍ରଶାସନ ଏ ଯାଏ ହଟାଇନାହିଁ। ଅନ୍ୟପକ୍ଷେ ପୌର ପ୍ରଶାସନ ଜବରଦଖଲକାରୀଙ୍କୁ ଚିରାଚରିତ ଢଙ୍ଗରେ ନୋଟିସ୍ ଦେଇଛି। ନୋଟିସ୍ ପାଇବାର ୭ଦିନ ମଧ୍ୟରେ ଜବରଦଖଲ ଅଂଶ ଖାଲି କରିବା ପାଇଁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି। ନଚେତ ଜବରଦଖଲ ଅଂଶର ନିର୍ମାଣକୁ ଭାଙ୍ଗି ଦିଆଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି। ଏଭଳି ୨୫ଜଣଙ୍କୁ ନୋଟିସ ହୋଇଥିବା ସୂଚନା ମିଳିଛି। ତେବେ ନୋଟିସରେ ଦିଆଯାଇଥିବା ଅବଧି ସରିଯାଇଛି। ଏହାସତ୍ତ୍ୱେ ଉଚ୍ଛେଦ ଆରମ୍ଭ ହୋଇନାହିଁ। ଅନ୍ୟପକ୍ଷେ ଏଭଳି ସମୟ ଗଡାଇବା ଜବରଦଖଲ ଉଚ୍ଛେଦ ଏଡାଇବା ପାଇଁ ପରୋକ୍ଷରେ ସୁଯୋଗ ସୃଷ୍ଟି କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଜବରଦଖଲ ଉଚ୍ଛେଦ ପୁଣି ଆଶଙ୍କାରେ ରହିଛି। ଉଚ୍ଛେଦ କାର୍ଯ୍ୟ ବିଳମ୍ବିତ ହେଉଥିବା ଯୋଗୁ ସହରବାସୀଙ୍କ ମଧ୍ୟରେ ଦୀର୍ଘଦିନରୁ କୁହୁଳୁଥିବା ଅସନ୍ତୋଷ ପୁନର୍ବାର ତେଜି ଉଠିଛି। ଏହି କ୍ରମରେ ଉଚ୍ଛେଦ ଦାବି ଏବଂ ଉଚ୍ଛେଦରେ ପ୍ରଶାସନିକ ଅପାରଗତା ପ୍ରତିବାଦରେ ସହରବାସୀ ପୁଣି ଏକାଠି ହୋଇ ଆନ୍ଦୋଳନ ମୁହାଁ ହୋଇଛନ୍ତି। ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ଗରିବ, ଖଟିଖିଆ ଲୋକଙ୍କ ଘରଦ୍ୱାର, ଠେଲା ଦୋକାନ ଭାଙ୍ଗି ଦିଆଯାଉଛି। ଅନ୍ୟପଟେ ବଡ଼ବଡ଼ିଆ ଲୋକେ ସରକାରୀ ଜମିରେ କୋଠାବାଡ଼ି କରିଥିଲେ ସୁଦ୍ଧା ସେଠାକୁ ପ୍ରଶାସନ ହାତ ମାରୁ ନ ଥିବା ଅଭିଯୋଗ ହୋଇଛି। ଉଚ୍ଛେଦ ପ୍ରକ୍ରିୟାରେ ଥିଲାବାଲାଙ୍କୁ ଅହେତୁକ ଅନୁକମ୍ପା ଏବଂ ଗରିବ ଖଟିଖିଆଙ୍କୁ ବିନା ଥଇଥାନରେ ହଟାଇ ଦିଆଯିବା ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ସେହିପରି ଶାସକ ଦଳର ନେତା, ମନ୍ତ୍ରୀଙ୍କ ପ୍ରତି ମଧ୍ୟ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ବରଗଡ଼ ସ୍ଥାନୀୟ ଲେଙ୍ଗୁମିଶ୍ର ଛକଠାରୁ ପୁରୁଣା ଜିରା ବ୍ରିଜ୍ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ କରା ନ ଯିବା ପର୍ଯ୍ୟନ୍ତ ଅନ୍ୟ କୌଣସି ସ୍ଥାନରେ ଉଚ୍ଛେଦ ନ କରିବା ପାଇଁ ମଧ୍ୟ ସହରବାସୀ ଦାବି କରିଛନ୍ତି। ଏଭଳି ସ୍ଥିତିରେ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରା ବ୍ରିଜ୍ ରାସ୍ତା ଜବରଦଖଲ ଦଖଲ ଉଚ୍ଛେଦ ନେଇ ପ୍ରଶାସନ କିଭଳି ଆଭିମୁଖ୍ୟ ପ୍ରଦର୍ଶନ କରୁଛି ତାକୁ ସହରବାସୀ ଅପେକ୍ଷା କରିଛନ୍ତି।

## ନାମଲେଖା ଦାବି, ସ୍କୁଲ ବାରଣ୍ଡାରେ ଧାରଣା


ଗ୍ରାମବାସୀ ସ୍କୁଲ ବାରଣ୍ଡାରେ ଧାରଣା ଦେଇଛନ୍ତି।

ସରଣ୍ଡା,୨୭।୩(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ବାବେବିରା ହାଇସ୍କୁଲ ଗତ ୨ ବର୍ଷ ହେଲା ବନ୍ଦ ହୋଇ ରହିଛି। ଏଠାକାର ୪ଜଣ ଶିକ୍ଷକ ଓ ଜଣେ ପିଅନ ଅନ୍ୟତ୍ର ଡେପୁଟେଶନରେ କାମ କରୁଛନ୍ତି। କେବଳ ନାମକୁ ମାତ୍ର ହାଇସ୍କୁଲ ଅଛି। ପୁରୁଣା ପିଲାଙ୍କ ଟିସି କିମ୍ବା ଦରମା ବିଲ୍ କରିବାକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏହି ସ୍କୁଲକୁ ଆସି ଅଫିସ ଖୋଲି ଚାଲି ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ବୁଧବାର ଗ୍ରାମର ମହିଳାମାନେ ସ୍କୁଲରେ ତାଲା ପକାଇ ଥିବାବେଳେ ଗୁରୁବାର ଧାରଣା ଦେଇଥିଲେ। ପ୍ରଧାନ ଶିକ୍ଷକ ସ୍କୁଲକୁ ଆସିବେ ଏବଂ ନାମ ଲେଖାଇବେ ବୋଲି ସେମାନେ ଭାବିଥିଲେ। କିନ୍ତୁ ପ୍ରଧାନ ଶିକ୍ଷକ ସ୍କୁଲକୁ ନ ଆସିବାରୁ ସ୍କୁଲ ବାରଣ୍ଡାରେ ଗ୍ରାମର ମହିଳାପୁରୁଷ ଧାରଣାରେ ବସିଥିଲେ। ଯେପର୍ଯ୍ୟନ୍ତ ସ୍କୁଲରେ ନାମଲେଖା ଆରମ୍ଭ ନ ହୋଇଛି ସେଯାଏ ଧାରଣା ଦେବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଧାରଣାସ୍ଥଳରୁ ଶୁକ୍ରବାର ଏକ ପ୍ରତିନିଧି ଦଳ ଜିଲା ଶିକ୍ଷାଧିକାରୀଙ୍କ ଅଫିସକୁ ଯାଇ ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି। ଆଲୋଚନା ବିଫଳ ହେଲେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଗ୍ରାମସଭା କରି ଆନ୍ଦୋଳନାତ୍ମକ ପନ୍ଥା ନେବେ ବୋଲି ଧାରଣାରେ ବସିଥିବା ମହିଳାମାନେ ପ୍ରକାଶ କରିଛନ୍ତି।

## କାମଧେନୁ ଯୋଜନାରେ ସାମିଲ ହେବାକୁ ଆହ୍ୱାନ

**ଜିଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ**

ବରଗଡ଼,୨୭।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଗୁରୁବାର ଜିଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋଏଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଏସ୍‌ସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ, ଭକ୍ତେଶ୍ୱର ମଲ୍ଲିକ, ଡା. ସରୋଜ ସାହୁଙ୍କ ସମେତ ଜିଲାର ବିଭିନ୍ନ ବିଭାଗ ଅଧିକାରୀ, ଏସ୍‌ଏଚ୍‌ଜି ସଦସ୍ୟା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲାପାଳ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ଶୁଭାରମ୍ଭ କରିଥିଲେ ଏବଂ ଗାଈଛୁଆମାନଙ୍କୁ ଗୋଖାଦ୍ୟ ଖୁଆଇଥିଲେ। ବରଗଡ଼ ଜିଲାରେ କୃଷି ଓ କୃଷକଙ୍କ ବିକାଶ ସୁଦୃଢ଼ କରିବା ପାଇଁ ଚାଷୀମାନଙ୍କୁ ଜିଲାପାଳ ବାର୍ତ୍ତା ଦେଇଥିଲେ। ସରକାରୀ ଯୋଜନାରେ ସାମିଲ ହୋଇ ଗୋପାଳନ, ମାଛ ଚାଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମାଞ୍ଚଳର ଲୋକେ କିଭଳି ଏହି ଯୋଜନାରେ ସାମିଲ ହୋଇ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ ହେବେ ସେ ନେଇ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଅତିରିକ୍ତ ଜିଲାପାଳ ସାହୁ ଚାଷୀମାନଙ୍କୁ ଗୋପାଳନ କରିବା ସହିତ କ୍ଷୀର ବିକ୍ରି କରି ଲାଭବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଭଲ ପ୍ରଦର୍ଶନ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ପ୍ରଫୁଲ୍ଲ କୁମାର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଜଣେ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଉଛି।


କୃଷକ ସଙ୍ଗଠନ ପକ୍ଷରୁ ଅତାବିରା ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ଚାଷୀ ପଞ୍ଜୀକରଣ ଅବଧି ବଢ଼ାଇବାକୁ ସ୍ମାରକପତ୍ର

ସରଣ୍ଡା,୨୭।୩(ଯୁଧିଷ୍ଠିର ମହାପାତ୍ର)

ରବି ଋତୁ ଧାନ ସଂଗ୍ରହ ପାଇଁ ଚାଲିଥିବା ଚାଷୀ ପଞ୍ଜୀକରଣ ଅବଧି ମାର୍ଚ୍ଚ ୩୧ ପରିବର୍ତ୍ତେ ଏପ୍ରିଲ ୧୦ ତାରିଖ ଯାଏ ବଢ଼ାଇବାକୁ ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଦାବି କରିଛି। ଏହି ପରିପ୍ରେକ୍ଷୀରେ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ସଙ୍ଗଠନର ସଦସ୍ୟମାନେ ଗୁରୁବାର ବରଗଡ଼ ଜିଲା ଅତାବିରା ତହସିଲଦାରଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପଞ୍ଜୀକରଣ ପାଇଁ ମାଲଗୁଜାରୀ ବାଧ୍ୟତାମୂଳକ ରହିଛି ଏବଂ ବର୍ତ୍ତମାନ ଯାନ୍ତ୍ରିକ ତ୍ରୁଟି ଯୋଗୁ ମାଲଗୁଜାରୀ ଦେବା ବାଧାପ୍ରାପ୍ତ ହେଉଛି। ଏଣୁ ପଞ୍ଜୀକରଣ ଅବଧି ବଢାଇବା ପାଇଁ ଚାଷୀ ସଙ୍ଗଠନ ପକ୍ଷରୁ ବରଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତାବିରା ତହସିଲଦାର କେ. ରିଟୀ କୁମାରଙ୍କୁ ଉକ୍ତ ସ୍ମାରକପତ୍ର କରାଯାଇଛି। ଏହି ସମୟରେ ସମ୍ପାଦକ ସୁରେଶ କର୍ଣ୍ଣ, ଦଶରଥ ଭୋଇ, ଡି.ପି ଜୟକୁମାର, ସଂସାର ଭୋଇ, ସୁବାଷ ବିଶ୍ୱାଳ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ।

## ମନ୍ଦିର ପ୍ରତିଷ୍ଠା ଉତ୍ସବରେ ରକ୍ତଦାନ ଶିବିର


ଶିବିରରେ ନିଷ୍ଠା ପରିବାରକୁ ସମ୍ବର୍ଦ୍ଧିତ କରାଯାଉଛି ।

ବରଗଡ଼,୨୭।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ମନାପଡ଼ା ଗ୍ରାମରେ ପୂର୍ଣ୍ଣମାସୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ମନ୍ଦିର ପ୍ରତିଷ୍ଠା କମିଟି, ଆର୍ଟ ଅଫ୍ ଲିଭିଂ ଏବଂ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପ୍ରତାପ ଚନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଥିଲେ। ଶିବିରରେ ବରଗଡ଼ ରକ୍ତ ଭଣ୍ଡାର ପକ୍ଷରୁ ୫୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବର ରାବଣ ଦରବାରରେ ଲଙ୍କାଧିପତି ରାବଣ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାରକୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନ୍ଦିର ପ୍ରତିଷ୍ଠା କମିଟି, ଆର୍ଟ ଅଫ ଲିଭିଂ ଓ ନିଷ୍ଠା ପରିବାରର ସମସ୍ତ ସଦସ୍ୟା ସଦସ୍ୟ ଶିବିର ପରିଚାଳନା କରିଥିଲେ।

## ଅସହାୟଙ୍କୁ ଚିକିତ୍ସା ସହାୟତା ଦେଲେ କାଉନସିଲର


କାଉନସିଲର ରୋଗୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ସରଣ୍ଡା,୨୭।୩(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅଧୀନ କାଣ୍ଡପାଲି ଗ୍ରାମର ଜଣେ ଗରିବ ରୋଗୀଙ୍କୁ ଚିକିତ୍ସା ପାଇଁ ସହାୟତାର ହାତ ବଢାଇଛନ୍ତି କାଉନସିଲର ଦୀପକ ରାୟ। ଅତାବିରା ଏନ୍‌ଏସି ୧୨ ନମ୍ବର ୱାର୍ଡର ୫୫ ବର୍ଷୀୟ ସଚିଦା ସାହୁ । ତାଙ୍କ ପରିବାରରେ ସ୍ତ୍ରୀ ସୁଲୋଚନା, ପୁତ୍ର କୀର୍ତ୍ତନ ଓ ବିବାହିତା ଝିଅ ନମିତା ସାହୁ ରହିଛନ୍ତି। ସଚିଦା ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ୨୦୧୨ରୁ ସେ କିଡ୍‌ନୀ ରୋଗରେ ପୀଡ଼ିତ ଅଛନ୍ତି। ଝିଅ ବାହାଘର ସହ ପୁଅର ପାଠପଢ଼ାରେ ଖର୍ଚ୍ଚାନ୍ତ ହେବା ସହ ନିଜେ ରୋଗଗ୍ରସ୍ତ ହେବା ପରଠାରୁ କାମଧନ୍ଦା କରିପାରୁନାହାନ୍ତି ସଚିଦା। ଚିକିତ୍ସା ଖର୍ଚ୍ଚ ବଢ଼ିବାରୁ ସେ ଅଳ୍ପ କିଛି ପୈତୃକ ସମ୍ପତ୍ତି ବିକ୍ରି କରିଦେଇଛନ୍ତି। ଏବେ ସପ୍ତାହକୁ ଦୁଇଥର ଡାଏଲିସିସ୍ କରାଯାଉଛି। ଉକ୍ତମାନର ଡାଏଲିସିସ୍ ପାଇଁ ଅର୍ଥାଭାବ ଥିବା ଖବର ପାଇ ୧ ନମ୍ବର ୱାର୍ଡର କାଉନସିଲର ଦୀପକ ରାୟ ବୁଧବାର ଉକ୍ତ ପରିବାରକୁ ଏବଂ ନିଜେ ବ୍ୟକ୍ତିଗତ ଭାବେ ନଗଦ ୩୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ପାଇକମାଲ,୨୭।୩
(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଅଧ୍ୟାପିକା ସସ୍ମିତା ସରିଆ ଯୋଗ ଦେଇଥିଲେ। ନନ୍ଦିନୀ ରାଉଳ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ଦେଇଥିଲେ।


କାର୍ଯ୍ୟକ୍ରମରେ ପ୍ରମାଣପତ୍ର ପାଇଥିବା ଛାତ୍ରୀଗଣ।

ପରେ ପ୍ରଶିକ୍ଷିତ ଛାତ୍ରୀମାନଙ୍କୁ ଅତିଥିଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ବବିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଳ ସମବାୟ ସମିତିର ବାର୍ଷିକ ସଭା

ପାଇକମାଳ,୨୭।୩(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ନୃସିଂନାଥ ବିନ୍ଧ୍ୟବାସିନୀ ଡାକ ବଙ୍ଗଳାରେ ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ପାଇକମାଳ ସମବାୟ ସମିତିର ବାର୍ଷିକ ସଭା ଗୁରୁବାର ଅନୁଷ୍ଠିତ ହେଇଥିଲା। ଏହି ସଭାରେ ପୂର୍ବ ବର୍ଷର ବିବରଣୀ ପଠନ, ଚାଷୀମାନଙ୍କୁ ଋଣ ଓ ସାର କିପରି ପ୍ରଦାନ କରାଯାଉଛି, କେତେ ସମୟ ମଧ୍ୟରେ ଋଣ ପରିଶୋଧ କରିବେ ସେ ବିଷୟରେ ସମ୍ପାଦକ ରମେଶ କୁମାର ସାହୁ ବୁଝାଇଥିଲେ। ସଭାରେ ପାଇକମାଳ ସମବାୟ ସମିତି ଅଞ୍ଚଳର ଚାଷୀ ବୋଧନ ସାହୁ, ସାଧୁରାମା ସୁନା, ଯୁଧିଷ୍ଠିର ସାହୁ, ବିଞ୍ଝି ଭୋଇ, ବେଣୁଧର ସାହୁ, ଶାନ୍ତିଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏକଦିବସୀୟ ବାଳିକା ଯୋଗ ଶିବିର



ବରଗଡ଼, ୨୭।୩(ପ୍ରେମାନନ୍ଦ ଖମାରୀ): ଆର୍ଟ ଅଫ୍ ଲିଭିଂ ବରଗଡ଼ ଶାଖା ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ରାଣାପ୍ରତାପ ସ୍କୁଲ ପରିସରରେ ବାଳିକାମାନଙ୍କ ପାଇଁ ଏକଦିବସୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ତଥା ସାଧନ କର୍ମୀ ନାରାୟଣ କାନସଲ, ସୁଧା କାନସଲ, ପାୟଲ ଅଗ୍ରୱାଲ, ଲତା ଅଗ୍ରୱାଲ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ନବମ, ଦଶମ ଶ୍ରେଣୀ ଛାତ୍ରୀମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଏହାସହ ବାଳିକାମାନେ କିଶୋରୀ ବୟସରେ କିପରି ଆତ୍ମ ସଂଯମ ରକ୍ଷାକରି ଶୃଙ୍ଖଳିତ ଜୀବନଯାପନ କରି ପାଠପଢ଼ାରେ ମନୋନିବେଶ କରିବେ ସେ ବିଷୟରେ ପରାମର୍ଶ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନାଟକ ଦ୍ୱାରା ସ୍ୱର୍ଗୀୟ ସୁଖ ପ୍ରାପ୍ତ ହୁଏ'

**ବିଶ୍ୱ ନାଟ୍ୟ ଦିବସ ମହାସମାରୋହରେ ମତପ୍ରକାଶ**

ପଦ୍ମପୁର,୨୭।୩ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗ୍ରାମରେ ସଚେତନ ହେମା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଗୁରୁ ଆନନ୍ଦ ବାଗ ମୁଖ୍ୟ ଅତିଥି, ନାଟ୍ୟକାର ରାଜକୁମାର ସାହୁ ମୁଖ୍ୟ ବକ୍ତା, ଲାଲ ସାହେବ ସାହୁ, ଘନଶ୍ୟାମ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ରାଜକୁମାର ସାହୁ କେଶରଞ୍ଜନ ପ୍ରଧାନଙ୍କ ଅନୁସୃଜିତ ବାର୍ତ୍ତା ପଢ଼ିବା ସହ ନାଟକ କରିବା ଦ୍ୱାରା ସ୍ୱର୍ଗୀୟ ସୁଖ ପ୍ରାପ୍ତ ହୁଏ ଓ ଦେଖିବା ଲୋକ ଅମୃତ ପାନ କରେ ବୋଲି ଉଦ୍‌ବୋଧନ ଦେଇଥିଲେ। କାର୍ତ୍ତିକ ମହାନନ୍ଦ ଓ ସ୍ୱପ୍ନେଶ୍ୱରୀ ସାହୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଘନଶ୍ୟାମ ଭୋଇ ରାମ ବନବାସ ଅଂଶକୁ ଅଭିନୟ କରି ପ୍ରଶଂସିତ ହୋଇଥିଲେ। କାର୍ଯ୍ୟକାରୀ ସମ୍ପାଦକ ମହେନ୍ଦ୍ର ସାହୁ, ମାନସୀ ସାହୁ, ଆରାଧ୍ୟା ସାହୁ, ଆଲିଶା ସାହୁ, ଚାନ୍ଦିନୀ ସାହୁ ସହଯୋଗ କରିଥିଲେ।



ବିଶ୍ୱ ନାଟ୍ୟ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଛିନ୍ଦେଇକେଲା ହାଇସ୍କୁଲ ଚାମ୍ପିୟନ

**ଇଣ୍ଟର ସ୍କୁଲ କ୍ରିକେଟ ଚାମ୍ପିୟନଶିପ୍**

ପାଇକମାଳ,୨୭।୩(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ପିଏମ୍‌ଶ୍ରୀ ମାଣ୍ଡୋସିଲ ହାଇସ୍କୁଲରେ ଇଣ୍ଟର ସ୍କୁଲ କ୍ରିକେଟ ଚାମ୍ପିୟନଶିପ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଣ୍ଡୋସିଲ ସରପଞ୍ଚ ଓମ୍ ପ୍ରକାଶ ନାୟକ ମୁଖ୍ୟ ଅତିଥି ଓ ପ୍ରଧାନ ଶିକ୍ଷୟିତ୍ରୀ ମୀନତି ଟେଟେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଚାମ୍ପିୟନଶିପ୍‌ରେ ମାଣ୍ଡୋସିଲ, ପାଇକମାଳ, ପଲସଦା, ଛିନ୍ଦେଇକେଲା, ଡେଙ୍କିମୁଣ୍ଡା, ଜାମସେଠ, ବରଡୁଣ୍ଡା, ନୃସିଂହନାଥ ଏସ୍‌ଏସ୍‌ଡି ସ୍କୁଲ ଯୋଗ ଦେଇଥିଲେ। ଛିନ୍ଦେଇକେଲା ହାଇସ୍କୁଲ ଓ ଡେଙ୍କିମୁଣ୍ଡା ହାଇସ୍କୁଲ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିବା ବେଳେ ଛିନ୍ଦେଇକେଲା ହାଇସ୍କୁଲ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ମାଣ୍ଡୋସିଲ ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ତନସନା ମୁଖ୍ୟ ଅତିଥି ଓ ଶିକ୍ଷକ ଅନିରୁଦ୍ଧ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ମୀନତି ଟେଟେ, ଅଶ୍ୱୀନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ନରହରି ସିଂ, ନୀଳମଣି ବରିହା, ବିକ୍ରମ ସିଂ, ଅଭିଜିତ ରାୟ, ଶଙ୍କରଲାଲ ମହାନନ୍ଦ, କୃଷ୍ଣ ବାଗ, ସଂଘମିତ୍ରା ବେହେରା, ଅର୍ଜୁନ ଜେନା, ବାଞ୍ଛାନିଧି ଦାଶ, ପଦ୍ମଲୋଚନ ମାଝୀ, ରୁଦ୍ରମଣି ବୈଠାରୁ, ସଦାନନ୍ଦ ଭୋଇ, ସବିତା ସାହୁ, ନୀଳମଣି ପୁଟା ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

# ଅଜଣା ଯୁବକଙ୍କ ମୃତଦେହ ଜବତ

**ରାଉରକେଲା,୨୭।୩(ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଅନ୍ତର୍ଗତ ଦକ୍ଷିଣ ରାଉରକେଲା ତର୍କରା ପମ୍ପହାଉସ ଗେଟ୍ ନଂ.୪ରେ ଗୁରୁବାର ଅପରାହ୍ନ ୫ଟାରେ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛନ୍ତି। ମୃତକଙ୍କ ପରିଚୟ ମିଳିନାହିଁ। ତେବେ କେଉଁଆଡୁ ଏହି ମୃତଦେହ ଭାସି ଆସିଥିଲା ସେ ନେଇ ସ୍ପଷ୍ଟ ହୋଇନାହିଁ। ଖବର ଲେଖା ହେବା ସୁଦ୍ଧା (ସନ୍ଧ୍ୟା ସାଢ଼େ ୭ଟା) କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ପୋଲିସ ତଦନ୍ତ ଜାରି ରଖିଛି।

## ଶାନ୍ତିଶୃଙ୍ଖଳା ପାଇଁ ପୋଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ

**ରାଉରକେଲା,୨୭।୩(ସଙ୍ଗୀତା ଜେନା):** ଆସନ୍ତା ରାମନବମୀ ଆସୁଛି। ରାଉରକେଲା ସହରରେ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ରାଉରକେଲା ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୩ ପ୍ଲାଟୁନ ବିଶ୍ରା ଛକରୁ ପାୱାର ହାଉସରୋଡ, ମେନରୋଡ ପ୍ଲାଣ୍ଟସାଇଟ୍ ଆଦି ଅଞ୍ଚଳରେ ପୋଲିସ ଫୋର୍ସ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କ ନେତୃତ୍ୱରେ ଏହା କରାଯାଇଥିଲା। ଫ୍ଲାଗ୍‌ମାର୍ଚ୍ଚ କରି ପୋଲିସ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ଦେଇଥିଲା।

# ଅଧାପନ୍ତରିଆ ସିଏସ୍‌ଡି କ୍ୟାଣ୍ଟିନ୍

**ରାଉରକେଲା,୨୭।୩(ସଙ୍ଗୀତା ଜେନା)**

ସୁନ୍ଦରଗଡ଼ ଜିଲାରେ ବାୟୁସେନା, ସ୍ଥଳସେନା, ଜଳସେନା ଏବଂ ଆସାମ୍ ରାଇଫଲ୍ସର ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସୈନିକ ରହୁଛନ୍ତି। ଦେଶମାତୃକା ପାଇଁ କର୍ତ୍ତବ୍ୟ ସମ୍ପାଦନ କରୁଥିବା ଅବସ୍ଥାରେ ସେମାନଙ୍କ ମଧ୍ୟରୁ କେତେକ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ହରାଇଛନ୍ତି। ଏପରି ପୂର୍ବତନ ସୈନିକଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ ରହିଛି। ସୁନ୍ଦରଗଡ଼, ଦେବଗଡ, ବଣେଇ, ଝାରସୁଗୁଡ଼ା, କେନ୍ଦୁଝରରେ ବସବାସ କରୁଥିବା ପୂର୍ବତନ ସୈନିକଙ୍କ ପାଇଁ ରାଉରକେଲା ସେକ୍ଟର-୬ ଏନ୍‌ସିସି ୯ମ ବାଟାଲିୟନ୍ କ୍ୟାମ୍ପସ ପରିସରରେ ରକ୍ଷା ମନ୍ତ୍ରାଳୟ ଅନ୍ତର୍ଗତ କ୍ୟାଣ୍ଟିନ୍ ସପ୍ଲାଇ ଡିପୋ(ସିଏସ୍‌ଡି) ଆର୍ମି କ୍ୟାଣ୍ଟିନ୍ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ୨୦୨୧ରେ ରାଉରକେଲା ଇସ୍ପାତ କାରଖାନା ସିଏସ୍‌ଆର୍ ଫଣ୍ଡରୁ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ପ୍ରକଳ୍ପ କାମ ଆରମ୍ଭ ହେଲା। ତେବେ ୫ବର୍ଷ ବିତିଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ହଜାର ହଜାର ପୂର୍ବତନ ସୈନିକ ପ୍ରାୟ ୨ଶହ କିମି ଦୂରରେ ଥିବା ଅନ୍ୟ ଜିଲାର ସିଏସ୍‌ଡି କ୍ୟାଣ୍ଟିନ୍ ଉପରେ ନିର୍ଭର କରୁଥିବା ଜଣାପଡ଼ିଛି। ଗତ ୪ ତାରିଖରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ୯ମ ବାଟାଲିୟନ୍ ଗସ୍ତ ସମୟରେ ପୂର୍ବତନ ସୈନିକ ସଂଘ ପକ୍ଷରୁ ଏହି ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସମୟରେ ଏନ୍‌ସିସି ବାଟାଲିୟନ କମାଣ୍ଡର ଅଫିସର କର୍ନେଲ ଶଶାଙ୍କ ଚନ୍ଦ୍ରଶେଖର କୁଲକର୍ନୀ, ପ୍ରଶାସନିକ ଅଧିକାରୀ ଲ୍ୟୁଟ୍‌ନାଣ୍ଟ କର୍ନେଲ ଗଗନଦୀପ୍ ସିଂହ, ସୁବେଦାର ମିତ ସିଂହ, ରାଉରକେଲା ପୂର୍ବତନ ସୈନିକ ସଂଘ ସଭାପତି ରିଙ୍ଗ କମାଣ୍ଡର ଆର୍.ଏସ୍ ଦାଶ, ଉପଦେଷ୍ଟା ଜି.ସି ପଟ୍ଟନାୟକ, ଉପସଭାପତି ବି.କେ ମହାରଣା, ସମ୍ପାଦକ ଜେ.ବି ବେରିହା ଓ ଅନ୍ୟ ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ।


ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଥିବା କ୍ୟାଣ୍ଟିନ ଗୃହ।

ସୈନିକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଧନେଶ୍ୱର ଦାସଙ୍କ କହିବା ଅନୁଯାୟୀ, ଉକ୍ତ କ୍ୟାଣ୍ଟିନ୍ ଜିଲା ଓ ଆଖପାଖର ପୂର୍ବତନ ସୈନିକମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ପ୍ରସ୍ତାବିତ ଥିଲା। ଏମ୍‌ପି ଜୁଏଲ ଓରାମଙ୍କ ପ୍ରଚେଷ୍ଟାରେ ଏହା ନିର୍ମାଣ କରାଗଲା। କ୍ୟାଣ୍ଟିନ ନିର୍ମାଣ ହେଲେ ପୂର୍ବତନ ସୈନିକମାନଙ୍କୁ ସମସ୍ତ ଦୈନନ୍ଦିନ ସାମଗ୍ରୀ ସମେତ ଯାନବାହନ ଆଦି ବଜାର ଦର ଅପେକ୍ଷା ୪୦ପ୍ରତିଶତ ରିହାତିରେ ମିଳିପାରିବ। ୬/୭ ହଜାର ବର୍ଗମିଟରରେ ଏହି କ୍ୟାଣ୍ଟିନ୍ କରାଯାଉଛି। ଏହା ନିକଟରେ ସେନାନୀ ଏବଂ ସେମାନଙ୍କ ପରିବାରର ସ୍ୱାସ୍ଥ୍ୟ ସମସ୍ୟା ଦୂର ପାଇଁ ଏକ୍ସଟେନ୍ସନ ମ୍ୟାନ୍ ହେଲ୍‌ଥ କଣ୍ଟ୍ରିବ୍ୟୁଟାରୀ ସ୍କିମ୍ (ଇସିଏଚ୍‌ସି)ରେ ଏକ ଚିକିତ୍ସାକେନ୍ଦ୍ର ଖୋଲିବା ପାଇଁ ୨ହଜାର ବର୍ଗଫୁଟ୍‌ର ଗୃହ ଆବଶ୍ୟକତା ରହିଛି। ଅନେକ ପ୍ରୟାସ ପରେ ମଧ୍ୟ ଏହା ପ୍ରତି କେହି ଆଗ୍ରହ ଦେଖାଉନାହାନ୍ତି। ଏହାଦ୍ୱାରା କମ୍ ଖର୍ଚ୍ଚରେ ଔଷଧ ଆଦି ମିଳିପାରନ୍ତା। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ପ୍ରାୟ ୨ଶହ କିମି ଦୂର ସମ୍ବଲପୁର ଯିବାକୁ ପଡୁଛି ବୋଲି ଦାସ କହିଥିଲେ। ଏ ସମ୍ପର୍କରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଦିଲୀପ ପଟ୍ଟନାୟକ କହିଛନ୍ତି, ଉକ୍ତ କ୍ୟାଣ୍ଟିନ ନିର୍ମାଣ ଏବଂ ହସ୍ତାନ୍ତର ସମ୍ପର୍କରେ ସେଲ୍ କର୍ତ୍ତୃପକ୍ଷଙ୍କ ସହ ଏମ୍‌ପି ଆଲୋଚନା କରିଛନ୍ତି। ଯଥାଶୀଘ୍ର ଏହା ହସ୍ତାନ୍ତର ହେବା ସହ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ପଟ୍ଟନାୟକ କହିଥିଲେ।

# ରାଉରକେଲା ଦିବସ କାର୍ଯ୍ୟକ୍ରମ ଆରମ୍ଭ



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

**ରାଉରକେଲା,୨୭।୩(ସଙ୍ଗୀତା ଜେନା)**

ରାଉରକେଲାର କଳା, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'କାନଭାସ୍' ପକ୍ଷରୁ ପ୍ରତ୍ୟେକ ବର୍ଷ ରାଉରକେଲା ଦିବସ ପାଳନ କରାଯାଉଛି। ଏହି କ୍ରମରେ ଚଳିତବର୍ଷ ଗୁରୁବାର ସନ୍ଧ୍ୟାଠାରୁ ସେକ୍ଟର-୧୩ ମେଳଣ ପଡ଼ିଆରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଶୁକ୍ରବାର ମଧ କରାଯିବ। ଏହାସହ ୨୯ ଓ ୩୦ ତାରିଖରେ ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ। ଏ ନେଇ ଗୁରୁବାର ଅପରାହ୍ନ ୧ଟାରେ ସେକ୍ଟର-୧୩ କମ୍ୟୁନିଟି ସେଣ୍ଟରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଅନୁଷ୍ଠାନର ଆବାହକ ସୁରେଶ ପ୍ରଧାନଙ୍କ ପୌରୋହିତ୍ୟରେ ଉପାଧ୍ୟକ୍ଷ ହରି ରାଉତରାୟ, ଉପଦେଷ୍ଟା ଇଂ. ବିମଳ ବିଶି, ଅମିତାଭ ସାମଲ, ପ୍ରଭୁ ପାତ୍ର, ସଂଯୋଜକ ପ୍ରଶାନ୍ତ ନାୟକ, ସଂଗ୍ରାମ ମହାନ୍ତି, ସୁଧାଂଶୁ ରାଉତ, ସଲୀଲ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଆବାହକ ପ୍ରଧାନ ସୂଚନା ଦେଇ କହିଲେ, ୨୭ ତାରିଖରେ କବାଡି ପ୍ରତିଯୋଗିତା, ୨୮ରେ ପେଡିଲିଂ ଫର୍ ରାଉରକେଲା (ସାଇକେଲ ଚାଳନା ପ୍ରତିଯୋଗିତା) ଏବଂ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ହେବ। ୨୯ ତାରିଖରେ କଣ୍ଠଶିଳ୍ପୀ ପାମେଲା ଜୈନ(ମୁମ୍ବାଇ), ଇଣ୍ଡିଆନ ଆଇଡଲ୍ ପ୍ରିୟା ଚୌହାନ୍, ଓଡ଼ିଆ କଣ୍ଠଶିଳ୍ପୀ କୁମାର ବାପି, ଗୋବିନ୍ଦ ଚନ୍ଦ୍ର, ଜ୍ୟୋତିର୍ମୟୀ ନାୟକ ଓ ପଙ୍କଜ ଜାଲ୍ ପ୍ରମୁଖ ସଙ୍ଗୀ ପରିବେଷଣ କରିବେ। ୩୦ତାରିଖରେ ବଲିଉଡ୍ କଣ୍ଠଶିଳ୍ପୀ ସୁଦେଶ ଭୋଁସଲେ ସହରବାସୀଙ୍କ ମନୋରଞ୍ଜନ କରିବେ । ଉକ୍ତ କାର୍ଯ୍ୟକ୍ରମରେ ନୂତନ ଓଡ଼ିଆ ଚଳଚ୍ଚିତ୍ର ଘମାଘୋଟ ଉନ୍ମୋଚିତ ହେବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସମେତ ବିଶିଷ୍ଟ ଗାୟକ, କ୍ରୀଡ଼ାବିତ୍, ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବ। ଅନୁଷ୍ଠାନର ଅଧକ୍ଷ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ପୂର୍ବତନ ବିଧାୟକ ମଙ୍ଗଳା କିଷାନ, ରୋହିତ ପୂଜାରୀ, ଏଜି ସତ୍ୟଜିତ ମହାନ୍ତିଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଆତିଥ୍ୟ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସରକାରୀ କଲେଜର ନଚିକେତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ ମହତୋ, ଲଳିତେନ୍ଦୁ ଚୌଧୁରୀ, ଉତ୍ତମ ପତି, ପ୍ରମୋଦ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ବସୁଧୈବ କୁଟୁମ୍ବକମ୍‌ର ବିଶ୍ୱ ମହିଳା ଦିବସ

**ରାଉରକେଲା,୨୭।୩(ବିପ୍ଳବ ରଞ୍ଜନ ଦାଶ)**

ବସୁଧୈବ କୁଟୁମ୍ବକମ୍ ତରଫରୁ ବିଶ୍ୱ ମହିଳା ଦିବସ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱ, ସମ୍ପାଦକ ଅନିଲ କୁମାର ଦାଶଙ୍କ ଆବାହକତ୍ୱରେ ଓ ବିଜୟିନୀ ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିନ୍ମୟ ଇଂରାଜୀ ମାଧମ ବିଦ୍ୟାଳୟର ଅଧକ୍ଷା ଶର୍ମିଷ୍ଠା କବି ଶତପଥୀ ଓ ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଅଧକ୍ଷା ପ୍ରଫେସର ଡ. ମିନତି ପଣ୍ଡା ଯୋଗଦେଇ ବିଶ୍ୱ ମହିଳା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କବି ଶତପଥୀ ତାଙ୍କ ବକ୍ତବ୍ୟରେ କହିଲେ,ଏହି ଦିବସ ୧୨୦ ବର୍ଷ ଧରି ପାଳନ ହୋଇଆସୁଛି। ନାରୀ ତା'ର ଆଭ୍ୟନ୍ତରୀଣ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ସେ ନିଜେ ଉଦ୍ୟମ କରିବା ଦରକାର। ନାରୀ ଓ ପୁରୁଷଙ୍କ ମଧ୍ୟରେ ତୁଳନା କରିବା ଠିକ୍ ନୁହେଁ। ନାରୀ ସୃଷ୍ଟି କର୍ତ୍ତା। ମୁଖ୍ୟବକ୍ତା ଡ.ପଣ୍ଡା ତାଙ୍କ ବକ୍ତବ୍ୟରେ ନାରୀମାନଙ୍କର ଉତ୍ତରଦାୟିତ୍ୱ, ସମାଜକୁ ମାର୍ଗଦର୍ଶନ, ମାତୃ ମମତା ଓ ପରିବାର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ସଭାପତି ପଟ୍ଟନାୟକ ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସହ ଅତିଥିମାନଙ୍କ ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସୁଚିତ୍ରା ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଆବାହକ ହରିହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କବି କୁଞ୍ଜବିହାରୀ ରାଉତ ଓ ତ୍ରିଲୋଚନ ସ୍ୱାଇଁଙ୍କ ସଂଯୋଜନାରେ ସର୍ବଶ୍ରୀ ଅଜିତ ମୋହନ ପୁଝାରୀ, ଶର୍ମିଷ୍ଠା କବିଶତପଥୀ, ବିଜୟିନୀ ଜେନା, ଅଜୟ ମହାନ୍ତି, ସୁଶାନ୍ତ ନାୟକ, ମୀନକେତନ ପଶାୟତ, ଉର୍ବଶୀ ଦାଶ, ଜ୍ୟୋସ୍ନାରାଣୀ ପାତ୍ର, ଚିନ୍ମୟୀ ପୁରୋହିତ, ହରିହର ଶତପଥୀ, ଅର୍ଚ୍ଚନା ଦେବତା, ଦେବେନ୍ଦ୍ର କୁମାର ବଳ, ତ୍ରିଲୋଚନ ସ୍ୱାଇଁ ଓ କୁଞ୍ଜବିହାରୀ ରାଉତ ପ୍ରମୁଖ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହେନ୍ଦ୍ର କୁମାର ପଟ୍ଟନାୟକ, ଅଭୟ କୁମାର ଦାସ, ଗିରିଜା ଶଙ୍କର ଗୋସ୍ୱାମୀ, ନବଘନ ସାହୁ, ସ୍ନିଗ୍ଧା ସାମନ୍ତରାୟ, ପ୍ରୀତି ସାହୁ, ବିକ୍ରମ ଆଚାର୍ଯ୍ୟ, ସସ୍ମିତା ପ୍ରଧାନ, ପ୍ରତିମାବାଳା ଶତପଥୀ, ରବୀନ୍ଦ୍ର ସରାଫ, ବଳରାମ ଦାଶ, ଜ୍ଞାନେନ୍ଦ୍ର ରାୟ, ରାଜକୁମାର ମହାନ୍ତି, ଜୟଶ୍ରୀ ସାବତ, ନୀନାରାଣୀ ଜେନା, କିଶୋରୀ ମୋହନ କର, ଧ୍ରୁବ ଚରଣ ନାୟକ, ନଗେନ ସାମନ୍ତରାୟ, ଅଶୋକ ଶୁକ୍ଳା ପ୍ରମୁଖ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।


ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସହରରେ ସଫେଇ କରାଯାଉଛି।

# ସ୍ୱଚ୍ଛତା ପକ୍ଷରେ ସଫେଇ ଅଭିଯାନ

**ରାଉରକେଲା,୨୭।୩(ଦିନେଶ ମିଶ୍ର)**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଚାଲିଥିବା ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଇସ୍ପାତ ସହରାଞ୍ଚଳରେ ଶପଥ ଗ୍ରହଣ ଉତ୍ସବ ଏବଂ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନ(ଡିଆଇଏସ୍‌ଏସ୍)ର ପ୍ରାୟ ୩୦ ଜଣ ସ୍କାଉଟ୍ ଏବଂ ଗାଇଡ୍ ସେକ୍ଟର-୧୯ ଇସ୍ପାତ ନେହେରୁ ପାର୍କରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ୍ ଇନଚାର୍ଜ ପି. କେ ସ୍ୱାଇଁ, ଟାଉନ ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ ବି. କେ. ଜୋଜୋଙ୍କ ସମେତ ଟାଉନ୍ ଇଞ୍ଜିନିୟରିଂ ଏବଂ ସହର ସେବା ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛତା ଉପରେ ଶପଥ ପାଠ କରାଇଥିଲେ ଏବଂ ପରେ ପାର୍କ ସଫେଇ କାର୍ଯ୍ୟ କରାଯାଇଥିଲା। ଉଦ୍ୟାନ କୃଷି ଓ ଜେଡଡିପି ବିଭାଗର ଡିଜିଏମ୍ ଡକ୍ଟର ଅଭିଜିତ ବିଶ୍ୱାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଗତ ୨୩ତାରିଖରେ ସେକ୍ଟର ୧୯ ସ୍ଥିତ ଇସ୍ପାତ ସେଣ୍ଟ୍ରାଲ ମାର୍କେଟରେ ମଧ ଏକ ସାମୂହିକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଅନୁରୂପ ଭାବେ ସେକ୍ଟର-୫ ଅଭିରାମପାଲି ବସ୍ତିରେ ଆଉ ଏକ ସଫେଇ ଅଭିଯାନ ହୋଇଥିଲା ଗତ ୨୪ ତାରିଖରେ ଟାଉନ ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ସ୍ୱଚ୍ଛତା ବାର୍ତ୍ତା ଉପରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ରୋକିବା ଦିଗରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ୩୦ ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ଏଥିରେ ଡେ଼ପୁଟି ସିଏମ୍‌ଓ ଡକ୍ଟର ଦୀପା ଡି ଲାଭାଙ୍ଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟାଉନ ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନ ନେତୃତ୍ୱ ନେଇଥିଲେ।

# ମା' ତାରିଣୀଙ୍କ ବାସନ୍ତିକ ଉତ୍ସବ ପ୍ରସ୍ତୁତି

**ରାଉରକେଲା,୨୭।୩( ଦିନେଶ ମିଶ୍ର)**

ସେକ୍ଟର-୬ ପାହାଡସ୍ଥିତ ମା' ତାରିଣୀଙ୍କ ପୀଠରେ ନବଦିନାତ୍ମକ ବାସନ୍ତୀକ ଉତ୍ସବ ପାଳନକୁ ନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ବିଜୟ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାଁଙ୍କ ନବଦିନାତ୍ମକ ବାସନ୍ତୀକ ପୂଜା ତଥା ନଗର ଭ୍ରମଣ ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକରେ ବିଶେଷ କରି ସହସ୍ର ପ୍ରଦୀପ, ମହାଷ୍ଟମୀ ମହାଦୀପ ଓ ମହାନବମୀରେ ଯଥାବିଧି ପୂର୍ବକ ପୂଜାର୍ଚ୍ଚନା ସାଙ୍ଗକୁ ୯ ଦିନ ଧରି ଶାନ୍ତିଶୃଙ୍ଖଳା ସହ ଉତ୍ସବ ପାଳନ ନେଇ ଆଲୋଚନା କରାଯାଇଥିଲା। ଭାସ୍କର ନନ୍ଦ, ରାଜଗୁରୁ ମହାପାତ୍ର, ସୁବାସ ପାଢ଼ୀ, ନାରାୟଣ ମହାନ୍ତି, ଅର୍ଜୁନ ପଣ୍ଡା, ଶ୍ରବଣ ଦଳାଇ, ଭାଗିରଥୀ ସାହୁ, ମନୋରଞ୍ଜନ ତ୍ରିପାଠୀ, ରମାକାନ୍ତ ମହାରଣା, ପ୍ରସନ୍ନ କୁମାର ମଜୁମଦାର, କାଳିଦାସ ପାତ୍ର, ଲୋକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶୌଚାଳୟ ନିର୍ମାଣ ବନ୍ଦ ପାଇଁ ଦାବିପତ୍ର


ଆର୍‌ଏମ୍‌ସି ଉପାୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା,୨୭।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଟିସିଆଇ ଛକ ନିକଟରେ ଶୌଚାଳୟ ନିର୍ମାଣ ନ କରିବା ପାଇଁ ଟିସିଆଇ ଛକ ଅଧିବାସୀମାନେ ଗୁରୁବାର ଆରଏମ୍‌ସି ଉପାୟୁକ୍ତ ପଲ୍ଲବୀ ନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହାନଗର ନିଗମ ପକ୍ଷରୁ ଟିସିଆଇ ଛକ ବାମପଟ ରାସ୍ତାରେ ଘର ଆଗରେ ପାଇଖାନା ନିର୍ମାଣ କରାଯିବା ଦ୍ୱାରା ରାସ୍ତାର ୮୦ପ୍ରତିଶତ ବନ୍ଦ ହେଉଛି। ଏହାବ୍ୟତୀତ ଘର ଆଗରେ ସାଧାରଣ ଲୋକଙ୍କ ପାଇଖାନା ରହିବା ଅଶୋଭନୀୟ ପଦକ୍ଷେପ। ଏଣୁ ଏହି ଶୌଚାଳୟକୁ ଅନ୍ୟ ଏକ ସରକାରୀ ଜାଗାରେ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ଏ ସମ୍ପର୍କରେ ସୁନ୍ଦରଗଡ ଜିଲାପାଳଙ୍କୁ ମଧ ଟିସିଆଇ ଛକବାସୀ ଲିଖିତ ଅଭିଯୋଗ କରିଥିବା ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅଭିଷେକ ପଟୱା, ମହିନ୍ଦର ସିଂହ, ସନ୍ତୋଷ ପ୍ରସାଦ ସାଓ, ପୁନିତ କୁମାର, ଇନ୍ଦୁମତୀ ସାଓ, ଆଶିଷ କୁମାର ଦାସ, ରଙ୍କନିଧି ମାନସିଂହ, ଅରୁଣ ମିଶ୍ରଙ୍କ ସମେତ ଅମର ଏନ୍. ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକପ୍ରିୟତା ବଜାୟ ରଖିଛି ପଖାଳ

**ରାଉରକେଲା,୨୭।୩(ସଙ୍ଗୀତା ଜେନା)**

ସାମାଜିକ ଅନୁଷ୍ଠାନ ଆରାଧା ପକ୍ଷରୁ ଜଗଦାଠାରେ ଗୁରୁବାର ଅପରାହ୍ନ ୧ଟାରେ ପଖାଳ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ହରପ୍ରିୟା ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ସଭାପତି ପଟ୍ଟନାୟକ କହିଲେ, ଓଡ଼ିଆ ପାରମ୍ପରିକ ଖାଦ୍ୟରେ ପଖାଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧନୀଠାରୁ ଗରିବ ପର୍ଯ୍ୟନ୍ତ ଏହା ସମସ୍ତଙ୍କ ଅତ୍ୟନ୍ତ ପ୍ରିୟ ଖାଦ୍ୟ ଅଟେ। ପୂର୍ବପୁରୁଷମାନେ ଓଡ଼ିଶାର ପାଣିପାଗକୁ ଦୃଷ୍ଟିରେ ରଖି ଏହାକୁ ଖାଇବା ଆରମ୍ଭ କରିଥିଲେ। ଗ୍ରୀଷ୍ମ ମାସରେ ଏହା ଖାଇବା ଦ୍ୱାରା ଶରୀର ଥଣ୍ଡା ରହିବା ସହ ଶର୍କରାମାତ୍ରାକୁ ସନ୍ତୁଳିତ ରଖାଯାଇଥାଏ। ଏବେ ବଡ ବଡ ହୋଟେଲରେ ପଖାଳକୁ ସ୍ୱତନ୍ତ୍ର ଖାଦ୍ୟ ଭାବେ ପରିବେଷଣ କରାଯାଉଛି। ଆଜି ମଧ ଗ୍ରାମାଞ୍ଚଳ ଅବା ସହର ସେଠାରେ ପଖାଳ ତାର ଲୋକପ୍ରିୟତା ବଜାୟ ରଖିଛି ବୋଲି ପଟ୍ଟନାୟକ କହିଥିଲେ। ଉପସଭାପତି ବବିତା ସ୍ୱାଇଁ, ସମ୍ପାଦିକା ପ୍ରେମଲତା ମହାନ୍ତି, ରୋଜାଲିନ୍ ରାଉତ, ଜୟଶ୍ରୀ ପାଣ୍ଡେ, ମମତା ତ୍ରିପାଠୀ, କୁନମୁନ ମିଶ୍ର, ସବିତା ମହାରଣା, ମୀନତି ମହାନ୍ତି, କାଦମ୍ବିନୀ ମିଶ୍ର, ଇନ୍ଦୁ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପରଷା ଯାଇଥିଲା।

# ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି, ରକ୍ତଦାନ ଶିବିର

**ରାଉରକେଲା,୨୭।୩( ଦିନେଶ ମିଶ୍ର)**

ରାଉରକେଲାସ୍ଥିତ ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ସମାଜସେବୀ ବିଶ୍ୱପ୍ରକାଶ ବେହେରାଙ୍କ ଅଧକ୍ଷତାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଓ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଉରକେଲା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ନିର୍ଦ୍ଦେଶକ ଅନ୍ତନ ଜେନା ଓ ଶକ୍ତେଶ୍ୱର ପାତ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମର ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଉପାଧ୍ୟାୟ, ଡକ୍ଟର ଉମାକାନ୍ତ ପଣ୍ଡା, ସ୍ୱାମୀ ଅଗ୍ନିବାବା, ନକୁଳଦେବ ଓ ସୂର୍ଯ୍ୟଦେବଙ୍କ ସମେତ ଗୁରୁକୁଳର ବ୍ରହ୍ମଚାରୀ ବିଦ୍ୟାର୍ଥୀ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସାମୂହିକ ହୋମଯଜ୍ଞ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ରାକେଶ ମହାନ୍ତି, ରଞ୍ଜନ ଜଗଦେବ ଓ ରବୀନ୍ଦ୍ର ପୃଷ୍ଟି ଯୋଗ ଦେଇଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆରଜିଏଚ୍ ବ୍ଲଡ ବ୍ୟାଙ୍କର ଟେକ୍ନିସିଆନ ଓ ସମାଜସେବୀ ରବୀନ୍ଦ୍ର ପ୍ରଧାନ ରକ୍ତ ସଂଗ୍ରହ କରିଥିଲେ। ବିଶ୍ୱଜିତ ଦାଶ, ଶୀତଳ ପୋଥାଳ, ଶୁଭାଶିଷ ବାରିକ, ସନ୍ଦୀପ ସାମଲ, ଗଣେଶ ଦ୍ୱାରବଲୀ, ପବିତ୍ର ନାୟକ, ନିହାର ରଞ୍ଜନ ସାମଲ, ମୁକେଶ ବିରୁଲୀ, ଅମନ ସିଂ, ସାନୁ ମହାକୁଡ, ରାଜକୁମାର ମେହଟା, ବଣ୍ଟି ସଂ ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଜଣେ ରକ୍ତଦାନ କରୁଛନ୍ତି।

# ଆରଜିଏଚ୍ ୱାଟର ଏଟିଏମ୍ ଅଚଳ

**ରାଉରକେଲା,୨୭।୩( ଦିନେଶ ମିଶ୍ର)**

ଖତ ଖାଉଛି ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ୱାଟର ଏଟିଏମ୍। ସ୍ଥାନୀୟ ପ୍ରଶାସନ ପକ୍ଷରୁ ରୋଗୀ ଓ ଜନସାଧାରଣଙ୍କୁ ଥଣ୍ଡା ସ୍ୱଚ୍ଛ ପାଣି ଯୋଗାଇ ଦେବା ଥିଲା ଏହାର ମୁଖ୍ୟ ଲକ୍ଷ୍ୟ। ୱାଟର ଏଟିଏମ୍ ମେଶିନରେ ମାତ୍ର ଏକ ଟଙ୍କା ଭର୍ତ୍ତି କଲେ ବାହାରୁଥିଲା ଏକ ଲିଟର ଥଣ୍ଡା ସ୍ୱଚ୍ଛ ପାନୀୟ ଜଳ। ଏହାଦ୍ୱାରା ଡାକ୍ତରଖାନାର ରୋଗୀ ଓ ସ୍ଥାନୀୟ ଜନସାଧାରଣ ଉପକୃତ ହେଉଥିଲେ। ମାତ୍ର ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ପ୍ରବେଶ ପଥରେ ଥିବା ଏହି ୱାଟର ଏଟିଏମ୍ ବହୁ ବର୍ଷ ଧରି ଅଚଳ ଅବସ୍ଥାରେ ପଡିରହିଛି। ରାଉରକେଲା ସରକାରୀ ଡାକ୍ତରଖାନା ସହରର ମୁଖ୍ୟ ଡାକ୍ତରଖାନା।


ଅଚଳ ଅବସ୍ଥାରେ ଥିବା ୱାଟର ଏଟିଏମ୍।

ରାତି ପାହିଲେ ଏହି ଡାକ୍ତରଖାନାକୁ ହଜାର ହଜାର ରୋଗୀ ଚିକିତ୍ସିତ ହେବାକୁ ଆସିଥାନ୍ତି। ଏଠାକୁ ଆସୁଥିବା ରୋଗୀ ଓ ସ୍ଥାନୀୟ ଜନସାଧାରଣଙ୍କୁ କିଭଳି ଅତି କମ୍ ମୂଲ୍ୟରେ ସ୍ୱଚ୍ଛ ପାଣି ଯୋଗାଣ ହେବ ସେ ନେଇ ସ୍ଥାନୀୟ ଆରଏମ୍‌ସି ପ୍ରଶାସନ ପକ୍ଷରୁ ୨୦୧୭ ଡିସେମ୍ବର ୨୧ ତାରିଖରେ ଏକ ୱାଟର ଏଟିଏମ୍ ଆରଜିଏଚ୍ ପରିସରରେ ଲଗାଯାଇଥିଲା। ଏହି ଏଟିଏମ୍‌ରୁ ସ୍ୱଚ୍ଛ ପାଣି ବାହାରିବା ପାଇଁ ଦୁଇଟି ଟ୍ୟାପ୍ ଲାଗିଥିଲା। ୱାଟର ଏଟିଏମ୍‌ରୁ ମାତ୍ର ୧ଟଙ୍କାରେ ଶୁଦ୍ଧ ଥଣ୍ଡା ଜଳ ମିଳିପାରୁଥିଲା। ଫଳରେ ଡାକ୍ତରଖାନାର ରୋଗୀ ଓ ସମ୍ପର୍କୀୟ ଉପକୃତ ହେଉଥିଲେ। ମାତ୍ର ୱାଟର ଏଟିଏମ୍ ଉଦ୍‌ଘାଟନର ତିନି ବର୍ଷ ପରେ ଏହା ଅଚଳ ହୋଇଗଲା। ଏହାକୁ ମରାମତି କରିବା ପାଇଁ ସ୍ଥାନୀୟ ଡାକ୍ତରଖାନା କର୍ତ୍ତୃପକ୍ଷ ଆରଏମ୍‌ସିକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଏହି ୱାଟର ଏଟିଏମ୍‌ଟି ଦୀର୍ଘ ପ୍ରାୟ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଅଚଳ ଅବସ୍ଥାରେ ପଡିରହିଛି। ଏହି ୱାଟର ଏଟିଏମ୍ ଅଚଳ ଯୋଗୁ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ବିଶୁଦ୍ଧ ଥଣ୍ଡା ଜଳ ନ ପାଇ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଏହାକୁ ଯଥାଶୀଘ୍ର ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ରାଉରକେଲା ଏଡିଏମ୍ ତଥା ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ ସେ କହିଥିଲେ, ଆରଜିଏଚ୍ ପରିସରରେ ଥିବା ୱାଟର ଏଟିଏମ୍ ଅଚଳ ଅବସ୍ଥାରେ ପଡି ରହିଥିବା ନେଇ ଆମ ପାଖରେ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ତାହା କେଉଁ ଅବସ୍ଥାରେ ରହିଛି ତାହା ଜାଣିନାହୁଁ। ତଥାପି ତୁରନ୍ତ ଏହାକୁ ମରାମତି କରାଯିବ ବୋଲି ସେ କହିଥିଲେ।

### ବାହାରୁନି ସ୍ୱଚ୍ଛ ପାଣି, ଭାଙ୍ଗିଗଲାଣି ଟ୍ୟାପ୍

# ସମାଜ ସଂସ୍କାର ବାର୍ତ୍ତା ଦିଏ ମଞ୍ଚ ନାଟକ

**ସମ୍ବଲପୁର,୨୭।୩(ବି.ଶଙ୍କର)**

ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି ନାଟ ନାଟୁଆ ଆୟୋଜନରେ ବିଶ୍ୱ ନାଟ୍ୟ ଦିବସ ଗୁରୁବାର ପୂର୍ବାହ୍ନରେ ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ନାଟନାଟୁଆ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ନାଟ୍ୟକାର, ନିର୍ଦ୍ଦେଶକ ଓ ଗବେଷକ ଡ. ଦ୍ୱାରିକାନାଥ ନାୟକ ମୁଖ୍ୟ ଅତିଥି, ନେତାଜୀ ସୁବାସ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଡ. ନାୟକ ତାଙ୍କ ବକ୍ତବ୍ୟରେ ବିଶ୍ୱ ନାଟ୍ୟ ଦିବସ ପାଳନ ବିଷୟରେ ଆଲୋଚନା କରିଥିଲେ। ସଂପ୍ରତି ନାଟକ ପାଇଁ ନାଟୁଆ ସମର୍ପିତ ହେବାର ଆବଶ୍ୟକତା। ଯଦ୍ୱାରା ମଞ୍ଚ ନାଟକ ବଞ୍ଚି ରହିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଡ. ଭୋଇ କହିଥିଲେ ପ୍ରତ୍ୟେକ ମଞ୍ଚ ନାଟକରେ ସମାଜ ପରିବର୍ତ୍ତନ ସକାଶେ କିଛି ନା କିଛି ବାର୍ତ୍ତା ଥାଏ। ଅନ୍ୟାର୍ଥରେ ସମାଜ ସଂସ୍କାର ପାଇଁ ନାଟକ ମୁଖ୍ୟ ଭୂମିକା ନେଇଥାଏ । ତେଣୁ ନାଟୁଆମାନେ ଆହୁରି ସଚେତନ ହୋଇ ସମାଜ ପାଇଁ ନାଟକ ରଚନା କରିବା ଜରୁରୀ ବୋଲି କହିଥିଲେ।

ସଙ୍ଗୀତଜ୍ଞ ପ୍ରମୋଦ ମିଶ୍ରଙ୍କର ରଚନା ଓ ସଙ୍ଗୀତ ସଂଯୋଜନାରେ ନାଟକ ଉପରେ ପର୍ଯ୍ୟବେଶିତ ଗୀତ ଶିଶୁ କଳାକାରମାନେ ଗାନ କରିଥିଲେ। ଚଳିତବର୍ଷ ବିଶ୍ୱ ନାଟ୍ୟ ଦିବସ ଉଦ୍ଦେଶ୍ୟରେ ଗ୍ରୀସ ଦେଶର ନାଟ୍ୟ ନିର୍ଦ୍ଦେଶକ ଥିଓଡୋରୋସ ଟେରଜୋପୋଲୋସ ଦେଇଥିବା ବାର୍ତ୍ତାର ସମ୍ବଲପୁରୀ ଭାଷାନ୍ତର ବାର୍ତ୍ତାକୁ ସୁକାନ୍ତ କର ପାଠ କରିଥିଲେ। ନାଟନାଟୁଆର ଯୁଗ୍ମ ସଂଯୋଜକ ଅତିଶ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନାଟକ କ୍ଷେତ୍ରରେ ଅବଦାନ ପାଇଁ ନାଟ୍ୟକାର, ଗୀତିକବି ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ନାଟ୍ୟ ଭବଭୁତି ସମ୍ମାନ-୨୫ ଏବଂ ନାଟକର ପ୍ରଚ୍ଛଦରେ ରହି କଳାକାରଙ୍କୁ ବିଭିନ୍ନ ଚରିତ୍ରରେ ରୂପ ଦେଉଥିବା ରୂପକାର ପଦ୍ମଲୋଚନ ଚକ୍ରବର୍ତ୍ତୀ(ଡଗରା)ଙ୍କୁ ନାଟନାଟୁଆ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସୁକାନ୍ତ କରଙ୍କୁ ନିୟମିତ ଭାବରେ ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତାଙ୍କୁ ସମ୍ବଲପୁରୀ ଭାଷାରେ ଅନୁବାଦ ପାଇଁ ସମ୍ମାନିତ କରାଯାଇଥିଲା। ପଦ୍ମଶ୍ରୀ ବିନୋଦ ପଶାୟତଙ୍କର ଅସୁସ୍ଥତା କାରଣରୁ ତାଙ୍କର ପୁତ୍ରବଧୂ ମୋହିନୀ ପଶାୟତ ଓ ନାତି କୌଶିକ ପଶାୟତ ନାଟ୍ୟ ଭବଭୁତି ସମ୍ମାନ ଗ୍ରହଣ କରିଥିଲେ। ମାନପତ୍ର ପାଠ କରିଥିଲେ ଅଭିଷେକ ମିଶ୍ର ଓ ମାନସ ମିଶ୍ର । ନାଟନାଟୁଆର ସଂଯୋଜକ ପାଣିଗ୍ରାହୀ ସଭାପତିତ୍ୱ ବକ୍ତବ୍ୟରେ କହିଥିଲେ, ସମ୍ବଲପୁରରେ ନାଟୁଆ ଓ ନାଟକ ପାଇଁ ପ୍ରେକ୍ଷାଳୟ ନଥିବା ପରିତାପର ବିଷୟ। ଆଗାମୀ ଦିନରେ ଏଠାରେ ଏକ ଅତ୍ୟାଧୁନିକ ପ୍ରେକ୍ଷାଳୟ ନିର୍ମାଣ କରିବା ଜରୁରୀ ବୋଲି ସେ କହିଥିଲେ। ବରିଷ୍ଠ ସଭ୍ୟ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନରେ ପ୍ରଶାନ୍ତ ମାଝୀ, ଯୋଗେଶ ନନ୍ଦ, ରାହୁଲ ଗୁପ୍ତା, ମମତା ପଣ୍ଡା, ଲଳିତ ବେବାର୍ତ୍ତା, ସଞ୍ଜିବ ପାଢ଼ୀ, ଆଶିଷ ସୋନର, ଶୁଭମ ମେହେର ସହଯୋଗ କରିଥିଲେ।



ବିଶ୍ୱ ନାଟ୍ୟ ଦିବସ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତି ବିଶେଷ ।

**ନାଟନାଟୁଆ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ**

- ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ନାଟ୍ୟ ଭବଭୁତି ସମ୍ମାନ
- ରୂପକାର ପଦ୍ମଲୋଚନ ଚକ୍ରବର୍ତ୍ତୀଙ୍କ ନାଟ ନାଟୁଆ ସମ୍ମାନ

## ମାସିକ ଶିଶୁ ପତ୍ରିକା ଉନ୍ମୋଚିତ



ଶିଶୁ ପତ୍ରିକା ଉନ୍ମୋଚନ ଅବସରରେ ଅତିଥି ବୃନ୍ଦ ।

**ସମ୍ବଲପୁର,୨୭।୩(ଭବାନୀ ଶଙ୍କର ଭୋଇ)**

ଆଲୋକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ହେଉଥିବା ମାସିକ ଶିଶୁ ସାହିତ୍ୟ ପତ୍ରିକା ଗୁରୁବାର ଉନ୍ମୋଚିତ ହୋଇଯାଇଛି। ବୁର୍ଲା ଜ୍ୟୋତିବିହାର ସ୍ଥିତ ଆଲୋକ କାର୍ଯ୍ୟାଳୟଠାରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ରାମ ନରେଶ ମହାଲିଙ୍ଗ, ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଡ଼ ସ୍ୱୟଂ ପ୍ରକାଶ ପଣ୍ଡା, ସରକାରୀ ପ୍ରାଥମିକ ବିଦ୍ୟାଳୟ ମହତାବ ନଗରର ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ବେହେରା, ସରକାରୀ ପ୍ରାଥମିକ ବିଦ୍ୟାଳୟ ମିର୍ଦ୍ଧାପଡ଼ାର ପ୍ରଧାନଶିକ୍ଷୟିତ୍ରୀ ମନୋରମା ଦାସ, ଓଡିଶା ଆଦର୍ଶ ବିଦ୍ୟାଳୟ ଧନକଉଡ଼ାର ଓଡ଼ିଆ ଶିକ୍ଷୟିତ୍ରୀ ଆଲୋକିନୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଅତିଥିମାନେ ଉପସ୍ଥିତ ଶିଶୁମାନଙ୍କୁ ନିଜସ୍ୱ ଅନୁଭୂତିରୁ ଲେଖା ଲେଖିବାପାଇଁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଶିଶୁ ମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାର ଉନ୍ମୋଚନ ପାଇଁ ଏଭଳି ପତ୍ରିକାର ଆବଶ୍ୟକତା ବିଷୟରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ତୁଳସୀ ବାରିକ, ସ୍ୱୀକୃତି ପାଣିଗ୍ରାହୀ ଓ ରାଜାରାମ ସାହୁ ସହଯୋଗ କରିଥିଲେ ।

**ସଂକ୍ଷେପରେ**

## ନାକଟିଦେଉଳ ସମବାୟ ସମିତି ବାର୍ଷିକ ବୈଠକ

**ନାକଟିଦେଉଳ,୨୭।୩(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପେଣ୍ଟବାହାଲ ନିକଟ ଚମ୍ପାଲି ନଦୀ ତଟରେ ଆୟୋଜିତ ଏହି ବୈଠକରେ ସମିତି ସଭାପତି ପ୍ରମୋଦ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସମିତି ଉପସଭାପତି ବୈଦେହୀ ମୁଣ୍ଡା, ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ରବିନାରାୟଣ ରାଉଳ, କୃଷ୍ଣଚନ୍ଦ୍ର ମେହେର, ବିଦ୍ୟାଧର ସାହୁ ଏବଂ ରାଜକିଶୋର ସାହୁ ଯୋଗଦେଇଥିଲେ। ସମିତି ସମ୍ପାଦକ ମଞ୍ଜିତ କୁମାର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ଋଣ ଲଗାଣ, ଚାଷୀମାନଙ୍କୁ ବିନା ସୁଧରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ଆଗାମୀ ୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଅଟକଳ, ୨୪-୨୫ ଆର୍ଥିକ ବର୍ଷର ଆୟ ବ୍ୟୟ ପଠନ ଏବଂ ୨୩-୨୪ ଆର୍ଥିକ ବର୍ଷର ଅଡିଟ ରିପୋର୍ଟ ପଠନ ଓ ଗ୍ରହଣ ସମ୍ପର୍କରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସମିତିର ସମସ୍ତ ୧୪ ନିର୍ଦ୍ଦେଶକଙ୍କ ସମେତ ଶତାଧିକ ସଭ୍ୟାସଭ୍ୟ ଯୋଗଦେଇଥିଲେ। ବୈଠକ ଆୟୋଜନରେ ସମିତି ସହସମ୍ପାଦକ ପ୍ରଶାନ୍ତ କୁମାର ବେହେରା, କିରାଣୀ କ୍ଷୀରୋଦ କୁମାର ସାହୁ, କୋଷାଧ୍ୟକ୍ଷ ସବିତ ନାଏକ, ସେଲ୍ସମ୍ୟାନ ବରୁଣ ପୋଢ଼ ଏବଂ ପିଅନ ସୁଶାନ୍ତ ସାହୁ ସହଯୋଗ କରିଥିଲେ।

## ପ୍ରସୂତୀଙ୍କ ମୃତ୍ୟୁକୁ ଡାକ୍ତରଖାନାରେ ଉତ୍ତେଜନା

**ସମ୍ବଲପୁର,୨୭।୩(ପ୍ରମୋଦ ବହିଦାର)**

ସମ୍ବଲପୁର ରେଳବାଇ ଡାକ୍ତରଖାନାରେ ଜଣେ ପ୍ରସୂତୀଙ୍କ ମୃତ୍ୟୁକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଘଟିଛି ବୋଲି ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଥିଲେ। ମୃତକଙ୍କ ପରିବାରକୁ ରେଳବାଇ ଶ୍ରମିକ ସଙ୍ଗଠନ ସମର୍ଥନ କରିବା ପରେ ଡାକ୍ତରଖାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆନ୍ଦୋଳନକାରୀ ଚିକିତ୍ସାରେ ଅବହେଳା ପ୍ରଦର୍ଶନ କରିଥିବା ମହିଳା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବନ ଦାବି କରିଥିଲେ। ଘଟଣାସ୍ଥଳରେ ରେଳ ମଣ୍ଡଳ ପ୍ରବନ୍ଧକ ତୁଷାକାନ୍ତ ପାଣ୍ଡେ ପହଞ୍ଚି ଆନୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରଶମିତ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ ଗତ ମଙ୍ଗଳବାର ପ୍ରସବ ବେଦନା ହେବାରୁ ଫୁଲଚନ୍ଦ କୁମାର ନାମକ ଜଣେ ଲୋକୋ ପାଇଲଟ୍ ତାଙ୍କ ସ୍ତ୍ରୀ କାଞ୍ଚନ ଭାରତୀଙ୍କୁ ରେଳବାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୁଧବାର ଅସ୍ତ୍ରୋପଚାର ପରେ ତାଙ୍କର ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ମାତ୍ର ଅସ୍ତ୍ରୋପଚାର ପରେ ମହିଳା ଜଣକ ଗୁରୁତର ହୋଇ ପଡ଼ିଥିଲେ। ତେବେ ମହିଳା ଗୁରୁତର ଅବସ୍ଥାରେ ଥିବା ବେଳେ ତାଙ୍କର ଚିକିତ୍ସା ପାଇଁ କୌଣସି ଡାକ୍ତର ସେଠାରେ ପହଞ୍ଚି ନ ଥିଲେ। ତେବେ ଶେଷ ମୁହୂର୍ତ୍ତରେ ମହିଳାଙ୍କୁ ଭିମ୍‌ସାର ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ହିନ୍ଦୀ କର୍ମଶାଳା



ଆୟୋଜିତ ରାଜଭାଷା ହିନ୍ଦୀ କର୍ମଶାଳାରେ ଅତିଥି ଓ ବକ୍ତାମାନେ ।

**ସମ୍ବଲପୁର,୨୭।୩(ବି.ଶଙ୍କର)**

ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ରାଜଭାଷା ହିନ୍ଦୀ କର୍ମଶାଳା ଗୁରୁବାର ଆୟୋଜିତ ହୋଇଯାଇଛି। ରାଜଭାଷା ହିନ୍ଦୀରେ ସରକାରୀ କାର୍ଯ୍ୟ ସମ୍ପାଦନ କଲାବେଳେ କର୍ମଚାରୀମାନଙ୍କ ମନରେ ଉପୁଜୁଥିବା ସନ୍ଦେହ ଏବଂ ଅସୁବିଧାଗୁଡ଼ିକୁ ଦୂର କରିବାର ଆଭିମୁଖ୍ୟ ନେଇ କର୍ମଶାଳା ହୋଇଥିଲା । ଗୃହ ମନ୍ତ୍ରଣାଳୟ ଅଧିନ ରାଜଭାଷା ବିଭାଗ ଦ୍ୱାରା ପ୍ରସ୍ତୁତ ଅନୁବାଦ ପ୍ରଣାଳୀ ସ୍ମୃତି ଆଧାରିତ କଣ୍ଠସ୍ଥ ଟୁଲ ଏବଂ ଇ-ଅଫିସରେ ଟିପ୍ପଣୀ ଏବଂ ପତ୍ର ପ୍ରସ୍ତୁତି କିଭଳି ସୁରୁଖୁରୁରେ କରାଯାଇପାରିବ ସେ ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ବଲପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ହିନ୍ଦୀ ପ୍ରାଧାପକ ଡ. ଜୟନ୍ତ କର ଶର୍ମା ଯୋଗଦେଇ ରାଜଭାଷା ହିନ୍ଦୀ ବିଷୟରେ ବ୍ୟାଖ୍ୟାନ ପ୍ରସ୍ତୁତ କରିଥିଲେ । ପ୍ରାରମ୍ଭରେ କେନ୍ଦ୍ରର ନାମିତ ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କର୍ମଶାଳାରେ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଜୀ ଏବଂ ଅଭିଯାନ୍ତ୍ରିକୀ ମୁଖ୍ୟ ସଂଜୟ ସରକାର ଉପସ୍ଥିତ ରହି କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ । ବୃନ୍ଦାବନ ସେଠୀ, ସୁଜିତ ବନଛୋର ପ୍ରମୁଖ ଏହି କର୍ମଶାଳାରେ ସହଯୋଗ କରିଥିଲେ ।

## ଶିଶୁ ଶ୍ରମିକ ନିରାକରଣ ଟାସ୍କଫୋର୍ସ କମିଟି ବୈଠକ

**ସମ୍ବଲପୁର,୨୭।୩(ପ୍ରମୋଦ ବହିଦାର)**

ସମ୍ବଲପୁରରେ ଶିଶୁ ଶ୍ରମିକ ନିରାକରଣ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଟାସ୍କଫୋର୍ସ କମିଟି ଅଧ୍ୟକ୍ଷ ତଥା ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଉପଖଣ୍ଡସ୍ତରରେ ଏହି ଟାସ୍କଫୋର୍ସ କମିଟିକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ନିୟମିତ ବ୍ୟବଧାନରେ ବିଭିନ୍ନ ସଂସ୍ଥା ଉପରେ ଚଢ଼ାଉ କରି ଶିଶୁ ଶ୍ରମିକ ଉଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଆଇନ ଖିଲାପକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ଏହି ବୈଠକରେ କମିଟି ଆବାହକ ତଥା ଜିଲା ଶ୍ରମ ଅଧିକାରୀ ଶତ୍ରୁଜିତ ସାହୁ ଟାସ୍କଫୋର୍ସ କମିଟି ବୈଠକର ଭବିଷ୍ୟତ କାର୍ଯ୍ୟପନ୍ଥାକୁ ନେଇ ସୂଚନା ପ୍ରଦାନ କରିଥିଲେ। ଏଥିରେ ଉପସ୍ଥିତ କମିଟି ସଦସ୍ୟମାନଙ୍କୁ ସହକାରୀ ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜି ଶିଶୁ ଓ କିଶୋର ଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ-୧୯୮୬ ସମ୍ବନ୍ଧୀୟ ନିୟମ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ବିରଞ୍ଚି ଧରୁଆ, ସହକାରୀ ଜିଲା ଶିକ୍ଷାଧିକାରୀ ଜୟଶ୍ରୀ ଦୋରା, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ, ସମ୍ବଲପୁର ଜିଲା ଓକିଲ ସଂଘ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପୁରୋହିତ, ରବୀନ୍ଦ୍ର କୁମାର ମହାନ୍ତି, ଆଦର୍ଶ ସ୍ୱେଚ୍ଛାସେବୀ ସଙ୍ଗଠନର ସଂଯୋଜିକା ଜ୍ୟୋତି ଶତପଥୀ, ଚାଇଲ୍ଡ ହେଲ୍ପ ଲାଇନର ପ୍ରକଳ୍ପ ସଂଜୋଜିକା ଶୁଭ୍ରା ଭୋଇ, ଏଡ୍ଏଟ୍ ଆକ୍ସନର ଜିଲା ସଂଯୋଜିକା ସୁନୀତା ତ୍ରିପାଠୀ ଓ ବାଲ୍ୟ ବିବାହ ପ୍ରକଳ୍ପର ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲେ।

## ପୌଷ୍ୟ ସନ୍ତାନ ଗ୍ରହଣ ସଚେତନତା କର୍ମଶାଳା

**କୁଚିଣ୍ଡା,୨୭।୩(ବିରଞ୍ଚି ଦର୍ବା)**

ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କୁଚିଣ୍ଡା ନୂତନ କଲ୍ୟାଣ ମଣ୍ଡପରେ ଗୁରୁବାର ପୌଷ୍ୟସନ୍ତାନ ଗ୍ରହଣ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ସିଡିପିଓ ରାଜଶ୍ରୀ ପରିଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବିଡିଓ ଜୟନ୍ତ ସାହୁ, ଡେପୁଟି କଲେକ୍ଟର ସରିତା ଓରାମ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ପୁଷ୍ପାଞ୍ଜଳି ମହାପାତ୍ର, କୁନ୍ତରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡା.ଈଶର ଚନ୍ଦ୍ର ମୁଣ୍ଡା, ସିଡବ୍ଲୁସି ମେମ୍ବର ପ୍ରଦୀପ ମହାକୁଳ, ବ୍ଲକ ମିଶନ ଶକ୍ତି ଫେଡେରେଶନ ସଭାନେତ୍ରୀ ରମିତା ଚୌଧୁରୀ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ପୌଷ୍ୟ ସନ୍ତାନ ଗ୍ରହଣର ପ୍ରକ୍ରିୟା, ବେଆଇନଭାବେ ଗ୍ରହଣ କରୁଥିବା ପୌଷ୍ୟ ସନ୍ତାନ ସମ୍ପର୍କିତ ସମସ୍ୟା, ଅନାଥ କିମ୍ବା ପରିତ୍ୟକ୍ତ ଶିଶୁ ଗ୍ରହଣ କରୁଥିବା ନିଃସନ୍ତାନ ଦମ୍ପତିଙ୍କ ପାଇଁ ଆଇନବିଧି ସମ୍ପର୍କରେ ସମସ୍ତେ ସଚେତନ ହେବା ଦରକାର। ଏହାଛଡା ଅଙ୍ଗନୱାଡି ଓ ଅଶାକର୍ମୀମାନେ ଗ୍ରାମାଞ୍ଚଳର ଲୋକଙ୍କୁ ଠିକ୍ ଭାବେ ସଚେତନ କଲେ ପୌଷ୍ୟ ସନ୍ତାନ ଗ୍ରହଣରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି କହିଥିଲେ।

## କବରାପାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ



ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

**ପଡିଆବାହାଲ,୨୭।୩(ରାଧାମୋହନ ଷଡ଼ଙ୍ଗୀ)**

ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଓ ପରିବ୍ୟାପ୍ତ ହେବାର ସୁଯୋଗ ସୃଷ୍ଟି କରେ ବିଦ୍ୟାଳୟର ବାର୍ଷିକ ଉତ୍ସବ। ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କବରାପାଲି ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ସମାରୋହ ଉଦୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଏହି ମତ ରଖିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ ବାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବରାପାଲି ସରପଞ୍ଚ ଅନ୍ତର୍ଯ୍ୟାମୀ ପଧାନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଝୁଝୁମୁରା ଜୋନ ୧ ପରିଷଦ ସଭ୍ୟା କବିତା ସାହୁ, ଅବସରପ୍ରାପ୍ତ ଶିକ୍ଷକ ରାମପ୍ରସାଦ ନାଥ ମୁଖ୍ୟବକ୍ତା, ପୂର୍ବତନ ଶିକ୍ଷୟିତ୍ରୀଶିକ୍ଷକ ଲୀଳାବତୀ ଷଡ଼ଙ୍ଗୀ, ସନ୍ଧ୍ୟାରାଣୀ ମିଶ୍ର, ରଜନୀ ସୋହେଲା ରାଧାମୋହନ ଷଡ଼ଙ୍ଗୀ ଯୋଗଦେଇଥିଲେ। ଅତିଥିମାନେ ସ୍କୁଲର ବାର୍ଷିକ କ୍ରୀଡା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପରିମାଣିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ବିଶ୍ୱାଳ ଓ କଳା ଶିକ୍ଷୟିତ୍ରୀ ଡିଲେଶରୀ ଖେଡିଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ପୂର୍ବତନ ସଭାପତି ମନୋଜ କୁମାର ବଡ଼ାଇ, ଶରତ ଚନ୍ଦ୍ର ସାହୁ, ପରିଚାଳନା କମିଟି ସଭ୍ୟ ସହଯୋଗ କରିଥିଲେ।

## କୃଷକ ସଙ୍ଗଠନ ସମନ୍ୱୟ ସମିତିର ବୈଠକ

**ସମ୍ବଲପୁର,୨୭।୩(ପ୍ରମୋଦ ବହିଦାର)**

**ଏପ୍ରିଲ ୧୫ରେ ବରଗଡ଼ରେ ଚାଷୀ ସମାବେଶ**

ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଉପକଣ୍ଠ ରେମେଡ଼ଠାରେ ଅନୁଷ୍ଠିତ ଏହି ବୈଠରେ ଆଗାମୀ ରବିରତୁ ପୂର୍ବରୁ ଶୃଙ୍ଖଳିତ ମଣ୍ଡି ବ୍ୟବସ୍ଥା, ଧାନ ସଂଗ୍ରହକୁ ସମ୍ପୂର୍ଣ୍ଣ କଟନୀଛଟ୍‌ନୀ ଓ ଦଲାଲ ମୁକ୍ତ କରିବା, ଜଳସେଚନର ସୁପରିଚାଳନା, ନାନୋ ସାର କ୍ରୟ ପାଇଁ ଚାଷୀଙ୍କୁ ବାଧ ନ କରିବା, ଜିଲା କ୍ରୟ ସମିତିର ପୂର୍ବ କ୍ଷମତା ଫେରସ୍ତ କରିବା, ଏନାଲାଇଜର ମେଶିନ ପ୍ରତ୍ୟାହାର କରିବାକୁ ଉପସ୍ଥିତ ଚାଷୀମାନେ ମତ ଦେଇଥିଲେ। ସେହିପରି ଚାଷୀଙ୍କ ବିଭିନ୍ନ ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆସନ୍ତା ଏପ୍ରିଲ୍ ୧୫ ତାରିଖରେ ବରଗଡ଼ଠାରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ସମାବେଶ ଆୟୋଜନ ପାଇଁ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ ବ୍ୟବସ୍ଥିତ ଧାନ ସଂଗ୍ରହ, ମହାନଦୀ ପାଣି ସଙ୍କଟର ସମାଧାନ, ଚାଷୀ ଓ ଖାଉଟିଙ୍କୁ ଟାଟା ପାୱାରର ଶୋଷଣରେ ଅଙ୍କୁଶ ଲଗାଇବା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛି କୃଷକ ସମନ୍ୱିତ ସମିତ। ଏହି ଅବସରରେ ବିଶେଷ କରି ଚାଷୀଙ୍କୁ ବିଭିନ୍ନ ସମବାୟ ସମିତିରେ ତରଳ ନାନୋ ୟୁରିଆ ସାର ନେବାକୁ ବାଧ କରାଯିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା। ତେବେ ଏଭଳି ଶୋଷଣକୁ ତୁରନ୍ତ ବନ୍ଦ କରିବାକୁ ଚାଷୀ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ବୈଠକରେ କୃଷକ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ଲିଙ୍ଗରାଜ, ପ୍ରବକ୍ତା ସରୋଜ, ସଂଯୋଜକ ବ୍ୟୋମକେଶ ଠାକୁର, ବରିଷ୍ଠ ଚାଷୀ ନେତା ଶିବ ପ୍ରଧାନ, ସମ୍ବଲପୁର ଜିଲା ସଙ୍ଗଠନ ସଭାପତି ଉମେଶ ମିଶ୍ର, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ଝାରସୁଗୁଡ଼ା ଜିଲାର ସୁରେଶ ତ୍ରିପାଠୀ, କଳାହାଣ୍ଡିର ଲିଙ୍ଗରାଜ ଆଜାଦ୍, ବଲାଙ୍ଗୀର ଜିଲାର ବାଳକୃଷ୍ଣ ଷଣ୍ଢ, ସୁଶିଲ ସାହୁ, ହରିଶଙ୍କର ପୁରୋହିତ, କୁନା ବେହେରା, ଚଞ୍ଚଳ ପ୍ରଧାନ, ଭୈରବ ପ୍ରଧାନ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଚାଷୀ ପ୍ରତିନିଧି ସାମିଲ ହେଇଥିଲେ।

## ଠେଲକୋଲୋଇ ହାଇସ୍କୁଲ ନୂତନ କୋଠା ଉଦ୍‌ଘାଟିତ

**ସମ୍ବଲପୁର,୨୭।୩(ବି.ଶଙ୍କର)**

ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଠେଲକୋଲୋଇ ହାଇସ୍କୁଲ ନୂତନ କୋଠା ଉଦ୍‌ଘାଟିତ ହୋଇଯାଇଛି। ଜେଏସ୍‌ଡବ୍ଲ୍ୟୁ-ବିପିଏସଏଲ ସଭାପତି ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନିଲ କୁମାର ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ କୋଠା ଉଦ୍‌ଘାଟନ କରିଥିଲେ। ଆକାଂକ୍ଷା ଲେଡିଜ୍ କ୍ଲବ ସଭାପତି ନୀଲମ ସିଂହ, କମ୍ପାନୀର ଉପାଧ୍ୟକ୍ଷ ଓ ମାନବ ସମ୍ବଳ ମୁଖ୍ୟ ଜେପିସିଂହ, ଉପାଧ୍ୟକ୍ଷ (ଆଡମିନ) ମନୋଜ ସିଂହ, ଏଭିପି ସିଭିଲ ମିହିର କୁମାର ମିଶ୍ର ଏବଂ କର୍ପୋରେଟ୍ ସୋସିଆଲ ମୁଖ୍ୟ ବିଶାଳ ରାଜ, ରେଙ୍ଗାଲି ବ୍ଲକର ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଠେଲକୋଲୋଇର ସରପଞ୍ଚ ଅବନ୍ତୀ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋଲବଦନ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏଥିସହ ଠେଲକୋଲୋଇର ଗ୍ରାମ ପଞ୍ଚାୟତର ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଉତ୍ତମ ଶିକ୍ଷଣ ସ୍ଥାନ ପ୍ରଦାନ କରିବା, ଅଞ୍ଚଳର ଶିକ୍ଷାଗତ ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ପ୍ରୋତ୍ସାହନ ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଜେଏସଡବ୍ଲ୍ୟୁ ଫାଉଣ୍ଡେଶନ କାର୍ଯ୍ୟ କରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଠେଲକୋଲୋଇ ହାଇସ୍କୁଲ ନୂତନ କୋଠାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ରାଷ୍ଟ୍ର ଗଠନରେ ଛାତ୍ରୀମାନେ ଭାଗୀଦାର ହୁଅନ୍ତୁ

**କୁଚିଣ୍ଡା,୨୭।୩(ବିରଞ୍ଚି ଦର୍ବା)**

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଗୁରୁବାର ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅର୍ଦ୍ଦାବାହାଲସ୍ଥିତ ଯୁକ୍ତ ୨ ସରକାରୀ ବାଳିକା ମହାବିଦ୍ୟାଳୟ (ଏସ୍ଏସ୍‌ଡି)ରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ନାଏକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ମୁଖ୍ୟଅତିଥି, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାଏକ ମୁଖ୍ୟବକ୍ତା, କୁଚିଣ୍ଡା ବ୍ଲକ ମଙ୍ଗଳ ଅଧିକାରୀ ଆଶିଷ କୁମାର ନାଏକ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିଷାନ, ସମାଜସେବୀ ପ୍ରଭାତ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିକ୍ଷାର ବିକାଶ ହେବ। ଏହାସହ ପିଲାଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। ଅଧ୍ୟୟନ ବ୍ୟତୀତ କୃଷି, ଉଦ୍ୟାନ କୃଷି, ମତ୍ସଚାଷ, ମିଶନଶକ୍ତି, ସମାଜସେବା ସାଙ୍ଗକୁ ବୈଷୟିକ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ଏକ ବିକଶିତ ରାଷ୍ଟ୍ର ଗଠନରେ ଛାତ୍ରୀମାନେ ଭାଗିଦାରୀ ହେବାକୁ ପରାମର୍ଶ ଦେଇଥିଲେ। ପରେ ଅତିଥିମାନେ ବିଭିନ୍ନ ଷ୍ଟଲ ଦେଖିବା ସହ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ଶୁଭଲକ୍ଷ୍ମୀ ପଟ୍ଟନାୟକ, ତୃପ୍ତି ପଟେଲ, ସୁନିମା ନାଏକ, ଦୁଲାରି କେର୍କେଟା, ଅଧ୍ୟାପକ ଗୁରୁଜନ ଖୁଣ୍ଟିଆ, ଉଦୟ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ**

# ନିଶାନ ବି-ଏମ୍‌ପିଭିର ଅନାବରଣ

ନୂଆଦିଲ୍ଲୀ,୨୭।୩




ନିଶାନ ମୋଟର ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବି-ଏମ୍‌ପିଭିର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏହି ନୂଆ ୭ ସିଟର 'ବି-ଏମ୍‌ପିଭି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଜାପାନର ୟୋକୋହାମାଠାରେ ଉଦ୍‌ଯାପିତ ଗ୍ଲୋବାଲ ପ୍ରଡକ୍ଟ ଶୋ'କେସ୍ ଇଭେଣ୍ଟରେ କମ୍ପାନୀ ଭାରତ ପାଇଁ ନିର୍ମିତ ଦୁଇଟି ନୂତନ ଉତ୍ପାଦକୁ ପ୍ରଦର୍ଶିତ କରିଥିଲା। ଏଠାରେ ପ୍ରଥମ ଥର ପାଇଁ ନୂଆ ୭-ସିଟର ବି-ଏମ୍‌ପିଭି (ମଲ୍ଟି-ପରପୋଜ ଭେଇକିଲ)ର ବିଶ୍ୱସ୍ତରୀୟ ଉନ୍ମୋଚନ ସହ ନିଶାନ ଏହାର ଯୋଜନାବଦ୍ଧ ଉତ୍ପାଦ ଲଞ୍ଚ ଆରମ୍ଭ କରିଛି। ଏହି ନୂଆ ଉତ୍ପାଦକୁ ୨୦୨୫ ଆର୍ଥିକ ବର୍ଷରେ କମ୍ପାନୀର ଭାରତ ଉତ୍ପାଦ ପୋର୍ଟଫୋଲିଓର ନୂଆ ଅଂଶ ଭାବେ ଲଞ୍ଚ କରାଯିବ। ସେହିପରି ୨୦୨୬ରେ ପୂର୍ବରୁ ଘୋଷଣା କରାଯାଇଥିବା ଏକ ୫ ସିଟର ସି-ଏସ୍‌ୟୁଭି (କମ୍ପାକ୍ଟ ସ୍ପୋର୍ଟସ ୟୁଟିଲିଟି ଭେଇକିଲ) ମଧ୍ୟ ଲଞ୍ଚ କରାଯିବ। କମ୍ପାନୀ ଆଜି ଭାରତୀୟ ଗ୍ରାହକଙ୍କ ପାଇଁ ଏହି ଦୁଇଟି ନୂତନ ଉତ୍ପାଦର ଟିଜର ଶେୟାର କରିଛି, ଯାହା ଉଭୟ ଗାଡ଼ିର ଲଞ୍ଚ ସମୟକୁ ନିଶ୍ଚିତ କରୁଛି। ନିଶାନ ମୋଟର ଇଣ୍ଡିଆ ବି/ସି ଓ ଡି-ଏସ୍‌ୟୁଭି ସେଗ୍‌ମେଣ୍ଟରେ ଭାରତୀୟ ଗ୍ରାହକଙ୍କ ପାଇଁ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ୪ଟି ନୂତନ ଉତ୍ପାଦର ବଜାର ପ୍ରବେଶ କରାଇବା ପାଇଁ ଟ୍ରାକ୍‌ରେ ରହିଛି। ଆଉ ଏକ ଆଇକୋନିକ ନିଶାନ ଏସ୍‌ୟୁଭିରୁ ପ୍ରେରିତ ହୋଇଥିବା ନୂଆ ସି-ଏସ୍‌ୟୁଭି ନିଶାନ ପାଟ୍ରୋଲଠାରୁ ଏହାର ଡିଜାଇନ ପ୍ରେରଣା ହାସଲ କରିଛି। ଏହି ସି-ଏସ୍‌ୟୁଭି ପ୍ରକୃତ ନିଶାନ ଏସ୍‌ୟୁଭି ଡିଏନଏ ଏବଂ ସମାନ ନିର୍ଭରଯୋଗ୍ୟତା, ପ୍ରିମିୟମ କାରିଗରୀ ଓ ଟେକ୍ନୋଲୋଜି ପ୍ରଦାନ କରିବ ଯାହା ପାଇଁ ନିଶାନ ବିଶ୍ୱବ୍ୟାପୀ ଲୋକପ୍ରିୟ । ଅନ୍ୟପକ୍ଷରେ ନିଶାନ ୭-ସିଟର ବି-ଏମ୍‌ପିଭି ନିଜର କ୍ରୟକୁ ସର୍ବାଧିକ କରିବାକୁ ଚାହୁଁଥିବା ମୂଲ୍ୟ ସଚେତନ ଗ୍ରାହକଙ୍କୁ ଅତୁଳନୀୟ ମୂଲ୍ୟ, ଗୁଣବତ୍ତା ଓ ଆରାମ ପ୍ରଦାନ କରିବ। ନିଶାନ ବି-ଏମପିଭି ମସ୍କୁଲାର ଷ୍ଟାଇଲିଂ ପ୍ରଦାନ କରିବ ଯାହା ନିଶାନର ଭିନ୍ନ ଡିଜାଇନ ଦର୍ଶନ ପାଇଁ ସ୍ୱତନ୍ତ୍ର ।

# କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ

**ଏମ୍‌ଏସ୍‌ବି ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍ ଏହାର ବ୍ୟାପକ ଡିଲରଶିପ୍ ନେଟ୍‌ୱର୍କ ସହିତ ଓଡ଼ିଶାର ୨ ଚକିଆ ବଜାରକୁ ନୂଆରୂପ ଦେଇଛି। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ମନସୁର ବକ୍ସ ଜଣେ ସିଭିଲ ଇଞ୍ଜିନିୟର ହୋଇଥିଲେ ମଧ୍ୟ ଅଟୋମୋବାଇଲ ପ୍ରତି ତାଙ୍କର ଅହେତୁକ ଆଗ୍ରହ ରହିଥିଲା। ୨୦୧୪ରେ ମହିନ୍ଦ୍ରା ୨ ଚକିଆ ଯାନ ଏବଂ ପରେ ବଜାଜ ସହିତ ସେ ବ୍ୟବସାୟିକ ଯାତ୍ରା ବିସ୍ତାର କରିଥିଲେ। ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବଜାରରେ ସ୍ଥିତି ସୁଦୃଢ଼ କରିପାରିଛନ୍ତି। ଧରିତ୍ରୀ ସହ ଆଲୋଚନା କରି ବକ୍ସ ତାଙ୍କର ଔଦ୍ୟୋଗିକ ଯାତ୍ରା ଏବଂ ଭବିଷ୍ୟତର ସମ୍ପ୍ରସାରଣ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି।**


ମନସୁର ବକ୍ସ

**ପ୍ର- ଅଟୋମୋବାଇଲ ଶିଳ୍ପକୁ କେମିତି ପ୍ରବେଶ କଲେ? ଆପଣଙ୍କ ପ୍ରାରମ୍ଭିକ ଯାତ୍ରା କିପରି ରହିଥିଲା?**

ଉ- ୨୦୧୪ରେ ମୁଁ ଅଟୋମୋବାଇଲ ଜଗତରେ ପାଦ ଦେଇଥିଲି। ସିଭିଲ୍ ଇଞ୍ଜିନିୟର ହୋଇଥିବା ସତ୍ତ୍ୱେ ଅଟୋମୋବାଇଲ ଶିଳ୍ପ ପ୍ରତି ମୋର ଦୁର୍ବଳତା ରହିଥିଲା। ମହିନ୍ଦ୍ରା ୨ ଚକିଆ ଯାନ ସହିତ ବ୍ୟବସାୟ ଆରମ୍ଭ କରିବାର ସୁଯୋଗ ପାଇଥିଲି। ପରେ ୨୦୧୭ରେ ବଜାଜ ଦୁଇ ଚକିଆ ଯାନ ସହ ମୋର ବ୍ୟବସାୟିକ ଜୀବନରେ ଆଗକୁ ବଢ଼ିଥିଲି। ମୋ ଜନ୍ମମାଟି ନୟାଗଡ଼ରେ ଡିଲରଶିପ ଆରମ୍ଭ କରିଥିଲି। ଏଠାରୁ ମୋର ଦୀର୍ଘକାଳୀନ ଯାତ୍ରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଭୁବନେଶ୍ୱର, ପୁରୀ, ଫୁଲବାଣୀ, ପିପିଲି, ବାଙ୍କୀ, ଚାରିଛକ, ଦଶପଲ୍ଲା, ସୁନାଖଳା ସହ କଟକ ଓ ବ୍ରହ୍ମପୁରରେ ମଧ୍ୟ ବ୍ୟବସାୟ ସମ୍ପ୍ରସାରଣ କରିପାରିଛୁ। ପୁରୀରେ ଏକ ଏକ୍ସକ୍ଲୁସିଭ୍ ଚେତକ ସେଣ୍ଟର ମଧ୍ୟ ରହିଛି।

**ପ୍ର- ଓଡ଼ିଶା ବଜାରରେ ବିଶେଷକରି ଗ୍ରାମାଞ୍ଚଳରେ ୨ ଚକିଆ ଯାନ ବ୍ୟବସାୟର ସ୍ଥିତି କିପରି ରହିଛି?**

ଉ- ଓଡ଼ିଶାରେ ଗ୍ରାମୀଣ ଅର୍ଥନୀତି ଯଥେଷ୍ଟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବଜାର ମଧ୍ୟରେ ବ୍ୟବଧାନ ହ୍ରାସ ପାଉଛି। ସରକାରଙ୍କ ଭିତ୍ତିଭୂମି ବିକାଶ ପଦକ୍ଷେପ ଗ୍ରାମାଞ୍ଚଳରେ ଆୟବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଦୁଇଚକିଆ ଯାନର ଅଧିକ ଚାହିଦା ସୃଷ୍ଟି କରିଛି। ମୁଁ ନୟାଗଡ଼ରୁ ମୋର ଯାତ୍ରା ଆରମ୍ଭ କଲି ଏବଂ ସମୟ ସହିତ ଗ୍ରାମୀଣ ବଜାର ଅଭିବୃଦ୍ଧିର ଏକ ପ୍ରବର୍ତ୍ତକ ଶକ୍ତି ବୋଲି ପ୍ରମାଣିତ ହୋଇଛି। ଯଦି ଆପଣ ମୋର ବ୍ୟବସାୟ କ୍ଷେତ୍ରକୁ ଦେଖିବେ ଭୁବନେଶ୍ୱର, ପୁରୀ ଏବଂ ନୟାଗଡ଼କୁ ବାଦ୍ ଦେଲେ ୧୪ରୁ ୧୫ଟି ବ୍ରାଞ୍ଚ ଗ୍ରାମାଞ୍ଚଳରେ ରହିଛି। ଗ୍ରାମାଞ୍ଚଳ ବଜାର ୨ଚକିଆ ଯାନ ଶିଳ୍ପର ମେରୁଦଣ୍ଡ ବୋଲି କହିପାରିବା।

**ପ୍ର- ଭୁବନେଶ୍ୱରର ଏକ ପ୍ରମୁଖ ମୋଟରସାଇକେଲ ଡିଲରଶିପ୍ ଭାବେ କେଉଁ ସବୁ ଆହ୍ୱାନ ଦେଇ ଗତି କରୁଛନ୍ତି? ଗ୍ରାହକଙ୍କ ଚାହିଦାକୁ କିପରି ମୁକାବିଲା କରନ୍ତି?**

ଉ- ଭୁବନେଶ୍ୱରରେ ଅପାର ସମ୍ଭାବନା ରହିଛି ଏବଂ ବଜାର ଦ୍ରୁତଗତିରେ ବୃଦ୍ଧି ପାଉଛି। ତେବେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଭିତ୍ତିଭୂମି ଏବଂ ଭଡ଼ା। ଏହି ଖର୍ଚ୍ଚଗୁଡ଼ିକ ଯଥେଷ୍ଟ ଅଧିକ ଥିଲେ ମଧ୍ୟ ଭଲ ଲାଭ ମିଳିଥାଏ। ଗ୍ରାହକଙ୍କୁ ସନ୍ତୋଷଜନକ ଉତ୍ପାଦ ଓ ସେବା ପ୍ରଦାନକୁ ଆମେ ସବୁବେଳେ ପ୍ରାଥମିକତା ଦେଇଥାଉ। ନିର୍ମାତାଙ୍କ ପରି ଗ୍ରାହକଙ୍କ ସହ ସୁସମ୍ପର୍କ ସ୍ଥାପନ ତଥା ସେମାନଙ୍କୁ ଯାନକ୍ରୟରେ ଭଲ ଅନୁଭୂତି ଦେବା ଦିଗରେ ଡିଲର ଭାବରେ ଆମର ମଧ୍ୟ ଗୁରୁଦାୟିତ୍ୱ ରହିଛି।

**ପ୍ର- ବଜାଜ୍ ଗତବର୍ଷ ସିଏନ୍‌ଜି ମୋଟରସାଇକେଲ ଲଞ୍ଚ କରିଥିଲା। ତେବେ ବୈଦ୍ୟୁତିକ ଯାନର ଭବିଷ୍ୟତ କିପରି ଦେଖୁଛନ୍ତି?**

ଉ- ବଜାଜ ସର୍ବଦା ଅଟୋମୋବାଇଲ ଟେକ୍ନୋଲୋଜିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି। ବିଶ୍ୱର ପ୍ରଥମ ସିଏନ୍‌ଜି ମୋଟରସାଇକେଲର ଶୁଭାରମ୍ଭ ଏକ ବୈପ୍ଳବିକ ପଦକ୍ଷେପ ଥିଲା ବୋଲି କହିପାରିବା। ସେହି ଅନୁସାରେ ଲୋକପ୍ରିୟତା ମଧ୍ୟ ମିଳିଛି। ଇଲେକ୍ଟ୍ରିକ ଯାନ କ୍ଷେତ୍ରରେ ଆମର ଚେତକ ମଡେଲ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ବଜାଜ ବ୍ରାଣ୍ଡର ସମୃଦ୍ଧ ଐତିହ୍ୟ ବହନ କରୁଥିବାବେଳେ ବୈଦ୍ୟୁତିକ ଯାନ ଭାବେ ନୂଆ ରୂପରେ ବଜାରରେ ଉପଲବ୍ଧ ହୋଇଛି। ବୈଦ୍ୟୁତିକ ଯାନ ଦିନକୁ ଦିନ ବେଶି ଲୋକପ୍ରିୟ ହେବ, ଏଥିରେ ସନ୍ଦେହ ନାହିଁ।

**ପ୍ର- ନବାଗତଙ୍କୁ କ'ଣ ପରାମର୍ଶ ଦେବେ?**

ଉ- କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ। ଅଟୋମୋଟିଭ୍ ଶିଳ୍ପରେ ଭବିଷ୍ୟତ ଗଢ଼ିବା ଖୁବ୍ ଭଲ କଥା, ମାତ୍ର ଏଥିରେ ସଫଳ ହେବା ପାଇଁ ଅନେକ ଆହ୍ୱାନର ମୁକାବିଲା କରିବାକୁ ପଡ଼ିବ।

-ସାକ୍ଷାତ୍କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୭।୩

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୧୮ (୩୧୭.୯୩) ପଏଣ୍ଟ ବୃଦ୍ଧି ଘଟି ୭୭,୬୦୬ (୭୭,୬୦୬.୪୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୦୫ (୧୦୫.୧୦) ପଏଣ୍ଟ ବଢ଼ି ୨୩,୫୯୨ (୨୩,୫୯୧.୯୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ଆକାଶରେ ନିଃଶୁଳ୍କ ରାପିଡ୍ ରିଭିଜନ କୋର୍ସର ଶୁଭାରମ୍ଭ

ଭୁବନେଶ୍ୱର,୨୭।୩ (ଅଭୟ ଦାଶ)

ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ର ବହୁ ପ୍ରତୀକ୍ଷିତ ତଥା ନିଃଶୁଳ୍କ ରାପିଡ୍ ରିଭିଜନ କୋର୍ସର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆକାଶ ପକ୍ଷରୁ ଏନ୍‌ଇଇଟି ଓ ଜେଇଇ ଆଶାୟୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସେହିଭଳି ୨୦୨୫ ମେ ୪ରେ ଏନ୍‌ଇଇଟି ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଏଇଏସ୍‌ଏଲ୍ ପକ୍ଷରୁ ଏହି କୋର୍ସ ଆରମ୍ଭ କରାଯାଇଛି। ଏପରିକି ଆସନ୍ତା ୧୨ ଦିନ ମଧ୍ୟରେ ଯେଉଁମାନେ ଯୋଗଦେବେ ସେମାନଙ୍କୁ ଆକାଶ ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଆବଶ୍ୟକ ଶିକ୍ଷାଦାନ ପ୍ରଦାନ କରାଯିବ। ୨୦୨୫ ମାର୍ଚ୍ଚ ୩୧ରୁ ଆରମ୍ଭ ହେଉଥିବା ପରବର୍ତ୍ତୀ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ଏନ୍‌ଇଇଟି ରାପିଡ୍ ରିଭିଜନ କୋର୍ସ ମିଳିବ। ଏଥିରେ ୧୦୦ରୁ ଅଧିକ ଘଣ୍ଟାର ଲାଇଭ ଅନ୍‌ଲାଇନ ଶିକ୍ଷାଦାନ ଅଧିବେଶନ ସମେତ ୯ଟେଷ୍ଟ ଓ ପ୍ରାକ୍ଟିକାଲ ପ୍ରଶ୍ନ ରହିଛି। ଏଥିସହ ଏଇଏସ୍‌ଏଲ୍ ପକ୍ଷରୁ ଜେଇଇ ଆଡଭାନ୍ସଡ ଆଶାୟୀଙ୍କ ପାଇଁ କ୍ରାସ୍ କୋର୍ସର ଉନ୍ମୋଚନ କରାଯାଇଛି, ଯାହା ଆକାଶ ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଉପଲବ୍ଧ।

ଏ ସମ୍ପର୍କରେ ଏଇଏସ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ଦୀପକ ମେହରୋତ୍ରା କହିଛନ୍ତି, ଆମ ରାପିଡ୍ ରିଭିଜନ କୋର୍ସ ଓ ସୁଲଭ କ୍ରାସ୍ କୋର୍ସ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚାଇବ। ଏପରିକି ସଫଳ ହେବାକୁ ଅଭିଳାଷ ରଖିଥିବା ସମସ୍ତଙ୍କ ପାଖରେ ଗୁଣାତ୍ମକ ଶିକ୍ଷା ପହଞ୍ଚୁ ବୋଲି ଆମେ ଚାହୁଁଛୁ। ଏହି ଅଭିଯାନ ଜରିଆରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆମେ ସେମାନଙ୍କୁ ଆବଶ୍ୟକ ଟୁଲ୍ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସ୍କ୍ରାପ୍ ପ୍ରକ୍ରିୟାକରଣ ୟୁନିଟ୍

ନୂଆଦିଲ୍ଲୀ,୨୭।୩

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ସ୍କ୍ରାପ୍ ପ୍ରକ୍ରିୟାକରଣ ୟୁନିଟ୍ ମହାରାଷ୍ଟ୍ରର ଖୋପୋଲିଠାରେ ଆରମ୍ଭ ହୋଇଯାଇଛି। ଏହି ଉତ୍ପାଦନ କେନ୍ଦ୍ରରେ ବାର୍ଷିକ ୧୨୦ କିଲୋଟନ୍ ସ୍କ୍ରାପ୍ ପ୍ରକ୍ରିୟାକରଣ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଖୋପୋଲି ୟୁନିଟ୍ ହେଉଛି, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ଜାତୀୟ ସ୍ତରରେ ବିକଶିତ ୪ଟି ସ୍କ୍ରାପ୍ ପ୍ରକ୍ରିୟାକରଣ ୟୁନିଟ୍ ମଧ୍ୟରୁ ପ୍ରଥମ ଯାହା ଏହାର ଇସ୍ପାତ ଉତ୍ପାଦନ ପାଇଁ ଉଚ୍ଚମାନର ସ୍କ୍ରାପ୍ ପାଇଁ ବର୍ଦ୍ଧିତ ଚାହିଦା ପୂରଣ କରିବା ଏବଂ ଘରୋଇ ସ୍କ୍ରାପ୍ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ୩୫୦କୋଟି ନିବେଶ କାର୍ଯ୍ୟକ୍ରମର ଅଂଶ ଭାବେ ବିକଶିତ ହୋଇଛି। ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଡାଉନ ଷ୍ଟ୍ରିମ୍ ଅପରେଶନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅକ୍ଷୟ ଗୁଜରାଲ କହିଛନ୍ତି, ଭାରତ ୨୦୪୭ ସୁଦ୍ଧା ଇସ୍ପାତ ଉତ୍ପାଦନରେ ସ୍କ୍ରାପ୍ ମେଟାଲର ଅଂଶକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହି ମହତ୍ତ୍ୱାକାଂକ୍ଷାକୁ ସମର୍ଥନ କରିବା ପାଇଁ ଭିତ୍ତିଭୂମି ଏବଂ ଇକୋସିଷ୍ଟମ ବିକାଶରେ ଇସ୍ପାତ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମର ଖୋପୋଲି ୟୁନିଟ୍ ଏବଂ ଏହି ବର୍ଷ କାର୍ଯ୍ୟକ୍ଷମ ହେବାକୁ ଥିବା ଅନ୍ୟ ୟୁନିଟ୍ ଘରୋଇ ସ୍କ୍ରାପ୍ ଶିଳ୍ପର ଆନୁଷ୍ଠାନିକୀକରଣ, ପୁନର୍ବ୍ୟବହାରଯୋଗ୍ୟ ଇସ୍ପାତ ପାଇଁ ଗ୍ରାହକ ଚାହିଦା ବୃଦ୍ଧି କରିବା ଏବଂ ଭାରତର ସ୍ଥାୟିତ୍ୱ ଲକ୍ଷ୍ୟରେ ଯୋଗଦାନ ଦେବାରେ ସହାୟକ ହେବେ। ଭାରତର ସ୍କ୍ରାପ୍‌ଯୋଗାଣ ଶୃଙ୍ଖଳବର୍ତ୍ତମାନଅତ୍ୟନ୍ତଅସଂଗଠିତ, ସାମଗ୍ରୀ ଗୁଡ଼ିକ ବ୍ୟବହାରସ୍ଥାନଗୁଡ଼ିକରେ ପହଞ୍ଚିବାପୂର୍ବରୁସ୍ଥାନୀୟସ୍କ୍ରାପ୍‌ସଂଗ୍ରହକାରୀଙ୍କ ଠାରୁସ୍କ୍ରାପ୍‌ୟାର୍ଡପର୍ଯ୍ୟନ୍ତବହୁମଧ୍ୟସ୍ଥିଦେଇଯାଏ ଏହିଜଟିଳପ୍ରକ୍ରିୟା ଖର୍ଚ୍ଚ ବୃଦ୍ଧିକରିବା ସହ ସାମଗ୍ରୀର ଗୁଣବତ୍ତା ହ୍ରାସ କରେ, ନିଜସ୍ୱ ସୁବିଧାରେ ସ୍କ୍ରାପ୍ରକ୍ରିୟା କରଣ କରିଛି।

# ଏଆଇସି-ନାଳନ୍ଦାକୁ ବେଷ୍ଟ ଇନ୍‌କ୍ୟୁବେଟର ଫର୍ ନର୍ଚରିଂ ଆଇପି ପୁରସ୍କାର



ଭୁବନେଶ୍ୱର,୨୭।୩

ରାଜ୍ୟର ଏକ ପ୍ରମୁଖ ଷ୍ଟାର୍ଟଅପ୍ ଇନ୍‌କ୍ୟୁବେଟର ଏଆଇସି-ନାଳନ୍ଦାକୁ ଜାତୀୟ ବୌଦ୍ଧିକ ସମ୍ପତ୍ତି (ଆଇପି) ପୁରସ୍କାର ୨୦୨୪ରେ ସମ୍ମାନିତ କରାଯାଇଛି। ଏପରିକି ଏଆଇସି-ନାଳନ୍ଦାକୁ ବେଷ୍ଟ ଇନ୍‌କ୍ୟୁବେଟର ଫର୍ ନର୍ଚରିଂ ଆଇପି ଉପାଧିରେ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଆଇସି-ନାଳନ୍ଦାକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ଅନୁଷ୍ଠାନ ପେଟେଣ୍ଟ, ଡିଜାଇନ ଏବଂ ଟ୍ରେଡ୍‌ମାର୍କ କଣ୍ଟ୍ରୋଲର ଜେନେରାଲ(ସିଜିପିଡିଏମ୍‌ଟି) କାର୍ଯ୍ୟାଳୟ ପକ୍ଷରୁ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର ଦ୍ୱାରା ଆୟୋଜିତ ହୋଇଥିଲା। ଏହି ସମ୍ମାନ ଏଆଇସି-ନାଳନ୍ଦାର ଆଇପି ସଚେତନତା, ପେଟେଣ୍ଟ ଫାଇଲିଂ ଏବଂ ଟେକ୍ନୋଲୋଜି ବ୍ୟବସାୟୀକରଣ କ୍ଷେତ୍ରରେ ଅସାଧାରଣ ଅବଦାନକୁ ସ୍ୱୀକାର କରିଛି। ମେଣ୍ଟରଶିପ୍, ଫଣ୍ଡିଂ ସହାୟତା ଏବଂ ଆଇପି ମାର୍ଗଦର୍ଶନ ପ୍ରଦାନ କରି, ଇନ୍‌କ୍ୟୁବେଟର ଉଦ୍ୟୋଗୀମାନଙ୍କୁ ସେମାନଙ୍କର ନବସୃଜନ ସୁରକ୍ଷିତ କରିବା ଏବଂ ବୌଦ୍ଧିକ ସମ୍ପତ୍ତିକୁ ବ୍ୟବସାୟିକ ସଫଳତା ପାଇଁ ବ୍ୟବହାର କରିବାରେ ସଶକ୍ତ କରିଛି।

ଏ ସମ୍ପର୍କରେ ଏଆଇସି-ନାଳନ୍ଦାର ସିଇଓ ଦୁର୍ଗାପ୍ରସାଦ ଗୌଡା କହିଛନ୍ତି, ଆମେ ଏହି ଜାତୀୟ ସ୍ୱୀକୃତି ପାଇଁ ଅତ୍ୟନ୍ତ ଗର୍ବିତ। ଏହି ପୁରସ୍କାର ଭାରତରେ ଏକ ଦୃଢ଼ ଆଇପି ଇକୋସିଷ୍ଟମ ଗଠନରେ ଆମର ଅଟଳ ପ୍ରତିଶ୍ରୁତିକୁ ପ୍ରତିଫଳିତ କରିଛି।

# ଓଡ଼ିଶାରେ ଆଇପିଟିଭିର ଶୁଭାରମ୍ଭ

ନୂଆଦିଲ୍ଲୀ,୨୭।୩

ଭାରତୀ ଏୟାରଟେଲର ବହୁ ପ୍ରତୀକ୍ଷିତ ତଥା ନୂତନ ସେବା ଓ ସୁବିଧା 'ଆଇପିଟିଭି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏପରିକି ଓଡ଼ିଶାରେ ଏହି ସେବା (ଆଇପିଟିଭି ସେବା)କୁ ନିକଟରେ ଆରମ୍ଭ କରିଛି, ଯାହା ଗ୍ରାହକଙ୍କୁ ବଡ଼ ସ୍କ୍ରିନ୍ ଦେଖିବାର ଅନୁଭୂତି ପ୍ରଦାନ କରୁଛି। ସେହିଭଳି ୫୯୯ ଟଙ୍କାରୁ ଆରମ୍ଭ ହେଉଥିବା ଏହି ନୂତନ ପ୍ଲାନ୍‌ରେ ଗ୍ରାହକମାନେ ହୋଇଚୋଇ, କ୍ଲିକ୍, ସୋନି ଲିଭ୍, ନେଟ୍‌ଫ୍ଲିକ୍ସ, ଆପଲ୍ ଟିଭି+, ଆମାଜନ୍ ପ୍ରାଇମ୍, ଜି୫, ୬୦୦ ଲୋକପ୍ରିୟ ଟେଲିଭିଜନ ଚ୍ୟାନେଲ ଏବଂ ୱାଇ-ଫାଇ ସେବା ସମେତ ୨୯ଟି ପ୍ରମୁଖ ଷ୍ଟ୍ରିମିଂ ଆପ୍ର ଅନ୍-ଡିମାଣ୍ଡ ବିଷୟ ବସ୍ତୁର ଏକ ବିସ୍ତୃତ ଲାଇବ୍ରେରିକୁ ହାସଲ କରିପାରିବେ। ସେହିପରି ଏକ ପ୍ରାରମ୍ଭିକ ଅଫର ଭାବେ ସମସ୍ତ ଏୟାରଟେଲ ଗ୍ରାହକ ଆଇପିଟିଭି ପ୍ଲାନ୍ କିଣିବା ଉପରେ ୩୦ ଦିନ ପର୍ଯ୍ୟନ୍ତ ମାଗଣା ସେବା ପାଇବେ, ଯାହା ଏୟାରଟେଲ ଥ୍ୟାଙ୍କସ୍ ଆପ୍ ମାଧ୍ୟମରେ ଉପଲବ୍ଧ ହୋଇପାରିବ।

ଏ ସମ୍ପର୍କରେ ଭାରତୀ ଏୟାରଟେଲର ଓଡ଼ିଶା ସିଓଓ ଆର୍. ବାଲାଜୀ ସିଂହ କହିଛନ୍ତି, ମନୋରଞ୍ଜନ ଓଡ଼ିଶାର ଜୀବନ୍ତ ସଂସ୍କୃତିର ଏକ ସ୍ମରଣୀୟ ଏବଂ ଅବିଚ୍ଛେଦ୍ୟ ଅଙ୍ଗ। ଆଜି ଓଡ଼ିଶାରେ ଆମର ଅତ୍ୟାଧୁନିକ ଆଇପିଟିଭି ସେବାର ଶୁଭାରମ୍ଭକରି ଆମେ ଆନନ୍ଦିତ। ଏହି ସେବା ଆମ ଗ୍ରାହକଙ୍କ ପାଇଁ ଚମତ୍କାର ଅନୁଭୂତିର ଏକ ନୂତନ ଯୁଗ ଆରମ୍ଭ କରିବ। ଏହି ଶୁଭାରମ୍ଭ ସହିତ ଆମେ ମନୋରଞ୍ଜନ ସମାଧାନ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବୁ ଯାହା ଓଡ଼ିଶାବାସୀଙ୍କ ଆକାଂକ୍ଷା ଓ ଅଭିଳାଷକୁ ପୂରଣ କରିବ। ନୂଆ ୱାଇ-ଫାଇ ପ୍ଲାନ୍ କିଣିଲେ ସମସ୍ତ ନୂଆ ଗ୍ରାହକ ଆଇପିଟିଭିର ମଜା ନେଇପାରିବେ। ବର୍ତ୍ତମାନର ଏୟାରଟେଲ ୱାଇ-ଫାଇ ଗ୍ରାହକ ବର୍ତ୍ତମାନର ଏୟାରଟେଲ ୱାଇ-ଫାଇ ଗ୍ରାହକମାନେ ଏୟାରଟେଲ ଥାଙ୍କସ ଆପ୍ ମାଧ୍ୟମରେ ସେମାନଙ୍କ ପ୍ଲାନକୁ ଆଇପିଟିଭି ପ୍ଲାନରେ ଅପଗ୍ରେଡ୍ କରିପାରିବେ କିମ୍ବା କୌଣସି ଏୟାରଟେଲ ଷ୍ଟୋରକୁ ଯାଇପାରିବେ।

# ୫୪ତମ ଜାତୀୟ ସୁରକ୍ଷା ସପ୍ତାହରେ ବେଦାନ୍ତ ଚାମ୍ପିୟନ



ଭୁବନେଶ୍ୱର,୨୭।୩

ବେଦାନ୍ତ ଆଲୁମିନିୟମ ୫୪ତମ ଜାତୀୟ ସୁରକ୍ଷା ସପ୍ତାହରେ ଚାମ୍ପିୟନ ହୋଇଛି। ଏପରିକି କମ୍ପାନୀ ସୁରକ୍ଷା ଏବଂ କଲ୍ୟାଣ ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପଗୁଡ଼ିକର ଏକ ଶୃଙ୍ଖଳାର ସହ ଏହାର କାର୍ଯ୍ୟ ପରିସରରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରିଛି। ଚଳିତ ବର୍ଷର ଜାତୀୟ ବିଷୟବସ୍ତୁ 'ବିକଶିତ ଭାରତ ପାଇଁ ସୁରକ୍ଷା ଏବଂ କଲ୍ୟାଣ ଗୁରୁତ୍ୱପୂର୍ଣ୍ଣ' ସହିତ ସମନ୍ୱିତ ହୋଇ କମ୍ପାନୀର ଝାରସୁଗୁଡ଼ାଠାରେ ଥିବା ଏହାର ଆଲୁମିନିୟମ୍ ସ୍ମେଲଟର, ଲାଞ୍ଜିଗଡ଼ଠାରେ ଥିବା ଆଲୁମିନା ରିଫାଇନେରି ଏବଂ ଓଡ଼ିଶାର ବିଭିନ୍ନ ଖଣି ସ୍ଥାନରେ ବ୍ୟାପକ ସଂଯୋଗୀକରଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯାହା କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସୁରକ୍ଷା ପ୍ରତି ସହଭାଗୀ ଦାୟିତ୍ୱର ଭାବନାକୁ ପ୍ରୋତ୍ସାହିତ କରିଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ ସୁରକ୍ଷା କେବଳ ଏକ ପ୍ରୋଟୋକଲ ନୁହେଁ -ଏହା ଏକ ମାନସିକତା । ଏହି ଜାତୀୟ ସୁରକ୍ଷା ସପ୍ତାହରେ ଆମେ ଏକ ନିରାପଦ, ନିରାପଦ ଏବଂ ସ୍ଥିର କର୍ମକ୍ଷେତ୍ର ନିର୍ମାଣ ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦେଶ କରୁଛୁ, ଯାହା ଭାରତର ଏକ ବିକ୍ଷିପ୍ତ ଭାରତ ହେବା ଦିଗରେ ଯାତ୍ରାକୁ ସମର୍ଥନ କରୁଛି।

ବେଦାନ୍ତ ଆଲୁମିନିୟମ ନବସୃଜନ, ତାଲିମ ଏବଂ ସକ୍ରିୟ ସମ୍ପ୍ରଦାୟ ଅଂଶଗ୍ରହଣ ମାଧ୍ୟମରେ ସୁରକ୍ଷା ଏବଂ କଲ୍ୟାଣର ସଂସ୍କୃତିକୁ ସଂଯୋଜିତ କରିଚାଲିଛି, କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ କର୍ମଚାରୀ କଲ୍ୟାଣରେ ଶିଳ୍ପ ମାନଦଣ୍ଡ ସ୍ଥାପନ କରୁଛି।

# ଜିଓକୁ ଜାତୀୟ ବୌଦ୍ଧିକ ସମ୍ପଦ ପୁରସ୍କାର

ନୂଆଦିଲ୍ଲୀ,୨୭।୩



ରିଲାଏନ୍ସ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍ (ଜେପିଏଲ୍)କୁ ନିକଟରେ ଦୁଇଟି ସମ୍ମାନ ବା ପ୍ରତିଷ୍ଠିତ ବୌଦ୍ଧିକ ସମ୍ପଦ (ଇଣ୍ଟେଲେକ୍ଟୁଆଲ ପ୍ରପର୍ଟି) ପୁରସ୍କାର ପ୍ରଦାନ କରାଯାଇଛି। ଏପରିକିଜିଓ ପ୍ଲାଟ୍‌ଫର୍ମକୁଭାରତସରକାର ଜାତୀୟ ବୌଦ୍ଧିକ ସମ୍ପଦ ପୁରସ୍କାର (ନ୍ୟାଶନାଲ ଇଣ୍ଟେଲେକ୍ଟୁଆଲ ପ୍ରପର୍ଟି ଆୱାର୍ଡ) ପ୍ରଦାନ କରିଥିଲାବେଳେ ବିଶ୍ୱ ବୌଦ୍ଧିକ ସମ୍ପଦ ସଙ୍ଗଠନ (ୱାର୍ଲ୍ଡ ଇଣ୍ଟେଲେକ୍ଟୁଆଲ ପ୍ରପର୍ଟି ଅର୍ଗାନାଇଜେଶନ) ପକ୍ଷରୁ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ଅସାଧାରଣ ଉତ୍କର୍ଷ ପାଇଁ ଜିଓ ପ୍ଲାଟ୍‌ଫର୍ମସକୁ ଟ୍ରଫି ପ୍ରଦାନ ସହ ପୁରସ୍କୃତ କରାଯାଇଛି।

ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଓ ପ୍ରତିନିଧିଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍ (ଜେପିଏଲ୍)ର ବରିଷ୍ଠ ଉପସଭାପତି ଆୟୁଷ ଭଟ୍ଟନାଗର କହିଥିଲେ, ଏହି ପୁରସ୍କାରଗୁଡ଼ିକ ନବସୃଜନ ପ୍ରତି ଆମର ପ୍ରତିବଦ୍ଧତାର ପ୍ରମାଣ। ଆମେ କେବଳ ପ୍ରଯୁକ୍ତି କୌଶଳ ଉପରେ କାମ କରୁନାହୁଁ, ଆମେ ଏପରି କ୍ଷମତା ସବୁର ବିକାଶ କରୁଛୁ ଯାହା ୫ଜି, ୬ଜି ଏବଂ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଜାତୀୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଆମକୁ ଆଗରେ ରଖିବ। ସେହିଭଳି ବିଶ୍ୱସ୍ତରରେ କମ୍ପାନୀ ଗତ ୩ ବର୍ଷ ମଧ୍ୟରେ ୪ହଜାରରୁ ଅଧିକ ପେଟେଣ୍ଟ ଦାଖଲ କରିଛି। ଏହି ପେଟେଣ୍ଟଗୁଡ଼ିକ ମଧ୍ୟରୁ ଅଧିକାଂଶ ଟେଲିକମ୍ୟୁନିକେଶନ, ଡିଜିଟାଲ ପ୍ରଯୁକ୍ତି ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦାଖଲ କରାଯାଇଛି। ସରଳ ଭାଷାରେ କହିବାକୁ ଗଲେ, ଅଧିକାଂଶ ପେଟେଣ୍ଟ ୫ଜି, ୬ଜି ଏବଂ ଏଆଇ ପ୍ରଯୁକ୍ତି କୌଶଳର ବିକାଶ ଏବଂ ଏହା ସମ୍ବନ୍ଧିତ ପ୍ରଯୁକ୍ତି କ୍ଷେତ୍ର ସହିତ ଜଡ଼ିତ। ଏପର୍ଯ୍ୟନ୍ତ ଏହି ପ୍ରଯୁକ୍ତିଗୁଡ଼ିକ ଉପରେ ବିଦେଶୀ କମ୍ପାନୀଗୁଡ଼ିକ ପ୍ରାଧାନ୍ୟ ବିବେଚନା କରାଯାଉଥିଲା। ଜିଓ ଦ୍ୱାରା ଦାଖଲ ହୋଇଥିବା ବହୁ ସଂଖ୍ୟକ ପେଟେଣ୍ଟ ଦର୍ଶାଉଛି ଯେ ଜିଓ ଭଳି ଏକ ଭାରତୀୟ କମ୍ପାନୀ ଏବେ ପ୍ରଯୁକ୍ତି କ୍ଷେତ୍ରରେ ବିଶ୍ୱର ଅନ୍ୟତମ ଅଗ୍ରଣୀ କମ୍ପାନୀ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗଢମାଳିଆ ରସିବୁ ନାହିଁ**
**ଅନେକ ଦବ ଦୁଃଖ**
**ଛିଡା କଉପୁନିଆ ରସିବୁ ଯେବେ**
**ମାଗି ଆଣିଦେବ ଭିକ।**

ଚିକଣିଆ କଥା ବା ବାହାପିଆ କଥାରେ ପେଟ ପୂରେ ନାହିଁ। ତେଣୁ କଥା ଚିକଣିଆ କହୁଥିବା ବ୍ୟକ୍ତି ତା' ସ୍ତ୍ରୀକୁ ଦୁଃଖ ଦେଇଥାଏ। ତେବେ କଷ୍ଟ କରି ଆୟ କରୁଥିବା ବ୍ୟକ୍ତି ତା' ସ୍ତ୍ରୀକୁ ସୁଖରେ ରଖିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଢିଙ୍କିଆ ଲାଉ**
**ତୋ' ଲାଗି ମୋର ପରାଣ ଯାଉ।**

ଲାଉ ଖାଇବା ନେଇ ମନରେ ଅସୀମ ଆସକ୍ତି ଭାବ। ପରୋକ୍ଷରେ ପ୍ରଗାଢ଼ ପ୍ରେମର ନିଦର୍ଶନ। ଯାହା ପ୍ରତି ମନରେ ଯେତେ ଅଧିକ ଆସକ୍ତି ଭାବ ରହିଥାଏ, ତା'ଲାଗି ସେ ନିଜ ଜୀବନ ଦେବାକୁ କେବେ ପଛାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଡା.ଦେବେନ୍ଦ୍ର ପ୍ରଧାନ: ନିଜ ପାଇଁ ନୁହେଁ, ଅନ୍ୟ ପାଇଁ ବଞ୍ଚୁଥିଲେ



ନିତ୍ୟାନନ୍ଦ ଗଣ୍ଡ

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ"

ସନ୍ଥ କବି ଭୀମ ଭୋଇଙ୍କ ଦ୍ୱାରା ଲିଖିତ ଏହି ବାଣୀକୁ ଦିବଂଗତ ସମାଜସେବୀ ତଥା କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନ ନିଜ ଜୀବନର ବ୍ରତ କରି ନେଇଥିଲେ। ନିଜକୁ ସମାଜସେବା ପାଇଁ ସମର୍ପି ଦେଇଥିଲେ। ନିଜ ପାଇଁ ନୁହେଁ, ଅନ୍ୟ ପାଇଁ ବଞ୍ଚୁଥିଲେ। ସଦାସର୍ବଦା ସମାଜର ହିତ କଥା ଭାବୁଥିଲେ ଏବଂ ଏହାକୁ ସାକାର କରିବା ଲାଗି କାର୍ଯ୍ୟ କରୁଥିଲେ। ନମ୍ରତା, ଆତ୍ମୀୟତା, ସ୍ନେହ ଓ ଭଲପାଇବାରେ ସମସ୍ତଙ୍କୁ ଆପଣାର କରି ନେଉଥିବା ଏହି ଦରଦୀ ମଣିଷ ଆଜି ଆମ ଗହଣରେ ନାହାନ୍ତି ସତ, କିନ୍ତୁ କୋଟି କୋଟି ଲୋକଙ୍କୁ ସେ ବଡ଼ ବାର୍ତ୍ତା ଦେଇଯାଇଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥଠାରୁ ଉର୍ଦ୍ଧ୍ୱରେ ରହି ମା', ମାଟି ଏବଂ ଜନତାଙ୍କ ସେବା କରିବାକୁ ପ୍ରେରଣା ଦେଇ ଚାଲି ଯାଇଛନ୍ତି। ସେ ସଂକଳ୍ପରୁ ସିଦ୍ଧିର ବାର୍ତ୍ତା ଦେଇ ଯାଇଛନ୍ତି। 'ସବ୍‌କା ସାଥ୍ ସବ୍‌କା ବିକାଶ'କୁ ପାଥେୟ କରି ସମସ୍ତଙ୍କୁ ସାଥିରେ ନେଇ କିଭଳି ଆଗକୁ ବଢ଼ିହେବ, ତାହାର ନିଚ୍ଛକ ଉଦାହରଣ ସେ ବହୁ ପୂର୍ବରୁ ସୃଷ୍ଟି କରିଯାଇଛନ୍ତି। ସୀମିତ ସମ୍ବଳର ସଦୁପଯୋଗ କରି ଦୃଢ଼ ନିଷ୍ଠା ଓ ଇଚ୍ଛାଶକ୍ତି ଦ୍ୱାରା ସଫଳତା ପାଇବାର ମାର୍ଗ ଦେଖାଇ ଯାଇଛନ୍ତି। ସରଳ, ନିଷ୍କପଟ, ମିଷ୍ଟଭାଷୀ ସ୍ୱର୍ଗତ ପ୍ରଧାନ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଇହଧାମ ତ୍ୟାଗ କରିଛନ୍ତି। ଦେଶ ଏବଂ ରାଜ୍ୟ ଜଣେ ମହାନ୍ ବ୍ୟକ୍ତିତ୍ୱ, ନିର୍ବିବାଦୀୟ ନେତା, ମହାମନୀଷୀ, ଯୁଗପୁରୁଷଙ୍କୁ ହରାଇ ଶୋକରେ ବୁଡ଼ି ରହିଛି।

୧୯୮୦ ମସିହାରେ ରାଜନୈତିକ କ୍ୟାରିୟର ଆରମ୍ଭ କରି ମଣ୍ଡଳ ସଭାପତିରୁ କେନ୍ଦ୍ରମନ୍ତ୍ରୀ ପର୍ଯ୍ୟନ୍ତ ଯାତ୍ରା କରିଥିବା ଏହି ରାଷ୍ଟ୍ରବାଦୀ ମଣିଷ ଓଡ଼ିଶା ପାଇଁ ଛାଡ଼ି ଯାଇଛନ୍ତି ଅସୁମାରି ସ୍ୱପ୍ନ, ଆକାଂକ୍ଷା ଓ ଅଭିଳାଷ। ଓଡ଼ିଶା ରାଜପଥ ବିକାଶର ଏହି ଅଗ୍ରଦୂତ ଆମ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଯାଇଛନ୍ତି। ଦଳଗତ ସୀମା ଭିତରେ ଆବଦ୍ଧ ନ ରହି ସାମୂହିକ ଉନ୍ନତି ପାଇଁ ସର୍ବଦା କାର୍ଯ୍ୟ କରିବାକୁ ଏହି ନିଷ୍ଠାପର ଜନସେବକ ପ୍ରେରଣା ଦେଇଯାଇଛନ୍ତି। ୧୯୪୧ ଜୁଲାଇ ୧୬ରେ ଜନ୍ମିତ ଦିବଂଗତ ପ୍ରଧାନଙ୍କ ପ୍ରଚେଷ୍ଟା, ତ୍ୟାଗ, ନିଷ୍ଠାପର ଉଦ୍ୟମ ଯୋଗୁ ଆଜି ରାଜ୍ୟ ଏବଂ ଦେଶରେ ଭାଜପା ସରକାର ଗଠନ କରିପାରିଛି। ସେ ଥିଲେ ରାଜ୍ୟ ଭାଜପାର ପ୍ରମୁଖ ବିନ୍ଧାଣି। ଯେଉଁ ସମୟରେ ରାଜ୍ୟରେ ଦଳର କୌଣସି ସ୍ଥିତି ନ ଥିଲା, ସେତେବେଳେ ସେ ଦଳକୁ ମଜଭୁତ କରିବା ପାଇଁ ଲାଗି ପଡ଼ିଥିଲେ। ସେ ଭାଜପାର ଯେଉଁ ବୀଜ ବପନ କରିଥିଲେ, ଆଜି ତାହା ଦେଶ ଏବଂ ରାଜ୍ୟରେ ବିରାଟ ଦ୍ରୁମରେ ପରିଣତ ହୋଇଛି। ଏହି ଦଳ ଜନସେବାକୁ ବ୍ରତ କରି ଦେଶର ବିକାଶକୁ ଆଗେଇ ନେଉଛି।

ବାପା ଦେବେନ୍ଦ୍ର ପ୍ରଧାନଙ୍କ ନୀତି ଆଦର୍ଶକୁ ପାଥେୟ କରି ତାଙ୍କ ସୁପୁତ୍ର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟ କରୁଛନ୍ତି। ବାପାଙ୍କ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସେ ଅନବରତ ପ୍ରଚେଷ୍ଟା ଜାରି ରଖିଛନ୍ତି। ଦେଶରେ ଶିକ୍ଷାର ବିକାଶକୁ ନୂତନ ଶିଖରରେ ପହଞ୍ଚାଇ କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି। ଏହି କ୍ରମରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ପୂରଣ କରିବା ପାଇଁ ଲାଗି ପଡ଼ିଛନ୍ତି।

ଜଣେ ମେଧାବୀ ଛାତ୍ର ଭାବେ କଟକ ଏସ୍‌ସିବି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ପାସ୍ କଲା ପରେ ଡାକ୍ତର ଭାବେ ଯୋଗ ଦେଇଥିବା ଏହି ମହାନ୍ ଜନନାୟକ ଡ. ଦେବେନ୍ଦ୍ର ପ୍ରଧାନ ଜନସେବା ପାଇଁ ସରକାରୀ ଚାକିରି ଛାଡ଼ିଥିଲେ। ସେ ନିର୍ଦ୍ଦିଷ୍ଟ ସୀମା ଭିତରେ ଆବଦ୍ଧ ନ ରହି ଘରୋଇ ଚିକିତ୍ସା ଆରମ୍ଭ କରି ମାଗଣାରେ ରୋଗୀ ଦେଖୁଥିଲେ। ସମାଜର ବିକାଶ ପାଇଁ ସେ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ସେବା ପାଇଁ ଲୋକଙ୍କ ହୃଦୟ ଜିଣିଥିବା ଏହି ଜନସେବକ ୧୯୮୦ ଜାନୁଆରୀ ୧୦ରେ ଭାଜପାରେ ସାମିଲ ହୋଇଥିଲେ। ନିର୍ଦ୍ଦିଷ୍ଟ ନୀତି ଏବଂ ଆଦର୍ଶରେ ପରିଚାଳିତ ହୋଇ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେଥିରେ ଅଟଳ ରହିଥିଲେ। ସେ ଗାଁ ଗାଁ, ଘର ଘର ବୁଲି ଭାଜପାକୁ ମଜଭୁତ କରିଥିଲେ। ତାଙ୍କରି ଉଦ୍ୟମରେ ଓଡ଼ିଶାରେ ପଦ୍ମ ଫୁଟିଥିଲା। ସେ ତିନି ତିନି ଥର ରାଜ୍ୟ ଭାଜପା ସଭାପତି ନିର୍ବାଚିତ ହୋଇଥିଲେ। କୌଣସି ସୀମା ଭିତରେ ଆବଦ୍ଧ ନ ରହି ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଆପଣାର କରିପାରୁଥିଲେ। ନିଜ ବାଣୀ ଦ୍ୱାରା ଶତ୍ରୁକୁ ବି ବଶୀଭୂତ କରିପାରୁଥିଲେ। ସମସ୍ତଙ୍କ ପାଇଁ ସବୁବେଳେ ନିଜ ଦ୍ୱାର ଖୋଲା ରଖିଥିଲେ। ଦାରିଦ୍ର୍ୟ ଦୂରୀକରଣ ଏବଂ ସାମାଜିକ ସଶକ୍ତୀକରଣର ଅଗ୍ରଦୂତ ସାଜିଥିଲେ।

ଦିବଂଗତ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ମାଲକାନଗିରି ଉପ-ନିର୍ବାଚନରେ ଦଳକୁ ବିଜୟୀ କରି ସେ ସମସ୍ତଙ୍କୁ ଚମକାଇ ଦେଇଥିଲେ। କୁଶଳ ରଣନୀତି, ଉତ୍ତମ ପରିଚାଳନା, ନେତୃତ୍ୱ ଦକ୍ଷତା, ନିଜ ବ୍ୟବହାର ଏବଂ ସେବା ମନୋବୃତ୍ତି ଦ୍ୱାରା ଲୋକଙ୍କୁ ପ୍ରଭାବିତ କରିଥିଲେ। ଡା. ପ୍ରଧାନଙ୍କ ଆହ୍ୱାନରେ ଅନେକ ନେତା ଭାଜପାରେ ସାମିଲ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଅନେକ ଆଜି ଦଳର ମଙ୍ଗ ଧରିଛନ୍ତି। ଏହି ନେତାମାନେ ଡା. ପ୍ରଧାନଙ୍କୁ ମନେପକାଇ ଭାବବିହ୍ୱଳ ହୋଇ ଯାଉଛନ୍ତି। ବିରୋଧୀମାନେ ମଧ୍ୟ ଡା. ପ୍ରଧାନଙ୍କ ପ୍ରଶଂସାରେ ଶତମୁଖ। ସେ ଥିଲେ ରାଜନୀତିର ଅଜାତଶତ୍ରୁ, କୌଣସି ପଦ ପଦବୀର ଆଶା ନ ରଖି କାମ କରିଥିବା ମହାପୁରୁଷ।



ଡା.ଦେବେନ୍ଦ୍ର ପ୍ରଧାନ

ଓଡ଼ିଶା ପ୍ରତି ଡା. ପ୍ରଧାନଙ୍କ ଅବଦାନକୁ କେହି କେବେ ଭୁଲିପାରିବେ ନାହିଁ। କେନ୍ଦ୍ରମନ୍ତ୍ରୀ ଭାବେ ସେ ଓଡ଼ିଶା ପାଇଁ ଯାହା କରିଯାଇଛନ୍ତି, ତାହା ଚିରକାଳ ପାଇଁ ମନେରହିବ। ସେ ୧୯୯୮ରେ ପ୍ରଥମ ଥର ପାଇଁ ଦେବଗଡ଼ ଲୋକ ସଭା ଆସନରୁ ସାଂସଦ ନିର୍ବାଚିତ ହୋଇ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ କେନ୍ଦ୍ର ପରିବହନ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଦିବଂଗତ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଅଦ୍ୱିତୀୟ ଯୋଗଦାନ ଦେଇଥିଲେ। ସେ ବାଜପେୟୀଙ୍କ ବିଶ୍ୱାସକୁ ବଜାୟ ରଖି ଦେଶର ଭିତ୍ତିଭୂମି, ଯୋଗାଯୋଗ ବ୍ୟବସ୍ଥା ଏବଂ ଗ୍ରାମ ଅର୍ଥନୀତିକୁ ସୁଦୃଢ଼ କରିବାର ଗୁରୁ ଦାୟିତ୍ୱ ନିଜ ହାତକୁ ନେଇଥିଲେ। ସ୍ୱର୍ଣ୍ଣ ଚତୁର୍ଭୁଜ ଏବଂ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ହିଁ ତାଙ୍କ ଦୂରଦର୍ଶିତାର ପରିଣାମ। ତାଙ୍କ ସମୟରେ ହିଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ସେ ୧୯୯୯ରେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇ ଭୂପୃଷ୍ଠ ପରିବହନ ସହ କୃଷି ବିଭାଗ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ସେ ଦାୟିତ୍ୱ ଗ୍ରହଣ କରିବା ପରେ ସବୁ ରାଜ୍ୟ ରାଜପଥକୁ ଜାତୀୟ ରାଜପଥ ଘୋଷଣା କରିବାକୁ କହିଥିଲେ। ସେ ସଡ଼କ ନିର୍ମାଣର ବିନ୍ଧାଣି ଥିଲେ। ଯୋଗାଯୋଗ ବ୍ୟବସ୍ଥାକୁ ମଜଭୁତ କରିବା ଦ୍ୱାରା ଦେଶର ପ୍ରକୃତ ବିକାଶ ହୋଇପାରିବ ବୋଲି ସେ ହୃଦ୍‌ବୋଧ କରି ଏ ଦିଗରେ ଦିନରାତି କାମ କରିଥିଲେ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ପ୍ରଧାନ ନିଜ କାର୍ଯ୍ୟକାଳରେ ଓଡ଼ିଶାର ଗମନାଗମନ ଏବଂ ଭିତ୍ତିଭୂମି ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଚଣ୍ଡିଖୋଲଠାରୁ କନକତାରା ରାଜପଥ ହେଉ ଅବା ପାଣିକୋଇଲିରୁ ରାଜମୁଣ୍ଡା ଏବଂ ବୋରିଗୁମାରୁ ବରଗଡ଼ ହେଉ, କି ଭୁବନେଶ୍ୱରରୁ ପୁରୀ ଏନ୍‌ଏଚ୍ ସବୁ ଦିବଂଗତ ପ୍ରଧାନଙ୍କ ଉଦ୍ୟମରେ ସଫଳ ହୋଇପାରିଥିଲା। ୧୯୯୮ ପର୍ଯ୍ୟନ୍ତ ଓଡ଼ିଶାରେ ମାତ୍ର ୧୬୦୦ କି.ମି.ର ଏନ୍‌ଏଚ୍ ଥିଲା। ମାତ୍ର ଡା. ପ୍ରଧାନଙ୍କ ଉଦ୍ୟମରେ ସୀମିତ ସମୟ ମଧ୍ୟରେ ଏହା ଆଉ ୧୬୦୦ କି.ମି.କୁ ବୃଦ୍ଧି ପାଇଥିଲା। ତାଙ୍କ ଅମଳରେ ସର୍ବାଧିକ ଏବଂ ସର୍ବଶ୍ରେଷ୍ଠ ରାଜପଥ ନିର୍ମାଣ ହୋଇଥିଲା। କେବଳ ସେତିକି ନୁହେଁ, କୃଷି ବିଶ୍ୱବିଦ୍ୟାଳୟର ପରିକଳ୍ପନା ସେ ହିଁ କରିଥିଲେ। ଦେଶ ଏବଂ ରାଜ୍ୟ ବିକାଶର ପ୍ରମୁଖ ବିନ୍ଧାଣି ସାଜିଥିବା ଏଭଳି ମହାନ୍ ବ୍ୟକ୍ତିତ୍ୱଙ୍କୁ ଆଜି ସମସ୍ତେ ଝୁରୁଛନ୍ତି। ଡା. ପ୍ରଧାନଙ୍କ ଜୀବନୀକୁ ଆଦର୍ଶ ଭାବି ବର୍ତ୍ତମାନର ଯୁବପିଢ଼ି ଆଗକୁ ବଢ଼ିବା ଉଚିତ୍। ଏହା ହିଁ ତାଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ।

**-ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,**
**ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ**
**ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ**
**ବର୍ଗ କଲ୍ୟାଣ ବିଭାଗ**
**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ**

## ଅପରାଧ

# ୪ ପିଲାଙ୍କୁ ହତ୍ୟାକରି ଆତ୍ମହତ୍ୟା କଲେ ବାପା

**ଶାହାଜାହାନପୁର(ଉତ୍ତରପ୍ରଦେଶ), ୨୭।୩**

ଜଣେ ବ୍ୟକ୍ତି ତାଙ୍କର ୪ଜଣ ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଉତ୍ତରପ୍ରଦେଶ ଶାହାଜାହାନପୁରରେ ଘଟିଛି। ପୋଲିସ ଘଟଣାସ୍ଥଳରୁ ଛୁରି ଏବଂ ବାଲି କାଗଜ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମାନସିକ ଅବସ୍ଥା ଠିକ୍ ନ ଥିବା କାରଣରୁ ଏଭଳି ଘଟିଥିବା କୁହାଯାଉଥିବାବେଳେ ପୋଲିସ ଘଟଣାର ପ୍ରକୃତ କାରଣ ଖୋଜୁଛି।

ମିଳିଥିବା ସୂଚନାନୁସାରେ, ୩୬ବର୍ଷୀୟ ରାଜୀବ କୁମାର ତାଙ୍କ ସ୍ତ୍ରୀ, ୪ପିଲା ଏବଂ ବାପାଙ୍କ ସହ ରୋଜା ଥାନା ଅନ୍ତର୍ଗତ ମାନପୁର ଚାଚେରି ଗ୍ରାମରେ ରୁହନ୍ତି। ତାଙ୍କ ସ୍ତ୍ରୀ ଦିନକ ତଳେ ବାପଘରକୁ ଚାଲିଯାଇଥିଲେ। ବୁଧବାର ରାତିରେ ରାଜୀବ ଏବଂ ତାଙ୍କ ପିଲାମାନେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ରାଜୀବ ଏକ ଛୁରିରେ ତାଙ୍କ ୩ଝିଅ ସ୍ମୃତି(୧୨), କ୍ରିତି(୯), ପ୍ରଗତି(୭) ଏବଂ ୫ବର୍ଷର ପୁଅ ରିଶଭଙ୍କ ତଣ୍ଟି କାଟି ହତ୍ୟା କରିଥିଲେ। ପରେ ଅନ୍ୟ ଏକ କୋଠରିରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସକାଳେ ଘରର କବାଟ ନ ଖୋଲିବାରୁ ରାଜୀବଙ୍କ ବାପା ଛାତ ଉପର ଦେଇ ଶିଡ଼ିବାଟେ ଭିତରକୁ ଯିବାବେଳେ ଏକ କୋଠରିରେ ୪ପିଲାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ସହ ଅନ୍ୟ ରୁମ୍‌ରେ ରାଜୀବଙ୍କ ଝୁଲନ୍ତା ମରଶରୀର ଦେଖି ପୋଲିସକୁ ଖବର




ଦେଇଥିଲେ ବୋଲି ପୋଲିସ ଏସ୍‌ପି ରାଜେଶ ଦ୍ୱିବେଦୀ କହିଛନ୍ତି। ପରିବାର ଲୋକଙ୍କ କହିବା ହେଲା ଗତ ବର୍ଷ ରାଜୀବ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଦୀର୍ଘଦିନ ଧରି ସେ ଚିକିତ୍ସିତ ହେଉଥିଲେ। ସେବେଠାରୁ ସେ ଛୋଟ ଛୋଟ କଥାରେ ବିରକ୍ତ ବା ରାଗି ଯାଉଥିଲେ। ପରିବାରରେ ପାଟିତୁଣ୍ଡ ମଧ୍ୟ ଲାଗି ରହୁଥିଲା। ଏଥିଯୋଗୁ ଘଟଣାର ପୂର୍ବଦିନ ରାଜୀବଙ୍କ ସ୍ତ୍ରୀ ବାପଘରକୁ ଚାଲିଯାଇଥିଲେ। ତେଣୁ ରାଜୀବ କ୍ରୋଧିତ ଅବସ୍ଥାରେ ଏଭଳି ଘଟଣା ଘଟାଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଥିବା ପୋଲିସ କହିଛି। ପ୍ରାଥମିକ ତଦନ୍ତ ସମୟରେ ଛୁରିକୁ ଦାଢ଼ କରିବା ପାଇଁ ରାଜୀବ ବାଲି କାଗଜ ବ୍ୟବହାର କରିଥିବା ପୋଲିସ ଜାଣିବାକୁ ପାଇଛି। ଉଭୟ ଛୁରି ଏବଂ ବାଲିକାଗଜକୁ ଜବତ କରାଯାଇ ପରବର୍ତ୍ତୀ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ କହିଛି।

# ୫୦ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଅଙ୍ଗନୱାଡି ସୁପରଭାଇଜର

**ଲକ୍ଷ୍ମୀପୁର, ୨୭।୩(ଅନନ୍ତ ନାୟକ)**

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କୁଟିଙ୍ଗା ପଞ୍ଚାୟତ ଓ ପିପାଲପଦର ପଞ୍ଚାୟତ ଦାୟିତ୍ୱରେ ଥିବା ଅଙ୍ଗନୱାଡି ସୁପରଭାଇଜର ରେଣୁକା ପଟ୍ଟନାୟକ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଜୟପୁର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ନୂତନ ଭାବେ ନିଯୁକ୍ତ ହୋଇଥିବା ପିପାଲପଦର ପଞ୍ଚାୟତର ଜଣେ ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ନିଯୁକ୍ତି କରାଇ ଦେଇଥିବା କହି ୫୦ ହଜାର ଟଙ୍କା ଲାଞ୍ଚ ମାଗିବା ସହ କାର୍ଯ୍ୟରେ ହଇରାଣ କରିବା ଧମକ ଦେଉଥିଲେ। କର୍ମୀ ଜଣକ ଏହି ରାଶି ଦେବାକୁ ଅକ୍ଷମତା ପ୍ରକାଶ କରି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ରେଣୁକା ଉକ୍ତ କର୍ମୀଙ୍କଠାରୁ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ତାଙ୍କଠାରୁ ସମ୍ପୂର୍ଣ୍ଣ ଟଙ୍କା ଟିମ୍ ଜବତ କରିଛି। ଏ ନେଇ ଜୟପୁର ଭିଜିଲାନ୍ସ ଥାନାରେ ୧୪/୨୫ରେ ମାମଲା ରୁଜୁ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଟିମ୍ ରେଣୁକାଙ୍କ ଲକ୍ଷ୍ମୀପୁରସ୍ଥିତ ବାସଭବନ, କାର୍ଯ୍ୟାଳୟ ଓ ବନ୍ଧୁଗାଁ ବ୍ଲକର ଡୁରୁକପେଟାସ୍ଥିତ ଘର ଆଦି ୩ ସ୍ଥାନରେ ଏକକାଳୀନ ଚଢାଉ ଜାରି ରଖିଛି। ସୁପରଭାଇଜର ରେଣୁକାଙ୍କୁ ଗିରଫ କରାଯାଇ ଜୟପୁରସ୍ଥିତ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିବା ସୂଚନା ମିଳିଛି।



ସୁପରଭାଇଜର ରେଣୁକା ପଟ୍ଟନାୟକ।

# ନାବାଳକଙ୍କ ମୃତଦେହ ଜବତ, ବାପା ଅଟକ

**ଫୁଲବାଣୀ, ୨୭।୩**
**(ରାକେଶ କୁମାର ରାଉତ)**

ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ କେନ୍ଦୁପଦର ସାହିରେ ଜଣେ ନାବାଳକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ ହୋଇଛି । ସେ ହେଲେ ଅଭିଜିତ୍ ବଗର୍ତ୍ତୀ(୧୫)। ଅଭିଜିତ୍‌ଙ୍କ ମୃତ୍ୟୁ ପଛରେ ତାଙ୍କ ବାପାଙ୍କ ହାତ ରହିଥିବା ମା' ଏବଂ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ପୋଲିସ ଅଭିଜିତ୍‌ଙ୍କ ବାପା ପ୍ରମୋଦ ବଗର୍ତ୍ତୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଚଳିତବର୍ଷ ଅଭିଜିତ୍ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ବୁଧବାର ଦିନବେଳେ ମା' ଜୟନ୍ତୀ ଓ ପୁଅ ଖାଇପିଇ ଘରେ ଥିଲେ। କିଛି ସମୟ ପରେ ଜୟନ୍ତୀ ଅନ୍ୟ ଘରେ କାମ କରିବାକୁ ବାହାରି ଯାଇଥିଲେ। ସେଠାରୁ ଫେରିବା ବେଳକୁ ଘରର କବାଟ ଭିତରପଟୁ ବନ୍ଦ ଥିଲା। କବାଟ ବାଡ଼େଇବାରୁ ଅଭିଜିତ କୌଣସି ଉତ୍ତର ଦେଇ ନ ଥିଲେ । ପଡ଼ୋଶୀ ଏବଂ ପରିବାର ଲୋକେ ଘର ଖୋଲି ଭିତରକୁ ଯିବାରୁ ଅଭିଜିତ୍ ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ତୁରନ୍ତ ପୋଲିସକୁ ଘଟଣା ସମ୍ପର୍କରେ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ଏନେଇ ଜୟନ୍ତୀ ଥାନାରେ ଏତଲା ଦେଇଛନ୍ତି । ପୋଲିସ ଏତଲା ଆଧାରରେ ବାପା ପ୍ରମୋଦଙ୍କୁ ଅଟକ ରଖି ପଚରାଉଚରା କରୁଛି । ସ୍ୱାମୀ ଓ ପୁଅ ମଧ୍ୟରେ ଅଧିକାଂଶ ସମୟରେ ପାଟିତୁଣ୍ଡ ହେଉଥିଲା। ବିଶେଷକରି ପୁଅର ଚୁଟିକୁ ନେଇ ପ୍ରମୋଦ ପାଟିତୁଣ୍ଡ କରନ୍ତି। ଏପରି କି ଅନେକ ସମୟରେ ସେ ନିଶାସକ୍ତ ଅବସ୍ଥାରେ ଆସି ପୁଅକୁ ଗାଳିଗୁଲଜ କରନ୍ତି । ଏଥିଯୋଗୁ ପୁଅ ଆତ୍ମହତ୍ୟା କରିଥାଇପାରେ ବୋଲି ଜୟନ୍ତୀ କହିଛନ୍ତି। ଏ ନେଇ ଥାନାଧିକାରୀ ପି.ସ୍ୱରୂପ କିଶାନଙ୍କୁ ପଚାରିବାରୁ ଆମେ ସବୁ ଦିଗକୁ ନେଇ ତଦନ୍ତ କରୁଛୁ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି।



ଅଭିଜିତ୍‌ଙ୍କ ଫାଇଲ ଫଟୋ।

# ହାତୀକୁ ଠେଙ୍ଗାମାଡ଼

## ଭିଡିଓ ଭାଇରାଲ, କାର୍ଯ୍ୟାନୁଷ୍ଠାନ ଦାବି

**କେନ୍ଦୁଝର, ୨୭।୩(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାରେ ହାତୀ ଉପଦ୍ରବ ଲାଗି ରହିଛି। ବନ ବିଭାଗ ହାତୀ ଘଉଡ଼ାଇବାକୁ ପ୍ରୟାସ କରୁଛି। ମାତ୍ର ଅନେକ ସମୟରେ ଲୋକେ ହାତୀ ଘଉଡ଼ାଇବାକୁ ବ୍ୟକ୍ତିଗତ ଭାବେ ନାନା ଉପାୟ ଅବଲମ୍ବନ କରୁଛନ୍ତି, ଯାହା ଫଳରେ ହାତୀ ବ୍ୟତିବ୍ୟସ୍ତ ହୋଇ ଅଧିକ ପ୍ରତିକ୍ରିୟାଶୀଳ ହୋଇ ଆକ୍ରମଣ କରୁଛି। ଏଭଳି ହାତୀପଲଙ୍କୁ ଜଣେ ଯୁବକ ଠେଙ୍ଗାରେ ପିଟୁଥିବା ଭିଡିଓ ଏବେ ଭାଇରାଲ ହେଉଛି। ଭିଡିଓ କେଉଁ ଅଞ୍ଚଳର ଜଣାପଡ଼ି ନ ଥିବା ବେଳେ ଯୁବକଙ୍କ ଏଭଳି ଆଚରଣକୁ ବନ୍ୟପ୍ରାଣୀ ବିଶେଷଜ୍ଞ ନାପସନ୍ଦ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ପ୍ରକାଶ ଯେ, ହାତୀଙ୍କ ଗତିପଥ ନିରୀକ୍ଷଣ କରିବାକୁ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏନେଇ ସ୍କ୍ୱାଡ୍ ନିୟୋଜିତ ହୋଇଥିବା ବେଳେ ଦୈନିକ ରିପୋର୍ଟ ପ୍ରଦାନ କରାଯାଉଛି। ମାତ୍ର ଲୋକେ ହାତୀଙ୍କୁ ଘଉଡ଼ାଇବାକୁ ପଥର ମାଡ଼ କରିବା ସହ ଠେଙ୍ଗାରେ ପିଟୁଛନ୍ତି। ହାତୀଙ୍କ ପାଖକୁ ନ ଯିବାକୁ ବନ ବିଭାଗ ସଚେତନ କରୁଛି। ଏହା ସତ୍ତ୍ୱେ ଅନେକ ସ୍ଥାନରେ ଲୋକେ ହାତୀ ପାଖକୁ ଯାଇ ବିରକ୍ତ କରୁଥିବା ଅଭିଯୋଗ ହେଉଛି। ଏଭଳି ହାତୀଙ୍କୁ ପିଟିବା ଓ ସେମାନଙ୍କୁ ଚିଡ଼ାଇବା ଭିଡିଓ ଭାଇରାଲ ହେଉଛି।



ଜଣେ ଯୁବକ ହାତୀପଲଙ୍କୁ ଠେଙ୍ଗାରେ ପିଟୁଛନ୍ତି।

ବନ ବିଭାଗ କର୍ମଚାରୀ ବନ୍ୟପ୍ରାଣୀ ନିର୍ଯାତନା ଆଇନ ଅନୁଯାୟୀ ଭିଡିଓ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବନ୍ୟପ୍ରାଣୀ ବିଶେଷଜ୍ଞ ତଥା ରାଜ୍ୟ ସ୍ନେକ ହେଲପ୍‌ଲାଇନ୍‌ର ଶୁଭେନ୍ଦୁ ମଲ୍ଲିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉକ୍ତ ଘଟଣା କେନ୍ଦୁଝର ଜିଲାର ହୋଇଥିବା କୁହାଯାଉଥିବା ବେଳେ ଭାଇରାଲ ଭିଡିଓକୁ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ ନିକଟକୁ ପଠାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ୬ ବର୍ଷ ପୂର୍ବେ ଏଭଳି ଏକ ହାତୀକୁ ବିରକ୍ତ କରୁଥିବା ଅଭିଯୋଗରେ କେନ୍ଦୁଝର ଡିଏଫ୍‌ଓ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏଣୁ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି, ଭିଡିଓ ଓ ଅଭିଯୋଗ ପାଇଛି। ଘଟଣା କେଉଁ ସ୍ଥାନର ଓ କେବେ ଘଟିଛି, ତାହାର ଯାଞ୍ଚ କରାଯାଉଛି। ଜଣାପଡ଼ିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନଗ୍ନ ଭିଡିଓ ଭାଇରାଲ ଧମକଦେଇ ନାବାଳିକାଙ୍କୁ ବଳାତ୍କାର, ଜେଲ ଗଲେ ଯୁବକ

**ବାରିପଦା, ୨୭।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ନଗ୍ନ ଭିଡିଓ ଭାଇରାଲ କରିଦେବା ଧମକ ଦେଇ ସମ୍ପର୍କୀୟ ଝିଆରୀ ତଥା ଦଶମ ଶ୍ରେଣୀର ଛାତ୍ରୀଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ଅନ୍ତଃସତ୍ତ୍ୱା ହେବା ଜଣାପଡ଼ିବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଜାମଦା ବ୍ଲକ୍ ଅଞ୍ଚଳର ଗଣେଶ ମହାକୁଡ଼।

ସୂଚନାଯୋଗ୍ୟ, ଅଭିଯୁକ୍ତ ଗଣେଶ ବାରିପଦା ସହରସ୍ଥିତ ଶ୍ୱଶୁରଘରେ ଘରଜ୍ୱାଇଁ ହୋଇ ରହୁଥିଲେ। ଶ୍ୱଶୁରଘର ପାଖ ସମ୍ପର୍କୀୟ ଝିଆରୀ ତଥା ଦଶମ ଶ୍ରେଣୀ ଛାତ୍ରୀଙ୍କ ଘରକୁ ସେ ଯିବାଆସିବା କରୁଥିଲେ। ଛାତ୍ରୀ ଜଣକ ଗାଧୋଇବା ବେଳର କିଛି ଭିଡିଓ ନିଜ ମୋବାଇଲରେ ଉତ୍ତୋଳନକରି ଦେଖାଇବା ସହ ଶାରୀରିକ ସମ୍ପର୍କ ରଖିବାକୁ ଗଣେଶ ବାଧ୍ୟ କରିଥିଲେ। ଏପରିକି ସମ୍ପର୍କ ନ ରଖିଲେ ସୋସିଆଲ ମିଡିଆରେ ଭାଇରାଲ କରିବାର ଧମକଚମକ ଦେଇ ବଳାତ୍କାର କରିଥିଲେ। ଗତ ଅକ୍ଟୋବରରୁ ଅଦ୍ୟାବଧି ୬ ମାସ ହେଲା ସେ ବାରମ୍ବାର ନାବାଳିକାଙ୍କୁ ବଳାତ୍କାର କରିଆସୁଥିବା ପୀଡ଼ିତା ଜଣକ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ନାବାଳିକା ଜଣକ ୨ରୁ ୩ ମାସର ଅନ୍ତଃସତ୍ତ୍ୱା ହେବା ଜାଣିବା ପରେ ନ୍ୟାୟ ପାଇଁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ କରୁଣାକର ରାଉତ କହିଛନ୍ତି।

# ପୁଟିନ୍‌ଙ୍କ ମୃତ୍ୟୁରେ ଯୁଦ୍ଧାବସାନ: ଜେଲେନ୍‌ସ୍କି

**କିଭ୍, ୨୭।୩**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଶୀଘ୍ର ମୃତ୍ୟୁ ଘଟିବାକୁ ଯାଉଛି। ତାଙ୍କ ମରଣ ସହ ରୁଷିଆ-ୟୁକ୍ରେନ୍ ମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଯୁଦ୍ଧର ଅବସାନ ଘଟିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏକ ସାକ୍ଷାତ୍‌କାରରେ କହିଛନ୍ତି।

୨୦୨୨ ଫେବୃଆରୀରୁ ଚାଲିଥିବା ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁତ୍ୱ ଦେଇଆସୁଛନ୍ତି। ଏହିକ୍ରମରେ ଆମେରିକା ମଧ୍ୟସ୍ଥତାରେ ରୁଷିଆ ଓ ୟୁକ୍ରେନ୍ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଏବଂ କୃଷ୍ଣସାଗରରେ ଶତ୍ରୁତା ବନ୍ଦ ଉପରେ ଆଂଶିକ ଅସ୍ତ୍ରବିରତି ସକାଶେ ଦୁଇଦେଶ ସହମତି ପ୍ରକାଶ କରିଛନ୍ତି। ଏହାର ଦିନକ ପରେ ଜେଲେନ୍‌ସ୍କି ପ୍ୟାରିସ୍ ଗସ୍ତ ବେଳେ ସାକ୍ଷାତ୍‌କାର ଦେଇ କହିଛନ୍ତି, ବର୍ତ୍ତମାନ ସବୁଠୁ ବିପଜ୍ଜନକ ସମୟ। ପୁଟିନ୍ ନିଜ ମୃତ୍ୟୁ ପର୍ଯ୍ୟନ୍ତ କ୍ଷମତାରେ ରହିବାକୁ ଚାହୁଁଛନ୍ତି। ତାଙ୍କ ମହତ୍ତ୍ୱାକାଂକ୍ଷା କେବଳ ୟୁକ୍ରେନ୍‌ରେ ସୀମିତ ନୁହେଁ, ବରଂ ଏହା ପାଶ୍ଚାତ୍ୟ ସହ ଏକ ପ୍ରତ୍ୟକ୍ଷ ସଂଘର୍ଷ ସୃଷ୍ଟି କରିପାରେ। ପୁଟିନ୍‌ଙ୍କ ଉପରେ ଚାପ ପକାଇବାରେ ଆମେରିକା ଓ ୟୁରୋପ ଏକାଠି ହୋଇ ରହିବା ଉଚିତ। ଜେଲେନ୍‌ସ୍କି ଆହୁରି କହିଛନ୍ତି, ପୁଟିନ୍‌ଙ୍କୁ ବାସ୍ତବରେ ମୃତ୍ୟୁଭୟ ଘାରିଛି। ସେ ଖୁବ୍‌ଶୀଘ୍ର ପ୍ରାଣ ହରାଇବେ। ତାଙ୍କ ମୃତ୍ୟୁ ସହ ସବୁକିଛି ଶେଷ ହୋଇଯିବ। ଜେଲେନ୍‌ସ୍କି ଯୁଦ୍ଧରେ ଆମେରିକୀୟ ସହାୟତା ପାଇଁ କୃତଜ୍ଞତା ଜଣାଇଛନ୍ତି। ଅଦ୍ୟାବଧି ରୁଷିଆ ୟୁକ୍ରେନ୍‌ର ୧୧୩,୦୦ ବର୍ଗ କିମି. (ଭୂଖଣ୍ଡର ୨୦%) ଅଞ୍ଚଳ ଦଖଲ କରିସାରିଥିବାବେଳେ ୧,୦୦୦ କି.ମି. ସୀମାରେ ଯୁଦ୍ଧ ଜାରି ରହିଛି। ଯୁଦ୍ଧକୁ ୧,୧୨୭ ଦିନ ବିତିଥିବାବେଳେ ଅସ୍ତ୍ରବିରତି ପାଇଁ ସହମତି ସତ୍ତ୍ୱେ ରୁଷୀୟ ସୈନ୍ୟ ୟୁକ୍ରେନ୍‌ର ଶକ୍ତି ପ୍ରକଳ୍ପଗୁଡ଼ିକୁ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ କରୁଛନ୍ତି। କିଭ୍ ଏହାର ଜବାବ ଦେବାକୁ ଯାଇ ରୁଷୀୟ ତୈଳ ଓ ବାଷ୍ପ ସମ୍ପଦଗୁଡ଼ିକୁ ଟାର୍ଗେଟ କରୁଛି। ଏଭଳି ସମୟରେ ପୁଟିନ୍‌ଙ୍କ ଖରାପ ସ୍ୱାସ୍ଥ୍ୟକୁ ନେଇ ଚାଲିଥିବା ଚର୍ଚ୍ଚାକୁ ଇନ୍ଧନ ଯୋଗାଇଛି ଜେଲେନ୍‌ସ୍କିଙ୍କ ସଦ୍ୟ ମନ୍ତବ୍ୟ।



ଭ୍ଲାଡିମିର ପୁଟିନ୍ | ଭୋଲୋଡିମିର ଜେଲେନ୍‌ସ୍କି

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ, ୫ ପୋଲିସ ଆହତ

**ଜମ୍ମୁ, ୨୭।୩**

ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଗୁରୁବାର ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ୨ ଆତଙ୍କବାଦୀ ନିହତ ହୋଇଥିବାବେଳେ ୫ ଯବାନ ଆହତ ହୋଇଛନ୍ତି। ଆତଙ୍କବାଦ ବିରୋଧୀ ଅଭିଯାନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଥିବାବେଳେ କଠୁଆ ଜିଲାର ଜୁଥାନାରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ୫ ଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ସୁରକ୍ଷା ବଳ ଗୋଇନ୍ଦା ସୂତ୍ରରୁ ଖବର ମିଳିଥିଲା। ଜାଖୋଲ ଗ୍ରାମ ନିକଟରେ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ସମସ୍ତ ଆହତ ପୋଲିସ କର୍ମଚାରୀ ଜମ୍ମୁ-କଶ୍ମୀର ପୋଲିସର ସ୍ପେଶାଲ ଅପରେଶନ ଗ୍ରୁପ୍(ଏସ୍‌ଓଜି)ର ହୋଇଥିବାବେଳେ ସେମାନଙ୍କୁ ଆହତ ଅବସ୍ଥାରେ କଠୁଆସ୍ଥିତ ଗଭର୍ନମେଣ୍ଟ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆପ୍ରବାସନ ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ, ୨୭।୩**

ଲୋକ ସଭାରେ ଗୁରୁବାର ଆପ୍ରବାସନ ଏବଂ ବିଦେଶୀ ବିଲ୍, ୨୦୨୫ ଗୃହୀତ ହୋଇଛି। ଦେଶର ସୁରକ୍ଷା, ଅର୍ଥନୀତି ଏବଂ ସ୍ୱାସ୍ଥ୍ୟ ସେକ୍ଟରଗୁଡ଼ିକର ସୁରକ୍ଷା ଏହି ବିଲ୍‌ର ଲକ୍ଷ୍ୟ ବୋଲି ବିଲ୍ ଆଲୋଚନାରେ ଭାଗନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଯେଉଁମାନେ ପର୍ଯ୍ୟଟକ ଭାବେ କିମ୍ବା ଶିକ୍ଷାଗ୍ରହଣ, ସ୍ୱାସ୍ଥ୍ୟସେବା ଏବଂ ବ୍ୟବସାୟ ପାଇଁ ଭାରତ ଆସିବାକୁ ଚାହୁଁଛନ୍ତି, ସେମାନଙ୍କୁ ସ୍ୱାଗତ କରିବାକୁ କେନ୍ଦ୍ର ସରକାର ପ୍ରସ୍ତୁତ। ଭାରତ ଏକ 'ଧର୍ମଶାଳା' ନୁହେଁ। ତେଣୁ ଦୁର୍ଭାବନାପୂର୍ଣ୍ଣ ଉଦ୍ଦେଶ୍ୟ ରଖି ଆସୁଥିବା ଲୋକମାନଙ୍କୁ ପ୍ରବେଶ ଅନୁମତି ଦିଆଯିବ ନାହିଁ। ଦେଶରେ ଅଶାନ୍ତ ବାତାବରଣ ସୃଷ୍ଟି କରୁଥିବା ଅନୁପ୍ରବେଶକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

## ଭାରତ ଆସିବେ ରୁଷିଆ ରାଷ୍ଟ୍ରପତି

**ମସ୍କୋ, ୨୭।୩**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣକୁ ଗ୍ରହଣ କରିଛନ୍ତି। ସେ ଶୀଘ୍ର ଭାରତ ଗସ୍ତରେ ଯିବେ। ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି ବୋଲି ଗୁରୁବାର ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ସୂଚନା ଦେଇଛନ୍ତି। ଭାରତ ଓ ରୁଷିଆ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂଆ ଉଚ୍ଚତାକୁ ନେବା ପାଇଁ ଉଦ୍ୟମ ଚଳାଇଥିବାବେଳେ ପୁଟିନ୍‌ଙ୍କ ପ୍ରସ୍ତାବିତ ଭାରତ ଗସ୍ତ ଏଥିରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି।

ରୁଷିଆନ୍ ଇଣ୍ଟରନ୍ୟାଶନାଲ ଆଫେୟାର୍ସ କାଉନ୍‌ସିଲ (ଆର୍‌ଆଇଏସି) ପକ୍ଷରୁ ଆୟୋଜିତ 'ରୁଷିଆ ଆଣ୍ଡ୍ ଇଣ୍ଡିଆ: ଟୁୱାର୍ଡ ଏ ନ୍ୟୁ ବାଇଲେଟରାଲ ଏଜେଣ୍ଡା' ଶୀର୍ଷକ ଏକ ସମ୍ମିଳନୀକୁ ଅନ୍‌ଲାଇନ୍‌ରେ ସମ୍ବୋଧିତ କରି ଲାଭ୍ରୋଭ୍ କହିଛନ୍ତି, ଭାରତ ସରକାର ମୁଖ୍ୟଙ୍କ ନିମନ୍ତ୍ରଣକୁ ରାଷ୍ଟ୍ରପତି ପୁଟିନ୍ ଗ୍ରହଣ କରିଛନ୍ତି। ବର୍ତ୍ତମାନ ପୁଟିନ୍‌ଙ୍କ ଭାରତ ଗସ୍ତ ନେଇ ପ୍ରସ୍ତୁତି ଚାଲିଛି। ମୋଦି ପ୍ରଧାନମନ୍ତ୍ରୀ ଭାବେ ପୁନଃ ନିର୍ବାଚିତ ହେବା ପରେ ୨୦୨୪ ଜୁଲାଇରେ ରୁଷିଆକୁ ପ୍ରଥମ ବିଦେଶ ଗସ୍ତ କରିଥିଲେ। ସେତେବେଳେ ସେ ପୁଟିନ୍‌ଙ୍କୁ ନିମନ୍ତ୍ରଣ କରିଥିଲେ। ଏବେ ଆମ ପାଳି। ତେବେ ନିର୍ଦ୍ଦିଷ୍ଟ ଭାବେ କେତେ ତାରିଖରେ ପୁଟିନ୍ ଭାରତ ଆସିବେ ସେନେଇ ଲାଭ୍ରୋଭ୍ କିଛି ସ୍ପଷ୍ଟ କରିନାହାନ୍ତି। ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଏହା ପୁଟିନ୍‌ଙ୍କ ପ୍ରଥମ ଭାରତ ଗସ୍ତ ହେବାକୁ ଯାଉଛି। ଏହି ଅବସରରେ ରାଷ୍ଟ୍ରପତି ପୁଟିନ୍‌ଙ୍କ ୨୦୩୦ ପାଇଁ ନୂଆ ଅର୍ଥନୈତିକ ରୋଡ୍‌ମ୍ୟାପ୍ ଆଗକୁ ବଢ଼ିବା ଆଶା କରାଯାଉଛି। ଭାରତ ଓ ରୁଷିଆ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାରକୁ ଦ୍ୱିଗୁଣିତ କରି ବାର୍ଷିକ ୧୦୦ ବିଲିୟନ୍ ଡଲାରରୁ ଊର୍ଦ୍ଧ୍ୱକୁ ନେବା ପାଇଁ ସହମତି ପ୍ରକାଶ କରିଛନ୍ତି।

## ୨,୦୦୦ ଭାରତୀୟଙ୍କ ଭିଜା ଆବେଦନ ଖାରଜ କଲା ଆମେରିକା

**ନୂଆଦିଲ୍ଲୀ, ୨୭।୩**

ଭାରତରେ ଥିବା ଆମେରିକା ଦୂତାବାସ ଜାଲିଆତି ଦର୍ଶାଇ ୨,୦୦୦ରୁ ଊର୍ଦ୍ଧ୍ୱ ଭିଜା ଆବେଦନକୁ ଖାରଜ କରିଦେଇଛି। ଭିଜା ଆବେଦନ ବ୍ୟବସ୍ଥାରେ ଉଲ୍ଲଂଘନ ହୋଇଥିବା ଦୂତାବାସ ଜାଣିବାକୁ ପାଇଥିଲା। ଆମ ନିର୍ଦ୍ଧାରିତ ନୀତି ଉଲ୍ଲଂଘନକାରୀ ଏଜେଣ୍ଟ ଏବଂ ଫିକ୍ସରମାନଙ୍କୁ ଆଦୌ ବରଦାସ୍ତ କରାଯିବ ନାହିଁ। ସେଥିପାଇଁ ସେମାନଙ୍କ ଆପଏଣ୍ଟମେଣ୍ଟକୁ ବାତିଲ କରାଯିବା ସହ ସମ୍ପୃକ୍ତ ଆକାଉଣ୍ଟଗୁଡ଼ିକୁ ସ୍ଥଗିତ କରାଗଲା ବୋଲି ଦୂତାବାସ ଏକ୍ସ ପ୍ଲାଟ୍‌ଫର୍ମରେ ଲେଖିଛି। ବ୍ୟବସାୟ ଏବଂ ପର୍ଯ୍ୟଟନ ଉଦ୍ଦେଶ୍ୟରେ ବି୧ ଏବଂ ବି୨ ଭିଜାଗୁଡ଼ିକ କିଛିବର୍ଷ ହେଲା ପର୍ଯ୍ୟାପ୍ତ ପରିମାଣରେ ଅଟକି ରହୁଛି। ୨୦୨୨-୨୩ରେ ଏଥିପାଇଁ ୮୦୦ରୁ ୧,୦୦୦ ଦିନ ଅପେକ୍ଷା କରିବାକୁ ପଡ଼ିଥିଲା। ୨୦୨୨ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ଆମେରିକା ପ୍ରତିପକ୍ଷ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ନିକଟରେ ଭିଜା ବିଳମ୍ବ ପ୍ରସଙ୍ଗ ଉଠାଇଥିଲେ। କୋଭିଡ୍ ମହାମାରୀ ପାଇଁ ଭିଜା ମଞ୍ଜୁରୀରେ ବିଳମ୍ବ ଘଟୁଥିବା ବ୍ଲିଙ୍କେନ୍ ଜଣାଇଥିଲେ। ଗତ ଜାନୁଆରୀରେ ମଧ୍ୟ ଜୟଶଙ୍କର ଟ୍ରମ୍ପ୍ ପ୍ରଶାସନ ନିକଟରେ ଏହି ପ୍ରସଙ୍ଗ ଉଠାଇଥିଲେ। ଯଦି ଭିଜା ମଞ୍ଜୁରୀ ପାଇଁ ୪୦୦ରୁ ଊର୍ଦ୍ଧ୍ୱ ଦିନ ଲାଗେ, ତେବେ ସମ୍ପର୍କ ଭଲ ଥିବା ମୁଁ ଭାବୁ ନାହିଁ ବୋଲି ସେ କହିଥିଲେ।

## ପର୍ଯ୍ୟଟକ ବୁଡ଼ାଜାହାଜ ବୁଡ଼ି ୬ ମୃତ

**ନୂଆଦିଲ୍ଲୀ, ୨୭।୩**

ଲୋହିତ ସାଗରର ଇଜିପ୍ଟ ଉପକୂଳରେ ୪୪ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ପର୍ଯ୍ୟଟକ ବୁଡ଼ାଜାହାଜ ଗୁରୁବାର ସକାଳେ ବୁଡ଼ିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୯ ଜଣ ଆହତ ହୋଇଛନ୍ତି। ୨୯ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସିନ୍ଦବାଦ ନାମକ ବୁଡ଼ାଜାହାଜଟି ପୋତାଶ୍ରୟ ନିକଟରେ ବୁଡ଼ିଯାଇଥିଲା। ବିଭିନ୍ନ ଦେଶର ଏହି ପର୍ଯ୍ୟଟକମାନେ ଇଜିପ୍ଟର ପ୍ରବାଳ ପ୍ରାଚୀର ଓ ଉଷ୍ଣମଣ୍ଡଳୀୟ ମାଛ ଦେଖିବା ପାଇଁ ଯାଇଥିଲେ। ବୁଡ଼ାଜାହାଜଟି ୭୨ ଫୁଟ୍ ତଳେ ଯାଉଥିବାବେଳେ ବୁଡ଼ିଯାଇଥିଲା। ବୁଡ଼ିଯିବାର କାରଣ ଜଣାପଡ଼ିନାହିଁ।

## ସମ୍ବଲ ହିଂସା: ଜାଫର ଅଲିଙ୍କୁ ଜାମିନ ମିଳିଲାନି

**ନୂଆଦିଲ୍ଲୀ, ୨୭।୩**

ସମ୍ବଲ ହିଂସା ମାମଲାରେ ଗିରଫ ଶାହି ଜାମା ମସ୍‌ଜିଦର ଅଧ୍ୟକ୍ଷ ଜାଫର ଅଲିଙ୍କ ଅନ୍ତରୀଣ ଜାମିନ ଆବେଦନ ଖାରଜ ହୋଇଯାଇଛି। ଏପ୍ରିଲ ୨ରେ ତାଙ୍କ ନିୟମିତ ଜାମିନର ଶୁଣାଣି ହେବ। ଗତବର୍ଷ ନଭେମ୍ବର ୨୪ରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲରେ ମୋଗଲ ଶାସନ ଅମଳର ମସ୍‌ଜିଦରେ ସର୍ଭେ ବେଳେ ହିଂସାକାଣ୍ଡ ଘଟି ୫ ଜଣଙ୍କ ମୃତ୍ୟୁ ଘଟିବା ସହ ପୋଲିସ ସମେତ ଅନେକେ ଆହତ ହୋଇଥିଲେ। ଏହି ମାମଲାରେ ଗତ ୨୩ ତାରିଖରେ ଜାଫରଙ୍କୁ ଗିରଫ କରାଯାଇଥିଲା।



ନର୍ଦର୍ନ ଲାଇଟ୍ସ ପ୍ରଭାବରେ ବ୍ରିଟେନ, କାନାଡ଼ା ଓ ଫିନ୍‌ଲାଣ୍ଡ ସମେତ ଅନେକ ପାଶ୍ଚାତ୍ୟ ରାଷ୍ଟ୍ରରେ ରାତିର ଆକାଶ ରଙ୍ଗୀନ ହୋଇଯାଇଛି। ଫିନ୍‌ଲାଣ୍ଡର ରାପ୍‌ଲାଣ୍ଡସ୍ଥିତ ରୋଭାନଲେମିରେ ମାର୍ଚ୍ଚ ୨୬ ରାତିର ଦୃଶ୍ୟ। (ଫଟୋ ସୌଜନ୍ୟ: ରଏଟର୍ସ)

## ଅରୁଣାଚଳ ପ୍ରଦେଶରେ ସେନାର ସମରାଭ୍ୟାସ

**ନୂଆଦିଲ୍ଲୀ, ୨୭।୩**

ଭାରତୀୟ ସେନାର କୋଲକାତାସ୍ଥିତ ଇଷ୍ଟର୍ନ କମାଣ୍ଡ ପକ୍ଷରୁ ଅରୁଣାଚଳପ୍ରଦେଶର ଉଚ୍ଚ ପାର୍ବତ୍ୟାଞ୍ଚଳରେ ତିନିଦିନିଆ ମିଳିତ ସମରାଭ୍ୟାସ ୨୫ ତାରିଖରୁ ଜାରି ରହିଛି। ଭବିଷ୍ୟତର ଯୁଦ୍ଧ ପାଇଁ ପ୍ରସ୍ତୁତି ନିମନ୍ତେ 'ପ୍ରଚଣ୍ଡ ପ୍ରହାର' ନାମରେ ଏହି ଯୁଦ୍ଧାଭ୍ୟାସରେ ସ୍ଥଳସେନା, ବାୟୁସେନା ଏବଂ ଭାରତୀୟ ସଶସ୍ତ୍ର ବଳ ସାମିଲ ହୋଇଛି। ଏଥିରେ ସମନ୍ୱିତ ଅତ୍ୟାଧୁନିକ ସର୍ଭିଲେନ୍ସ ଉପକରଣ, ଆକ୍ରମଣ ସାମର୍ଥ୍ୟ ଆଦି ପ୍ରଦର୍ଶିତ ହୋଇଛି।

# ଭ୍ରୂଣର ଗୁଣସୂତ୍ର ସଂଶୋଧନ: ପୁଣି ଚର୍ଚ୍ଚାରେ ଚାଇନା ବୈଜ୍ଞାନିକ

**ବେଜିଂ, ୨୭।୩**

ଭ୍ରୂଣର ଗୁଣସୂତ୍ରରେ ପରିବର୍ତ୍ତନ ଆଣି ଶିଶୁ ବିକଶିତ କରିଥିବା ଚାଇନାର ବିବାଦୀୟ ବୈଜ୍ଞାନିକ ହେ ଜିଆନ୍‌କୁଇ ମଣିଷର ଭ୍ରୂଣ ଜିନୋମ୍ ଏଡିଟ୍ ଉପରେ ପୁଣି ଗବେଷଣା ଆରମ୍ଭ କରିଛନ୍ତି। ଭ୍ରୂଣର ଡିଏନ୍‌ଏକୁ ଏଡିଟ୍ କରି ୨ଟି ଶିଶୁଙ୍କୁ ଜନ୍ମ କରାଇଥିବା ଏହି ବୈଜ୍ଞାନିକଙ୍କୁ ତାଙ୍କ ଉଦ୍‌ଭାବନ ପାଇଁ ଜେଲ ଦଣ୍ଡ ମିଳିଥିଲା। ୨୦୨୨ରେ ସେ ଜେଲରୁ ମୁକୁଳିବା ପରେ ଏବେ ନୂଆ ଗବେଷଣାରେ ନିୟୋଜିତ ହୋଇଥିବା ହେ କହିଛନ୍ତି। ଏହା ଅଲ୍‌ଜାଇମର ଏବଂ ଡୁଚେନ୍ନେ ମାଂସପେଶୀୟ ଦୁର୍ବଳତା ଭଳି ଆନୁବଂଶୀୟ ରୋଗର ଚିକିତ୍ସାରେ ସହାୟକ ହେବ ବୋଲି ସେ ଦାବି କରିଛନ୍ତି। ତେବେ ଚଳିତ ଗବେଷଣାମୂଳକ କାର୍ଯ୍ୟରେ ମଣିଷର ପରିତ୍ୟକ୍ତ ଭ୍ରୂଣକୁ ବ୍ୟବହାର କରାଯାଇଛି। ଏହା ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ନିୟାମକ ଅନୁକୂଳ ହୋଇଥିବାରୁ ସମ୍ପୂର୍ଣ୍ଣ ଭାବେ ନୈତିକତା ଆଧାରିତ ବୋଲି ବୈଜ୍ଞାନିକ ସୂଚନା ଦେଇଛନ୍ତି।

**ଅଲ୍‌ଜାଇମର ଚିକିତ୍ସାରେ ସହାୟକ ହେବ ନୂଆ ଗବେଷଣା: ହେ ଜିଆନ୍‌କୁଇ**





୨୦୧୮ରେ ହେ ୨ ଜାଆଁଳା ଝିଅ ଲୁଲୁ ଓ ନାନାଙ୍କୁ ଜନ୍ମ କରାଇଥିବା ସମ୍ପର୍କରେ ଘୋଷଣା କରିଥିଲେ। ଜନ୍ମ ପୂର୍ବରୁ ଦୁହିଁଙ୍କୁ ଏଚ୍‌ଆଇଭି ସଂକ୍ରମଣରୁ ମୁକ୍ତକରି ରଖିବା ଉଦ୍ଦେଶ୍ୟରେ ସେ ସି ଆ ର୍ ଆ ଇ ଏ ସ୍ ପି ଆ ର୍ - କା ସ୍ ୯ ଟେକ୍‌ନିକ୍‌ର ପ୍ରୟୋଗ କରି ଏହି ୨ ଶିଶୁକନ୍ୟାଙ୍କ ଡିଏନ୍‌ଏକୁ ଏଡିଟ୍ କରିଥିବା ଦାବି କରିଥିଲେ। ତାଙ୍କ ଏହି କାର୍ଯ୍ୟକୁ ବୈଜ୍ଞାନିକ ସମୁଦାୟ ଅନୈତିକ କହି ସମାଲୋଚନା କରିଥିଲେ। ହେ ଡାକ୍ତରୀ ନିୟମର ଉଲ୍ଲଂଘନ କରିଥିବା ଦର୍ଶାଇ ଚାଇନାର ଏକ କୋର୍ଟ ତାଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହି ବିବାଦ ସତ୍ତ୍ୱେ ହେ ଯୁକ୍ତି ବାଢ଼ିଥିଲେ, ୨ ଝିଅ ସମ୍ପୂର୍ଣ୍ଣ ଭାବେ ସୁସ୍ଥ। ନିଜ କୃତିତ୍ୱ ପାଇଁ ସେ ଗର୍ବିତ ବୋଲି କହିଥିଲେ। ଜେଲରୁ ମୁକ୍ତ ହେବା ପରେ ହେ ପୁଣି ନୂଆ ଗବେଷଣାକୁ ଫେରିବା ଏବେ ମାନବ ଗୁଣସୂତ୍ରରେ ସଂଶୋଧନର ନୈତିକତା ଉପରେ ନୂଆ ବିତର୍କ ସୃଷ୍ଟି କରିଛି। ହେ କହିଛନ୍ତି, ସମାଜ ପରିଶେଷରେ ଆନୁବଂଶୀୟ ରୋଗଗୁଡ଼ିକର ଚିକିତ୍ସା କ୍ଷେତ୍ରରେ ଭ୍ରୂଣ ସଂଶୋଧନର ମହତ୍ତ୍ୱକୁ ହୃଦୟଙ୍ଗମ କରିବ। ତେବେ ଡିଏନ୍‌ଏରେ ଏଭଳି ହସ୍ତକ୍ଷେପର ପରିଣାମକୁ ନେଇ ବିଶ୍ୱର ଅନେକ ବିଶେଷଜ୍ଞ ପ୍ରଶ୍ନ ଉଠାଇପାରନ୍ତି ବୋଲି ମନେକରାଯାଉଛି।

ଇତିମଧ୍ୟରେ ବେଜିଂରେ ନିଜ ଆବଦ୍ଧ ବାସଭବନରେ ରହୁଥିବା ହେ'ଙ୍କ ପାସ୍‌ପୋର୍ଟ ରିନ୍ୟୁ କରିବାକୁ ଚାଇନାର କମ୍ୟୁନିଷ୍ଟ ସରକାର ମନା କରିଦେଇଛନ୍ତି। ତାଙ୍କ ବିଦେଶ ଯାତ୍ରା ଉପରେ କଟକଣା ଲଗାଯାଇଛି। ଏହା ସତ୍ତ୍ୱେ ହେ ନିଜ ଅଲ୍‌ଜାଇମର ପ୍ରୋଜେକ୍ଟ ସକାଶେ ମୂଷା ଓ ମାଙ୍କଡ଼ ଉପରେ ଗବେଷଣା ପାଇଁ ଦୁଇଜଣ ସହଯୋଗୀଙ୍କୁ ଆମେରିକାକୁ ପଠାଇବା ନେଇ ଆଶାବାଦୀ ଥିବା କହିଛନ୍ତି। ଏହା ପରେ ସେ ମଣିଷ ଉପରେ ଏହି ପ୍ରୟୋଗ କରିବେ। ଉକ୍ତ ଟ୍ରାଏଲ୍ ଦକ୍ଷିଣ ଆଫ୍ରିକାରେ କରାଯାଇପାରିବ ବୋଲି ହେ ମନେକରୁଥିବା କହିଛନ୍ତି।

## ୱାକ୍‌ଫ ସଂଶୋଧନ ବିଲ୍ ପ୍ରତ୍ୟାହାର କରାଯାଉ

**ଚେନ୍ନାଇ, ୨୭।୩**

**ତାମିଲନାଡୁ ବିଧାନସଭାରେ ସଂକଳ୍ପ ଗୃହୀତ**

ୱାକ୍‌ଫ ସଂଶୋଧନ ବିଲ୍-୨୦୨୪ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟଙ୍କୁ ଗମ୍ଭୀର ଭାବେ ପ୍ରଭାବିତ କରିବାକୁ ଥିବାରୁ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେବା ପାଇଁ କେନ୍ଦ୍ର ସରକାରଙ୍କୁ ନିବେଦନ କରି ତାମିଲନାଡୁ ବିଧାନସଭାରେ ଗୁରୁବାର ଏକ ସଂକଳ୍ପ ଗୃହୀତ ହୋଇଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହି ସଂକଳ୍ପ ଆଣିଥିଲେ। ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ସମେତ ସମସ୍ତ ରାଜନୈତିକ ଦଳ ଉକ୍ତ ସଂକଳ୍ପକୁ ସମର୍ଥନ ଜଣାଇଥିବାବେଳେ ଭାଜପା ବିଧାୟକ ବନଥି ଶ୍ରୀନିବାସନଙ୍କ ନେତୃତ୍ୱରେ ଦଳୀୟ ବିଧାୟକମାନେ ଅସହମତ ପ୍ରକାଶ କରିବା ସହ ପ୍ରସ୍ତାବ ଉପରେ ଭୋଟଗ୍ରହଣ ପୂର୍ବରୁ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

ଭାରତରେ ସବୁ ଧର୍ମର ଲୋକେ ସଦ୍‌ଭାବର ସହିତ ସହାବସ୍ଥାନ କରୁଛନ୍ତି। ଲୋକମାନଙ୍କୁ ସେମାନଙ୍କ ଧର୍ମ ପାଳନ କରିବା ପାଇଁ ସମ୍ବିଧାନ ଅଧିକାର ଦେଇଛି। ଏହି ଅଧିକାରକୁ ସଂରକ୍ଷିତ ରଖିବା ଜନପ୍ରିୟ ସରକାରଙ୍କ କର୍ତ୍ତବ୍ୟ। ଅଥଚ କେନ୍ଦ୍ର ସରକାର ଏହା ବିରୋଧରେ ଯାଇ ୧୯୯୫ର ୱାକ୍‌ଫ ଆଇନରେ ସଂଶୋଧନ ପାଇଁ ଗତ ଅଗଷ୍ଟରେ ବିଲ୍ ଆଗତ କରିଥିଲେ। ଉକ୍ତ ବିଲ୍ ଆଇନରେ ପରିଣତ ହେଲେ ମୁସଲମାନ ସମ୍ପ୍ରଦାୟ ଗମ୍ଭୀର ଭାବେ ପ୍ରଭାବିତ ହେବେ। ସେଥିପାଇଁ ବିଲ୍‌କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ନିବେଦନ କରି ବିଧାନସଭାରେ ଏକ ସଂକଳ୍ପନାମା ଅଣାଯାଇଥିବା ଷ୍ଟାଲିନ୍ କହିଥିଲେ। ପୂର୍ବରୁ ତାମିଲନାଡୁ ସରକାର ଏବଂ ଡିଏମ୍‌କେ ଏମ୍‌ପିମାନେ ଯୁଗ୍ମ ସଂସଦୀୟ କମିଟି (ଜେପିସି)ରେ ବିଲ୍‌କୁ ଦୃଢ଼ ବିରୋଧ କରିଥିଲେ। କେବଳ ଡିଏମ୍‌କେ ନୁହେଁ ଅନେକ ପ୍ରମୁଖ ଦଳ ସଂଶୋଧନ ବିଲ୍‌କୁ ବିରୋଧ କରିବା ସତ୍ତ୍ୱେ ଏହାକୁ କମିଟି ସେମାନଙ୍କ ପ୍ରସ୍ତାବକୁ ଖାରଜ କରିଦେଇଥିଲେ।

**ଫୁର୍‌ସତ୍**

# ୨ ଦେଶକୁ ଯୋଡୁଛି ସବୁଠୁ ଛୋଟ ବ୍ରିଜ୍

**ଲିସ୍‌ବନ**

ବିଶ୍ୱରେ ଅନେକ ପ୍ରସିଦ୍ଧ ବ୍ରିଜ୍ ରହିଛି। ତେବେ ୟୁରୋପୀୟ ଦେଶ ପର୍ତ୍ତୁଗାଲର ଏରୋଁକେସ୍ ଜିଲାରେ ଥିବା ମାର୍କୋ ଇଣ୍ଟରନ୍ୟାଶ୍‌ନାଲ ବ୍ରିଜ୍ ହେଉଛି ବିଶ୍ୱର ସବୁଠାରୁ ଛୋଟ ଅନ୍ତର୍ଜାତୀୟ ବ୍ରିଜ୍ । ଏହି ଅନନ୍ୟ ବ୍ରିଜ୍ ସ୍ପେନ୍ ଏବଂ ପର୍ତ୍ତୁଗାଲର ଦୁଇଟି ଗାଁକୁ ସଂଯୋଗ କରୁଛି। ମାର୍କୋ ଇଣ୍ଟରନ୍ୟାଶ୍‌ନାଲ ବ୍ରିଜ୍ ପର୍ତ୍ତୁଗାଲର ମାର୍କୋ ଗ୍ରାମ ଏବଂ ସ୍ପେନ୍‌ର ଏଲ୍ ମାର୍କୋ ଗ୍ରାମକୁ ସଂଯୋଗ କରୁଛି। ଉକ୍ତ ବ୍ରିଜ୍‌ର ଲମ୍ବ ମାତ୍ର ୬ ମିଟର (୧୯ ଫୁଟ) ହୋଇଥିବା ବେଳେ ଏହାର ଚଉଡ଼ା ମାତ୍ର ୧.୪୫ ମିଟର ରହିଛି।

ଏହି ସେତୁ ନିର୍ମାଣର କାହାଣୀ ମଧ୍ୟ ଖୁବ୍ ଆକର୍ଷଣୀୟ। କୁହାଯାଏ ଅନେକ ଶହ ବର୍ଷ ତଳେ ସ୍ଥାନୀୟ ଚୋରା ଚାଲାଣକାରୀଙ୍କ ଦ୍ୱାରା ଏହି ବ୍ରିଜ୍‌କୁ ପ୍ରସ୍ତୁତ କରାଯାଇଥିଲା। ଫଳରେ ଏହି ବ୍ରିଜ୍ ଦେଇ ଚୋରା ଚାଲାଣକାରୀମାନେ ଅତି ସହଜରେ ବେଆଇନ ବାଣିଜ୍ୟିକ କାରବାର କରିପାରୁଥିଲେ। ତେବେ 'ସେନ୍‌ଗେନ୍ ଏଗ୍ରୀମେଣ୍ଟ, ୧୯୯୬' ପରେ ଏହି ବ୍ରିଜ୍ ଦେଇ ହେଉଥିବା ଅବୈଧ ବାଣିଜ୍ୟିକ କାରବାର ବନ୍ଦ ହୋଇଥିଲା। ଉକ୍ତ ଏଗ୍ରୀମେଣ୍ଟ ଫଳରେ ଉଭୟ ସ୍ପେନ୍ ଓ ପର୍ତ୍ତୁଗାଲର ଲୋକେ ବିନା ପାସ୍‌ପୋର୍ଟରେ ମାର୍କୋ ଇଣ୍ଟରନ୍ୟାଶ୍‌ନାଲ ବ୍ରିଜ୍ ଦେଇ ସହଜରେ ଯିବାଆସିବା କରିବାକୁ ସକ୍ଷମ ହୋଇଥିଲେ। ତେବେ ଏହି ସେତୁ କେବେ ନିର୍ମାଣ ହୋଇଛି, ସେନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଉପଲବ୍ଧ ନାହିଁ।

ଏହି ଛୋଟ ବ୍ରିଜ୍ କାଠ ଏବଂ ପଥରରେ ନିର୍ମିତ, ଯାହା ଏହାକୁ ଏକ ଐତିହାସିକ ରୂପ ପ୍ରଦାନ କରୁଛି। ପ୍ରାରମ୍ଭରେ ଏହି ବ୍ରିଜ୍‌ଟି ଗଛର କାଠରୁ ନିର୍ମିତ ହୋଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ଶକ୍ତିଶାଳୀ କରିବା ପାଇଁ ଏଥିରେ ପଥର ବ୍ୟବହାର କରାଯାଇଥିଲା। ୨୦୦୮ରେ କମ୍ୟୁନିଟି ଫଣ୍ଡର ସହାୟତାରେ ଏରୋଁକେସ୍‌ର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ବ୍ରିଜ୍‌ର ପୁନଃ ନିର୍ମାଣ କରାଯାଇଥିଲା। ଆଜି ମଧ୍ୟ ଏହି ବ୍ରିଜ୍ ନିଜର ଅନନ୍ୟ ଇତିହାସ ଏବଂ ଗଠନ ଦ୍ୱାରା ବିଶ୍ୱର କୋଣ ଅନୁକୋଣରୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି।



## 'ଭାରତ ଇତିହାସକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଚାହୁଁଛି'

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ସାରା ଅଲୀ ଖାନ୍ ବୁଧବାର ଏକ ଜାତୀୟ ଗଣମାଧ୍ୟମ ଦ୍ୱାରା ଆୟୋଜିତ 'ଯୁବା-ୟୁଥ୍ ଫର ଚେଞ୍ଜ' କନ୍‌କ୍ଲେଭରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ତାଙ୍କ ଫିଲ୍ମ କ୍ୟାରିୟରକୁ ନେଇ ଅନେକ ପ୍ରଶ୍ନର ଉତ୍ତର ରଖିଛନ୍ତି। ଆଗାମୀ ଦିନରେ ଫିଲ୍ମ ନିର୍ମାଣ କରିବାକୁ ଇଚ୍ଛୁକ ଅଛନ୍ତି କି ବୋଲି ଏହି କାର୍ଯ୍ୟକ୍ରମରେ ସାରାଙ୍କୁ ପଚରା ଯାଇଥିଲା। ଉତ୍ତରରେ ସେ କହିଛନ୍ତି, ଜଣେ ଅଭିନେତ୍ରୀ ଭାବେ ତାଙ୍କୁ ଅନେକ କିଛି ଶିଖିବାକୁ ମିଳିଛି। ଯଦି ଆଗକୁ ସୁଯୋଗ ମିଳେ, ତେବେ ସେ ନିଶ୍ଚିତ ଭାବେ ଫିଲ୍ମ ନିର୍ମାଣ କରିବାକୁ ଚାହିଁବେ। ତେବେ କେଉଁ ବିଷୟବସ୍ତୁକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପସନ୍ଦ କରିବେ ବୋଲି ପଚରାଯିବାରୁ ସାରା କହିଛନ୍ତି, ଭାରତରେ ଅନେକ ସଭ୍ୟତା ଏବଂ ଇତିହାସ ରହିଛି, ଯାହାକୁ ନେଇ ଆଜି ବି ଅନେକ ଲୋକଙ୍କ ନିକଟରେ ବିଶେଷ ତଥ୍ୟ ନାହିଁ। ତେଣୁ ଦେଶର ଇତିହାସ ଏବଂ ପୁରାତନ ସଭ୍ୟତାକୁ ନେଇ ଫିଲ୍ମ କରିବାକୁ ସେ ପସନ୍ଦ କରିବେ ବୋଲି ସାରା କହିଛନ୍ତି। ଅଭିନୟରେ କେଉଁ ଚରିତ୍ର ତାଙ୍କୁ ବେଶି ପସନ୍ଦ ବୋଲି ପଚରାଯିବାରୁ ସେ କହିଛନ୍ତି, ଜଣେ କଳାକାରଙ୍କୁ ସବୁ ପ୍ରକାରର ଚରିତ୍ରରେ ଖାପ ଖୁଆଇବାକୁ ପଡ଼ିଥାଏ। କେବଳ ଗୋଟିଏ ପ୍ରକାର ଚରିତ୍ରରେ ବାରମ୍ବାର ଅଭିନୟ କରିବା ଦ୍ୱାରା ଅଭିନୟର ଦକ୍ଷତା ସଙ୍କୁଚିତ ହୋଇଥାଏ ବୋଲି ସାରା କହିଛନ୍ତି।



ସାରା ଅଲୀ ଖାନ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କିଟ୍‌ରୁ ପ୍ରତିନିଧିତ୍ୱ କରିବେ ଅଦିତି ଜୟସ୍ୱାଲ



ଅଦିତି ଜୟସ୍ୱାଲ (ମଝି)।

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

**ଭୁବନେଶ୍ୱର, ୨୭।୩ (ତପନ ସ୍ୱାଇଁ)**

ଜର୍ମାନୀର ରିନେ-ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଆସନ୍ତା ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭାରତୀୟ ଆର୍ଚେରୀ (ମହିଳା ଓ ପୁରୁଷ) ଦଳର ଚୟନ ଟ୍ରାଏଲ୍ସ ଗୁରୁବାର ଶେଷ ହୋଇଛି। ଭାରତର ୧୦୦ରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୩୦୦ରୁ ଉର୍ଦ୍ଧ୍ୱ ଆର୍ଚର ଏଥିରେ ଅଂଶଗ୍ରହଣ କରିଥିଲେ। ଟ୍ରାଏଲ୍ସରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍‌ରେ ଅଧ୍ୟୟନରତ ଅଦିତି ଜୟସ୍ୱାଲ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେ ୱାର୍ଲ୍ଡ ଗେମ୍ସରେ କିଟ୍ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ରାହୁଲ ବାନାର୍ଜୀ, ଏସିଆଡ୍ ଆର୍ଚର ତଥା କୋଚ୍ ରାଜେଶ ହାଁସଦା, ଜାତୀୟ ଆର୍ଚେରୀ କୋଚ୍ ସୁରିନ୍ଦର ସିଂ ରାନ୍ଧୱା, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଜଣେ ପ୍ରତିନିଧି ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଚୟନ ପ୍ୟାନେଲର ସଦସ୍ୟ ଥିଲେ। ଭାରତୀୟ ଦଳରେ ମନୋନୀତ ହୋଇଥିବାରୁ ଅଦିତି ସ୍ୱାଭାବିକ ଭାବେ ଖୁସି ଜାହିର କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଇଣ୍ଡିଆନ ୟୁନିଭର୍ସିଟି ଆର୍ଚେରୀ ଦଳର କୋଚିଂ କ୍ୟାମ୍ପ ଜୁନ୍ ୨୦ରୁ ଆରମ୍ଭ ହେବ। ଜୁଲାଇ ୧୨ରେ ଭାରତୀୟ ଦଳ ଜର୍ମାନୀ ଅଭିମୁଖେ ଯାତ୍ରା କରିବ।

## ରଷିଆନ ରେସଲର ବାବୋରିକୋ ୨ ବର୍ଷ ବାସନ୍ଦ

**ଲୌସାନେ, ୨୭।୩ (ଏପି):** ରଷିଆନ ରେସଲର ଡିମିଟ୍ରି ବାବୋରିକୋଙ୍କୁ ଗୁରୁବାର ୨ ବର୍ଷ ଲାଗି ବାସନ୍ଦ କରାଯାଇଛି। ସେ ଶରୀରରେ ଷ୍ଟେରଏଡ୍ସର ପ୍ରଭାବକୁ ପ୍ରତିହତ କରିବା ଲାଗି ସ୍ତନ କର୍କଟ ପାଇଁ ବ୍ୟବହୃତ ହେଉଥିବା ଔଷଧ ବ୍ୟବହାର କରିଥିଲେ। ଗତ ବର୍ଷ ଅକ୍ଟୋବରରେ ଆଲବାନିଆରେ ୨୩ ବର୍ଷରୁ କମ ୱାର୍ଲ୍ଡ ଚାମ୍ପିୟନଶିପ୍ସ ବେଳେ ବାବୋରିକୋ ଡୋପ ଟେଷ୍ଟରେ ବିଫଳ ହୋଇଥିଲେ। ତାଙ୍କ ନମୁନାରେ ଟାମୋକ୍ସିଫେନ ନାମକ ନିଷିଦ୍ଧ ଔଷଧ ମିଳିଥିଲା। ତାଙ୍କୁ ବାସନ୍ଦ କରାଯାଇଥିବା ନେଇ ୟୁନାଇଟେଡ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ପକ୍ଷରୁ ଅନ୍ତର୍ଜାତୀୟ ଟେଷ୍ଟିଂ ସଂସ୍ଥା (ଆଇଟିଏ) ଘୋଷଣା କରିଛି। ବାବୋରିକୋ ଦୁଇ ବର୍ଷିଆ ବାସନ୍ଦାଦେଶ ଗ୍ରହଣ କରିବା ସହ ଗ୍ରିକୋ-ରୋମାନ ରେସଲିଂରେ ୧୩୦ କେଜି ବର୍ଗରେ ରୌପ୍ୟ ପଦକ ପରିତ୍ୟାଗ କରିଛନ୍ତି।

## ଥାଇଲାଣ୍ଡ, ମଙ୍ଗୋଲିଆ, ଇରାକ ସହିତ ଖେଳିବ ଭାରତ

**ନୂଆଦିଲ୍ଲୀ, ୨୭।୩ (ପି.ଟି.):** ଏଏଫ୍‌ସି ମହିଳା ଏସିଆନ୍ କପ୍ ଅଷ୍ଟ୍ରେଲିଆ ୨୦୨୬ କ୍ୱାଲିଫାୟର୍ସରେ ଭାରତୀୟ ମହିଳା ଦଳ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଥାଇଲାଣ୍ଡ, ମଙ୍ଗୋଲିଆ, ଇରାକ୍ ଓ ତିମୋରର ଲିଷ୍ଟ ରହିଛି। କେଉଁ ଦଳ କେଉଁ ଗ୍ରୁପ୍‌ରେ ସ୍ଥାନ ପାଇବ ସେଥିଲାଗି ଏକ ଡ୍ର ଗତକାଲି କୁଆଲାଲମ୍ପୁରସ୍ଥିତ ଏଏଫ୍‌ସି ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା। ଥାଇଲାଣ୍ଡ ଗ୍ରୁପ୍ 'ବି' ମ୍ୟାଚଗୁଡ଼ିକ ଜୁନ୍ ୨୩ରୁ ଜୁଲାଇ ୫ ପର୍ଯ୍ୟନ୍ତ ଆୟୋଜନ କରିବ। ଏହା ସିଙ୍ଗଲ ରାଉଣ୍ଡ-ରବିନ ଫର୍ମାଟରେ ଖେଳାଯିବ। ଗ୍ରୁପ୍ ବିଜେତା ଟୁର୍ନାମେଣ୍ଟ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ। ଏହା ଅଷ୍ଟ୍ରେଲିଆର ତିନୋଟି ସହରରେ ୨୦୨୬ ମାର୍ଚ୍ଚ ୧ରୁ ୨୬ ପର୍ଯ୍ୟନ୍ତ ଖେଳାଯିବ। ମାର୍ଚ୍ଚ ୬ରେ ପ୍ରକାଶିତ ଫିଫା ମହିଳା ବିଶ୍ୱ ର‍୍ୟାଙ୍କିଙ୍ଗ ସିଡିଂ ଭିତ୍ତିରେ ଦଳଗୁଡ଼ିକୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ।

# ଭୁବନେଶ୍ୱର 'ଏ', ବାଲେଶ୍ୱର, ମାଲକାନଗିରି, ଭଦ୍ରକ, ସମ୍ବଲପୁର 'ବି' ଓ କଟକ 'ବି' ବିଜୟୀ

## କଳାହାଣ୍ଡି କପ୍ କ୍ରିକେଟ

**ଭୁବନେଶ୍ୱର, ୨୭।୩ (ବିଜୟ ରଣା)**


ଅଭିନବ ନନ୍ଦ


ଅମରନାଥ ଭୋଇ


କେ.ଜି. କ୍ରିଷ୍ଣା


ନାକା ଦୀପକ ରାଜ

କଳାହାଣ୍ଡି କପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଖେଳ ବିଭିନ୍ନ ଗ୍ରାଉଣ୍ଡରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭୁବନେଶ୍ୱର 'ଏ', ବଲାଙ୍ଗୀର, ରାଉରକେଲା, ବାଲେଶ୍ୱର, ସୋନପୁର, ମାଲକାନଗିରି, ଭଦ୍ରକ, ସମ୍ବଲପୁର 'ବି' ଓ କଟକ 'ବି' ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଖୋର୍ଦ୍ଧା ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଭୁବନେଶ୍ୱର 'ଏ' ଦଳ ୬୦ରନରେ ଅନୁଗୋଳକୁ ହରାଇ ଦେଇଛି। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର 'ଏ' ରଘୁନାଥ ମଲ୍ଲ (୮୩) ଓ ସୌରଭ ଗୌଡ଼ (୬୩)ଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ବିନିମୟରେ ୨୭୧ ରନ କରିଥିଲା। ବିପକ୍ଷ ଦଳର ରାଜଦୀପ ଦାସ ୩ ଓ ସୟଦ ଏନ୍ ଅଲି ୨ ଉଇକେଟ ଅକ୍ତିଆର କରିଥିଲେ। ଅନୁଗୋଳ ୪୬.୨ ଓଭରରେ ୨୧୧ରନରେ ଅଲଆଉଟ ହୋଇଯାଇଥିଲା। ଶ୍ରେୟାଂଶ ଭରଦ୍ୱାଜ ୬୮ ରନ ଓ ମନୀଷ ୬୪ କରିଥିବାବେଳେ ବିପକ୍ଷ ଦଳର ସୁମନ ୩ ଓ ବାଦଲ ୨ ଉଇକେଟ ନେଇଥିଲେ।

ଜଟଣୀ ରେଲୱେ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବଲାଙ୍ଗୀର ୩ ରନରେ ପୁରୀକୁ ପରାସ୍ତ କରିଛି। ଏଥିରେ ବଲାଙ୍ଗୀର ୪୧.୧ ଓଭରରେ ୧୫୪ ରନ କରି ଅଲଆଉଟ ହୋଇଯାଇଥିଲା। ଗୌରବ କୁମ୍ଭାର ୬୦ରନ କରିଥିଲେ। ବିପକ୍ଷ ଦଳର ପଦ୍ମଲୋଚନ ୩ ଓ ରମନ୍ନା ରାଓ ୨ ଉଇକେଟ ନେଇଥିଲେ। ପୁରୀ ୪୬.୧ ଓଭରରେ ୧୫୧ରନ କରି ଅଲଆଉଟ ହୋଇଯାଇଥିଲା। ଆଶୁତୋଷ ମହାନ୍ତି ୩୯ରନ କରିଥିଲେ। ବିପକ୍ଷ ଦଳ ଓମ୍‌କାର ମହାନ୍ତି ୨୨ ରନ ବିନିମୟରେ ୩ ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

କଟକ ସନ୍ ସାଇନ ଗ୍ରାଉଣ୍ଡରେ ରାଉରକେଲା ୭ ଉଇକେଟରେ ଦେଓଗଡ଼କୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଦେଓଗଡ଼ ୨୯ ଓଭରରେ ମାତ୍ର ୯୨ରନ କରି ଅଲଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ଅଙ୍କିତ କୁମାର ଜୟସ୍ୱାଲ ୫ ଓ ଆକାଶ ଠାକୁର ୪ ଉଇକେଟ ନେଇଥିଲେ। ରାଉରକେଲା ୧୭.୨ ଓଭରରେ ୯୮ ରନ କରି ମ୍ୟାଚ ଜିତି ନେଇଥିଲା। ହେମନ୍ତ ନାୟକ ୫୦ରନ କରି ଅପରାଜିତ ରହିଥିଲେ।

ଏମ୍‌ଜିଏମ୍ ଗ୍ରାଉଣ୍ଡରେ ବାଲେଶ୍ୱର ୫୭ ରନରେ ବରଗଡ଼କୁ ହରାଇ ଦେଇଛି। ଏହି ମ୍ୟାଚରେ ବାଲେଶ୍ୱର ୪୨.୩ ଓଭରରେ ୧୬୫ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ସୁମନ ଓଝା ୪୧ ରନ କରିଥିଲେ। ଗୁରୁଦିପନ ୩୪ ରନ କରିଥିଲେ। ହିମାଂଶୁ ଓ ବିର୍ସା ବାଗ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବରଗଡ଼ ୪୦.୧ ଓଭରରେ ୧୦୮ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ବିର୍ସା ବାଗ୍ ୨୫ ରନ କରିଥିଲେ। ବିଜୟୀ ଦଳର ନୌତମ ଭଞ୍ଜ ୨୦ରନ ବିନିମୟରେ ୫ ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଅଡଶପୁର ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ବିପକ୍ଷରେ ସୋନପୁର ୩ଉଇକେଟରେ ବିଜୟ ଲାଭ କରିଛି। କେନ୍ଦ୍ରାପଡ଼ା ୨୫.୨ ଓଭରରେ ୯୮ରନ କରି ଅଲ୍‌ଆଉଟ ହୋଇଯାଇଥିଲା ଜବାବରେ ସୋନପୁର ୨୨.୫ ଓଭରରେ ୭ଉଇକେଟ ବିନିମୟରେ ୧୦୧ରନ କରି ମ୍ୟାଚ ଜିତି ନେଇଥିଲା। ଏଥିରେ ବିଜୟୀ ଦଳର କେ. ଜି କ୍ରିଷ୍ଣା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ୨୦ରନ କରି ଅପରାଜିତ ରହିଥିବା ବେଳେ ୧୦ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ।

ରେଲୱେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ମାଲକାନଗିରି ୩୪ ରନରେ ସମ୍ବଲପୁର 'ଏ'କୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମାଲକାନଗିରି ଦୀନେଶ ହାଲ୍‌ଦାଙ୍କ ୫୬ ରନ ସହାୟତାରେ ୩୭.୨ ଓଭରରେ ୧୫୭ ରନ କରିଥିଲା। ଜବାବରେ ସମ୍ବଲପୁର 'ଏ' ୩୨ ଓଭରରେ ୧୨୩ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ନାକା ଦୀପକ ରାଜ ୧୬ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଭଦ୍ରକ ୮ଉଇକେଟରେ କିଟ୍‌କୁ ପରାସ୍ତ କରିଛି। କିଟ୍ ଦଳ ସମସ୍ତ ଉଇକେଟ ହରାଇ ୧୦୫ରନ କରିଥିଲା। କିଷାନ ମନୋହର ମହାନ୍ତି ୧୬ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ଅଂଶୁମାନ ମହାନ୍ତି ୧୨ ରନ ଦେଇ ୩ ଉଇକେଟ ନେଇଥିଲେ। ଭଦ୍ରକ ସାହିଲ ଖାନ୍‌ଙ୍କୁ ଅପରାଜିତ ୬୦ ଓ ଆକାଶ ମହାପାତ୍ରଙ୍କ ଅପରାଜିତ ୩୮ରନ ସହାୟତାରେ ୨୬.୨ଓଭରରେ ୨ଉଇକେଟ ବିନିମୟରେ ୧୦୬ ରନ କରି ମ୍ୟାଚ ଜିତି ନେଇଥିଲା।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଗଞ୍ଜାମ ବିପକ୍ଷରେ ସମ୍ବଲପୁର 'ବି' ୮୨ ରନରେ ବିଜୟ ଲାଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର 'ବି' ଅମରନାଥ ଭୋଇଙ୍କ ୯୫ ଓ ହ୍ରିତିକ୍ ପଟେଲଙ୍କ ୫୦ ରନ ସହାୟତାରେ ୪୮. ୩ ଓଭରରେ ୨୪୫ରନ କରିଥିଲା ଜବାବରେ ଗଞ୍ଜାମ ୩୯ ଓଭରରେ ୧୬୩ ରନ କରିପାରିଥିଲା। ସମ୍ବଲପୁର 'ବିସ' ଦଳର ଅଭିନବ ନନ୍ଦ ୨୨ରନ ବିନିମୟରେ ୫ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ କଟକ 'ବି' ୯ ଉଇକେଟରେ ରାୟଗଡ଼ାକୁ ପରାସ୍ତ କରିଛି। ଏଥିରେ ରାୟଗଡ଼ା ୨୨ ଓଭରରେ ୮୨ରନ କରିଥିଲା। ସଫଳ ବୋଲର ପୀୟୂଷ ମନ୍ତ୍ରୀ ୧୬ ରନ ଦେଇ ୪ଉଇକେଟ ଅକ୍ତିଆର କରିଥିଲେ। କଟକ 'ବି' ୧୫.୩ ଓଭରରେ ୧ଉଇକେଟ ବିନିମୟରେ ୮୩ ରନ କରି ମ୍ୟାଚ ଜିତି ନେଇଥିଲା। ଟପ୍ ସ୍କୋରର ଚନ୍ଦନ ସାହୁ ୪୭ ରନ କରିଥିଲେ।

## ରେଡ୍ ବୁଲ୍‌ରେ ଲିଆମ ଲସନଙ୍କ ସ୍ଥାନରେ ଟିସୁନୋଡା

**ଲଣ୍ଡନ, ୨୭।୩ (ଏପି):** ଚଳିତ ସିଜନର ମାତ୍ର ଦୁଇଟି ରେସ୍ ଅନୁଷ୍ଠିତ ହୋଇସାରିଥିବା ବେଳେ ଫର୍ମୁଲା ୱାନ ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ଲିଆମ୍ ଲସନଙ୍କୁ ବାଦ୍ ଦେଇଛି ରେଡ୍ ବୁଲ୍। ଟିମ୍ ତାଙ୍କ




ସ୍ଥାନରେ ୟୁକି ଟିସୁନୋଡାଙ୍କୁ ଦଳରେ ସାମିଲ କରିଛି। ଲସନ ପୂର୍ବରୁ ଏକ ଫୁଲ୍ ଫର୍ମୁଲା ୱାନ ସିଜନ ଡ୍ରାଇଭ କରି ନ ଥିଲେ ମଧ୍ୟ ତାଙ୍କୁ ରେଡ୍‌ବୁଲ୍ ଏଥର ଦଳରେ ସ୍ଥାନ ଦେଇଥିଲା। ନ୍ୟୁଜିଲାଣ୍ଡର ଏହି ଡ୍ରାଇଭର ସିଜନ ଓପନ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରୁ ବାହାର ହୋଇଯାଇଥିଲେ। ଚାଇନିଜ ଗ୍ରାଁ ପ୍ରି ପାଇଁ କ୍ୱାଲିଫାଇଂ ରେସ୍ ଏହାର ସ୍ପ୍ରିଣ୍ଟ ରେସ୍‌ରେ ସେ ଅନ୍ତିମ ସ୍ଥାନରେ ରହିଥିଲେ। ଟିସୁନୋଡା ରେଡ୍ ବୁଲ୍‌ର ଦ୍ୱିତୀୟ ଦଳ ରେସିଂ ବୁଲ୍ସରୁ ଆସିଛନ୍ତି। ଆସନ୍ତା ସପ୍ତାହରେ ତାଙ୍କ ଦେଶରେ ଅନୁଷ୍ଠିତ ହେବାକୁଥିବା ଜାପାନିଜ ଗ୍ରାଁ ପ୍ରିରେ ସେ ଭାଗ ନେବେ।

## ପିଟରଙ୍କ ପରଲୋକ

**ଲଣ୍ଡନ,୨୭।୩:** ଇଂଲଣ୍ଡର ପୂର୍ବତନ ଫାଷ୍ଟ ବୋଲର ପିଟର ଲେଭରଙ୍କର ୮୪ ବର୍ଷ ବୟସରେ ପରଲୋକ ଘଟିଛି। ସେ ୧୯୭୦-୭୧ରେ ଅଷ୍ଟ୍ରେଲିଆରେ ଇଂଲଣ୍ଡକୁ ଆଶେସ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଲେଭର ଇଂଲଣ୍ଡକୁ ୧୭ଟି ଟେଷ୍ଟ ମ୍ୟାଚରେ ପ୍ରତିନିଧିତ୍ୱ କରିବା ସହ ୪୧ ଉଇକେଟ ନେଇଥିଲେ। ସେ ଦେଶ ପାଇଁ ୧୦ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିଥିଲେ। ୧୯୭୧ରେ ଦିନିକିଆ ଫର୍ମାଟରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ଉଦ୍‌ଘାଟନୀ ମ୍ୟାଚ ଖେଳିଥିଲେ। ସେ ୧୯୬୦ରୁ ୧୯୭୬ ମଧ୍ୟରେ ୩୦୧ ଫାଷ୍ଟ-କ୍ଲାସ ମ୍ୟାଚ ଖେଳିବା ସହ ୭୯୬ ଉଇକେଟ ନେଇଥିଲେ। ହେଲମେଟ ଆସିବା ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷ ଅକ୍‌ଲାଣ୍ଡ ଟେଷ୍ଟରେ ଲେଭରଙ୍କ ଏକ ବାଉନ୍ସ ଏୱେନ ଚାର୍ଟଫିଲ୍ଡଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ଏହି ଲୋୟର ଅର୍ଡର ବ୍ୟାଟରଙ୍କ ହୃଦ୍ ସ୍ପନ୍ଦନ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା। ଏହାସତ୍ତ୍ୱେ ଜରୁରିକାଳୀନ ଚିକିତ୍ସା ଯୋଗୁ ତାଙ୍କ ଜୀବନ ବର୍ତ୍ତି ପାରିଥିଲା।


# Classified Everyday
**0674-2580101, 9692975378**



REAL ESTATE SALE

Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226. D-3125

Duplex sale with gated Society near AIIMS Hospital, Bhubaneswar. 9777433701. D-76253

ଜଟଣୀଗେଟରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

1792sqft. plot inside a gated community near Physiotherapy Hospital at Olatapur, side of Phulanakhara-Niali Highway for sale. 7008071631. D-3416

Personal plot 60x80= 4800sqft. Nearer to Phulanakhara, 11K.M. from Bhubaneswar, @1500/- Persft. with big Compoundwall, beautiful road, Touching to a Building. 7809525425. D-76433

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Relax, Refresh your body, mind at Saikrupa Spa with best therapies. 7848011468. D-3288

Newly open Jyoti SPA positively health benefits (Expert therapist). 8458067955. D-76904

Newly opened spa in puri. Professional body massage available. 9861984834. D-3394

Full body massage by Odia therapist in homely atmosphere. 9556498382. D-75373

**LOST**

By virtue of an affidavit sworn before Notary Public, Bhubaneswar, dated- 27.03.2025, I, SHIVAM BATRA, declare that the original sale deed bearing Document No.- 11082111689, dated 01.10.2021, as well as previous gift deed in the name of Jayshree Tripathy, vide Document No.- 5502 dtd- 15.03.2010 and previous ROR Khata No.- 1331/814, Plot No.- 229, Area A0.098 Decs. And others relevant Documents of the above said property has been lost on 10.03.2025, in between Jayadurga Nagar to Laxmisagar Square, Bhubaneswar. 9811891119.
Shivam Batra
D-3432

**AFFIDAVIT**

I, Bishnu Naik, S/o- Janati Naik, At/ P.O.- Saluadahar, P.S.- Suliapoda, Mayurbhanj, Odisha- 757022, have changed my name to Biswanath Naik for Aadhaar Card name mention. D-3437

By virtue of an affidavit sworn before the Court of Executive Magistrate, Udala kaptipada, Mayurbhanj, dated 26.03.2025, I, Pallabi Parida, Address: At- Ward No.-2, Nagpal, P.O./ P.S.- Udala, Dist.- Mayurbhanj, Odisha- 757041 declare that I have changed my name from Devanshi Parida to Pallabi Parida. Henceforth, I shall be known as Pallabi Parida for all purposes.
Pallabi Parida
D-3442

By virtue of an affidavit No.- 2464, dt- 27.11.24 before the Executive Magistrate, Pipili, that I Jalandhar Barik, S/o- Late Banamali Barik, Vill- Mangalpur Uttarabada, P.O.- Mangalpur, P.S.- Pipili, Dist.- Puri, Odisha, declare that wrongly my name has been written as Jalendhar Beja instead of Jalandhar Barik in my Aadhaar Card bearing No.- xxxx xxxx 2181. The above two name is same and same person. Henceforth, I shall be known as Jalandhar Barik for all purposes. D-3431

By virtue of an affidavit sworn before the Executive Magistrate, Dharmasala, date 26.03.2025, I, Anjan Kumar Malik, Address: At- Kaduamagura, P.O.- Batijoda, P.S.- Badachana, Dist.- Jajpur, Odisha- 755023, declare that I have changed my name from Anjan Malik to Anjan Kumar Malik. Henceforth, I shall be known as Anjan Kumar Malik for all purposes. D-3439

By virtue of an affidavit sworn before the Executive Magistrate, Tigiria, dated- 26.03.2025, I, Suchitra Jena, W/o- Santosh Jena, Address: At- Koilikanya, P.O.- Gadadharpur, P.S.- Tigiria, Dist.- Cuttack- 754030, declare that I have changed my name from Rashmita Jena to Suchitra Jena. Henceforth, I shall be known as Suchitra Jena for all purposes.
Suchitra Jena
D-3433

By virtue of an affidavit sworn before Bhubaneswar, dated 20.03.2025, I, Aditi Mohanty, Address: At- 5/A, Brindavan Vihar, Bomikhal, Bhubaneswar, Dist.- Khordha, Odisha, PIN- 751007, declare that I have changed my name from Aditi Mazumdar to Aditi Mohanty. Henceforth, I shall be known as Aditi Mohanty for all purposes.
Aditi Mohanty
D-3434

By virtue of an affidavit sworn before Bhubaneswar, dated 25.03.2025, I, Bidulata Mahapatra, Address: At- Sanakusumi, P.O.- Chandeswar, P.S.- Tangi, Dist.- Khordha, Odisha, PIN- 752023 declare that I have changed my son's name from Swamya Ranjan Mahapatra to Soumya Mahapatra. Henceforth, he shall be known as Soumya Mahapatra for all purposes.
Bidulata Mahapatra
D-3435

By virtue of an affidavit sworn before Bhubaneswar, dated 20.03.2025, I, Mamata Meher, Address: At- Tikiripada Subalaya, P.O.- Subalaya, Bhubaneswar, Dist.- Sonapur, Odisha, PIN- 767018 declare that I have changed my name from Jemamani Meher to Mamata Meher. Henceforth, I shall be known as Mamata Meher for all purposes.
Mamata Meher
D-3436

I, Manju Sree Nayak(44), D/o- Sudarshan Nayak, resident of Ghantasunipara AT/ P.O.- Titlagarh, Dist.- Bolangir, PIN-767033 have changed my name to Manjushree Nayak as per affidavit No.- 661, dated 21.03.2025 sworn before the Executive Magistrate, Berhampur Ganjam Odisha. D-3386

By virtue of an affidavit sworn before the Notary Public, Dharamgarh, I, Hemangini Sunani, W/o- Himansu Sekhar Mangaraj and D/o- Dinabandhu Sunani, R/o. Village/P.O.- Chichia, P.S.- Golamunda, Dist.- Kalahandi, PIN- 766029 declare that I have changed my name from Hemangini Mangaraj to Hemangini Sunani. Henceforth, I shall be known as Hemangini Sunani for all future purposes. D-3443

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
୧୩ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ସ୍ୱର୍ଗତ ବିଜୟ କୁମାର ନାୟକ (ବାପି)
ଷ୍ଟେଟ୍ ବ୍ୟାଙ୍କ୍ ଆସିଷ୍ଟାଣ୍ଟ, କଲ୍ୟାଣସିଂହପୁର ବ୍ରାଞ୍ଚ, (ଜି) ରାୟଗଡ଼ା
ବାସସ୍ଥାନ: ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର-୧୨
ଆବିର୍ଭାବ: ତା.୦୭।୧୧।୧୯୮୪
ତିରୋଧାନ: ତା.୨୮।୦୩।୨୦୧୨
ଚାହୁଁ ଚାହୁଁ ୧୩ ବର୍ଷ ଚାଲିଗଲା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବାପା, ବୋଉ, ଭଉଣୀ: ସବିତା, ସସ୍ମିତା, ରଶ୍ମିତା ଓ ପରିବାରବର୍ଗ।
ଧ-୩୪୪୧

ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପାରା ଗେମ୍ସ-୨୦୨୫ରେ ଓଡ଼ିଶା ପାରା ଆଥ୍ଲେଟ୍‌ମାନେ ଚମକ ସୃଷ୍ଟି କରିଛନ୍ତି। ଗୁରୁବାର ଉଦ୍‌ଯାପିତ ହୋଇଥିବା ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ମୋଟ ୧୨ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୮ଟି ବ୍ରୋଞ୍ଜ ପଦକ ସାମିଲ।

ପ୍ରସ୍ତୁତି: ତପନ ସ୍ୱାଇଁ


ଜାନକୀ ଓରାମ
ଜୟନ୍ତୀ ବେହେରା
ସୁଚିତ୍ରା ପରିଡ଼ା
ପାୟଲ ନାଗ୍



# ପାରା ଆଥ୍ଲେଟ୍ଙ୍କ ଚମକ

ଇଚ୍ଛାଥିଲେ ଅସମ୍ଭବ ମନେହେଉଥିବା ଅନେକ କିଛି ସମ୍ଭବ ହୋଇଥାଏ। କେବଳ ଉପଯୁକ୍ତ ସାହାଯ୍ୟ ସହଯୋଗ ଏବଂ ଉତ୍ସାହର ଆବଶ୍ୟକତା ରହିଥାଏ। ହାତ ନ ଥିବା ଜଣେ ବ୍ୟକ୍ତି ତୀରଚାଳନା କରିପାରେ, ପାଦ ନ ଥିବା ବ୍ୟକ୍ତି ମଧ୍ୟ ରେସ୍‌ରେ ଅନେକ ପାରଙ୍ଗମଙ୍କୁ ପଛରେ ପକାଇପାରେ। ହଁ ଏ କ୍ଷେତ୍ରରେ ଭାଗ୍ୟ ଅବଶ୍ୟ ବଡ଼ ଭୂମିକା ନେଇଥାଏ। ଇଚ୍ଛାଶକ୍ତିଥିଲେ କେହି ଭିନ୍ନକ୍ଷମ ନୁହନ୍ତି। ଆଉ ଏହା ନ ଥିଲେ ସମସ୍ତେ ଭିନ୍ନକ୍ଷମ। ଏପରି କିଛି ଅଦମ୍ୟ ସାହସ ଓ ଦକ୍ଷତା ପ୍ରଦର୍ଶନ କରି ଆମ ପାରା ସ୍ପୋର୍ଟ୍ସ ତାରକାମାନେ ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପାରା ଗେମ୍ସ-୨୦୨୫ରେ ଚମକ ସୃଷ୍ଟି କରିଛନ୍ତି। ଗୁରୁବାର ଉଦ୍‌ଯାପିତ ହୋଇଥିବା ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ମୋଟ ୧୨ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୮ଟି ବ୍ରୋଞ୍ଜ ପଦକ ସାମିଲ। ଜୟନ୍ତୀ ବେହେରା ଓ ସୁଚିତ୍ରା ପରିଡ଼ା ସ୍ୱର୍ଣ୍ଣ ଏବଂ ଜାନକୀ ଓରାମ ଓ ପାୟଲ ନାଗ୍ ରୌପ୍ୟ ପଦକ ଜିତିଥିବାବେଳେ ସ୍ୱସ୍ତିକ ସାହୁ, ରଣଜିତ ଚନ୍ଦା, କାହ୍ନୁ ସୋରେନ, ପଙ୍କଜ ଭୁଏ, ସାବିତ୍ରୀ ବେହେରା, ଗଦାଧର ସାହୁ, ଗୌତମ ସିଂ ଓ ଉଦୟ ରାଉତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।
ମହିଳା ୧୦୦ ମିଟର ରେସ୍‌ରେ ଜୟନ୍ତୀ ଓଡ଼ିଶା ପାଇଁ ପଦକ ଅଭିଯାନ ଆରମ୍ଭ କରିଥିବାବେଳେ ଶେଷ ଦିନରେ ଉଦୟ ରାଉତ ଟେବୁଲ ଟେନିସରେ ପୋଡିୟମ ମଣ୍ଡନ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଯାହାକି ରାଜ୍ୟ କ୍ରୀଡ଼ା ଜଗତରେ ଉଲ୍ଲାସ ଭରି ଦେଇଛି।

ମାର୍ଚ୍ଚ ୨୦ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ଏକ ୨୪ ଜଣିଆ ପ୍ରତିନିଧି ଦଳ ଅଂଶଗ୍ରହଣ କରିଥିଲା। ରାଜ୍ୟ ପ୍ରତିଯୋଗୀମାନେ ୬ଟି ଇଭେଣ୍ଟ ଯଥା ପାରା ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ପାୱାରଲିଫ୍ଟିଂ, ଶୁଟିଂ ଓ ପାରା ଟେବୁଲ ଟେନିସରେ ଅଂଶଗ୍ରହଣ କରିଥିଲେ। ମୋଟଭାବେ ଦେଖିବାକୁ ଗଲେ ଖେଲୋ ଇଣ୍ଡିଆ ପାରା ଗେମ୍ସରେ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପାଖାପାଖି ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦିଲ୍ଲୀର ୩ ଭେନ୍ୟୁ ଜବାହରଲାଲ ନେହେରୁ ଷ୍ଟାଡିୟମ, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଓ ଡକ୍ଟର କାର୍ନି ସିଂ ଶୁଟିଂ ରେଞ୍ଜରେ ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହୋଇଥିଲା।

**ସୁନା ଝିଅ ଜୟନ୍ତୀ ଓ ସୁଚିତ୍ରା**

ପ୍ରତିଯୋଗିତାର ପ୍ରଥମ ଦିବସରେ ଜୟନ୍ତୀ ବେହେରାଙ୍କ ସ୍ୱର୍ଣ୍ଣିମ ସଫଳତା ସହିତ ଆରମ୍ଭ ହୋଇଥିବା ଓଡ଼ିଶାର ପଦକ ଅଭିଯାନ। ସେ ଟି-୪୭ ମହିଳା ୧୦୦ ମିଟର ରେସ୍‌ରେ ସେ ୧୩.୭୧ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଥିଲେ। ପୂର୍ବରୁ ଅନେକବାର ଅନେକ ସ୍ଥାନରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିବା ଜୟନ୍ତୀ ଏଥର ମଧ୍ୟ ଚମକ ସୃଷ୍ଟି କରିଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲ ରେସ୍‌ରେ ଜୟନ୍ତୀ ଆନ୍ଧ୍ରପ୍ରଦେଶର ଭବାନୀ ଭାଲାସାମଗିରି (୧୩.୯୬)ଙ୍କୁ ପଛରେ ପକାଇ ଦେଇଥିଲେ।
ରାଜ୍ୟପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଥିଲେ ସୁଚିତ୍ରା ପରିଡ଼ା। ୨୨ ତାରିଖରେ ଅନୁଷ୍ଠିତ ଏଫ୍-୫୫ ମହିଳା ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ୧୮.୫୭ ମିଟର ଥ୍ରୋ କରି ଅନ୍ୟ ସମସ୍ତଙ୍କୁ ବହୁ ପଛରେ ପକାଇ ଦେଇଥିଲେ। ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଥିବା ଉତ୍ତରାଖଣ୍ଡର ଗାରିବା ଜୋଷୀ ମାତ୍ର ୧୫.୨୪ ମିଟର ଥ୍ରୋ କରି ପାରିଥିଲେ। ଏ କ୍ଷେତ୍ରରେ ସୁଚିତ୍ରା ନିଜର ପ୍ରସ୍ତୁତି ଓ ଦକ୍ଷତାର ପ୍ରମାଣ ଦେଇଥିଲେ। ୨୦୨୪ରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ପାରା ଗେମ୍ସରେ ମଧ୍ୟ ସୁଚିତ୍ରା ସ୍ୱର୍ଣ୍ଣ ପଦକ ଜିତିଥିଲେ।

**ବିସ୍ମୟ ପ୍ରତିଭା ପାୟଲ, ଜମେଇଲେ ଜାନକୀ**

ପ୍ରତିଯୋଗିତାରେ ଓଡ଼ିଶା ପାଇଁ ୨ଟି ରୌପ୍ୟ ପଦକ ଜିତିଥିବା ପ୍ରତିଭା ହେଲେ ଜାନକୀ ଓରାମ ଓ ପାୟଲ ନାଗ୍। ଗାଇଡ୍ ରନର ଲୁକୁ ବଡ଼ନାୟକଙ୍କ ସହାୟତାରେ ଜାନକୀ ଟି-୧୨ ମହିଳା ୧୦୦ ମିଟର ରେସ୍‌ରେ ୧୪.୭୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏ କ୍ଷେତ୍ରରେ ସେ ସ୍ୱର୍ଣ୍ଣ ପଦକ ଜିତିଥିବା ଗୋଆର ଟି-୧୩ ବର୍ଗ ପ୍ରତିଯୋଗୀ ସାକ୍ଷୀ କାଲେ (୧୪.୪୭ ସେକେଣ୍ଡ)ଙ୍କୁ କଡ଼ା ଟକ୍କର ଦେଇଥିଲେ। ବିସ୍ମୟ ବାଳିକା ପାୟଲ ନାଗ୍‌ଙ୍କ ଚମକ ତୀରନ୍ଦାଜୀରେ ଅପରିବର୍ତ୍ତିତ ରହିଛି। ହାତ ନ ଥିଲେ ମଧ୍ୟ କେବେହେଲେ ହାର ମାନିନାହାନ୍ତି ଏହି ସାହସୀ ବାଳିକା। ଗୋଡ଼ ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ମାଧ୍ୟମରେ ତୀରଚାଳନା କରି ସେ ରୌପ୍ୟ ପଦକ ଜିତିବା ସହ ଅନ୍ୟ ପାରା ସ୍ପୋର୍ଟ୍ସ ଖେଳାଳିଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମହିଳା କମ୍ପାଉଣ୍ଡ ଓପନ ବର୍ଗରେ ସେ ୧୨୯ ପଏଣ୍ଟ ସ୍କୋର କରି ଓଡ଼ିଶା ପାରା ସ୍ପୋର୍ଟ୍ସ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଗ କରିଛନ୍ତି। ପାରାଲିମ୍ପିକ୍ ମେଡାଲିଷ୍ଟ ଶୀତଲ ଦେବୀଙ୍କ ସହ ପାୟଲଙ୍କର ଫାଇନାଲରେ କଡ଼ା ମୁକାବିଲା ହୋଇଥିଲା। ତେବେ ଅଭିଜ୍ଞତାର ଉପଯୋଗ କରି ଜମ୍ମୁ-କଶ୍ମୀରର ଶୀତଲ ୧୩୭ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତ୍ୟାଗ, କଠିନ ପରିଶ୍ରମ ଓ ଅଦମ୍ୟ ସାହସର ନମୁନା ଦେଖାଇ ରାଜ୍ୟକୁ ଗର୍ବିତ କରିଚାଲିଛନ୍ତି ପାୟଲ। ବଲାଙ୍ଗୀରର ପାୟଲ ଏହା ପୂର୍ବରୁ ଜୟପୁରରେ ଅନୁଷ୍ଠିତ ୬ଷ୍ଠ ଜାତୀୟ ପାରା ଆର୍ଚେରୀ ଚାମ୍ପିୟନଶିପ୍‌ରେ ନିଜ ଆଦର୍ଶ ଖେଳାଳି ଶୀତଲଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିସହ ଓଡ଼ିଶାରେ ପାରା ଆର୍ଚେରୀ ଯେ ଉତ୍‌ଥାନ ପଥରେ ଅଛି ତାକୁ ମଧ୍ୟ ପ୍ରମାଣ କରିଛନ୍ତି।

**ଓଡ଼ିଶାର ପଦକ**

**ସ୍ୱର୍ଣ୍ଣ:** ଜୟନ୍ତୀ ବେହେରା, ସୁଚିତ୍ରା ପରିଡ଼ା।
**ରୌପ୍ୟ:** ଜାନକୀ ଓରାମ, ପାୟଲ ନାଗ୍।
**ବ୍ରୋଞ୍ଜ:** ସ୍ୱସ୍ତିକ ସାହୁ, ରଣଜିତ ଚନ୍ଦା, କାହ୍ନୁ ସୋରେନ, ପଙ୍କଜ ଭୁଏ, ସାବିତ୍ରୀ ବେହେରା, ଗଦାଧର ସାହୁ, ଗୌତମ ସିଂ, ଉଦୟ ରାଉତ।

**ବ୍ରୋଞ୍ଜ ବିଜେତା ୮ ଯୋଦ୍ଧା**

ଓଡ଼ିଶାର ୮ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟ କ୍ରୀଡ଼ାକୁ ଋଦ୍ଧିମନ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ସ୍ୱସ୍ତିକ ସାହୁ, ରଣଜିତ ଚନ୍ଦା, କାହ୍ନୁ ସୋରେନ, ପଙ୍କଜ ଭୁଏ, ସାବିତ୍ରୀ ବେହେରା, ଗଦାଧର ସାହୁ, ଗୌତମ ସିଂ ଓ ଉଦୟ ରାଉତ। ସ୍ୱସ୍ତିକ ଟି-୩୭ ପୁରୁଷ ୨୦୦ ମିଟର ରେସ୍‌ରେ ୨୬.୪୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରୌପ୍ୟ ପଦକ ବିଜେତା ଦିଲ୍ଲୀ ପ୍ରତିଯୋଗୀ (୨୬.୩୬)ଙ୍କଠାରୁ ସେ ଅଳ୍ପକେ ପଛରେ ରହି ଯାଇଥିଲେ। ସେହିପରି ଟି-୪୬ ପୁରୁଷ ଜାଭେଲିନ୍ ଥ୍ରୋରେ ରଣଜିତ ଚନ୍ଦା ୫୫.୧୨ ମିଟର ଥ୍ରୋ କରି ବ୍ରୋଞ୍ଜ ଜିତିଛନ୍ତି। ରୌପ୍ୟ ବିଜେତା ରାଜସ୍ଥାନର ମହେନ୍ଦ୍ର କୁମାର ଶର୍ମା (୫୬.୪୦)ଙ୍କଠାରୁ ସେ ଅଳ୍ପ ବ୍ୟବଧାନରେ ପଛରେ ରହିଥିଲେ। ଟି-୧୧ ପୁରୁଷ ଲଙ୍ଗ୍ ଜମ୍ପରେ କାହ୍ନୁ ସୋରେନ ଦକ୍ଷତା ପ୍ରଦର୍ଶନ କରିଥିଲେ। ସେ ୪.୪୪ ମିଟର କ୍ଲିୟର କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏକାଧିକ କ୍ରୀଡ଼ାରେ ପାରଙ୍ଗମ ପଙ୍କଜ ଭୁଏ ଦିଲ୍ଲୀରେ ଆଥଲେଟିକ୍ସ ଫିଲ୍ଡରେ ଚମକ ଦେଖାଇଥିଲେ। ଦୃଷ୍ଟିବାଧିତ କ୍ରିକେଟରେ ଏକ ପରିଚିତ ନାମ ପଙ୍କଜ ଟି-୧୩ ପୁରୁଷ ଲଙ୍ଗଜମ୍ପରେ ୫.୭୩ ମିଟର ଡେଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରୌପ୍ୟ ପଦକ ବିଜେତା ଗୁଜରାଟର ମହେନ୍ଦ୍ର ସିଂ ଜାଲା ୫.୭୪ ମିଟର ଡେଇଁଥିଲେ। ଅର୍ଥାତ୍ ପଙ୍କଜ ମାତ୍ର .୧ ସେଣ୍ଟିମିଟର ପାଇଁ ରୌପ୍ୟରୁ ବଞ୍ଚିତ ହୋଇଥିଲେ। ପାରା ଶକ୍ତିଉତ୍ତୋଳନରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ସାବିତ୍ରୀ ବେହେରା। ଦେଶର ଶ୍ରେଷ୍ଠ ପ୍ରତିଯୋଗୀଙ୍କ ଉପସ୍ଥିତି ସତ୍ତ୍ୱେ ସେ ୫୦ କେଜି ଓଜନ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ବିଜୟୀ ହୋଇଥିଲେ। ସେ ମୋଟ ୩୮ କେଜି ଉତ୍ତୋଳନ କରିଥିଲେ। ପୁରୁଷ ୬୫ କେଜି ଶକ୍ତି ଉତ୍ତୋଳନରେ ବ୍ରୋଞ୍ଜ ଜିତି ରାଜ୍ୟକୁ ଗର୍ବିତ କରିଥିଲେ ଗଦାଧର ସାହୁ। ସେ ୧୪୩ କେଜି ଉତ୍ତୋଳନ କରି ଏହି ସଫଳତା ପାଇଥିଲେ। ରୌପ୍ୟ ପଦକ ଜିତିଥିବା ଗୁଜରାଟର ଅରବିନ୍ଦ ମାକୱାନା ୧୪୬ କେଜି ଲିଫ୍ଟ କରିଥିଲେ। ଓଡ଼ିଶା ପାରା ଶକ୍ତିଉତ୍ତୋଳନରେ ଯେ ଆଗକୁ ବଢୁଛି ତାହା ଏହି ଦୁଇ ପ୍ରତିଯୋଗୀ ପ୍ରମାଣ କରିଥିଲେ।

**ଟେବୁଲ ଟେନିସରେ ଇତିହାସ**

ପାରା ଟେବୁଲ ଟେନିସରେ ଓଡ଼ିଶା ପାଇଁ ସର୍ବପ୍ରଥମ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ ଗୌତମ ସିଂ। ପୁରୁଷ କ୍ଲାସ-୨ ବର୍ଗରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରାରମ୍ଭିକ ମ୍ୟାଚଗୁଡ଼ିକରେ ପ୍ରଭାବୀ ପ୍ରଦର୍ଶନ କରିବା ପରେ ସେମିଫାଇନାଲରେ ସେ ତାମିଲନାଡୁର ଅବିନାଶ ଗୋପିନାଥଙ୍କଠାରୁ ୬-୧୧, ୪-୧୧, ୧-୧୧ରେ ହାରି ଯାଇଥିଲେ। ପ୍ରତିଦ୍ୱନ୍ଦ୍ୱୀ ଅବିନାଶ ଶେଷରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ଓଡ଼ିଶାର ଉଦୟ ରାଉତ ମଧ୍ୟ ପରାଜିତ ସେମିଫାଇନାଲିଷ୍ଟ ଭାବେ ବ୍ରୋଞ୍ଜ ଜିତି ଓଡ଼ିଶା ପାରା ଟେବୁଲ ଟେନିସକୁ ଋଦ୍ଧିମନ୍ତ କରିଛନ୍ତି।


ଉଦୟ ରାଉତ

## ବର୍ଷ ସାରା ଟ୍ରେନିଂ ଆବଶ୍ୟକ

ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପାରା ଗେମ୍ସରେ ଓଡ଼ିଶା ୨ ସ୍ୱର୍ଣ୍ଣ ସହ ୧୨ ପଦକ ପାଇଛି। ଏହା ସନ୍ତୋଷଜନକ ହୋଇଥିଲେ ମଧ୍ୟ ଯଦି ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷସାରା ଟ୍ରେନିଂ ସୁବିଧା ଯୋଗାଇ ଦିଆଯାଇ ପାରିବ ତେବେ ଆମ ପ୍ରତିଯୋଗୀମାନେ ଆହୁରି ଭଲ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିପାରିବେ ବୋଲି ଅନୁଭବ କରୁଛନ୍ତି ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ। ‘‘ପ୍ରତି ପ୍ରତିଯୋଗିତା ପୂର୍ବରୁ ଖେଳାଳିଙ୍କୁ ୧୫-୨୦ ଦିନ ଟ୍ରେନିଂ ସୁବିଧା ମିଳୁଛି। ଏହା ସତ୍ତ୍ୱେ ଆମ ପ୍ରତିଯୋଗୀମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କଡ଼ା ଟକ୍କର ଦେଇପାରୁଛନ୍ତି। ତେଣୁ ପୂରା ୩୬୫ ଦିନ ସୁବିଧା ମିଳିଲେ ସେମାନଙ୍କ ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ଆସିପାରିବ। ଜୟନ୍ତୀ ବେହେରା ଏଥର ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଲେ। ଅସୁସ୍ଥ ହେବାରୁ ସେ ଅଧିକ ଇଭେଣ୍ଟରେ ଭାଗ ନେଇପାରିଲେ ନାହିଁ। ଆଉ କେତେଜଣ ପ୍ରତିଯୋଗୀ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଲେ। ଫଳରେ ଗତଥର ତୁଳନାରେ ଏଥର ପଦକ ସଂଖ୍ୟା କିଛି କମିଲା। ଆମର ଅନେକ ଆଥଲେଟ୍ ଗ୍ରାମାଞ୍ଚଳରେ ରହୁଛନ୍ତି। ସେମାନେ ସେଠାରେ ଟ୍ରେନିଂ ପାଇଁ ଉପଯୁକ୍ତ ଭିତ୍ତିଭୂମି ପାଉନାହାନ୍ତି। ସେମାନେ କିପରି ସବୁବେଳେ ଟ୍ରେନିଂ ପାଇପାରିବେ ତା’ ଉପରେ ଗୁରୁତ୍ୱ ଦିଆଯାଉଛି’’ ବୋଲି କମଳାକାନ୍ତ ପ୍ରକାଶ କରିଛନ୍ତି।


କମଳାକାନ୍ତ ରଥ

ସମ୍ପାଦକ ସୁନୀଲ କହିଛନ୍ତି ଯେ, ଓଡ଼ିଶା ପ୍ରତିଯୋଗୀଙ୍କୁ ପ୍ରଦର୍ଶନରେ ବ୍ୟକ୍ତିଗତଭାବେ ମୁଁ ସନ୍ତୁଷ୍ଟ ଅଛି। କାରଣ ଅଳ୍ପ ଦିନର ଟ୍ରେନିଂରେ ଆମ ଆଥଲେଟ୍‌ମାନେ ବହୁତ ଭଲ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ଆମକୁ ସାହାଯ୍ୟ ସମର୍ଥନ ଯୋଗାଇ ଦିଆଯାଉଛି। ଯାହା ଫଳରେ ଆମ ପ୍ରତିଯୋଗୀମାନେ ଏପରି ଭଲ ପ୍ରଦର୍ଶନ କରିବା ସମ୍ଭବ ହୋଇପାରୁଛି। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷ ସାରା ଟ୍ରେନିଂର ବ୍ୟବସ୍ଥା କରାଗଲେ ଆମ ପାରା ଆଥଲେଟ୍‌ମାନେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଯେ ଆହୁରି ଭଲ ପ୍ରଦର୍ଶନ କରିପାରିବେ ଏହା ନିଃସନ୍ଦେହ। କଳିଙ୍ଗ ଷ୍ଟାଡିୟମରେ ଥିବା ସ୍ପୋର୍ଟ୍ସ ଭିଲେଜରେ ୪ ଜଣ କୋଚ୍ ଏବଂ ୫ ସପୋର୍ଟ ଷ୍ଟାଫ୍ ଆମ ଆଥଲେଟ୍‌ଙ୍କୁ ଟ୍ରେନିଂ ଦେଇଥିଲେ। ୧୫ ଦିନ ଲେଖାଏ ୨ ଥର ଟ୍ରେନିଂ ନେବାପରେ ସେମାନେ ପ୍ରତିଯୋଗିତାରେ ଭାଗ ନେବାକୁ ଦିଲ୍ଲୀ ଯାଇଥିଲେ। କେତେଜଣ ଆଥଲେଟ୍ ବ୍ୟକ୍ତିଗତ କୋଚ୍‌ଙ୍କ ମାଧ୍ୟମରେ ମଧ୍ୟ କୋଚିଂ ନେଇଥିଲେ। ବର୍ଷସାରା ଟ୍ରେନିଂ ଦିଆଗଲେ ନିଶ୍ଚିତ ଆମ ଆଥଲେଟ୍‌ମାନେ ରାଜ୍ୟକୁ ଅଧିକ ଗର୍ବିତ କରିପାରିବେ ।


ସୁନୀଲ ପ୍ରଧାନ


ସ୍ୱସ୍ତିକ ସାହୁ


ରଣଜିତ ଚନ୍ଦା


ପଙ୍କଜ ଭୁଏ


ଗଦାଧର ସାହୁ


ଗୌତମ ସିଂ


ସାବିତ୍ରୀ ବେହେରା


କାହ୍ନୁ ସୋରେନ

# ଲକ୍ଷ୍ନୌର ପ୍ରଥମ ବିଜୟ

**ହାଇଦ୍ରାବାଦ,୨୭।୩**

ଗୁରୁବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ୫ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍)କୁ ପରାସ୍ତ କରିଛି। ଚଳିତ ସିଜନରେ ଏହା ଲକ୍ଷ୍ନୌର ପ୍ରଥମ ବିଜୟ। ହାଇଦ୍ରାବାଦ ଦ୍ୱାରା ପ୍ରଦତ୍ତ ୧୯୧ ରନର ଟାର୍ଗେଟକୁ ଲକ୍ଷ୍ନୌ ୧୬.୧ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**
**ଚେନ୍ନାଇ ବନାମ ବେଙ୍ଗାଲୁରୁ**
**ସ୍ଥାନ: ଚେନ୍ନାଇ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୦ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଟ୍ରାଭିସ ହେଡ ୫ ଚୌକା ଓ ୩ ଛକା ସହିତ ସର୍ବାଧିକ ୪୭, ଅନିକେତ ବର୍ମା ୫ ଛକା ସହିତ ୩୬, ନୀତିଶ ରେଡ୍ଡୀ ୨ ଚୌକା ସହିତ ୩୨, ହେନରିଚ କ୍ଲାସେନ ୨ ଚୌକା ଓ ୧ ଛକା ସହିତ ୨୬, ଅଧିନାୟକ ପ୍ୟାଟ କମିନ୍ସ ୩ ଛକା ସହ ୧୮ ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଶାର୍ଦ୍ଦୂଳ ଠାକୁର ସର୍ବାଧିକ ୪ ଉଇକେଟ ନେଇଥିବାବେଳେ ଦିଗଭେଶ ରାଠି, ଆଭେଶ ଖାନ, ରବି ବିଷ୍ଣୋଇ ଓ ପ୍ରିନ୍ସ ଯାଦବ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଲକ୍ଷ୍ନୌ ଆରମ୍ଭରୁ ଏଡେନ ମାରକ୍ରାମଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ମିଚେଲ ମାର୍ଶଙ୍କ ସହ ମିଶି ନିକୋଲସ ପୁରନ ଦ୍ୱିତୀୟ ଉଇକେଟରେ ୭.୧ ଓଭରରେ ୧୧୬ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ପୁରନ ୨୬ ବଲରେ ୬ ଲେଖାଏ ଚୌକା ଓ ଛକା ସହିତ ୭୦ ରନ କରି ଆଉଟ ହୋଇଥିବାବେଳେ ମାର୍ଶ ୭ ଚୌକା ଓ ୨ ଛକା ସହିତ ୫୨ ରନ ପାଭିଲିଅନ ଫେରିଥିଲେ। ଦୁହିଁଙ୍କୁ ହାଇଦ୍ରାବାଦ ଦଳର ଅଧିନାୟକ କମିନ୍ସ କ୍ରମାଗତ ଓଭରରେ ଆଉଟ କରିଥିଲେ। ଲକ୍ଷ୍ନୌ ଅଧିନାୟକ ରିଷଭ ପନ୍ତ ପୂର୍ବ ମ୍ୟାଚ ଭଳି ଏଥର ମଧ୍ୟ ବିଫଳ ହୋଇଥିଲେ। ସେ ୧୫ ରନ କରି ଆଉଟ ହୋଇଥିଲେ। ଏହାପରେ ଅବଦୁଲ ସମଦ ୨୨ ଓ ଡେଭିଡ ମିଲର ୧୩ ରନ କରି ଅପରାଜିତ ରହି ଦଳକୁ ବିଜୟ ଭେଟି ଦେଇଥିଲେ।



ଉଇକେଟ ନେବା ପରେ ଶାର୍ଦ୍ଦୂଳ ଠାକୁର।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୯୦/୯ (ଟ୍ରାଭିସ ହେଡ-୪୭, ଅନିକେତ ବର୍ମା-୩୬, ନୀତିଶ କୁମାର ରେଡ୍ଡୀ-୩୨, ହେନରିଚ କ୍ଲାସେନ-୨୬, ଶାର୍ଦ୍ଦୂଳ ଠାକୁର-୪/୩୪, ପ୍ରିନ୍ସ ଯାଦବ-୧/୨୯)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୧୬.୧ ଓଭରରେ ୧୯୩/୫ (ନିକୋଲସ ପୁରନ-୭୦, ମିଚେଲ ମାର୍ଶ-୫୨, ଅବଦୁଲ ସମଦ-୨୨*, ପ୍ୟାଟ କମିନ୍ସ-୨/୨୯, ମହମ୍ମଦ ଶାମି ୧/୩୭, ହର୍ଶଲ ପଟେଲ-୧/୨୮)।

# ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ଉଦ୍‌ଘାଟିତ



ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ପ୍ରତିଯୋଗିତାରେ ଭାଗ ନେଇଥିବା ଦୁଇ ପ୍ରତିଯୋଗୀ। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୨୭।୩ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ୪ଦିନ ଧରି ଚାଲିବ। ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କ୍ରୀଡ଼ା ବିଭାଗର ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ, କଟକ ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, କୋଷାଧ୍ୟକ୍ଷ ନିର୍ମଳ ବିକାଶ ମହାପାତ୍ର, ସହଦେବ ରାଉତ, ସୁକାନ୍ତ ସେଠୀ, କରିସ୍ମା ରାଉତ, ଅନ୍ୱେଷା ରାଉତ, ନିତୀନ ସ୍ୱାଇଁ, ରୋଶନ ସାହୁ, ଜ୍ୟୋତି ଠାକୁର, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦ୍ରର ସେଠୀ, ଅମ୍ରିତ ସାହୁ, ଅନୁସୂୟା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି। ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ପ୍ରତିଯୋଗିତା ହେଉଛି। ୨୮ଟି ରାଜ୍ୟରୁ ୭୦୦ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

# ଆଇସିସି ରାଜସ୍ୱ ବଣ୍ଟନ ନୀତି ଉପରେ ଡବ୍ଲ୍ୟୁସିଏ ପ୍ରଶ୍ନ ଉଠାଇଲା

**ନୂଆଦିଲ୍ଲୀ,୨୭।୩**

ୱାର୍ଲ୍ଡ କ୍ରିକେଟରଙ୍କ ଆସୋସିଏଶନ (ଡବ୍ଲ୍ୟୁସିଏ) ପକ୍ଷରୁ 'ଇତିହାସକୁ ସୁରକ୍ଷା, ପରିବର୍ତ୍ତନ ଗ୍ରହଣ: ଏକୀକୃତ, ସୁସଙ୍ଗତ ବିଶ୍ୱ ଭବିଷ୍ୟତ' ନାମକ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଏହି ରିପୋର୍ଟରେ ବିଶ୍ୱ କ୍ରିକେଟ ଲାଗି ପ୍ରମୁଖ ସମସ୍ୟା ଚିହ୍ନଟ କରାଯିବା ସହ ଏହାର ସମାଧାନ ଲାଗି ପ୍ରସ୍ତାବ ଦିଆଯାଇଛି। ୩୦ ପୃଷ୍ଠା ବିଶିଷ୍ଟ ଏହି ରିପୋର୍ଟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ପ୍ରଚଳିତ ରାଜସ୍ୱ ବଣ୍ଟନ ନୀତିକୁ ସମାଲୋଚନା କରାଯାଇଛି। ବର୍ତ୍ତମାନ ରାଜସ୍ୱ ନୀତିରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ସିଂହ ଭାଗ ୩୮.୫% ଦିଆଯାଉଛି। ଉକ୍ତ ରିପୋର୍ଟରେ ବିଶ୍ୱ କ୍ରିକେଟର ଅର୍ଥନୀତି ବର୍ତ୍ତମାନ ଅନୁକୂଳ ନ ଥିବା କୁହାଯାଇଛି। ତେବେ ବିସିସିଆଇ କେଉଁ କାରଣରୁ ସିଂହ ଭାଗ ନେଉଛି, ସେ ସମ୍ପର୍କରେ କିଛି ପ୍ରକାଶ କରାଯାଇ ନାହିଁ। ଏପରି କି ଆଇସିସିର ରାଜସ୍ୱରେ ଭାରତୀୟ କ୍ରିକେଟର ଯୋଗଦାନ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇ ନାହିଁ। ଆଇସିସି ରାଜସ୍ୱର ୫୦ ଭାଗ ୩ ବଡ଼ ଦେଶ ମଧ୍ୟରେ ଭାଗ କରାଯାଉଛି। ଆଇପିଏଲ୍ ବିଶ୍ୱ କ୍ରିକେଟ ଅର୍ଥନୀତିର ପ୍ରାୟ ୫୦% ଆୟ କରେ। କିନ୍ତୁ ଏହା ଅନ୍ୟ ଦେଶ ସହିତ ରାଜସ୍ୱର ୦.୩% ଓ ଖେଳାଳିଙ୍କୁ ୧୦ରୁ କମ୍ ପ୍ରତିଶତ ପ୍ରଦାନ କରେ ବୋଲି ରିପୋର୍ଟରେ କୁହାଯାଇଛି। ପଲ ମାର୍ଶଙ୍କ ନେତୃତ୍ୱାଧୀନ କମିଟି ପ୍ରସ୍ତାବ ଦେଇଛି ଯେ, ଆଇପିଏଲ୍ ଛଡ଼ା ଅନ୍ୟ ଟି୨୦ ଲିଗ୍‌ରେ ଖେଳିବା ପାଇଁ ଭାରତୀୟ ପୁରୁଷ ଖେଳାଳିଙ୍କୁ ଅନୁମତି ଦିଆଯିବା ଦରକାର, ଯାହା ଫଳରେ ଅନ୍ୟ ଲିଗର ମଧ୍ୟ ଆୟ କରିବାର ଦକ୍ଷତା ବୃଦ୍ଧି ପାଇବ।

# ଭାରତୀୟ ଦଳର କୋଚିଂ ଷ୍ଟାଫ୍‌ରେ ପରିବର୍ତ୍ତନ ହୋଇପାରେ

**ନୂଆଦିଲ୍ଲୀ,୨୭।୩:** ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ସପୋର୍ଟ ଷ୍ଟାଫରେ କିଛି ବଡ଼ ପରିବର୍ତ୍ତନ କରାଯାଇପାରେ। ଏକ ଜାତୀୟ ହିନ୍ଦୀ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ସହାୟକ କୋଚ ଅଭିଷେକ ନାୟର ଓ ଫିଲ୍ଡିଂ କୋଚ ଟି ଦିଲୀପଙ୍କୁ ଦଳରୁ ହଟାଯାଇପାରେ। ଦଳରେ ଅତ୍ୟଧିକ ସପୋର୍ଟ ଷ୍ଟାଫଙ୍କ ଉପସ୍ଥିତିକୁ ବିସିସିଆଇ ନାପସନ୍ଦ କରୁଛି। ଏ ସଂକ୍ରାନ୍ତରେ ଆସନ୍ତା ୨୯ ତାରିଖରେ ଗୁଆହାଟୀଠାରେ ହେବାକୁ ଥିବା ହାଇପ୍ରୋଫାଇଲ ବୈଠକରେ ନିଷ୍ପତ୍ତି ନିଆଯିବ। ଗମ୍ଭୀରଙ୍କ ସହିତ ରିୟାନ ଟେନ ଡୋଶ୍ଚେଟ ଓ ଅଭିଷେକ ନାୟରଙ୍କୁ ସହାୟକ କୋଚ ଭାବେ ନିଯୁକ୍ତ କରାଯାଇଥିଲା। ଏନ୍‌ସିଏ ଓ ଇଣ୍ଡିଆ ଏ' ଦଳର କୋଚ ସିତାଂଶୁ କୋଟାକଙ୍କୁ ବ୍ୟାଟିଂ ଓ ଦକ୍ଷିଣ ଆଫ୍ରିକାର ମର୍ନେ ମୋର୍କେଲଙ୍କୁ ବୋଲିଂ କୋଚ କରାଯାଇଥିଲା।





INDIA'S FIRST 5 YEAR WARRANTY* *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. Finance scheme is at the sole discretion of the financier, subject to its respective T&Cs. Available at select dealerships. Offer amount and combination of offer may vary for model/variant and states and it is applicable on select models only. Ex showroom price of HF Deluxe and Splendor+ Xtec in Bhubaneswar. For more details, please visit your nearest authorised Hero outlet. ^^Terms and Conditions apply.

TOLL FREE 1800 266 0018

**Authorized Dealers:** **Bhubaneswar:** Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078, **Angul:** Parbati Hero - 9289922902, **Balasore:** Neelam Hero - 9289922519, **Baripada:** Aditya Hero - 7799766370, **Bhadrak:** Sanjib Hero - 9289922608, **Chandikhol:** S. K. Hero - 9289922900, **Jajpur Road:** Soumik Hero - 9289922611, **Jaleswar:** Sai Hero - 9289922844, **Jatni:** Vishal Hero - 9289922984, **Keonjhar:** Supreme Hero - 9289922182, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Behrampur:** Lakshmi Motors, **Dharma Nagar** - 9289922184, Lakshmi Automotives, **Gajapati Nagar** - 9289923187, **Jeypore:** Supreme Hero - 9289922183, **Phulbani:** Narayani Hero - 9289922991, **Raygada:** Ajit Hero - 9289922819, **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Rourkela:** Dua Hero - 9289922179, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Sundergarh:** Robotech Hero - 9289923063, **Dhenkanal:** Som Hero - 9289922614, **Talcher:** Tarini Hero - 9289922736, **Jagatsinghpur:** Sunny Autobikes - 9289233592, **Authorized HeroSure Dealers:** **Bhubaneshwar:** Arundhati Motobikes - 7682841658, **Rourkela:** Dua Motors - 6372753989, **Jeypore:** Supreme Sales - 8144822656, **Associate Dealers:** **Rahama:** Sarala Automobiles - 9937018532, **Nimapara:** Basudev Automobiles -9861020724, **Pipili:** Shri Ram Motors - 9437110789, **Khamakhyanagar:** Reliance Automobiles - 9938435743, **Chendipada:** Tara Motors - 8018339414, **Balugaon:** Mahamayee Motors - 9437004624, **Khurdha:**Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Laxmipur:** Tarini Motors - 7205862853, **Rajgangpur:** Kedia & Kedia - 9437152881, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Deogarh:** Jindal Motors - 9437056659, **Bamra:** Choudhury Motors - 9938274720, **Baliapal:** Baba Motors - 8093603116, **Soro:** Twinkle Motors - 9861594852, **Kendrapara:** Baishnabi Motors - 9437089454/9853471301, **Barbil:** Wheels Motors - 9776931870, **Pattamundai:** Mishra Auto - 9853843713, **Basta:** Shivam Motors - 7735958754, **Rairangpur:** Maa Sakambari Motors - 7008581719, **Khuakia:** Binayak Automobiles - 9090444379, **Jajpur Town:** Ayush Automobiles - 9556189870, **Mayurbhanj:** JK Motors - 9040909925, **Semiliguda:** KP Enterprises - 9437233464, **Parlakhemundi:** Preetam Enterprises - 9438685535, **Nabarangpur:** Arun Sales & Service - 9437174795, **Bhanjanagar:** Rebati Motors - 9438279794/9937015509, **Narsinghpur:** Ambika Motocorp - 9861811411, **Gunpur:** M/s Sai Sharan Automobiles - 9437234012, **Malkangiri:** Kanishka Automobiles - 9437181980, **Kotpad:** Shai Automobiles - 7205593156, **Umerkote:** Bharat Sales - 9937455659/9777765563, **Junagarh:** Shree Bimala Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Mayurbhanj:** Mahaveer Motors - 7326872255/9853290346, **Baliguda:** Sai Automobiles - 9827843657, **Patrapur:** Ronak Motors - 9030985084, **Balipatna:** M/S Jagannath Motors - 7064309702, **Kalimela:** Laxminiyati Motors - 9861002055, **Chandpur:** Apsara - 9861418161, **Subdega:** JDJ Automobiles - 8018714096, **Bissam cuttack:** Patnaik Motors - 7008615208, **Basudevpur:** Bidyalalita Automobile - 9827487072, **Telkoi:** Panchamukhi Motors - 9717004926, **Tikabali:** M/S Maa Rudrakali Automobiles - 7846961367, **Kamrda:** Siddhivinayak Motors - 7208675074, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **M.Rampur:** Aruna Automobiles - 8114331356.

VML.5792.2024


Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ